# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ମାର୍ଚ୍ଚ ୧୯/୨୦୧୯ (୧୬ ପୃଷ୍ଠା) Sambalpur, Tuesday, March 19 / 2019 ★★

୧୫ଶ ଭାଗ ୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ଦୂତୀଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ**

ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦୂତୀ ଚାନ୍ଦ ଉଭୟ ମହିଳା ୨୦୦ ଓ ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। **୧୫**

**୦୨** **ମୋ ପାଇଁ ଫିଲ୍ମ ଅଧିକ ଗୁରୁତ୍ୱପୂର୍ଣ୍ଣ: ଜାହ୍ନବୀ**

ଖ୍ୟାତି ଅପେକ୍ଷା ଫିଲ୍ମ ମୋ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ପ୍ରକାଶ କରିଛନ୍ତି।



# ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ରାଜ୍ୟରେ ପ୍ରଥମ ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ପାଇଁ ବିଜେଡି ସୋମବାର ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯ ଲୋକ ସଭା ଏବଂ ୫୪ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି ଦୁଇଟି ପର୍ଯ୍ୟାୟରେ ୯ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା ହୋଇନାହିଁ। ସେହିପରି ଘୋଷିତ ହୋଇଥିବା ୯ ଏମ୍‌ପି ତାଲିକା ମଧ୍ୟରୁ ୮ଟିରେ ପ୍ରାର୍ଥୀ ବଦଳାଯାଇଛି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ନବରଙ୍ଗପୁର ଲୋକ ସଭାରେ ବଳଭଦ୍ର ମାଝିଙ୍କ ବଦଳରେ ମନ୍ତ୍ରୀ ରମେଶ ମାଝି, କୋରାପୁଟରେ ଝିନ୍ନ ହିକକାଙ୍କ ବଦଳରେ ତାଙ୍କ ପତ୍ନୀ କୌଶଲ୍ୟା ହିକକା, ବ୍ରହ୍ମପୁରରେ ସିଦ୍ଧାନ୍ତ ମହାପାତ୍ରଙ୍କୁ ବଦଳାଇ ଚନ୍ଦ୍ରଶେଖର ସାହୁ ଏବଂ କଳାହାଣ୍ଡି ଲୋକ ସଭାରେ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ସୁନ୍ଦରଗଡ଼ ଲୋକ ସଭା ପାଇଁ ପୂର୍ବ ପ୍ରାର୍ଥୀ ଦିଲୀପ ତିର୍କୀଙ୍କ ବଦଳରେ ସୁନୀତା ବିଶ୍ୱାଳ, ବରଗଡ଼ରେ ପ୍ରଭାସ ସିଂଙ୍କ ବଦଳରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, କନ୍ଧମାଳରେ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ବଦଳରେ ରାଜ୍ୟ ସଭା ସଦସ୍ୟ ଥିବା ଅଚ୍ୟୁତ ସାମନ୍ତ ଏବଂ ଆସ୍କା ଲୋକ ସଭାରେ ସ୍ଥାନୀୟ ନଳବନ୍ତ ସତ୍‌ସଙ୍ଗ ଏସ୍‌ଏଚ୍‌ଜିର ପ୍ରମିଳା ବିଶୋୟୀଙ୍କୁ ଲୋକ ସଭା ପ୍ରାର୍ଥୀ କରାଯାଇଛି। ଏହି ଆସନରୁ ଗତଥର ସ୍ୱର୍ଗତ ଲଡୁ କିଶୋର ସ୍ୱାଇଁଙ୍କୁ ପ୍ରାର୍ଥୀ କରାଯାଇଥିଲା। କେବଳ ବଲାଙ୍ଗୀର ଏମ୍‌ପି ଥିବା କଳିକେଶଙ୍କୁ ବଦଳା ଯାଇନାହିଁ। ଆସିକା ଲୋକ ସଭା ଆସନରେ ପ୍ରମିଳାଙ୍କ ପ୍ରାର୍ଥିତ୍ୱ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ସେହିପରି ପ୍ରଥମ ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ପାଇଁ ୬୩ ବିଧାନସଭା ଆସନ ମଧ୍ୟରୁ ୫୪ ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ଘୋଷିତ ହୋଇ ନ ଥିବା ବିଧାନସଭା ଆସନଗୁଡିକ ହେଉଛି- ଝରିଗାଁ, ଲାଞ୍ଜିଗଡ଼, ପଟାଙ୍ଗୀ, ମାଲକାନଗିରି, ବ୍ରଜରାଜନଗର, ବୀରମିତ୍ରପୁର, ବଲାଙ୍ଗୀର , ଲୋଇସିଂହା ଏବଂ ଫୁଲବାଣୀ।

ସେହିପରି ବିଜେଡି ପକ୍ଷରୁ ସଂଖ୍ୟାଧିକ ବିଧାୟକ ଏବଂ ପୂର୍ବପ୍ରାର୍ଥୀଙ୍କୁ ଟିକେଟ ପ୍ରଦାନ କରାଯାଇନାହିଁ। ବ୍ରହ୍ମପୁରରୁ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ବଦଳରେ କଂଗ୍ରେସ ଛାଡି ଆସିଥିବା ବିକ୍ରମ ପଣ୍ଡାଙ୍କୁ ଟିକେଟ ମିଳିଛି। ଦଶପଲ୍ଲାର ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ବଦଳରେ ରମେଶ ବେହେରା, ଆସ୍କାରୁ ଦେବରାଜ ମହାନ୍ତିଙ୍କ ବଦଳରେ ମଞ୍ଜୁଳା ସ୍ୱାଇଁ, କବିସୂର୍ଯ୍ୟନଗରରୁ ଭି.ସୁଜ୍ଞାନ କୁମାର ଦେଓଙ୍କ ବଦଳରେ ଲତିକା ପ୍ରଧାନ ଏବଂ ଖଲ୍ଲିକୋଟରେ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ବଦଳରେ କେ.କେ. ସୂର୍ଯ୍ୟମଣି ବୈଦ୍ୟଙ୍କୁ ବିଜେଡି ଟିକେଟ ପ୍ରଦାନ କରାଯାଇଛି। ବାଲିଗୁଡାରେ ରାଜୀବ ପାତ୍ରଙ୍କ ବଦଳରେ ଚକ୍ରଧର କହଁର, ଜି.ଉଦୟଗିରିରେ ପୂର୍ବ ପରାଜିତ ପ୍ରାର୍ଥୀ ପ୍ରଦୀପ କୁମାର ପ୍ରଧାନଙ୍କ ବଦଳରେ ସାଲୁଗା ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି। ପାଟଣାଗଡ଼ ଆସନରେ ପୂର୍ବ ପରାଜିତ ପ୍ରାର୍ଥୀ ପ୍ରକୃତି ଦେବୀ ସିଂଦେଓଙ୍କ ବଦଳରେ ସରୋଜ ମେହେର, ବିଜେପୁରରେ ରୀତା ସାହୁଙ୍କ ବଦଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇଛି। ସେହିପରି କଂଗ୍ରେସ ଛାଡି ଆସିଥିବା ନବ ଦାସଙ୍କୁ ଝାରସୁଗୁଡା ଆସନ ପାଇଁ ଦଳୀୟ ପ୍ରାର୍ଥୀ କରାଯାଇଛି। ଗୁଣପୁର ଆସନରେ ବିଧାୟକ ତ୍ରିନାଥ ଗମାଙ୍ଗଙ୍କ ବଦଳରେ ରଘୁନାଥ ଗମାଙ୍ଗ, ☞ପୃଷ୍ଠା-୪

- ବଲାଙ୍ଗୀରକୁ ଛାଡ଼ି ସବୁ ଆସନରେ ବଦଳିଲେ ଏମ୍‌ପି ପ୍ରାର୍ଥୀ
- ଆସିକାରୁ ଲଢ଼ିବେ ପ୍ରମିଳା ବିଶୋୟୀ
- ଅଘୋଷିତ ରହିଲା ଝରିଗାଁ, ଲାଞ୍ଜିଗଡ଼, ପଟ୍ଟାଙ୍ଗୀ, ମାଲକାନାଗିରି, ବ୍ରଜରାଜନଗର, ବୀରମିତ୍ରପୁର, ବଲାଙ୍ଗୀର, ଲୋଇସିଂହା, ଫୁଲବାଣୀ ବିଧାନସଭା ଆସନ

## ୯ ଲୋକ ସଭା, ୫୪ ବିଧାନସଭା ପ୍ରାର୍ଥୀ ଘୋଷିତ

| ଲୋକ ସଭା | ବିଧାନସଭା |
|---|---|
| **କଳାହାଣ୍ଡି**<br>ପୁଷ୍ପେନ୍ଦ୍ର ସିଂଦେଓ<br> | ନୂଆପଡ଼ା: ରାଜେନ୍ଦ୍ର ଢୋଲକିଆ<br>ଖଡିଆଳ: ଲମ୍ବୋଦର ନିଆଳ<br>ଲାଞ୍ଜିଗଡ଼: ଘୋଷଣା ହୋଇନି<br>ଜୁନାଗଡ଼: ଦିବ୍ୟଶଙ୍କର ମିଶ୍ର<br>ଧର୍ମଗଡ଼: ମହୋଷଧୀ ବାଗ<br>ଭବାନୀପାଟଣା: ଦୁଷ୍ମନ୍ତ ନାଏକ<br>ନର୍ଲା: ଭୂପିନ୍ଦର ସିଂ |
| **ନବରଙ୍ଗପୁର**<br>ରମେଶ ଚନ୍ଦ୍ର ମାଝି<br> | ଉମରକୋଟ: ସୁବାସ ଗଣ୍ଡ<br>ଝରିଗାଁ: ଘୋଷଣା ହୋଇନି<br>ନବରଙ୍ଗପୁର: ସଦାଶିବ ପ୍ରଧାନୀ<br>ଡାବୁଗାଁ: ମନୋହର ରନ୍ଧାରୀ<br>କୋଟପାଡ଼: ପଦ୍ମିନୀ ଦିଆନ<br>ମାଲକାନଗିରି: ଘୋଷଣା ହୋଇନି<br>ଚିତ୍ରକୋଣ୍ଡା: ପୂର୍ଣ୍ଣଚନ୍ଦ୍ର ସାକା |
| **କୋରାପୁଟ**<br>କୌଶଲ୍ୟା ହିକ୍‌କା<br> | ଗୁଣପୁର: ରଘୁନାଥ ଗମାଙ୍ଗ<br>ବିଷମକଟକ: ଜଗନ୍ନାଥ ସାରକା<br>ରାୟଗଡ଼ା: ଲାଲବିହାରୀ ହିମିରିକା<br>ଲକ୍ଷ୍ମୀପୁର: ପ୍ରଭୁ ଜାନି<br>ଜୟପୁର: ରବି ନାରାୟଣ ନନ୍ଦ<br>କୋରାପୁଟ: ରଘୁରାମ ପଡ଼ାଲ<br>ପଟାଙ୍ଗୀ: ଘୋଷଣା ହୋଇନି |
| **ବ୍ରହ୍ମପୁର**<br>ଚନ୍ଦ୍ରଶେଖର ସାହୁ<br> | ଛତ୍ରପୁର: ସୁବାସ ଚନ୍ଦ୍ର ବେହେରା<br>ଗୋପାଳପୁର: ପ୍ରଦୀପ କୁମାର ପାଣିଗ୍ରାହୀ<br>ବ୍ରହ୍ମପୁର: ବିକ୍ରମ କୁମାର ପଣ୍ଡା<br>ଦିଗପହଣ୍ଡି: ସୂର୍ଯ୍ୟ ନାରାୟଣ ପାତ୍ର<br>ଚିକିଟି: ଉଷା ଦେବୀ<br>ମୋହନା: ପୂର୍ଣ୍ଣବାସୀ ନାୟକ<br>ପାରଳାଖେମୁଣ୍ଡି: କଲ୍ୟାଣୀ ଗଜପତି |
| **ବରଗଡ଼**<br>ପ୍ରସନ୍ନ ଆଚାର୍ଯ୍ୟ<br> | ପଦମପୁର: ବିଜୟରଞ୍ଜନ ସିଂ ବରିହା<br>ବିଜେପୁର: ନବୀନ ପଟ୍ଟନାୟକ<br>ବରଗଡ଼: ଦେବେଶ ଆଚାର୍ଯ୍ୟ<br>ଅତାବିରା: ସ୍ନେହାଙ୍ଗିନୀ ଛୁରିଆ<br>ଭଟ୍‌ଲି: ସୁଶାନ୍ତ ସିଂ<br>ବ୍ରଜରାଜନଗର: ଘୋଷଣା ହୋଇନି<br>ଝାରସୁଗୁଡା: ନବକିଶୋର ଦାସ |
| **ସୁନ୍ଦରଗଡ଼**<br>ସୁନୀତା ବିଶ୍ୱାଳ<br> | ତଳସରା: ଷ୍ଟିଫେନ ସୋରେନ<br>ସୁନ୍ଦରଗଡ଼: ଯୋଗେଶ କୁମାର ସିଂ<br>ବୀରମିତ୍ରପୁର: ଘୋଷଣା ହୋଇନି<br>ରଘୁନାଥପାଲି: ସୁବ୍ରତ ତରାଇ<br>ରାଉରକେଲା: ସାରଦା ପ୍ରସାଦ ନାୟକ<br>ରାଜଗାଙ୍ଗପୁର: ମଙ୍ଗଳା କିଷାନ<br>ବଣାଇ: ରଞ୍ଜିତ୍ କିଷାନ |
| **ବଲାଙ୍ଗୀର**<br>କଳିକେଶ ନାରାୟଣ ସିଂଦେଓ<br> | ବୀରମହାରାଜପୁର: ପଦ୍ମନାଭ ବେହେରା<br>ସୋନପୁର: ନିରଞ୍ଜନ ପୂଜାରୀ<br>ଲୋଇସିଂହା: ଘୋଷଣା ହୋଇନି<br>ପାଟଣାଗଡ଼: ସରୋଜ ମେହେର<br>ବଲାଙ୍ଗୀର: ଘୋଷଣା ହୋଇନି<br>ଟିଟିଲାଗଡ଼: ଟୁକୁନି ସାହୁ<br>କଣ୍ଟାବାଞ୍ଜି: ଅଜୟ ଦାସ |
| **କନ୍ଧମାଳ**<br>ଅଚ୍ୟୁତ ସାମନ୍ତ<br> | ବାଲିଗୁଡ଼ା: ଚକ୍ରଧର କହଁର<br>ଜି.ଉଦୟଗିରି: ସାଲୁଗା ପ୍ରଧାନ<br>ଫୁଲବାଣୀ: ଘୋଷଣା ହୋଇନି<br>କଣ୍ଟାମାଳ: ମହୀଧର ରଣା<br>ବୌଦ୍ଧ: ପ୍ରଦୀପ କୁମାର ଅମାତ<br>ଦଶପଲ୍ଲା: ରମେଶ ବେହେରା<br>ଭଞ୍ଜନଗର: ବିକ୍ରମ କେଶରୀ ଆରୁଖ |
| **ଆସିକା**<br>ପ୍ରମିଳା ବିଶୋୟୀ<br> | ପୋଲସରା: ଶ୍ରୀକାନ୍ତ ସାହୁ<br>କବିସୂର୍ଯ୍ୟନଗର: ଲତିକା ପ୍ରଧାନ<br>ଖଲ୍ଲିକୋଟ: କେ କେ ସୂର୍ଯ୍ୟମଣି ବୈଦ୍ୟ<br>ଆସିକା: ମଞ୍ଜୁଳା ସ୍ୱାଇଁ<br>ସୋରଡ଼ା: ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ<br>ସାନଖେମୁଣ୍ଡି: ନନ୍ଦିନୀ ଦେବୀ<br>ହିଞ୍ଜିଳି: ନବୀନ ପଟ୍ଟନାୟକ |

## ପ୍ରମୋଦ ସାୱନ୍ତ ଗୋଆ ମୁଖ୍ୟମନ୍ତ୍ରୀ

### ସହଯୋଗୀ ଦଳର ୨ ବିଧାୟକଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ



**ପଣଜୀ,୧୮।୩(ପି.ଟି.)**

ଗୋଆ ବିଧାନସଭାର ବାଚସ୍ପତି ଥିବା ପ୍ରମୋଦ ସାୱନ୍ତ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ପଦ ଭାଜପାକୁ ଛାଡିଦେବା ପାଇଁ ସହଯୋଗୀ ଦଳଗୁଡିକ ରାଜି ହୋଇଛନ୍ତି। ଏହା ବଦଳରେ ସହଯୋଗୀ ଦଳରୁ ଦୁଇ ଜଣ ବିଧାୟକଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ଲାଗି ଭାଜପା ସହମତ ହୋଇଛି। ଭାଜପା ଅଧ୍ୟକ୍ଷ ଅମିତ ଶାହ ଏବଂ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀଙ୍କ ଉପସ୍ଥିତିରେ ସୋମବାର ସନ୍ଧ୍ୟାରେ ବିଧାୟକ ଦଳର ବୈଠକ ବସି ସାୱନ୍ତଙ୍କୁ ନେତା ନିର୍ବାଚନ କରାଯାଇଛି। ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ପରଲୋକ ପରେ ତାଙ୍କ ଉତ୍ତରାଧିକାରୀ ଚୟନ ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ସହଯୋଗୀ ଦଳଗୁଡିକର ସହମତି ହାସଲ ଲାଗି ଗଡକରୀ ପଣଜୀରେ ପହଞ୍ଚି ସେମାନଙ୍କ ସହ ଏକାଧିକ ଥର ଆଲୋଚନା କରିଥିଲେ। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କେବଳ ଭାଜପାରୁ ହେବା ଉଚିତ ବୋଲି ଦଳୀୟ ବିଧାୟକମାନେ ଦାବି କରିଥିଲେ। ଶେଷରେ ସାୱନ୍ତଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ମେଣ୍ଟ ପକ୍ଷରୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଗୋଆ ଫରୱାର୍ଡ ପାର୍ଟି ମୁଖ୍ୟ ବିଜାଇ ସରଦେଶାଇ ଏବଂ ଏମ୍‌ଜିପି ବିଧାୟକ ସୁଦିନ ଧବଳିକରଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ଲାଗି ନିଷ୍ପତ୍ତି ହୋଇଛି।

ଗୋଆରେ ସରକାର ଗଢ଼ିବା ନେଇ ସୋମବାର ସକାଳୁ କସରତ ଆରମ୍ଭ ହୋଇଯାଇଥିଲା। ବିରୋଧୀ ଦଳ ନେତା ଚନ୍ଦ୍ରକାନ୍ତ କାଭଲେକରଙ୍କ ନେତୃତ୍ୱରେ ୧୪ କଂଗ୍ରେସ ବିଧାୟକ ରାଜଭବନ ଯାଇ ରାଜ୍ୟପାଳ ମୃଦୁଳା ସେନ୍‌ଙ୍କୁ ସରକାର ଗଢ଼ିବା ଲାଗି ଦାବି ଜଣାଇଥିଲେ। ବିଧାନସଭାରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାରୁ ଏହାକୁ ସରକାର ଗଠନ ଲାଗି ସୁଯୋଗ ଦିଆଯିବା ଦରକାର ବୋଲି କାଭଲେକର କହିଥିଲେ। ପାରିକରଙ୍କ ଶେଷକୃତ୍ୟ ସମ୍ପନ୍ନ ହେବା ପୂର୍ବରୁ ନୂଆ ସରକାର ଗଢ଼ାଯିବା ଆବଶ୍ୟକ ବୋଲି ସେମାନେ ରାଜ୍ୟପାଳଙ୍କୁ କହିଥିଲେ।

**କିଛି ତଥ୍ୟ**

୨୦୧୮-୧୯ ବର୍ଷର ଏପ୍ରିଲ-ଫେବୃୟାରୀ ସମୟରେ ଦେଶର ମୋଟ ରପ୍ତାନିରେ ୮.୭୩% ବୃଦ୍ଧି ୪୮୩.୮୩ ବିଲିୟନ ଡଲାର ରହିଛି।

-ବାଣିଜ୍ୟ ମନ୍ତ୍ରଣାଳୟ

## ଗିରଫ ହେବେ ନୀରବ ମୋଦି

**ନୂଆଦିଲ୍ଲୀ,୧୮।୩**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଠକି ଲଣ୍ଡନ ପଳାଇଥିବା ହୀରା ବ୍ୟବସାୟୀ ନୀରବ ମୋଦି ଯେକୌଣସି ମୁହୂର୍ତ୍ତରେ ଗିରଫ ହେବେ। ଲଣ୍ଡନର ୱେଷ୍ଟମିନିଷ୍ଟର କୋର୍ଟ ମୋଦିଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି।

ପ୍ରାପ୍ତ ସୂଚନାନୁଯାୟୀ, ଭାରତରୁ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଏକ ଦଳ ଖୁବଶୀଘ୍ର ଲଣ୍ଡନ ଯାତ୍ରା କରିବ। ଇତିମଧ୍ୟରେ ନୀରବ ମୋଦି ମାମଲାରେ ସିବିଆଇ ଓ ଇଡି କ୍ରମାଗତ ବ୍ରିଟେନ ସରକାର ଏବଂ ଲଣ୍ଡନସ୍ଥିତ ଭାରତୀୟ ହାଇ କମିଶନର କାର୍ଯ୍ୟାଳୟ ସହ ଯୋଗାଯୋଗ ରକ୍ଷା କରୁଛି। ସୂଚନାଥାଉ କି, ବ୍ରିଟେନ ରାଜଧାନୀରେ ନୀରବ ବୁଲୁଥିବାର ଦେଖାଯାଇଥିଲା। ସ୍ଥାନୀୟ ସମ୍ବାଦପତ୍ର 'ଦ ଟେଲିଗ୍ରାଫ୍' ପକ୍ଷରୁ ତାଙ୍କୁ ଚିହ୍ନଟ କରାଯିବା ପରେ ତାଙ୍କର ଅବସ୍ଥିତି ☞ପୃଷ୍ଠା-୪



**ଲଣ୍ଡନ କୋର୍ଟ ଜାରି କଲେ ୱାରେଣ୍ଟ**

## ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ବିଜ୍ଞପ୍ତି

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

- ମାର୍ଚ୍ଚ ୧୮ରୁ ୨୫ ନାମାଙ୍କନ ଦାଖଲ
- ୨୬ରେ ଯାଞ୍ଚ, ୨୮ରେ ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା
- ଏପ୍ରିଲ ୧୧ରେ ୪ ଲୋକ ସଭା, ୨୮ ବିଧାନସଭାରେ ନିର୍ବାଚନ
- ପ୍ରଥମ ଦିବସରେ ୪ଜଣ ନାମାଙ୍କନ ଦାଖଲ କଲେ

ଆସନ୍ତା ଏପ୍ରିଲ ୧୧ ତାରିଖରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରାର୍ଥୀମାନେ ନିଜ ଅଞ୍ଚଳର ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିପାରିବେ। ଅର୍ଥାତ ମାର୍ଚ୍ଚ ୧୮ରୁ ୨୫ ତାରିଖ ଯାଏ ଏ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଚାଲିବ। ୨୬ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ମାର୍ଚ୍ଚ ୨୮ ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରାର୍ଥୀମାନେ ଅପରାହ୍ନ ୫ଟା ଯାଏ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ସେହିଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୪ଟି ଲୋକ ସଭା କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର ଓ ୨୮ଟି ବିଧାନସଭା ଆସନ ଲାଗି ନାମାଙ୍କନ ପତ୍ର ଦାଖଲ ହେବ। ଏପ୍ରିଲ ୧୧ରେ କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ ସମେତ ନୂଆପଡ଼ା, ଖରିଆର, ଲାଞ୍ଜିଗଡ଼, ଜୁନାଗଡ଼, ଭବାନୀପାଟଣା ଓ ନର୍ଲା ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ନବରଙ୍ଗପୁର ଲୋକ ସଭା ଆସନ ସହିତ ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡା ବିଧାନସଭା। ବ୍ରହ୍ମପୁର ଲୋକ ସଭା ଆସନ ସହ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା, ପାରଳାଖେମୁଣ୍ଡି ଏବଂ କୋରାପୁଟ ଲୋକ ସଭା ଆସନ ସମେତ ଗୁଣୁପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ ଏବଂ ପଟାଙ୍ଗୀ ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ।

ବିଜ୍ଞପ୍ତି ପ୍ରକାଶ ପାଇବା ମାତ୍ରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ଦିବସରେ ଲୋକ ସଭା ଆସନ ପାଇଁ କୌଣସି ପ୍ରାର୍ଥିପତ୍ର ଦାଖଲ ହୋଇନାହିଁ। ତେବେ ବିଧାନସଭା ପାଇଁ ୪ ଜଣ ☞ପୃଷ୍ଠା-୪

## ଆନ୍ଦୋଳନକାରୀଙ୍କୁ ଗୋଡ଼ାଇ ପିଟିଲେ ସୁରକ୍ଷା କର୍ମୀ

**ଲାଞ୍ଜିଗଡ଼/ଭବାନୀପାଟଣା, ୧୮।୩(ଡି.ଏନ.ଏ.)**

**ଲାଞ୍ଜିଗଡ଼ ବେଦାନ୍ତରେ ଉତ୍ତେଜନା**

- ୨ମୃତ, ୫୦ରୁ ଊର୍ଦ୍ଧ୍ୱ ଗୁରୁତର
- ଓଆଇଏସ୍‌ଏଫ୍‌ର ବର୍ବରତା ସୀମା ଟପିଲା
- ୨ ଶହରୁ ଊର୍ଦ୍ଧ୍ୱ ବାଇକ୍ ଭାଙ୍ଗିଲେ
- କମ୍ପାନୀ ପରିସରରେ ୧୪୪ ଧାରା ଜାରି

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ କାରଖାନା ମୁଖ୍ୟ ଫାଟକ ସମ୍ମୁଖ ସୋମବାର ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଆନ୍ଦୋଳନରତ ବିସ୍ଥାପିତଙ୍କୁ ହଟାଇବାକୁ ଯାଇ ସୁରକ୍ଷା କର୍ମୀଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଏହି ପରିସ୍ଥିତି ସୃଷ୍ଟି କରିଥିଲା। ଏହି ଘଟଣାରେ ୨ଜଣ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୁରକ୍ଷା କର୍ମୀଙ୍କ ଆକ୍ରମଣରେ କମ୍ପାନୀର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ନିଆଁରେ ପୋଡ଼ି ହୋଇ ଜଣେ ହାବିଲଦାରଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଜନ ଆନ୍ଦୋଳନ ତୀବ୍ର ହୋଇଛି । ଲୋକେ କାରଖାନା ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହ ପୋଡ଼ାଜଳା କରିଛନ୍ତି। ଉକ୍ତ ଘଟଣା ପରେ ସେଠାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପରିସ୍ଥିତିକୁ ଆଖି ଆଗରେ ରଖି କାରଖାନା ପରିସରରେ ୧୪୪ଧାରା ଜାରି କରାଯାଇଛି। ଉତ୍ତେଜନା ଲାଗି ରହିଥିବାରୁ ପରିସ୍ଥିତି ପ୍ରତି ଜିଲା ପ୍ରଶାସନ ତୀକ୍ଷ୍ଣ ନଜର ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସକାଳୁ ବେଦାନ୍ତ କାରଖାନା ମୁଖ୍ୟ ଫାଟକ ସାମ୍ନାରେ ☞ପୃଷ୍ଠା-୫




ଉତ୍ତେଜନା ପରେ ବେଦାନ୍ତ କାରଖାନା ସମ୍ମୁଖରେ ପୋଲିସ ପହରା।

## ୨୨ ଯାଏ ଝଡ଼ବର୍ଷା

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ରବିବାର ରାତିରୁ ରାଜ୍ୟର ଅଧିକାଂଶ ସ୍ଥାନରେ ଝଡ଼ବର୍ଷା ହୋଇଛି। ଏଥିଯୋଗୁ ରାଜ୍ୟରେ ଥଣ୍ଡା ପାଗ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀରରେ ସର୍ବାଧିକ ୪୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅନୁଚିତ ନିଯୁକ୍ତି**

**ଆଜିର ମନ୍ତବ୍ୟ**

ଲୋକପାଳରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ପ୍ରଥମ ଦୁର୍ନୀତି ଅଭିଯୋଗ ଦାଏର କରିବ ଆମ୍ ଆଦ୍‌ମୀ ପାର୍ଟି।

-ଗୋପାଳ ରାଏ, ବରିଷ୍ଠ ଏଏପି ନେତା


AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE STARTING FROM 1ST APRIL 2019
Hurry Up... Limited Seats
(Jharsuguda Highway) Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 18.03.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 86 | 140 | 150 |
| CTC | 87 | 141 | 151 |
| DKL | 87 | 141 | 151 |
| BDK | 89 | 144 | 154 |
| BLS | 89 | 144 | 154 |
| ANG | 87 | 141 | 151 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers



ମହିଳା ଭୋଟର ଗେମ୍ ଚେଞ୍ଜର ହୋଇପାରିବେ । ସେମାନେ ଲିଙ୍ଗଭେଦ ନିର୍ବିଶେଷରେ ସମାନ ଆଇନ ଓ ନୀତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ୨୦୧୯କୁ 'ଭାରତର ମହିଳାଙ୍କ ବର୍ଷ'ରେ ପରିଣତ କରିପାରିବେ ।

- ହିନ୍ଦୁଜା ଏସ୍‌ପି ଶାନୁ, ହିନ୍ଦୁଜା ବ୍ୟାଙ୍କ ଅଧ୍ୟକ୍ଷ, ସ୍ୱିଜରଲାଣ୍ଡ



## ସଂକ୍ଷେପରେ

### କଙ୍ଗୋରେ ଟ୍ରେନ୍ ଲାଇନ୍‌ଚ୍ୟୁତ: ୨୪ ମୃତ

**କିନ୍‌ଶାସା,୧୮।୩(ଏଏଫ୍‌ପି)**-ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋରେ ଏକ ଟ୍ରେନ୍ ଲାଇନ୍‌ଚ୍ୟୁତ ହେବା ଯୋଗୁ ୨୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୧ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁଥିବା ପୋଲିସ ଓ ଡାକ୍ତରୀ ସେବା ପକ୍ଷରୁ ସୂଚନା ମିଳିଛି। ଟ୍ରେନ୍‌ଟି ଲୁଏମ୍ବେ ନଦୀ ସେତୁଦେଇ ଗତି କରୁଥିବାବେଳେ ଅନେକ ୱାଗନ ନଦୀକୁ ଖସି ପଡିଥିଲା। ଗୁରୁତର ଆହତଙ୍କୁ ନିକଟସ୍ଥ କାକେଞ୍ଜେ ହସ୍ପିଟାଲ୍‌କୁ ନିଆଯାଇଛି।

### ପାକ୍ ସେନା ଗୁଳିରେ ଜଣେ ଯବାନ ଶହୀଦ, ୪ ଆହତ

**ଜମ୍ମୁ,୧୮।୩(ପି.ଟି)**-ପାକିସ୍ତାନୀ ସେନା ସୋମବାର ଦ୍ୱିତୀୟ ଥର ଯୁଦ୍ଧବିରତି ଉଲ୍ଲଂଘନ କରି ଏଲ୍‌ଓସିରେ ପ୍ରବଳ ଗୁଳିଗୋଳା ମାଡ କରିବାରୁ ଜଣେ ଭାରତୀୟ ଯବାନ ପ୍ରାଣ ହରାଇବା ସହିତ ଅନ୍ୟ ୪ଜଣ ଆହତ ହୋଇଛନ୍ତି। ଜମ୍ମୁ ଓ କଶ୍ମୀର୍‌ର ରଜୌରି ଜିଲାରେ ପାକିସ୍ତାନୀ ସେନା ଭୋର ସାଢ଼େ ୫ଟା ସମୟରେ ଆଖିବୁଜା ଗୁଳି ଚାଳନା କରିଥିଲା। ଏଲଓସି ନିକଟବର୍ତ୍ତୀ ସୁନ୍ଦରବଣି ସେକ୍ଟରକୁ ଲକ୍ଷ୍ୟକରି ମୋର୍ଟାର ମାଡ କରାଯାଇଥିବା ଜଣେ ପ୍ରତିରକ୍ଷା ମୁଖପାତ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ଭାରତୀୟ ସେନା ପକ୍ଷରୁ ଜବାବୀ ଆକ୍ରମଣ କରାଯାଇଥିଲା ବୋଲି ସେ କହିଛନ୍ତି।

### ଦିଲ୍ଲୀରେ କଂଗ୍ରେସ ସହ ମେଣ୍ଟ କରିବନି ଏଏପି

**ନୂଆଦିଲ୍ଲୀ,୧୮।୩(ପି.ଟି.)**-ଆମ୍ ଆଦ୍‌ମୀ ପାର୍ଟି (ଏଏପି ) ଲୋକ ସଭା ନିର୍ବାଚନ ପାଇଁ ଏହାର ସପ୍ତମ ପ୍ରାର୍ଥୀ ଘୋଷଣା କରିବାର ଦିନକ ପରେ କଂଗ୍ରେସ ସହ ମେଣ୍ଟ କରିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛି। ଏ ସମ୍ପର୍କରେ ଏଏପି ନେତା ଗୋପାଲ ରାୟ କହନ୍ତି, ବହୁତ ହୋଇଗଲା, ଆଉ ନୁହେଁ। ଯେଉଁ ୭ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି ତାହା ଚୂଡାନ୍ତ। ଏହି ନିଷ୍ପତ୍ତିରୁ ଓହରିବାର ପ୍ରଶ୍ନ ଉଠୁନାହିଁ। ଶାସକ ଏଏପି ମାର୍ଚ୍ଚ ୨ରେ ୬ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ରବିବାର ଦଳ ଏହାର ସପ୍ତମ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ମେଣ୍ଟ କରିବା ଦିଗରେ କଂଗ୍ରେସ କୌଣସି ନିର୍ଣ୍ଣୟ ନେଇ ନ ପାରିବା ଯୋଗୁ ଏଏପି ଚୂଡାନ୍ତ ନିଷ୍ପତ୍ତି ନେଲା ବୋଲି ରାୟ ପ୍ରକାଶ କରିଛନ୍ତି।

### ବଙ୍ଗଳା ଅଭିନେତା ଚିନ୍ମୟ ରାୟଙ୍କ ପରଲୋକ

**କୋଲକାତା,୧୮।୩(ପି.ଟି.)**-ବର୍ଷୀୟାନ ବଙ୍ଗଳା ଅଭିନେତା ଚିନ୍ମୟ ରାୟଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ସେ ଅନେକ



ଚଳଚ୍ଚିତ୍ରରେ କରିଛନ୍ତି। ତାଙ୍କ ପରଲୋକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଅଭିନେତ୍ରୀ ସୌମିତ୍ରା ଚାଟର୍ଜୀ ଏବଂ ଅପର୍ଣା ସେନ୍ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ବଙ୍ଗଳା ଚଳଚ୍ଚିତ୍ରରେ ୬୦ ଦଶକରେ କ୍ୟାରିୟର ଆରମ୍ଭ କରିଥିବା ଚିନ୍ମୟ ବସନ୍ତ ବିଳାପ, ଧୋନି ମେୟେ, ଗଲ୍ପୋ ହୋଲେ ସୋତି ଆଦି ଚଳଚ୍ଚିତ୍ରରେ ଉଚ୍ଚକୋଟିର ଅଭିନୟ କରିଛନ୍ତି।

[ଇତିହାସର ଆଇନାରେ]

### ମାର୍ଚ୍ଚ ୧୯ର ପ୍ରମୁଖ ଘଟଣା

**୧**୯୬୨ ମାର୍ଚ୍ଚ ୧୯ରେ ଆଲଜେରିଆରେ ମୁକ୍ତି ସଂଗ୍ରାମର ସମାପ୍ତି ଘଟିଥିଲା। ଏହାକୁ ଆଲଜେରୀୟ ବିପ୍ଳବ ମଧ୍ୟ କୁହାଯାଏ। ଫ୍ରାନ୍ସ ଏବଂ ଆଲଜେରୀୟ ନ୍ୟାଶନାଲ ଲିବରେଶନ୍ ଫ୍ରଣ୍ଟ ମଧ୍ୟରେ ୧୯୫୪ରେ ଯୁଦ୍ଧ ଆରମ୍ଭ ହୋଇ ୧୯୬୨ ପର୍ଯ୍ୟନ୍ତ ଜାରି ରହିଥିଲା। ଏହାପରେ ଆଲଜେରିଆ ଫ୍ରାନ୍ସଠାରୁ ସ୍ୱାଧୀନତା ଲାଭ କରିଥିଲା।

**୨**୦୧୩ ମାର୍ଚ୍ଚ ୧୯ରେ ଇରାକ୍‌ର ରାଜଧାନୀ ବାଗଦାଦ୍ ଏବଂ ଅନ୍ୟାନ୍ୟ ସହରରେ କ୍ରମାଗତ ବୋମା ବିସ୍ଫୋରଣ ଓ ଗୁଳିମାଡ଼ ଯୋଗୁ ୮୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୪୦ ଆହତ ହୋଇଥିଲେ। ଇରାକ୍ ଯୁଦ୍ଧର ୧୦ମ ବାର୍ଷିକୀ ତଥା ଇରାକରୁ ଆମେରିକୀୟ ସେନା ପ୍ରତ୍ୟାହାରର ପାଖାପାଖି ୧୬ ମାସ ପରେ ବିଦ୍ରୋହୀଙ୍କ ଦ୍ୱାରା ଏହି ହିଂସାକାଣ୍ଡ ଘଟାଯାଇଥିଲା।



ମନୋହର ପାରିକରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶେଷ ସମ୍ମାନ ଜଣାଉଛନ୍ତି।



ଅନ୍ତିମ ଯାତ୍ରାରେ ପାରିକର।

# ପାରିକରଙ୍କ ଶେଷକୃତ୍ୟ ସମ୍ପନ୍ନ

- ପ୍ରଧାନମନ୍ତ୍ରୀ, ଭାଜପା ଅଧ୍ୟକ୍ଷଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କଲେ
- ବଡ଼ ପୁଅ ଉତ୍ପଳ ଦେଲେ ମୁଖାଗ୍ନି
- ୨୧ ତୋପ ସଲାମୀ ଦିଆଗଲା

**ପଣଜୀ,୧୮।୩(ପି.ଟି.)**

ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ଶେଷକୃତ୍ୟ ସୋମବାର ଅପରାହ୍ନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ତାଙ୍କ ବଡ଼ପୁଅ ଉତ୍ପଳ ମୁଖାଗ୍ନି ଦେଇଥିଲେ। ପାର୍ଥିବ ଶରୀରକୁ ତ୍ରିରଙ୍ଗାରେ ଆବୃତ କରାଯିବା ସହ ବେଳାଭୂମିରେ ୨୧ ଥର ତୋପସଲାମୀ ଦିଆଯାଇ ପୂର୍ଣ୍ଣ ସାମରିକ ମର୍ଯ୍ୟାଦା ସହ ଶେଷକୃତ୍ୟ ଅନୁଷ୍ଠିତ ହୋଇଥିଲା। କଳା ଏକାଡେମୀରୁ ତାଙ୍କର ଅନ୍ତିମ ଯାତ୍ରା ବାହାରିଥିଲା। ହଜାର ହଜାର ଜନସାଧାରଣ ତାଙ୍କର ପ୍ରିୟ ନେତାଙ୍କୁ ଅଶ୍ରୁଳ ବିଦାୟ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ନିର୍ମଳା ସୀତାରାମନ, ସ୍ମୃତି ଇରାନୀ, ସୁରେଶ ପ୍ରଭୁ, ରାମଦାସ ଅଠାୱାଲେ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ, ଅନ୍ୟ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଗୋଆ ଯାଇ ପାରିକରଙ୍କୁ ଶେଷ ସମ୍ମାନ ଜଣାଇଥିଲେ।

ସର୍ବସାଧାରଣଙ୍କ ଦର୍ଶନ ପାଇଁ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କ ପାର୍ଥିବ ଶରୀରକୁ ତାଙ୍କ ବାସଭବନରୁ ନିଆଯାଇ ପଣଜୀସ୍ଥିତ କଳା ଏକାଡେମୀ କଳା ଓ ସଂସ୍କୃତି କେନ୍ଦ୍ରରେ ଦିନ ସାରା ରଖାଯାଇଥିଲା। ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଦଳୀୟ ନେତା ଓ କର୍ମୀଙ୍କ ଧାଡ଼ି ଲାଗିଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି କଳା ଏକାଡେମୀରେ ପହଞ୍ଚି ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ପାରିକରଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରାମନ ମଧ୍ୟ ପାରିକରଙ୍କ ପରିବାରକୁ ଭେଟିଥିଲେ। ସେଠାରୁ ଅପରାହ୍ନ ୪ଟାରେ ପାରିକରଙ୍କ ମରଶରୀରକୁ ଏକ ପୁଷ୍ପସଜ୍ଜିତ ଯାନରେ ମିରାମାର ବେଳାଭୂମିକୁ ନିଆଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଜନତା ଛିଡା ହୋଇ ସେମାନଙ୍କ ପ୍ରିୟ ନେତାଙ୍କୁ ଶେଷ ଦର୍ଶନ କରିବା ସହ ସମ୍ମାନ ଜଣାଇଥିଲେ। ନୂଆଦିଲ୍ଲୀରେ ସୋମବାର ପୂର୍ବାହ୍ନରେ କେନ୍ଦ୍ର କ୍ୟାବିନେଟ ବୈଠକ ବସି ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀଙ୍କ ପରଲୋକରେ ଶୋକବ୍ୟକ୍ତ କରାଯାଇଥିଲା। କେନ୍ଦ୍ର ସରକାର ସୋମବାରକୁ ରାଷ୍ଟ୍ରୀୟ ଶୋକ ଦିବସ ଘୋଷଣା କରିଥିଲେ। ଦିଲ୍ଲୀ ସମେତ ସମସ୍ତ ରାଜ୍ୟ ରାଜଧାନୀରେ ଜାତୀୟ ପତାକା ଅର୍ଦ୍ଧନମିତ ରଖାଯାଇଥିଲା।

ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ପାରିକର ବର୍ଷେ ହେଲା ପାନ୍‌କ୍ରିଆଟିକ୍ କ୍ୟାନ୍‌ସରରେ ପୀଡିତ ଥିଲେ। ଆମେରିକା, ଦିଲ୍ଲୀ, ମୁମ୍ବାଇ ଓ ଗୋଆ ହସ୍ପିଟାଲରେ ସେ ଚିକିତ୍ସିତ ହୋଇଥିଲେ। ଅସୁସ୍ଥତା ସତ୍ତ୍ୱେ ସେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟ ନିର୍ବାହ କରିଆସୁଥିଲେ। ଜାନୁୟାରୀ ୩୦ରେ ବିଧାନସଭାରେ ବଜେଟ ଉପସ୍ଥାପନ କରିଥିଲେ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ପ୍ରଚାରକରୁ ପାରିକର ଦେଶର ପ୍ରତିରକ୍ଷା ମନ୍ତ୍ରୀ ଓ ୪ ଥର ଗୋଆ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କ ପାଖରେ ଗ୍ରହଣୀୟ ଥିଲେ। ଗୋଆରେ ଭାଜପାକୁ କ୍ଷମତାକୁ ଆଣିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା।

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବିଜ୍ଞପ୍ତି ଜାରି

**ନୂଆଦିଲ୍ଲୀ,୧୮।୩(ପି.ଟି.)**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ଜାରି ହୋଇଛି। ଏଥିସହିତ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ମାର୍ଚ୍ଚ ୨୫ ରହିଥିବାବେଳେ ୨୬ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୨୮ ତାରିଖ ସୁଦ୍ଧା କୌଣସି ପ୍ରାର୍ଥୀ ଚାହିଁଲେ ତାଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇପାରିବେ। ଦେଶରେ ମୋଟ ୭ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ୨୦ଟି ରାଜ୍ୟର ୯୧ଟି ଲୋକ ସଭା ଆସନରେ ହେବ। ୨୮ ତାରିଖ ସଂଧ୍ୟା ସୁଦ୍ଧା ଏହିସବୁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ପ୍ରାର୍ଥୀଙ୍କ ସ୍ପଷ୍ଟ ଚିତ୍ର ମିଳିଯିବ।

ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଏବଂ କୋରାପୁଟ ଲୋକ ସଭା ଆସନ ସମେତ ଏହା ଅଧୀନରେ ଥିବା ୨୮ଟି ବିଧାନସଭା ଆସନରେ ଭୋଟଗ୍ରହଣ ହେବ। ସେହିପରି ଆନ୍ଧ୍ରପ୍ରଦେଶର ୨୫ ଲୋକ ସଭା ଆସନ, ଆସାମର ୫, ବିହାରର ୪, ଛତିଶଗଡର ୧, ଜମ୍ମୁ-କଶ୍ମୀରର ୨, ମହାରାଷ୍ଟ୍ରର ୭, ଉତ୍ତରପ୍ରଦେଶର ୮, ପଶ୍ଚିମବଙ୍ଗର ୨ ଆସନ, ଅରୁଣାଚଳପ୍ରଦେଶ ଓ ମେଘାଳୟର ୨ଟି ଲେଖାଏ ଆସନ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ଆଣ୍ଡାମାନ ଓ ନିକୋବର ଏବଂ ଲାକ୍ଷା ଦ୍ୱୀପପୁଞ୍ଜର ଗୋଟିଏ ଲେଖାଏ ଆସନ, ତେଲେଙ୍ଗାନାର ୧୭ ଏବଂ ଉତ୍ତରାଖଣ୍ଡର ୫ ଆସନରେ ଭୋଟଗ୍ରହଣ କରାଯିବ। ଏଥିସହିତ ଏପ୍ରିଲ ୧୧ରେ ଆନ୍ଧ୍ରପ୍ରଦେଶର ୧୭୫ ବିଧାନସଭା ଆସନ, ସିକ୍କିମର ୩୨ ଏବଂ ଅରୁଣାଚଳପ୍ରଦେଶର ୬୦ ଆସନରେ ନିର୍ବାଚନ ଅନୁଷ୍ଠିତ ହେବ।

ଏଥର ମୁଖ୍ୟତଃ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ସହ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ବିରୋଧୀ ଦଳ ମେଣ୍ଟର ପ୍ରତିଦ୍ୱନ୍ଦ୍ୱିତା ହେବ। ଭାଜପା ବିରୋଧୀ ଭୋଟ ବିଭାଜନକୁ କମାଇବା ଲାଗି କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳ ଏବଂ ଆଞ୍ଚଳିକ ଦଳଗୁଡିକ ମହାମେଣ୍ଟ ଗଢ଼ିବା ଲାଗି ସେମାନଙ୍କର ଉଦ୍ୟମ ଜାରି ରଖିଛନ୍ତି। ଭାଜପା ଏହାର ପୁରୁଣା ସହଯୋଗୀଙ୍କ ସମେତ କେତେକ ନୂଆ ଦଳ ସହ ଏଥର ଆସନ ବୁଝାମଣା କରିଛି। ଏନ୍‌ଡିଏ ପୁଣି ଥରେ କ୍ଷମତାକୁ ଆସିବା ଲାଗି ଜୋରଦାର ଅଣ୍ଟା ଭିଡିଥିବାବେଳେ ଏହି ସରକାରକୁ ହଟାଇବା ଲାଗି ବିରୋଧୀ ଆର୍ଥିକ ଅଭିବୃଦ୍ଧି





ହ୍ରାସ, ବେରୋଜଗାରୀ, ଦୁର୍ନୀତି ଆଦିକୁ ପ୍ରସଙ୍ଗ କରିଛନ୍ତି। ଗତବର୍ଷ ତିନି ହିନ୍ଦୀଭାଷୀ ରାଜ୍ୟ ବିଧାନସଭା ନିର୍ବାଚନରେ ଭାଜପା ପରାଜିତ ହୋଇଥିଲା। ସାଧାରଣ ବର୍ଗ ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ, କୃଷକଙ୍କ ବ୍ୟାଙ୍କ ଖାତାକୁ ବର୍ଷକୁ ୬୦୦୦ ଟଙ୍କା ପ୍ରେରଣ ଏବଂ ଲୋକାଭିମୁଖୀ ବଜେଟ ଉପସ୍ଥାପନ କରି ଭାଜପା ଉକ୍ତ ରାଜ୍ୟଗୁଡିକରେ ପୁଣି ଥରେ ଭଲ ପ୍ରଦର୍ଶନ କରିବାର ଲକ୍ଷ୍ୟ ରଖିଛି। ଏଥିସହିତ ପୁଲ୍‌ୱାମା ଆକ୍ରମଣ ପରେ ଭାରତୀୟ ବାୟୁସେନାର ବାଲାକୋଟ କାର୍ଯ୍ୟାନୁଷ୍ଠାନ ମଧ୍ୟ ଏନ୍‌ଡିଏର ମନୋବଳ ବୃଦ୍ଧି କରିଥିବା କୁହାଯାଉଛି।

# ଗଙ୍ଗାରେ ପ୍ରିୟଙ୍କାଙ୍କ ବୋଟ୍ ଯାତ୍ରା



**ଆଲ୍ଲାହାବାଦ୍,୧୮।୩(ପି.ଟି.)**

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ୟୁପିରେ ଲୋକ ସଭା ନିର୍ବାଚନ ପାଇଁ ନିଜ ଦଳର ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ସେ ସୋମବାର ତ୍ରିବେଣୀ ସଙ୍ଗମସ୍ଥିତ ହନୁମାନ ମନ୍ଦିରରେ ପ୍ରାର୍ଥନା କରିବା ପରେ ଗଙ୍ଗା ନଦୀରେ ବୋଟ୍ ଯାତ୍ରାରେ ବାହାରିଛନ୍ତି। ୩ ଦିନ ଗସ୍ତ କାଳରେ ପ୍ରିୟଙ୍କା ୧୦୦ କିଲୋମିଟର ଯାତ୍ରା କରିବେ। ସେ ଆଲ୍ଲାହାବାଦଠୁ ବାରାଣସୀ ମଧ୍ୟରେ ସେ ଗଙ୍ଗାନଦୀରେ ନୌକାଯାତ୍ରା କରିବେ। ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସଂସଦୀୟ ନିର୍ବାଚନ ମଣ୍ଡଳୀ। ଅପରପକ୍ଷରେ ପ୍ରିୟଙ୍କାଙ୍କ ୩ ଦିନିଆ ୟୁପି ଗସ୍ତକୁ ଗାନ୍ଧୀ ପରିବାରର 'ପିକ୍‌ନିକ୍ ପାର୍ଟି' ବୋଲି ବର୍ଣ୍ଣନା କରିଛି ଭାଜପା।

### ନିର୍ବାଚନ ଗାନ୍ଧୀ ପରିବାରର ପିକ୍‌ନିକ୍: ଭାଜପା

ଗାନ୍ଧୀ ପରିବାର ପାଇଁ ପ୍ରତ୍ୟେକ ନିର୍ବାଚନ ଏକ ପିକ୍‌ନିକ୍। ସେମାନେ ଆସନ୍ତି ଏବଂ ମନୋମୁଗ୍ଧକର ବକ୍ତୃତା ଦିଅନ୍ତି। ନିର୍ବାଚନ ପରେ ସୁଇଜରଲ୍ୟାଣ୍ଡ କିମ୍ବା ଇଟାଲି ଅଭିମୁଖେ ଗସ୍ତ କରନ୍ତି। ନିର୍ବାଚନ ଘୋଷଣା ହେବାମାତ୍ରେ ଗାନ୍ଧୀ ପରିବାରର ନୂଆ ସଦସ୍ୟ ମୁହଁ ଦେଖାନ୍ତି। ପୂର୍ବ ନିର୍ବାଚନଗୁଡିକରେ ପ୍ରିୟଙ୍କା କଂଗ୍ରେସ ପାଇଁ ପ୍ରଚାର କରିଥିବା ସତ୍ତ୍ୱେ ତାଙ୍କ ଦଳ ପରାଜିତ ହୋଇଥିଲା ବୋଲି ବରିଷ୍ଠ ଭାଜପା ନେତା ଦୀନେଶ ଶର୍ମା ପ୍ରକାଶ କରିଛନ୍ତି।

### କଂଗ୍ରେସକୁ ମାୟାବତୀଙ୍କ ଚେତାବନୀ
## ଦ୍ୱନ୍ଦ୍ୱ ସୃଷ୍ଟି କରନାହିଁ

**ଲକ୍ଷ୍ନୌ,୧୮।୩(ପି.ଟି.)**

ଉତ୍ତରପ୍ରଦେଶରେ ଏସ୍‌ପି-ବିଏସ୍‌ପି-ଆରଏଲ୍‌ଡି ମେଣ୍ଟକୁ ୭ ଲୋକ ସଭା ଆସନ ଛାଡ଼ିଥିବା କଂଗ୍ରେସ କହିବାର ଦିନକ ପରେ ବିଏସ୍‌ପି ମୁଖ୍ୟା ମାୟାବତୀ କ୍ଷୁବ୍ଧ ହୋଇଛନ୍ତି। ସେ କହିଛନ୍ତି, କଂଗ୍ରେସ ଭଳି ଏକ ଜାତୀୟ ଦଳ ରାଜ୍ୟରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିବାରୁ ନିବୃତ୍ତ ରହୁ। କାରଣ ମେଣ୍ଟ ନିଜ ଦକ୍ଷତା ବଳରେ ଭାଜପାକୁ ପରାଜିତ କରିବାକୁ ସମର୍ଥ ହୋଇପାରିବ। ଏଥି ସହିତ ସମସ୍ତ ୮୦ ଲୋକ ସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଛିଡା କରାଉ ବୋଲି ସେ ଆହ୍ୱାନ ଦେଇଛନ୍ତି।

# ଓୱାଇସିଙ୍କ ନାମାଙ୍କନପତ୍ର ଦାଖଲ

**ହାଇଦ୍ରାବାଦ,୧୮।୩(ପି.ଟି.)**



ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସୋମବାର କେତେକ ଆସନରେ ନାମାଙ୍କନପତ୍ର ଦାଖଲ ହୋଇଥିବା ଜଣାପଡିଛି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓୱାଇସି ହାଇଦ୍ରାବାଦ ଲୋକ ସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ଏହି ଆସନରୁ ଚତୁର୍ଥ ଥର ଲାଗି ଲୋକ ସଭାକୁ ଯିବାକୁ ଚାହୁଁଛନ୍ତି। ଶାସକ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିବ ବୋଲି ସ୍ପଷ୍ଟ କରିଥିବା ବେଳେ କଂଗ୍ରେସ ଏବଂ ଭାଜପା ଉକ୍ତ ଆସନ ପାଇଁ ସେମାନଙ୍କ ପ୍ରାର୍ଥୀ ଏପର୍ଯ୍ୟନ୍ତ ଘୋଷଣା କରିନାହାନ୍ତି। ତେଲେଙ୍ଗାନାରେ ଟିଆର୍‌ଏସ ଏବଂ ଏଆଇଏମ୍‌ଆଇଏମ୍ ଏକାଠି ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି।

# ୟୁପିରେ ଛୋଟ ଦଳଙ୍କ ଉପରେ ଭାଜପାର ନଜର

**ଲକ୍ଷ୍ନୌ,୧୮।୩(ପି.ଟି.)**

ଲୋକ ସଭା ନିର୍ବାଚନରେ ବଡ଼ ବିଜୟ ଆଶା ରଖିଥିବା ଭାଜପା ଉତ୍ତରପ୍ରଦେଶରେ ଛୋଟ ଦଳଗୁଡ଼ିକୁ ସାଙ୍ଗରେ ନେଇ କାମ କରିବାକୁ ଚାହୁଁଛି। ଏହି ଦଳଗୁଡ଼ିକ ସହ ଭାଜପା ଆକର୍ଷଣୀୟ ଡିଲ୍ କରିଥିବା କୁହାଯାଉଛି। ରାଜ୍ୟରେ ଏସ୍‌ପି-ବିଏସ୍‌ପି-ଆରଏଲ୍‌ଡି ମେଣ୍ଟକୁ ଚ୍ୟାଲେଞ୍ଜ ଦେବା ପାଇଁ ଭାଜପା ସୁହେଲଦେବ ଭାରତୀୟ ସମାଜ ପାର୍ଟି (ଏସ୍‌ବିଏସ୍‌ପି) ଏବଂ ଅପ୍‌ନା ଦଳ (ଏସ୍) ସହ ମେଣ୍ଟ କରିଛି। ବିଭିନ୍ନ ରାଜ୍ୟରେ ଏହି ଛୋଟ ଦଳଗୁଡ଼ିକର ଭଲ ଭୋଟ ରହିଥିବା କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିକଟରେ ତାଙ୍କ ଦଳ ସମେତ ସହଯୋଗୀ ଦଳର ୭୫ ଜଣ ନେତାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଦେଇଛନ୍ତି। ୨୦୧୪ ନିର୍ବାଚନରେ ଭାଜପାକୁ ୭୧ ଆସନ ମିଳିଥିବାବେଳେ ସହଯୋଗୀ ଅପ୍‌ନା ଦଳ ଦୁଇଟି ଆସନରେ ଜିତିଥିଲା। ଏହି ଦୁଇ ଦଳର ମୋଟ ଭୋଟ ଭାଗ ଥିଲା ୪୨.୯୮ ପ୍ରତିଶତ। ଏଥର ସେଠାରେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ଓ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି ସହ ଆର୍‌ଏଲଡି ମେଣ୍ଟ କରିଥିବାରୁ ଭାଜପାକୁ କଡା ଟକ୍କରର ସମ୍ମୁଖୀନ ହେବାକୁ ପଡିବ ବୋଲି କୁହାଯାଉଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୦ | ୧୭.୪ |
| ଚାନ୍ଦବାଲି | ୩୦.୦ | ୨୧.୫ |
| କଟକ | ୩୨.୦ | ୧୯.୪ |
| ପାରାଦ୍ୱୀପ | ୩୧.୧ | ୨୧.୩ |
| ଭୁବନେଶ୍ୱର | ୩୪.୨ | ୨୧.୦ |
| ଗୋପାଳପୁର | ୩୨.୦ | ୨୨.୫ |
| ପୁରୀ | ୩୧.୬ | ୨୧.୨ |
| ଅନୁଗୋଳ | ୩୦.୧ | ୧୪.୬ |
| ବାରିପଦା | ୨୯.୬ | ୧୯.୦ |
| ଝାରସୁଗୁଡ଼ା | ୨୫.୫ | ୧୮.୧ |
| କେନ୍ଦୁଝର | ୨୫.୩ | ୧୬.୪ |
| ସମ୍ବଲପୁର | ୨୭.୫ | ୧୬.୪ |
| ସୁନ୍ଦରଗଡ଼ | ୩୨.୦ | ୧୫.୦ |
| ହୀରାକୁଦ | ୨୬.୬ | ୧୭.୬ |
| ତାଳଚେର | ୩୦.୫ | ୨୦.୩ |
| ଭବାନୀପାଟଣା | --- | ୧୯.୦ |
| ବଲାଙ୍ଗୀର | ୩୦.୬ | ୧୭.୦ |
| କୋରାପୁଟ | ୩୪.୬ | ୧୮.୦ |
| ଫୁଲବାଣୀ | --- | ୧୫.୦ |
| ଟିଟିଲାଗଡ଼ | --- | ୧୬.୦ |
| ମାଲକାନଗିରି | ୩୭.୫ | ୧୮.୫ |
| ସୋନପୁର | ୨୯.୨ | ୧୫.୪ |
| ଦାରିଙ୍ଗିବାଡ଼ି | ୩୧.୫ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

# ମୋ ପାଇଁ ଫିଲ୍ମ ଅଧିକ ଗୁରୁତ୍ୱପୂର୍ଣ୍ଣ

**ମୁମ୍ବାଇ:**

ଖ୍ୟାତି ଅର୍ଜନ କରିବା ଅପେକ୍ଷା ଫିଲ୍ମ ତାଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ପ୍ରକାଶ କରିଛନ୍ତି।



ପ୍ରତ୍ୟେକ ଅଭିନେତା ପାଇଁ ଯଶ ଗୁରୁତ୍ୱପୂର୍ଣ୍ଣ। ପିଲାଦିନରୁ ଯାହା ବି ସୁନାମ ଅର୍ଜନ କରିଛି ମୋ ପରିବାର ପାଇଁ। ପ୍ରଥମ ଫିଲ୍ମରେ ଅଭିନୟ କରିବା ପରଠାରୁ ଅଧିକ ପରିଚିତ ହୋଇପାରିଛି। ଗଣମାଧ୍ୟମ ଏବଂ ଦର୍ଶକଙ୍କଠାରୁ ଯେଉଁଭଳି ଭଲ ପାଇବା ଓ ସମର୍ଥନ ପାଇଛି ସେଥିପାଇଁ ଅତ୍ୟନ୍ତ କୃତଜ୍ଞ ବୋଲି ଜାହ୍ନବୀ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଯଶ ଅପେକ୍ଷା ମୋ ପାଇଁ ଅଭିନୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି 'ହେଲୋ! ହଲ୍ ଅଫ୍ ଫେମ୍ ଆୱାର୍ଡସ ୨୦୧୯'ରେ ଯୋଗଦେଇ ଜାହ୍ନବୀ ଗଣମାଧ୍ୟମକୁ କହିଛନ୍ତି।

ଜାହ୍ନବୀ ହେଉଛନ୍ତି ସ୍ୱର୍ଗତା ଅଭିନେତ୍ରୀ ଶ୍ରୀଦେବୀ ଏବଂ ପ୍ରଯୋଜକ ବୋନି କପୁରଙ୍କ ଜ୍ୟେଷ୍ଠ କନ୍ୟା। ସେ ୨୦୧୮ରେ 'ଧଡକ' ଫିଲ୍ମରୁ ନିଜ କ୍ୟାରିୟର ଆରମ୍ଭ କରିଛନ୍ତି। ଜାହ୍ନବୀ ବର୍ତ୍ତମାନ ଗୁଞ୍ଜନ ସାକ୍‌ସେନାଙ୍କ ବାୟୋପିକ୍‌ରେ କାମ କରୁଛନ୍ତି। ଗୁଞ୍ଜନ ହେଉଛନ୍ତି ୧୯୯୯ କାର୍‌ଗିଲ୍ ଯୁଦ୍ଧରେ ଭାଗ ନେଇଥିବା ଭାରତୀୟ ବାୟୁସେନାର ଲଢୁଆ ମହିଳା ପାଇଲଟ୍। ଏ ପର୍ଯ୍ୟନ୍ତ ଏହାର ଟାଇଟଲ୍ ନିର୍ଦ୍ଧାରଣ ହୋଇପାରି ନାହିଁ।

ଜାହ୍ନବୀ କପୁର

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ




# ପୋଲ ତଳକୁ ଖସିଲା ଟ୍ରେଲର, ଜଣେ ମୃତ

ପଦ୍ମପୁର,୧୮।୩(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ଅଙ୍ଗନଦୀ ପୋଲ ତଳକୁ ସୋମବାର ସକାଳେ ଏକ ଲୁହା ଛଡ଼ ବୋଝେଇ ଟ୍ରେଲର(ନଂ. ଓଡ଼ି ୦୫ ଏଏମ୍ ୮୫୪୭) ଖସି ପଡ଼ିଛି। ଫଳରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ଉକ୍ତ ଟ୍ରେଲରଟି ଯାଉଥିବାବେଳେ ଭାରସାମ୍ୟ ହରାଇ ପୋଲ ଉପରେ ଥିବା ୧୦ରୁ୧୨ଟି ଖୁଣ୍ଟକୁ ଭାଙ୍ଗି ତଳେ ପଡ଼ିଥିଲା। ସେଥିରେ ଥିବା ନୟାଗଡ଼ ଜିଲା ଇଟାମାଟି ଗ୍ରାମର ନକୁଳ ନାଏକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟଜଣେ ଆହତ ହୋଇଛନ୍ତି। ତାଙ୍କୁ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମହୁଲପାଲି ଗ୍ରାମର ଯୁବକମାନେ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପଦ୍ମପୁର ପୋଲିସ ଘଟଣାର ତଦନ୍ତ କରୁଛି।



ଅଙ୍ଗନଦୀ ପୋଲ ତଳକୁ ଖସିପଡିଥିବା ଟ୍ରେଲର।

# ପୁଅ ଟାଙ୍ଗିଆ ଚୋଟରେ ବାପା ମୃତ

ଝାରବନ୍ଧ, ୧୮।୩ (ଡି.ଏନ.ଏ)

ବରଗଡ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ଡଭା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ ବଚସାକୁ ନେଇ ପୁଅ ବାପାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ କାମପାଳ ସାହୁ (୪୫)ଙ୍କୁ ଗିରଫ କରିଛନ୍ତି। ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଡଭା ଗ୍ରାମର ପରସରାମ ସାହୁ (୬୫) ଭୋରରୁ ମହୁଲ ଗୋଟାଇବାକୁ ଜଙ୍ଗଲକୁ ଯାଇଥିଲେ। ମହୁଲ ଗୋଟାଇ ସାରି ସକାଳ ୭ଟାରେ ଘରକୁ ଫେରିଥିଲେ। ଏକମାତ୍ର ପୁଅ କାମପାଳଙ୍କ ସହିତ ସାମାନ୍ୟ ପାରିବାରିକ ବିଷୟକୁ ନେଇ ବଚସା ହୋଇଥିଲା। ଏଥିରେ କାମପାଳ ରାଗିଯାଇ ପ୍ରଥମେ ଏକ କାଠଫାଳରେ ବାପାଙ୍କୁ ମାଡ ମାରିଥିଲେ। କାମପାଳଙ୍କ ସ୍ତ୍ରୀ ବିରୋଧ କରି କାଠଫାଳ ଛଡ଼ାଇ ନେଇଥିଲେ। ପରେ କାମପାଳ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ପରସରାମଙ୍କ ଜୀବନ ଚାଲିଯାଇଥିଲା। ଏହା ପରେ ଘର ଭିତରେ ଗାତଖୋଳି ପୋତି ଦେବା ପାଇଁ ଚେଷ୍ଟା କରିଥିଲେ। ଘଟଣା ବିଷୟରେ ତାଙ୍କ ଦାଦା ପୁଅ ଜୟଦେବ ସାହୁ ଥାନାକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଓ ମୃତଦେହ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୩୦/୨୦୧୯) ରୁଜୁ ହୋଇଛି। ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ସାହୁ ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ।









## ■ ବାଲିମେଳା ବାଳିକା ଉଚ୍ଚ ବିଦ୍ୟାଳୟରେ ଅବ୍ୟବସ୍ଥା

# ୩୦ ଛାତ୍ରୀ ୩୫ କିମି ଚାଲି ଚାଲି ଯାଇ ଜିଲାପାଳଙ୍କୁ ଭେଟିଲେ

କୋରୁକୋଣ୍ଡା/ମାଲକାନଗିରି,୧୮।୩ (ଡି.ଏନ୍.ଏ.)

- ୨ ଅଧିକାରୀଙ୍କୁ କିଛି କହିଲେନି
- ଛାତ୍ରୀଙ୍କୁ ଡାକି ଜିଲାପାଳ ଶୁଣିଲେ ସମସ୍ୟା
- ଯାହା ନିର୍ଦ୍ଦେଶ ଆସିବ ପଦକ୍ଷେପ ନିଆଯିବ

ମାଲକାନଗିରି ଜିଲା ବାଲିମେଳା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀନିବାସରେ ରହୁଥିବା ୩୦ ଜଣ ଛାତ୍ରୀ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପାଇଁ ବାଲିମେଳାରୁ ଦୀର୍ଘ ୩୫ କିଲୋମିଟର ଚାଲିଚାଲି ଆସିଥିଲେ। ପ୍ରଚଣ୍ଡ ଖରାରେ ଛାତ୍ରୀମାନେ ଜିଲାପାଳଙ୍କୁ ସେମାନଙ୍କ ଅଭିଯୋଗ ଜଣାଇବାକୁ ଆସୁଥିବା ଖବର ପାଇ ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଏବଂ ଏସ୍‌ଡିପିଓ ମାଲକାନଗିରିରୁ ବାଲିମେଳା ଯାଇ କୋରୁକୋଣ୍ଡାଠାରେ ପିଲାମାନଙ୍କୁ ଅଟକାଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ମାତ୍ର ଛାତ୍ରୀମାନେ ଆମର ଅଭିଯୋଗ କେବଳ ଜିଲାପାଳଙ୍କୁ ହିଁ ଜଣାଇବୁ। ଅନ୍ୟ କାହାକୁ କହିବୁ ନାହିଁ ବୋଲି କହିଥିଲେ। ଶେଷରେ ଜିଲା ଶିକ୍ଷା ଅଧିକାରୀ ସେଠୀ ଏବଂ ଏସ୍‌ଡିପିଓ ପିଲାମାନଙ୍କୁ ଚାଲିଚାଲି ନ ଯିବାକୁ କହି ତାଙ୍କ ଗାଡିରେ ବସାଇ ଜିଲାପାଳଙ୍କ ନିକଟକୁ ନେବାକୁ କହିଥିଲେ। ଶେଷରେ ଛାତ୍ରୀମାନେ ଉଭୟ ଅଧିକାରୀଙ୍କ ଗାଡିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ମନୀଷ ଅଗ୍ରୱାଲ ସେମାନଙ୍କ ମଧ୍ୟରୁ ୫ଜଣ ଛାତ୍ରୀଙ୍କୁ ଡାକି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ଜିଲା ଶିକ୍ଷାଧିକାରୀଙ୍କୁ ସେମାନଙ୍କ ଅଭିଯୋଗ ସମ୍ପର୍କରେ କିଛି କହି ନ ଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସେଠୀଙ୍କୁ ପଚାରିବାରୁ ସେ କହିଲେ ଯେ, ଛାତ୍ରୀମାନେ ସେମାନଙ୍କ ଅଭିଯୋଗ ନେଇ ମୋତେ କିଛି କହିନାହାନ୍ତି। ସେମାନେ ଜିଲାପାଳଙ୍କୁ କହିଛନ୍ତି। ଛାତ୍ରୀମାନେ କ'ଣ ଅଭିଯୋଗ କରିଛନ୍ତି ତାହା ଜଣାପଡିନାହିଁ। ଛାତ୍ରୀଙ୍କ ଅଭିଯୋଗ ଶୁଣିବା ପରେ ଜିଲାପାଳ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଜିଲାପାଳ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

# କାର୍ ଦୁର୍ଘଟଣା, ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି

## ମିଳିଲା ମୃତକଙ୍କ ପରିଚୟ

ବଡ଼ଗାଁ,୧୮।୩(ଡି.ଏନ୍.ଏ.)

୧୦ନଂ. ରାଜ୍ୟ ରାଜପଥର ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଫ୍ଲାଇଓଭର ନିକଟରେ ରବିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଟ୍ରେଲର ପଛରେ କାର୍ ଧକ୍କା ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି ପାଇଛି। ଦୁର୍ଘଟଣାରେ ଗୁରୁତର ଆହତ ମହିଳାଙ୍କ ରବିବାର ବିଳମ୍ବିତ ରାତିରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୋମବାର ମୃତକମାନଙ୍କ ପରିଚୟ ମିଳିଛି। ସେମାନେ ହେଲେ ବୀରମିତ୍ରପୁରର ସଜ୍ଜନ ଅଗ୍ରୱାଲ (୫୮), ତାଙ୍କ ସ୍ତ୍ରୀ ଉର୍ମିଳା ଦେବୀ (୫୪), ରାଉରକେଲାରେ ରହୁଥିବା ସଜ୍ଜନଙ୍କ ଭାଇବୋହୂ ନିଲମ



ଦୁର୍ଘଟଣାଗ୍ରସ୍ତ କାର।

ଅଗ୍ରୱାଲ (୪୨) ଓ ବୀରମିତ୍ରପୁରର ଅନିଲ ଅଗ୍ରୱାଲଙ୍କ ସ୍ତ୍ରୀ ସଙ୍ଗୀତା ଅଗ୍ରୱାଲ (୪୫)। ବଡ଼ଗାଁ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ପରେ ଆହତ କାର୍ ଚାଳକ ଏବଂ ଟ୍ରେଲର ଚାଳକ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଓଡି୧୪-ଏନ୍୪୧୬୪ ନମ୍ବର କାର୍‌ରେ ରବିବାର ଏମାନେ ସମ୍ବଲପୁର ଓ ବରଗଡ଼ ଜିଲା ଭଟଲିସ୍ଥିତ ଶ୍ୟାମବାବା ମନ୍ଦିରରେ ଚାଲିଥିବା କୀର୍ତ୍ତନ ଦେଖିବାକୁ ଯାଇ ରାତିରେ ଫେରୁଥିଲେ। କାର୍ ଆଗରେ ଯାଉଥିବା ଓଡି୧୬-ଡି୭୪୭୭ ନମ୍ବର ଟ୍ରେଲର ଫ୍ଲାଏଓଭର ନିକଟ ଢାବା ସମ୍ମୁଖରେ ହଠାତ୍ ବ୍ରେକ୍ ମାରିଥିଲା। ଦ୍ରୁତ ଗତିରେ ପଛରୁ ଆସୁଥିବା କାର୍ ନିୟନ୍ତ୍ରଣ ହରାଇ ଟ୍ରେଲର ପଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ସଜ୍ଜନ, ଉର୍ମିଳା ଏବଂ ନିଲମଙ୍କ ମୃତ୍ୟୁ ଘଟିଥିଲା।

# ଜାଲ୍ ନୋଟ୍ କାରଖାନା ଉପରେ ଚଢ଼ାଉ, ୨ ଗିରଫ

ପାରଳାଖେମୁଣ୍ଡି, ୧୮।୩(ସ୍ୱ.ପ୍ର.)

- ୨ଲକ୍ଷ ୫୦ହଜାର ଟଙ୍କାର ଜାଲ୍ ନୋଟ, ବିଭିନ୍ନ ସାମଗ୍ରୀ ଜବତ
- ଦୀର୍ଘଦିନ ହେଲା ଭଡ଼ାଘରେ ଚାଲିଥିଲା କାରବାର
- ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ପୋଲିସର ସନ୍ଦେହ

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଶ୍ରୀଧର ନଗର ଅଞ୍ଚଳର ଏକ ଜାଲ୍ ନୋଟ୍ କାରଖାନା ଉପରେ ସୋମବାର ପୋଲିସ ଚଢ଼ାଉ କରିଛି। ସେଠାରୁ ୨ଲକ୍ଷ ୫୦ହଜାର ଟଙ୍କାର ଜାଲ୍ ନୋଟ ଓ ବିଭିନ୍ନ ପ୍ରସ୍ତୁତି ସାମଗ୍ରୀ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୁରାଣ୍ଡି ଥାନା ଅଧୀନ ମହାଦେଇପୁର ଗ୍ରାମର ଦାମୋଦର ପରିଡାଙ୍କ ପୁଅ କରୁଣାକର ଓରଫ ଟିଟୁ(୩୯) ଏବଂ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ମେଳିଆପୁଟି ଥାନା ଅଧୀନ ବସୁନ୍ଧରା ଗ୍ରାମର ସ୍ୱର୍ଗତ ଭଗବାନ ମାଝିଙ୍କ ପୁଅ ସନ୍ତୋଷ(୪୦)। ଅଭିଯୁକ୍ତଦ୍ୱୟ ଏକ ଭଡ଼ାଘରେ ରହି ଏହି କାରବାର କରିଆସୁଥିଲେ ବୋଲି ଏସ୍‌ପି ଶାରା ଶର୍ମା ଏଠାରେ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସୂଚନା ଅନୁଯାୟୀ, ଶ୍ରୀଧର ନଗରର ଦ୍ୱିତୀୟ ଲେନ୍‌ରେ ଜାଲ୍‌ନୋଟ କାରଖାନା ରହିଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପୂର୍ବାହ୍ନ ୧୧ଟାରେ ଏହି କାରଖାନା ଉପରେ ଚଢାଉ କରାଯାଇଥିଲା। କରୁଣାକର ଓ ସନ୍ତୋଷ ବହୁଦିନ ହେଲା ଚଞ୍ଚଳା ବାରିକଙ୍କ ଘରକୁ ଭଡା ସୂତ୍ରରେ ନେଇ ଜାଲ୍ ନୋଟ କାରବାର କରିଆସୁଥିଲେ। ଜାଲ୍ ନୋଟ୍ ଛାପି ବିଭିନ୍ନ ଅଞ୍ଚଳକୁ ପଠାଉଥିଲେ। ଦୁହିଁଙ୍କୁ ପୋଲିସ ଗିରଫ କରିବା ସହ ଜାଲ୍ ୨ଲକ୍ଷ ୫୦ହଜାର ଟଙ୍କା, ନୋଟ୍ ତିଆରି ସାମଗ୍ରୀ, ନୋଟ ସାଇଜ୍ କାଗଜ, ବକେଟ୍, ୨ଟି ମୋବାଇଲ ଫୋନ, ୨ଟି ମୋଟର ସାଇକେଲ ସମେତ ବିଭିନ୍ନ ସାମଗ୍ରୀ ଜବତ କରିଛି। ଉକ୍ତ ଘରକୁ ସିଲ୍ କରାଯାଇ ପୋଲିସ୍ ମୁତୟନ କରାଯାଇଛି। ଏହି ଘଟଣାରେ ଆହୁରି କେତେଜଣ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି ଏବଂ ସେମାନଙ୍କୁ ଅତିଶୀଘ୍ର ଧରାଯିବ ବୋଲି ଏସ୍‌ପି ଶର୍ମା ପ୍ରକାଶ କରିଛନ୍ତି। ଏନେଇ ପାରଳାଖେମୁଣ୍ଡି ଥାନାରେ କେସ୍ ନଂ. ୭୨/୧୯ ରୁଜୁ ହୋଇ ଅଧିକ ଅନୁସନ୍ଧାନ ଜାରି ରହିଛି। ଉକ୍ତ ଚଢାଉରେ ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ, ଏସ୍‌ଆଇ ସୁନୀଲ କୁମାର ଦଳେଇ, ଏଏସ୍‌ଆଇ ଜଗଦୀଶ ପଣ୍ଡା, ଦିବାକର ପ୍ରଧାନ ପ୍ରମୁଖ ସାମିଲ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ଶାରା ଶର୍ମା ସୂଚନା ଦେଉଛନ୍ତି।






କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଦିବ୍ୟାଂଶ
ପରିବାରବର୍ଗ



ଟିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100. D-11548




### SALE

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-65369

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829. D-65395

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65861

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

Fully developed gharabari plots sale near Infosys-2, Janla and Sunderapada near Hi-Tech Plaza. Contact: 7008513309, 7789941299. D-11725

Booking simplex 2BHK 1200 sqft. land 20,50,000/- near Tankapani road Sai Temple 70% finance available. 7735738102. D-11721

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

୨୦୦ ଫୁଟ ରାସ୍ତାକୁ ଲାଗି BDA yellow zoneରେ ଜାଗା ବିକ୍ରିହେଉଛି। ବର୍ଗଫୁଟର ମୂଲ୍ୟ ୧୫୦ ଟଙ୍କା। Contact: 7609067166. D-59927




1800 sqft. office space for rent at Goutam Nagar, Bhubaneswar. 9337117523. D-62169

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I, Sushree Sangeeta Das declare that Susree Sangita Mohanty and Sushree Sangeeta Das is one and the same person, vide affidavit before Notary Public, Bhubaneswar on 18 March, 2019. D-11724

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି


### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମନୋରମା ଦେବୀ**
ସ୍ୱା-ସ୍ୱର୍ଗତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଲୋକସଭା ସଦସ୍ୟ ଡାକ୍ତର ନୃସିଂହ ଚରଣ ସାମନ୍ତ ସିଂହାର (ବାଲୁଗାଁ)
ଆବିର୍ଭାବ: ୨୯।୦୨।୧୯୩୬
ତିରୋଧାନ: ୦୮।୦୩।୨୦୧୯
ଫାଲ୍ଗୁନ ଶୁକ୍ଳ ଦ୍ୱିତୀୟା-ଶୁକ୍ରବାର
ପୁତ୍ର: ଆଶୁତୋଷ ସାମନ୍ତସିଂହାର IFS (ଅବସରପ୍ରାପ୍ତ), ମୁରଲୀଧର ସାମନ୍ତସିଂହାର-ଆଡ୍‌ଭୋକେଟ୍, କନ୍ୟା: ଅଞ୍ଜନା ସାମନ୍ତସିଂହାର (ଅବସରପ୍ରାପ୍ତ ଶିକ୍ଷିକା), ଜାମାତା: Dr. କୃପାସିନ୍ଧୁ ବଳିଆରସିଂ (ଅବସରପ୍ରାପ୍ତ ଅଧକ୍ଷ ରାଜସୁନାଖଳା କଲେଜ), ପୁତ୍ରବଧୂ: ପ୍ରଗତୀ ସାମନ୍ତସିଂହାର (ଆଡ୍‌ଭୋକେଟ୍), ବିନୋଦିନୀ ସାମନ୍ତସିଂହାର, ନାତିନାତୁଣୀ: ପିନାକୀ, ଅଦିତି, ପୀୟୂଷ, ଅଭିପ୍ସା, ଅଂଶୁମାନ, ଶିତୀକାନ୍ତ, ଅନୁରାଗ, ଦୀପଙ୍କର।
ଧ-୧୧୭୩୧

### ପ୍ରଥମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଧରଣୀଧର ସାହୁ**
ଆବିର୍ଭାବ: ତା.୨୭।୦୩।୧୯୪୮
ତିରୋଧାନ: ତା. ୨୮।୦୨।୨୦୧୮
ରସିକ ନଗର, ଟାଙ୍ଗି, କଟକ
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆପଣଙ୍କର ଅନୁପସ୍ଥିତି ଏବଂ ସ୍ନେହ ଶ୍ରଦ୍ଧା ସବୁବେଳେ ଅନୁଭବ କରୁଅଛୁ। ଆପଣଙ୍କର ଦୟାଦୃଷ୍ଟି ସବୁବେଳେ ଏମିତି ଥାଉ। ଶୋକସନ୍ତପ୍ତ: ସାହୁ ପରିବାର ରସିକ ନଗର
ଧ-୬୪୯୫୦

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ସୁଧୀର କୁମାର ମହାପାତ୍ର**
ଡାକବଙ୍ଗଳାଛକ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୯୬୧
ତିରୋଧାନ: ୨୦୧୪
ତୁମର ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ସପରିବାର ଓ ବନ୍ଧୁବର୍ଗ।
ଧ-୬୦୮୨୬

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ପ୍ରେମଲତା ମଲ୍ଲ**
ଜହ୍ନମୂଳ
ଆବିର୍ଭାବ: ତା.୨୫।୦୬।୧୯୪୦
ତିରୋଧାନ: ତା.୨୮।୦୨।୨୦୧୮
ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ମିଟୁ, କୁନା, ଦୀପା (ପୁତ୍ର), ଅଞ୍ଜୁ, ଜୁଲି, ମମି (ପୁତ୍ରବଧୂ) (ଦେବନା, ଖସି, ରାଧି, କାହ୍ନା, ନାତିନାତୁଣୀ।
ଧ-୧୧୭୩୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଦେବୀ ପ୍ରସାଦ ମହାପାତ୍ର**
କୁଣ୍ଢାଇବେଣ୍ଟ ସାହି, ଜେନାମଠଲେନ୍, ପୁରୀ
ଆବିର୍ଭାବ: ୨୩ ଜୁନ୍ ୧୯୭୩
ତିରୋଧାନ: ୨୮ ଫେବୃୟାରୀ ୨୦୧୮
ଚାହୁଁ ଚାହୁଁ ସମୟର କରାଳ ସ୍ରୋତରେ ତୁମେ ଆମକୁ ଛାଡି ଚାଲିଯିବାର ଏକ ବର୍ଷ ବିତିଗଲା। ତୁମର ସେହି ହସହସ ମୁହଁ, ସ୍ନେହ, ଅନାବିଳ ପ୍ରେମକୁ ଆମେ ପାଥେୟ କରି ବଞ୍ଚୁଅଛୁ। ଆଜି ତୁମର ପ୍ରଥମ ପୁଣ୍ୟତିଥିରେ ସମସ୍ତ ପରିବାରବର୍ଗ ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ଏ ପବିତ୍ର ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ମାତା, ସ୍ତ୍ରୀ, ପୁତ୍ରୀ, ଭ୍ରାତା, ଭଗିନୀ ଓ ସମସ୍ତ ପରିବାରବର୍ଗ।
ଧ-୬୩୭୬୪

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**


### ପ୍ରସାର ଭାରତୀ ଜିଲା ପ୍ରତିନିଧି କର୍ମଶାଳା

# ଇଭିଏମ୍ ଟାମ୍ପରିଂ କରାଯାଇପାରିବ ନାହିଁ: ମୁଖ୍ୟ ନିର୍ବାଚନ ଅଧିକାରୀ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍(ଇଭିଏମ୍)କୁ କେହି ଟାମ୍ପରିଂ କରିପାରିବେ ନାହିଁ। ଏହା ବହୁବାର ପ୍ରମାଣିତ ହୋଇଛି। ଏପରିକି ନିର୍ବାଚନ କମିଶନ ମଧ୍ୟ ଏହି ମେଶିନର ସତ୍ୟତା ନେଇ ଅନେକ ଚ୍ୟାଲେଞ୍ଜ କରିଛନ୍ତି। କିନ୍ତୁ କୌଣସି ବିରୋଧୀ ପକ୍ଷ ଏହା ପ୍ରମାଣିତ କରିପାରିନାହାନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି।

ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ପ୍ରସାରଭାରତୀ ଜିଲା ପ୍ରତିନିଧିମାନଙ୍କ ଏକ କର୍ମଶାଳାରେ ଇଭିଏମ୍ ଓ ଭିଭିପିଏଟିର ବୈଧତା ଉପରେ କୁମାର ଆଲୋକପାତ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଭାରତର ନିର୍ବାଚନ ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ ଓ ନିରପେକ୍ଷ। ଏଥିଲାଗି ଅନେକ ଦେଶରୁ ପ୍ରତିନିଧିମାନେ ଆସି ଆମ ନିର୍ବାଚନ ସମୟରେ ଏହି ପ୍ରକ୍ରିୟାକୁ ଅନୁଧ୍ୟାନ କରୁଛନ୍ତି। ଏହି ବୃହତ୍ ଦେଶରେ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରାଯାଉଥିବାରୁ ସେମାନେ ପ୍ରଶଂସା କରିଛନ୍ତି। ଏଣୁ ଇଭିଏମ୍ କିମ୍ବା ଭିଭିପିଏଟିର ବୈଧତା ନେଇ କେହି ପ୍ରଶ୍ନ କରିପାରିବେ ନାହିଁ ବୋଲି କୁମାର କହିଛନ୍ତି।

ସୁରେନ୍ଦ୍ର କୁମାର କହିଛନ୍ତି ଯେ, ଭାରତର ନିର୍ବାଚନ ପ୍ରକ୍ରିୟା ସ୍ୱାଧୀନତା ପରଠାରୁ ଆରମ୍ଭ ହୋଇ ଅନେକ ବର୍ଷ ମଧ୍ୟରେ ବିକଶିତ ହୋଇଛି। ଧୀରେ ଧୀରେ ଭାରତର ନିର୍ବାଚନ ବ୍ୟବସ୍ଥା ତ୍ରୁଟିଶୂନ୍ୟ ହେଉଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ସମଗ୍ର ଦେଶରେ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ବୁଥ୍ ସ୍ତରରୁ ଆରମ୍ଭକରି ଜିଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ସମସ୍ତ ସମ୍ପୃକ୍ତ କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ତଥା ଇଭିଏମ ଓ ଭିଭିପିଏଟିର ତ୍ରୁଟି ଶୂନ୍ୟ ବ୍ୟବହାର ଉପରେ ପ୍ରଶିକ୍ଷଣ ଦିଆଯାଉଛି। ନିର୍ବାଚନ ପରିଚାଳନା କ୍ଷେତ୍ରରେ ଇଭିଏମ ଏକ ଶ୍ରେଷ୍ଠ ଉଦ୍ଭାବନ। ଏହାକୁ ବିଶ୍ୱରେ ସମସ୍ତେ ମାନ୍ୟତା ଦେଇଛନ୍ତି। ଏହାକୁ କେହି ବି ଅସ୍ୱୀକାର କରି ପାରିବେ ନାହିଁ। ଅନେକ ରାଷ୍ଟ୍ର ଭାରତର ଇଭିଏମ ଆଧାରିତ ମତଦାନକୁ ଆପଣେଇବା ପାଇଁ ଆଗ୍ରହ ଦେଖାଉଛନ୍ତି ବୋଲି ସେ କହିଛନ୍ତି। ଏହି କର୍ମଶାଳାରେ ୩୦ଟି ଯାକ ଜିଲାର ପ୍ରସାର ଭାରତୀର ଖବରଦାତାମାନେ ଅଂଶଗ୍ରହଣ କରିଥିଲେ।

# ବଲାଙ୍ଗୀର: ଶତାଧିକ କର୍ମୀ ବିଜେଡିରେ ସାମିଲ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଭାଜପା ଟାଉନ୍ ସଭାପତି ସନ୍ତୋଷ ମେହେର, ପୂର୍ବତନ ପାଟଣାଗଡ଼ ବିଧାୟକ ସୁଶୀଲ କୁମାର ପୃଷ୍ଟିଙ୍କ ପୁତ୍ର ଡା. ଅମିତାଭ ପୃଷ୍ଟି, ସମିତିସଭ୍ୟ ରୁଦ୍ରମଣି ନାଏକ, ଘାଗୁରାଇ ସମିତି ସଭ୍ୟ ରାଧାମାଧବ ପାଣିଗ୍ରାହୀ, ଭାଜପା ଯୁବନେତା ହାଲୁ ସୁନା, ଚୈତନ୍ୟ ଥେଟୁଲ, କଂଗ୍ରେସର ଗୋକୁଲ ନାଗ ଓ ମୀନକେତନ ମେହେରଙ୍କ ସମେତ ଶତାଧିକ କର୍ମୀ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

### ମୁଖ୍ୟମନ୍ତ୍ରୀ, ଡିଜିପିଙ୍କୁ ଦିଆଯାଇଛି ଗୋଇନ୍ଦା ରିପୋର୍ଟ: ଭାଜପା

# ଜାଲ ରିପୋର୍ଟ ଆଧାରରେ ମାମଲା ରୁଜୁ କଲା ପୋଲିସ

**କଟକ ଅଫିସ/ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

ଗଞ୍ଜାମ ଜିଲାର ହିଞ୍ଜିଳି ଏବଂ ବରଗଡ ଜିଲା ବିଜେପୁର ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢ଼ିବା ନେଇ ସୋମବାର ସ୍ପଷ୍ଟ ହୋଇଛି। ହେଲେ ଏହାକୁ ନେଇ ସୋମବାର ଅପରାହ୍ନରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଥିଲା ଯେ, ରାଜ୍ୟ ପୋଲିସର ଗୋଇନ୍ଦା ବିଭାଗ ମୁଖ୍ୟମନ୍ତ୍ରୀ ଏବଂ ଡିଜିପିଙ୍କୁ ଏକ ରିପୋର୍ଟ ଦେଇଛି। ମୁଖ୍ୟମନ୍ତ୍ରୀ ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିଲେ ହାରିଯିବେ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ସେହି ଭୟରେ ମୁଖ୍ୟମନ୍ତ୍ରୀ ଏଥର ଦୁଇଟି ଆସନରୁ ନିର୍ବାଚନ ଲଢ଼ିବେ ବୋଲି ଭାଜପାର ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଖବରଦାତା ସମ୍ମିଳନୀରେ କହିଥିଲେ। କାଳିଆ ଟଙ୍କାରେ ଅବ୍ୟବସ୍ଥା ଜନ ଅସନ୍ତୋଷର ମୁଖ୍ୟ କାରଣ ପାଲଟିଛି। ବାତ୍ୟା ପରେ ସହାୟତା ଟଙ୍କା କେବଳ ବିଜେଡି ନେତାଙ୍କ ନିକଟତର ପରିବାରକୁ ମିଳିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥିବା ଗୋଇନ୍ଦା ରିପୋର୍ଟରେ ଦର୍ଶାଯାଇଛି। ତେଣୁ ରାଉରକେଲା, ବିଜେପୁର, ବଲାଙ୍ଗୀର କିମ୍ବା ଟିଟିଲାଗଡ଼ରୁ ମୁଖ୍ୟମନ୍ତ୍ରୀ ଲଢ଼ନ୍ତୁ ବୋଲି ଗୋଇନ୍ଦା ବିଭାଗ ଦର୍ଶାଇଥିବା ତ୍ରିପାଠୀ କହିଛନ୍ତି। ଗଣମାଧ୍ୟମରେ ଏ ଖବର ପ୍ରସାରଣ ପରେ ରାଜ୍ୟ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇଛି। ତ୍ରିପାଠୀ ଦେଖାଇଥିବା ରିପୋର୍ଟ ସମ୍ପୂର୍ଣ୍ଣ ଜାଲ ବୋଲି ଓଡ଼ିଶା ପୋଲିସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଏପରି କି ଜାଲ ରିପୋର୍ଟ ସମ୍ପର୍କରେ ସ୍ପେଶାଲ ବ୍ରାଞ୍ଚ ଏସ୍‌ପି କାର୍ତ୍ତିକେଶ୍ୱର ସାମଲ ସନ୍ଧ୍ୟାରେ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି। ତଦନୁଯାୟୀ ଥାନାରେ ଆଇପିସି ଦଫା ୪୬୫, ୪୬୮, ୪୬୯, ୪୭୧ ଅନୁଯାୟୀ ମାମଲା(ନଂ.୮୫/୧୯) ରୁଜୁ ହୋଇଛି। ଭାଜପା ଦର୍ଶାଉଥିବା ରିପୋର୍ଟ କିଏ ତିଆରି କଲା, କେଉଁଠୁ ଆସିଲା ସେ ଦିଗରେ ପୋଲିସ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ତ୍ରିପାଠୀ ଖବରଦାତା ସମ୍ମିଳନୀରେ ଏକ କାଗଜ ଦେଖାଇ ତାହା ଗୋଇନ୍ଦା ବିଭାଗର ରିପୋର୍ଟ ବୋଲି କହିବା ସହ ସେଥିରେ ବିଭାଗୀୟ ମହାନିର୍ଦ୍ଦେଶକଙ୍କ ଦସ୍ତଖତ ଥିବା ଦେଖାଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ବିଜେଡି ପ୍ରାର୍ଥୀ...

କୋରାପୁଟରେ ପୂର୍ବ ପରାଜିତ ପ୍ରାର୍ଥୀ ରଘୁରାମ ମାଛଙ୍କ ବଦଳରେ ରଘୁରାମ ପୋଡାଲ, ଲକ୍ଷ୍ମୀପୁରରେ ପୂର୍ବ ପରାଜିତ ପ୍ରାର୍ଥୀ ହେମା ଗମାଙ୍ଗଙ୍କ ବଦଳରେ ପ୍ରଭୁ ଜାନିଙ୍କୁ ପ୍ରାର୍ଥୀ କରାଯାଇଛି। ନବରଙ୍ଗପୁରରେ ମନୋହର ରନ୍ଧାରୀଙ୍କ ବଦଳରେ ସଦାଶିବ ପ୍ରଧାନୀ, ଡାବୁଗାଁରେ ପୂର୍ବ ପରାଜିତ ପ୍ରାର୍ଥୀ ମୋତିରାମ ନାୟକଙ୍କ ବଦଳରେ ମନୋହର ରନ୍ଧାରୀ, କୋଟପାଡ଼ରେ ପୂର୍ବ ପରାଜିତ ପ୍ରାର୍ଥୀ ଅଶୋକ ପାଙ୍ଗୀଙ୍କ ବଦଳରେ ପଦ୍ମିନୀ ଡିଆଁ ଏବଂ ଚିତ୍ରକୋଣ୍ଡାରେ ଡମ୍ବୁରୁ ସିସାଙ୍କ ବଦଳରେ ପୂର୍ଣ୍ଣଚନ୍ଦ୍ର ସାକାଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଭବାନୀପାଟଣାରେ ନୂତନ ଭାବେ ଦୁଷ୍ମନ୍ତ ନାଏକ, ନର୍ଲାରେ ଭୂପିନ୍ଦର ସିଂ, ଧର୍ମଗଡରେ ମୌସୁଦୀ ବାଗ୍‌ଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଛତ୍ରପୁରରେ ବିଧାୟକ ପ୍ରିୟାଂଶୁ ପ୍ରଧାନଙ୍କ ବଦଳରେ ସୁବାସ ଚନ୍ଦ୍ର ବେହେରା, ପାରଳାଖେମୁଣ୍ଡିରେ ପୂର୍ବ ପରାଜିତ ପ୍ରାର୍ଥୀ କୋଡୁରୁ ନାରାୟଣ ରାଓଙ୍କ ବଦଳରେ କଲ୍ୟାଣୀ ଗଜପତି, ମୋହନାରେ ବିଧାୟିକା ବାସନ୍ତୀ ମଲିକଙ୍କ ବିରୋଧରେ ପୂର୍ଣ୍ଣବାସୀ ନାୟକଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। କଣ୍ଟାବାଞ୍ଜିରେ ବିଧାୟକ ଆୟୁବ୍ ଖାଁଙ୍କ ବଦଳରେ ଅଜୟ ଦାସ, ସୁନ୍ଦରଗଡ଼ରେ କୁସୁମ ଟେଟେଙ୍କ ବଦଳରେ ଯୋଗେଶ ସିଂ, ତଳସରାରେ ବିନୟ ଟପୋଙ୍କ ବଦଳରେ ଷ୍ଟିଫେନ୍ ସୋରେନ୍ ଏବଂ ବଣାଇରେ ପୂର୍ବ ପରାଜିତ ପ୍ରାର୍ଥୀ ଦୟାନିଧି କିଷାନଙ୍କ ବଦଳରେ ରଣଜିତ କିଷାନଙ୍କୁ ପ୍ରାର୍ଥୀ କରାଯାଇଛି।

## ପ୍ରଥମ ପର୍ଯ୍ୟାୟ...

ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଛନ୍ତି। ୮୧ ନମ୍ବର ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଜଣେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୭୫ ନମ୍ବର ନବରଙ୍ଗପୁର, ୧୩୩ ବ୍ରହ୍ମପୁର ଏବଂ ୧୪୬ ନମ୍ବର ମାଲକାନଗିରି ବିଧାନସଭା ଆସନ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଓଡ଼ିଶାରେ ଏପ୍ରିଲ ୧୧, ୧୮, ୨୩ ଏବଂ ୨୯ ତାରିଖରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେବା କାର୍ଯ୍ୟ ଜାରି ରହିଛି। ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ୨୩ ମାର୍ଚ୍ଚରୁ ଆରମ୍ଭ ହୋଇ ୨୭ରେ ଶେଷ ହେବା ବେଳେ ୩ୟ ପର୍ଯ୍ୟାୟ ତାଲିମ ଏପ୍ରିଲ ପହିଲାରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହେବ।ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ,ବ୍ରହ୍ମପୁର ଲୋକ ସଭା ଓ ସେଠାକାର ବିଧାନସଭା ଲାଗି ମତଦାନ ହେବ। ଏହି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ମାର୍ଚ୍ଚ ୨୩ରୁ ୨୭ ଏବଂ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଏପ୍ରିଲ ୧ରୁ ୫ ତାରିଖ ମଧ୍ୟରେ ପ୍ରଦାନ କରାଯିବ। ପ୍ରତ୍ୟେକ ବ୍ଲକର ମୁଖ୍ୟ କାର୍ଯ୍ୟାଳୟରେ ତାଲିମ ପ୍ରଦାନ କରାଯିବ। ଇଓଙ୍କ କାର୍ଯ୍ୟାଳୟରୁ ସମସ୍ତ ଜିଲାପାଳଙ୍କ ନିକଟକୁ ଏହି ନିର୍ଦ୍ଦେଶନାମା ପଠାଯାଇଛି।

## ଗିରଫ ହେବେ...

ନେଇ ଏକ ସ୍ୱତନ୍ତ୍ର ରିପୋର୍ଟ ଏବଂ ଏକ ଭିଡ଼ିଓ ମଧ୍ୟ ଜାରି କରାଯାଇଥିଲା। ଏହାର ଉତ୍ତରରେ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରବିଶ କୁମାର କହିଥିଲେ ଯେ, ନୀରବ ଲଣ୍ଡନରେ ଲୁଚିଥିବା ଭାରତ ଜାଣିଛି ଏବଂ ତାଙ୍କୁ ପ୍ରତ୍ୟର୍ପଣ ଲାଗି ବ୍ରିଟେନ ସରକାରଙ୍କ ନିକଟରେ ଅନୁରୋଧ କରାଯାଇଛି। ନୀରବ ଲଣ୍ଡନର ଏକ ସମ୍ଭ୍ରାନ୍ତ ଅଞ୍ଚଳର ବିଳାସପୂର୍ଣ୍ଣ ଫ୍ଲାଟ୍‌ରେ ବସବାସ କରୁଛନ୍ତି ଏବଂ ସେଠାରେ ସେ ହୀରା ବ୍ୟବସାୟ ଆରମ୍ଭ କରିଛନ୍ତି ବୋଲି ଟେଲିଗ୍ରାଫ ରିପୋର୍ଟରେ କୁହାଯାଇଥିଲା। ପିଏନ୍‌ବି ଠକେଇ ପରେ ହୀରା ବ୍ୟବସାୟୀ ବିଦେଶ ପଳାୟନ କରିବା ପରେ ସିବିଆଇ ଓ ଇଡିର ଅନୁରୋଧ କ୍ରମେ ଇଣ୍ଟରପୋଲ ପକ୍ଷରୁ ତାଙ୍କ ବିରୋଧରେ ରେଡ କର୍ନର ନୋଟିସ ଜାରି କରାଯାଇଥିଲା।

## ୨୨ ଯାଏ...

କେନ୍ଦୁଝରର ୨୪.୨, ସମ୍ବଲପୁର ୨୯, ହୀରାକୁଦ ୨୩.୬, ବାଲେଶ୍ୱର ୧୦.୪, ଅନୁଗୋଳ ୧.୮, ବାରିପଦା ୧୫.୬, ଝାରସୁଗୁଡ଼ା ୭.୭, ସୁନ୍ଦରଗଡ଼ ୬, ତାଳଚେର ୭, ଫୁଲବାଣୀ ୧୯.୮, ଟିଟିଲାଗଡ଼ ୭.୬ ଏବଂ ସୋନପୁରରେ ସର୍ବାଧିକ ୩୧.୪ ଡିଗ୍ରୀ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଝଡ଼ବର୍ଷା ଯୋଗୁ ପାଗରେ ହଠାତ ପରିବର୍ତ୍ତନ ହୋଇଛି। ଉଭୟ ରାତି ଓ ଦିନର ପାରଦ ତଳମୁହାଁ ହୋଇଛି। ସୋମବାର ଦିନର ସର୍ବୋଚ୍ଚ ତାପମାତ୍ରା ୨୫ରୁ ୩୪ ଡିଗ୍ରୀ ମଧ୍ୟରେ ରହୁଛି। ରାତିରେ ୧୫ରୁ ୨୦ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ଏଭଳି ଥଣ୍ଡା ପାଗ ଆସନ୍ତା ୨୨ ତାରିଖ ଯାଏ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଉତ୍ତର ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଓ ଦକ୍ଷିଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ବାଲେଶ୍ୱର, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡା, କେନ୍ଦୁଝର, ଢେଙ୍କାନାଳ, ସମ୍ବଲପୁର, ଅନୁଗୋଳ, ଦେବଗଡ଼, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ରବି ସହ ଚନ୍ଦ୍ରଙ୍କ ଷଡାଷ୍ଟକ ସ୍ଥିତି ପ୍ରଭାବରେ ପୂର୍ବଲୋଚନାନୁଯାୟୀ କାର୍ଯ୍ୟ କରିବା କଷ୍ଟପ୍ରଦ ହେବ। କେତୁଙ୍କ ନକ୍ଷତ୍ରରେ ଚନ୍ଦ୍ର ଥିବା କାରଣରୁ କୌଣସି ସିଦ୍ଧାନ୍ତ ନେବାରେ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ଉଚ୍ଚାରୋହୀ ଶୁକ୍ରଙ୍କ ଯୋଗୁ ମନ ବୁଝିଲା ଭଳି କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ ଆପଣେଇ ନେଇପାରିବେ।

**ବୃଷ**



ତୃତୀୟାଧିପ ଚନ୍ଦ୍ର ପରିବାର ସ୍ଥାନରେ ରହିଥିବାରୁ ପଡୋଶିନୀଙ୍କ ହସ୍ତକ୍ଷେପ ଯୋଗୁ ପାରିବାରିକ କଳହର ଅବସାନ ଘଟିବ। କର୍ମାଧିପ ଶନି ରାଶ୍ୟାଧିପଙ୍କ ନକ୍ଷତ୍ରସ୍ଥ ହେତୁ ସଂଘର୍ଷର ସାମ୍ନା କରି କାମଗୁଡିକୁ ସମ୍ପୂର୍ଣ୍ଣ କରିବେ। ସହକର୍ମୀଙ୍କ ଘରୋଇ କଥାରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡିବ।

**ମିଥୁନ**



ଧନାଧିପ ଚନ୍ଦ୍ର ରାଶ୍ୟାଧିପ ବୁଧଙ୍କୁ ଅବଲୋକନ କରୁଥିବାରୁ ପାରିବାରିକ ସମସ୍ୟା ଓ ଅର୍ଥର ବୋଝ ମନକୁ ବିଚଳିତ କରିବ। କର୍ମ କ୍ଷେତ୍ରରେ ଉପରସ୍ଥ କର୍ମଚାରୀଙ୍କୁ କୈଫିୟତ୍ ଦେବାକୁ ପଡିପାରେ। କଳା,ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। କିନ୍ତୁ ଆଜି ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ।

**କର୍କଟ**



ତିନୋଟି କେନ୍ଦ୍ରରେ ଗ୍ରହମାନେ ସାମାଗ୍ରୀକ ସୁଖ, ସୁବିଧା ପ୍ରଦାନ କରିବାରେ ସାହାଯ୍ୟ କରିବ। ଫଳତଃ ଭାଇ,ବନ୍ଧୁ, ସହକର୍ମୀ, ଅଂଶୀଦାର ବ୍ୟବସାୟୀମାନଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସହଯୋଗରୁ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ପ୍ରଶାସନ, ବ୍ୟବସାୟ, ନିର୍ମାଣ ତଥା ସଭା ସମିତିରୁ ପ୍ରଶଂସିତ ହେବେ ।

**ସିଂହ**



ଆଜିର ଚନ୍ଦ୍ର ସ୍ଥିର ରାଶି ପ୍ରଭାବରେ ବିଶେଷ କୁପ୍ରଭାବ ସୃଷ୍ଟି କରିବେ ନାହିଁ। ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିପାରେ। ଅନ୍ୟମନସ୍କତା କିମ୍ବା ଅସାବଧାନତା ବଶତଃ ଧନହାନୀର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ।

**କନ୍ୟା**



ଅଷ୍ଟମ ଭାବରୁ ମଙ୍ଗଳଙ୍କ ଧନସ୍ଥାନକୁ ଦୃଷ୍ଟି ଅପବ୍ୟୟର ସୂଚନା ପ୍ରଦାନ କରେ। କିମ୍ବା ଦୀର୍ଘଦିନରୁ ଲାଗି ରହିଥିବା ଅପୂରଣୀୟ ଆଶା ଓ ଅର୍ଥର ଅଭାବ ହେତୁ ମାନସିକ ସ୍ଥିରତା ରହି ନ ପାରେ। ଶନିଙ୍କ ପ୍ରଭାବରେ ସତ୍‌ସଙ୍ଗ କିମ୍ବା ନାମ ସଂକୀର୍ତ୍ତନରେ ନିଜକୁ ହଜାଇ ଦେଇ ପାରନ୍ତି। ବୁଧ ରାଶିଠାରୁ ଷଷ୍ଠସ୍ଥ ଯୋଗୁ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଅସମର୍ଥ ହୋଇପାରନ୍ତି।

**ତୁଳା**



ସ୍ୱଗୃହାଭିମୁଖୀ ଚତୁର୍ଥାଧିପ ଚନ୍ଦ୍ରଙ୍କ କୋଣଭାବ ମଣ୍ଡନ କରିଥିବାରୁ ପ୍ରତ୍ୟେକ କାମ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ସଭା ସମିତିରେ, କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିପାରନ୍ତି। ନୂତନ ଗୃହ ନିର୍ମାଣ, ଯାନ ବାହାନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନାର ସୁଯୋଗ ମିଳିବ।

**ବିଛା**



ଆକସ୍ମିକ ଭାବରେ ନିଜର ନିଷ୍ପତ୍ତି ବଦଳାଇ ଅନୁତାପ କରିବାକୁ ପଡିପାରେ। ଲାଭାଧିପ ଚତୁର୍ଥ କେନ୍ଦ୍ରସ୍ଥ ଯୋଗୁ ବନ୍ଧୁମାନଙ୍କ ସାହାଯ୍ୟରୁ ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହେବାଇପାରେ। କିନ୍ତୁ ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ**



ଚତୁର୍ଥାଧିପ ସ୍ୱଭାବକୁ ବ୍ୟୟଭାବରୁ ଦେଖିବା ଯୋଗୁ ବନ୍ଧୁଙ୍କ ଅନୁପସ୍ଥିତି ମନରେ ଗଭୀର ଦୁଃଖ ପ୍ରଦାନ କରିବ। ଆଜି ଯେତିକି ପାଇବେ, ସେତିକିରେ ସନ୍ତୁଷ୍ଟ ରହିବା ଭଲ ହେବ କାରଣ ଅଧିକ ଆଶା କଲେ କିଛି ଲାଭ ହେବନି । ଶିକ୍ଷା, ପରୀକ୍ଷା କ୍ଷେତ୍ରରେ ସଫଳତା ପାଇବେ। ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**ମକର**



ବନ୍ଧୁଙ୍କ ଆଗମନକୁ ଅପେକ୍ଷା କରି ଭାବ ବିଭୋର ହୋଇପାରନ୍ତି। କିନ୍ତୁ ଅଷ୍ଟମାଧିପଙ୍କ ସ୍ଥିତି ଆପଣଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ନୈରାଶ୍ୟ ପ୍ରଦାନ କରିପାରେ। ପାଖ,ପଡୋଶୀ,କିମ୍ବା ସହକର୍ମୀ ମାନେ ଫାଇଦା ହାସଲ କରିବା ସକଶେ ଅତି ନିଜର ଭଳି ବ୍ୟବହାର କରିପାରନ୍ତି। ବନ୍ଧୁ ମାନଙ୍କ ସହ ଯୋଗଯୋଗ କଲେ ସମସ୍ୟା ସମାଧାନର ରାସ୍ତା ବାହାରିପାରେ।

**କୁମ୍ଭ**



ପାପଗ୍ରହ ସଂଯୁକ୍ତ ଶୁକ୍ର ହେତୁ ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବାର ଆଶା ମଉଳିଯିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ବନ୍ଧୁଙ୍କ ପାଖରେ ରହିଥିବା ବହୁତ ଦିନର ବକେୟା ଟଙ୍କା ଆଜି ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ**



ଆପଣଙ୍କ ପାଇଁ ସଫଳତା ସକାଶେ ଭାଇ,ବନ୍ଧୁ ଓ ଆତ୍ମୀୟଙ୍କ ସାହାଯ୍ୟ,ସହ ଯୋଗ ଅବିସ୍ମରଣୀୟ ରହିବ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତିରେ ଲକ୍ଷ୍ୟହାସଲ କରିବେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

ଆଜି ଫାଲ୍‌ଗୁନ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ମାର୍ଚ୍ଚ ୧୯ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ,ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା । ଦିବା ଘ୮ ।୧୯ମି. ଗତେ, ଘ୧୦ ।୪୨ମି. ମଧ୍ୟେ ଅମୃତବେଳା । ଦିବା ଘ୩ ।୩୦ମି. ଗତେ ଘ୫ ।୦୬ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨ ।୫୪ମି. ଗତେ ଘ୪ ।୨୪ମି. ମଧ୍ୟେ ରାହୁକାଳ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



# ଆନ୍ଦୋଳନକାରୀଙ୍କୁ ଗୋଡ଼ାଇ ପିଟିଲେ ସୁରକ୍ଷା କର୍ମୀ







କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ କାରଖାନା ମୁଖ୍ୟ ଫାଟକ ଭିତରରେ ଉତ୍ତ୍ୟକ୍ତ ଲୋକଙ୍କ ପୋଡ଼ାଜଳା।



ସୁରକ୍ଷାକର୍ମୀଙ୍କ ମାଡ଼ରେ ଆହତ ଆନ୍ଦୋଳନକାରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।







ରାସ୍ତା ଉପରେ ପଡିଥିବା କ୍ଷତିଗ୍ରସ୍ତ ଗାଡ଼ି।

## ପ୍ରଥମ ପୃଷ୍ଠାରୁ...

ବିସ୍ଥାପିତ ରେଙ୍ଗୋପାଲି ଗ୍ରାମବାସୀ ଧାରଣାରେ ବସିଥିଲେ। କମ୍ପାନୀରେ ନିୟୋଜିତ ଓଆଇଏସ୍ଏଫ୍(ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ)ର ସୁରକ୍ଷାକର୍ମୀମାନେ ସେମାନଙ୍କୁ ହଟାଇବାକୁ ଯାଇ ହଠାତ୍ ଲାଠି ଚାଳନା କରିଥିଲେ। ଏହାର ପ୍ରତିବାଦ କରିବାରୁ ସୁରକ୍ଷା କର୍ମଚାରୀମାନେ ଧାରଣାରତ ଗ୍ରାମବାସୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏଥିରେ କମ୍ପାନୀରେ କାମ କରୁଥିବା ଛତ୍ରପୁର ଗାଁର ଜଣେ ଶ୍ରମିକ ଦାନି ବାତ୍ରା (୪୦)ଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାର ହେବା ପରେ ଲାଞ୍ଜିଗଡ଼, ଛତ୍ରପୁର, ରେଙ୍ଗୋପାଲି ସମେତ ସ୍ଥାନୀୟ ଅଞ୍ଚଳର ଶହଶହ ଲୋକ କମ୍ପାନୀ ମୁଖ୍ୟ ଫାଟକ ଡେଇଁ ଭିତରକୁ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏହି ଘଟଣା ପରେ ସୁରକ୍ଷା କର୍ମୀମାନେ ପୁଣିଥରେ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପାଇଁ ଲାଠି ମାଡ କରିଥିଲେ। ଫଳରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଲୋକ ଗୁରୁତର ଭାବେ ଆହତ ହୋଇଥିଲେ। ଲୋକଙ୍କ ଉପରେ ଓଆଇଏସ୍ଏଫ୍ ଏତେ ଆକ୍ରମଣାତ୍ମକ ହୋଇ ଉଠିଥିଲା ଯେ, ଆନ୍ଦୋଳନକାରୀଙ୍କ ସମେତ ସାଧାରଣ ଲୋକ ଓ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ମଧ ଗୋଡାଇ ଗୋଡାଇ ପିଟି ଲହୁଲୁହାଣ କରି ପକାଇଥିଲା। ବେଦାନ୍ତ ହସ୍ପିଟାଲର ଜଣେ ଆମ୍ବୁଲାନ୍ସ ଡ୍ରାଇଭର ମଧ୍ୟ ସେହି ମାଡ଼ରୁ ବର୍ତ୍ତି ନ ଥିଲା। କେବଳ ସେତିକି ନୁହେଁ, ଓଆଇଏସ୍ଏଫ୍ ୨ ଶହରୁ ଉର୍ଦ୍ଧ୍ୱ ଗାଡିକୁ ଭଙ୍ଗାରୁଜା କରିଥିଲେ। ଏପରିକି କମ୍ପାନୀରେ କାମ କରୁଥିବା ଶ୍ରମିକ ଓ ଫାଟକ ସମ୍ମୁଖରେ ଦୋକାନ କରିଥିବା ବ୍ୟବସାୟୀମାନେ ମଧ ଓଆଇଏସ୍ଏଫ୍ ଆକ୍ରମଣରୁ ବର୍ତ୍ତି ପାରି ନ ଥିଲେ।

ଅପରପକ୍ଷେ ଉତ୍ତ୍ୟକ୍ତ ଲୋକେ କମ୍ପାନୀ ଭିତରେ ଭଙ୍ଗାରୁଜା କରିବା ସହ ମୁଖ୍ୟ ଫାଟକ ନିକଟରେ ଥିବା ସିକ୍ୟୁରିଟି ଅଫିସ, ଏଚ୍ଆର୍ ଅଫିସ, ସିଏସ୍ଆର୍ ଅଫିସ ଆଦିରେ ନିଆଁ ଲଗାଇ ଦେଇଥିଲେ। ଏହି ନିଆଁରେ ପୋଡି ହୋଇ ଓଆଇଏସ୍ଏଫ୍‌ର ଜଣେ ହାବିଲଦାର ମେଜର ସୁଜିତ କୁମାର ମିଞ୍ଜଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଖବରପାଇ ଡିଆଇଜି ହିମାଂଶୁ ଲାଲ, କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଏସ୍‌ପି ବି. ଗଙ୍ଗାଧର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ୨ ଡିଏସ୍‌ପିଙ୍କ ନେତୃତ୍ୱରେ ୩ ପ୍ଲାଟୁନ୍ ପୋଲିସ ସହିତ ଲାଞ୍ଜିଗଡ, ବିଶ୍ୱନାଥପୁର, ଭବାନୀପାଟଣା ଟାଉନ ଥାନା ପୋଲିସ ସେଠାରେ ମୁତୟନ କରାଯାଇଛି।

ଶ୍ରମିକଙ୍କ ମୃତଦେହକୁ କମ୍ପାନୀ ମୁଖ୍ୟ ଫାଟକ ସାମ୍ନାରେ ରଖି ଆନ୍ଦୋଳନକାରୀ ଓ ପରିବାରବର୍ଗ ଧାରଣାରେ ବସିଥିଲେ। ଲାଞ୍ଜିଗଡ଼ର ବୁଦ୍ଧିଜୀବୀ ମହଲ ମଧ ବେଦାନ୍ତ ସୁରକ୍ଷା ଦାୟିତ୍ୱରେ ଥିବା ଓଆଇଏସ୍ଏଫ୍‌ର ବର୍ବରତାକୁ ନିନ୍ଦା କରି ଏକ ଶୋଭାଯାତ୍ରା ବାହାର କରିଥିଲେ। ଆହତମାନଙ୍କୁ ଲାଞ୍ଜିଗଡ, ବିଶ୍ୱନାଥପୁର ଓ ଗୁରୁତର ଲୋକଙ୍କୁ ଭବାନୀପାଟଣା, ବିଶାଖାପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ କଳାହାଣ୍ଡି ଏସ୍‌ପି ବି. ଗଙ୍ଗାଧର କହିଛନ୍ତି, ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯାଉଛି ଏବଂ ଏ ନେଇ ଆଇନଗତ ପଦକ୍ଷେପ ନିଆଯିବ। ଏ ନେଇ ବେଦାନ୍ତ ସିଇଓ ଅଜୟ କୁମାର ଦୀକ୍ଷିତ କହିଛନ୍ତି, ଆମେ ସ୍ଥାନୀୟ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଯଥାସମ୍ଭବ ଉଦ୍ୟମ କରୁଛୁ। ତେବେ ଆଜିର ଘଟଣା ଦୁର୍ଭାଗ୍ୟଜନକ ଓ ମୃତକଙ୍କ ପାଇଁ ମୋର ସହାନୁଭୂତି ରହିଛି। ଓଆଇଏସ୍ଏଫ୍‌ଙ୍କ ବର୍ବରତା ସମ୍ପର୍କରେ ମୋ ପାଖରେ ସୂଚନା ନାହିଁ ବୋଲି କହିଛନ୍ତି।

ଭାଜପା ଜିଲା ସଭାପତି ପ୍ରଦୀପ କୁମାର ନାଏକ, ଜିଲା କଂଗ୍ରେସ ସଭାପତି ଭାରତଭୂଷଣ ବେମାଲ, ପୂର୍ବତନ ବିଧାୟକ ଶିବାଜୀ ମାଝି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଖବର ଲେଖାଯିବା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଛି। କମ୍ପାନୀ ପରିସର ଏବେ ପୋଲିସ ଛାଉଣୀରେ ପରିଣତ ହୋଇଛି। ପ୍ରଶାସନ ତରଫରୁ ସେହି ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି।

### ୨୫ଲକ୍ଷ ଟଙ୍କା ଲେଖାଏ ସହାୟତା

ଭବାନୀପାଟଣା,୧୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ସୋମବାର ଆନ୍ଦୋଳନରତ ବିସ୍ଥାପିତମାନଙ୍କୁ ହଟାଇବାକୁ ଯାଇ ସୁରକ୍ଷା କର୍ମୀଙ୍କ ମାଡ଼ରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟପକ୍ଷେ କମ୍ପାନୀରେ ଲାଗିଥିବା ନିଆଁରେ ପୋଡ଼ି ହୋଇ ଜଣେ ସୁରକ୍ଷା କର୍ମୀ ପ୍ରାଣ ହରାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ କମ୍ପାନୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ୨ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ ପାଇଁ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ମଙ୍ଗଳବାର ଉକ୍ତ ଘଟଣାର ସମାଧାନ ପାଇଁ ଜିଲା ପ୍ରଶାସନ,କମ୍ପାନୀ କର୍ତ୍ତୃପକ୍ଷ ଏବଂ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

# କନ୍ଧମାଳରେ ଅଚ୍ୟୁତଙ୍କ ପ୍ରାର୍ଥିତ୍ୱକୁ ବିରୋଧ

ଫୁଲବାଣୀ ଅଫିସ,୧୮।୩

କନ୍ଧମାଳ ଲୋକ ସଭା ଆସନ ଲାଗି ବିଜେଡି ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ପ୍ରାର୍ଥୀ ଭାବେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଘୋଷଣା କରିଥିଲେ । ଅଚ୍ୟୁତଙ୍କ ନାମ ଘୋଷଣାକୁ ସ୍ଥାନୀୟ ନେତାମାନେ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ଫୁଲବାଣୀ ବିଜୁ ପଟ୍ଟନାୟକ ଛକରେ ସୋମବାର ରାତି ପ୍ରାୟ ୮ଟାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଜିଲାର ଜଣଙ୍କୁ ଲୋକ ସଭା ଆସନରେ ଦଳୀୟ ପ୍ରାର୍ଥୀ କରିବା ପାଇଁ ଦାବି କରିଛନ୍ତି । ୨୦୦୯ରୁ ଏହି ଆସନ ଅଣ ସଂରକ୍ଷିତ ହେବା ପରେ ଏଠାରୁ ଦଳ ଜିଲାବାସୀଙ୍କୁ ପ୍ରାର୍ଥୀ କରିନାହିଁ ।



ବିଜେଡି କର୍ମୀମାନେ ପ୍ରତିବାଦ କରୁଛନ୍ତି।

ଏହାକୁ ନେଇ ଜିଲାରେ ଅସନ୍ତୋଷ ଜାରି ରହିଛି। ସୋମବାର ଏହି ଅସନ୍ତୋଷ ରାଜ ରାସ୍ତାକୁ ଆସିଛି । ବିଜେଡି ନଗର ସଭାପତି ସୁଧୀର କହଁରଙ୍କ ନେତୃତ୍ୱରେ ନଗର ଉପସଭାପତି ମିଲନ କହଁର, ଜିଲା ମହିଳା ବିଜେଡି ଉପ ସଭାପତି ପୁନମ କହଁର, ସମ୍ପାଦିକା ନମିତା ବେହେରା, ଛାତ୍ର ନେତା ସଞ୍ଜିତ ମଲିକ ଓ ଦାରୁନ ବେହେରାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ରହି ଏହାର ପ୍ରତିବାଦ କରିଥିଲେ।

# ଯୁବଚାଷୀଙ୍କୁ ହତ୍ୟା, ୨ ଅଟକ

ଜଳେଶ୍ୱର, ୧୮।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ତଥା ନାମ୍ପୋ ଫାଣ୍ଡି ଅଧୀନ ଖୁଲୁଡ଼ା ଗ୍ରାମର ଯୁବ ଚାଷୀ ବିଭୂତିଭୂଷଣ ଜେନା (୪୨)ଙ୍କୁ ରବିବାର ସନ୍ଧ୍ୟାରେ ଧାରୁଆ ଅସ୍ତ୍ରରେ ହତ୍ୟା କରି ଜଳେଶ୍ୱର-ପଶ୍ଚିମବାର୍ଡ଼-କପାସିଆ ରାସ୍ତାକଡ଼ରେ ଫୋପାଡ଼ି ଦିଆଯାଇଥିଲା। ଉକ୍ତ ସମୟରେ କାଳବୈଶାଖୀ ପ୍ରଭାବରେ ପବନ ବୋହିବା ସହିତ ବର୍ଷା ହେଉଥିବାରୁ ରାସ୍ତାଘାଟ ଜନଶୂନ୍ୟ ରହିବା ସହ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ହତ୍ୟାକାରୀ ଏହି କାଣ୍ଡ ଘଟାଇଥିଲେ। ହତ୍ୟାକାଣ୍ଡ ପୂର୍ବରୁ ବର୍ଷା ହେଉଥିଲେ ମଧ ବିଭୂତି ଘରୁ ବାହାରି ବଜାର ଆଡ଼କୁ ଆସିଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରିଛି। ମୃତ ବିଭୂତିଙ୍କ ବଡ଼ଭାଇ ଅବନୀଙ୍କ ଲିଖିତ ଅଭିଯୋଗକ୍ରମେ ଜଳେଶ୍ୱର ଥାନାରେ ଏକ ହତ୍ୟା ମାମଲା(ନଂ.୭୨/୧୯) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରି ଜଳେଶ୍ୱର ପୋଲିସ ଥାନାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।


## ବ୍ୟାଙ୍କ ଅଫ୍ ଇଣ୍ଡିଆ

BOI

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍,
୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍ -୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଦଶପଲ୍ଲା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଦଶପଲ୍ଲା ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ତୃପ୍ତି ଏଣ୍ଟରପ୍ରାଇଜେସ୍, **ସ୍ୱତ୍ୱାଧିକାରୀ: ଶ୍ରୀ ରାକେଶ କୁମାର ସାହୁ**, ପିତା: କିଶୋର ଚନ୍ଦ୍ର ସାହୁ / **ଜାମିନ୍‌ଦାର: ଶ୍ରୀ କିଶୋର ଚନ୍ଦ୍ର ସାହୁ**, ଉଭୟଙ୍କ ଠିକଣା- ସା: ଜରିପାଟଣା, ପୋ: ସାତପାଟଣା, ଥାନା: ଦଶପଲ୍ଲା, ଜିଲ୍ଲା: ନୟାଗଡ, ପିନ୍-୭୫୨୦୮୪ | ଟ.୨୦,୧୪,୦୧୭.୦୮ + ୩୧.୦୧.୨୦୧୮ ଠାରୁ ସୁଧ ଏବଂ ସେବାବଦ ଖର୍ଚ୍ଚ | ୧୬.୦୫.୨୦୧୮ / ୧୫.୦୩.୨୦୧୯ | **ଶ୍ରୀ କିଶୋର ଚନ୍ଦ୍ର ସାହୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୫୭/୫୫୩, ପ୍ଲଟ୍ ନଂ.: ୨୩୫୭/୪୨୮୩, କ୍ଷେତ୍ର: ଏକର୦.୦୪.୫ଡିସିମିଲି, କିସମ: ଘରବାରି, ମୌଜା: କୁଞ୍ଜବନଗଡ, ଥାନା/ଏସ୍ଆରଓ/ ତହସିଲ: ଦଶପଲ୍ଲା, ଜିଲ୍ଲା: ନୟାଗଡ, ଏହାର ଚଉହଦି ପାର୍ଶ୍ୱରେ- ଉତ୍ତର: ନାରାୟଣ ସାହୁ, ଦକ୍ଷିଣ: ଲଡୁକିଶୋର ଖଟେଇ, ପୂର୍ବ: ଏନ୍‌ଏଚ୍-୨୨୪, ପଶ୍ଚିମ: ରାସ୍ତା |

ତାରିଖ : ୧୮.୦୩.୨୦୧୯
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ଇଣ୍ଡିଆ



## ରିକଭରୀ ଅଫିସରଙ୍କ ଅଦାଲତ
## ଋଣ ଅସୁଲି ପ୍ରାଧିକରଣ

ପ୍ଲଟ୍ ନଂ. ସି-୭୧, ସେକ୍ଟର-୭, ସିଡ଼ିଏ, କଟକ-୧୪, ଓଡ଼ିଶା

**ସମ୍ପତ୍ତି ନିଲାମ ବିଜ୍ଞପ୍ତି**

ଆର୍.ପି. ନଂ. : ୦୯୫/୨୦୦୯/କଟକ
(୨୦୦୮ର ଓଏ ନଂ. ୧୧୨ ରୁ ଉଦ୍ଧୃତ)

**ବୈତରଣୀ ଗ୍ରାମ୍ୟ ବ୍ୟାଙ୍କ, ବାରିପଦା ଶାଖା, ସା/ପୋ: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା** ......ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ
ବନାମ
**ଶ୍ରୀମତୀ କବିତା ସେନ୍ ଏବଂ ଅନ୍ୟମାନେ** ......ସାର୍ଟିଫିକେଟ୍ ଋଣଗ୍ରହୀତାମାନେ

ନିମ୍ନଲିଖିତ ସମ୍ପତ୍ତିଗୁଡିକ **''ଯେଉଁଠାରେ ଯେପରି ଅଛି ଭିତ୍ତିରେ''** ତା୧୫.୦୩.୨୦୧୯ରିଖରେ ଅନୁଷ୍ଠିତ ହେବାକୁ ଥିବା ନିଲାମ ବିକ୍ରୟକୁ ନିମ୍ନଦର୍ଶିତ ସ୍ଥାନ, ସମୟ ଏବଂ ତାରିଖକୁ ଘୁଞ୍ଚାଇ ଦିଆଗଲା। ନିଲାମ ବିକ୍ରୟର ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

**ସମ୍ପତ୍ତିର ବିବରଣୀ**

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ ନିଲାମର ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ମୂଲ୍ୟ |
|---|---|---|---|
| **ସମ୍ପତ୍ତିର ସାରଣୀ:** **ଶ୍ରୀମତୀ କବିତା ସେନ୍‌ଙ୍କ** ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତି ଯାହାର ଜିଲ୍ଲା/ଏସ୍ଆରଓ/ତହସିଲ: କଟକ, ଥାନା: ପୁରୀଘାଟ, ମୌଜା: କଟକ ଟାଉନ୍ ୟୁନିଟ୍ ନଂ. ୨୩, ସାମନ୍ତ ସାହି, ଖାତା ନଂ.: ୧୨୦୫/୨୦୬, ପ୍ଲଟ୍ ନଂ.: ୯୨୮/୩୦୭୧, କ୍ଷେତ୍ର: ଏକର୦.୦୪୧ ୧/୨ ଡିସିମିଲି, **ଏହାର ଚଉହଦି ପାର୍ଶ୍ୱରେ:** ଉତ୍ତର ଏବଂ ପୂର୍ବ: ଫକୀର ଲେଙ୍କାଙ୍କ ଗୃହ, ଦକ୍ଷିଣ: ରାସ୍ତା, ପଶ୍ଚିମ: ନବ ଖଟୁଆଙ୍କ ଗୃହ। | ଟ.୨୦,୫୪,୦୦୦/- (କୋଡିଏ ଲକ୍ଷ ଚଉବନ ହଜାର ଟଙ୍କା ମାତ୍ର) / ଟ.୧,୦୨,୭୦୦/- (ଏକ ଲକ୍ଷ ଦୁଇ ହଜାର ସାତ ଶହ ଟଙ୍କା ମାତ୍ର) | ୧୦.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧) ୧୨.୦୪.୨୦୧୯ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫ ମିନିଟ୍ ବର୍ଦ୍ଧିତ ସମୟ ସହିତ ୨) ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) |

କଥିତ ସ୍ଥାବର ସମ୍ପତ୍ତି ଋଣ ଅସୁଲି ଅଧିକାରୀ/ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ https://www.matexauctions.com ଏବଂ https://tenders.gov.in କିମ୍ବା **ତା୧୦.୦୪.୨୦୧୯ରିଖ** ପର୍ଯ୍ୟନ୍ତ **ଶାଖା ପ୍ରବନ୍ଧକ, ବୈତରଣୀ ଗ୍ରାମ୍ୟ ବ୍ୟାଙ୍କ (ବର୍ତ୍ତମାନ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ), ବାରିପଦା ଶାଖା, ସା/ପୋ: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା**ଙ୍କ ଠାରେ ଯେ କୌଣସି କାର୍ଯ୍ୟ ଦିବସରେ ଉପଲବ୍ଧ ହେବ। ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି **"THE RECOVERY OFFICER, Debts Recovery Tribunal, Cuttack"**ଙ୍କ ନାମରେ ଓ **କଟକ**ଠାରେ ପଇଠ ହୋଇଥିବା ପେ ଅର୍ଡର/ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ଜମା କରିପାରିବେ କିମ୍ବା "The Recovery Officer, DRT, Cuttack ଙ୍କ ସପକ୍ଷରେ RP No.: **095/2009/CTC**" ଆକାଉଣ୍ଟ ନଂ.: **୧୦୮୬୧୭୦୫୪୭୩, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ୍ : 00059, IFSC Code : SBIN0000059** ସପକ୍ଷରେ RTGS/NEFT ମାଧ୍ୟମରେ ଟ୍ରାନ୍ସଫର କରିପାରିବେ। ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିର ତନଖି ଯେ କୌଣସି କାର୍ଯ୍ୟଦିବସରେ **ତା୧୦.୦୪.୨୦୧୯ରିଖ** ପର୍ଯ୍ୟନ୍ତ **ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ କରିପାରିବେ।

ନିମ୍ନଲିଖିତ କାଗଜାତ୍ ସହିତ ପ୍ରସ୍ତାବ ଗୁଡ଼ିକ ଅନ୍‌ଲାଇନ ଇ-ମେଲ ଆଇଡ଼ି: ro1drtctak-dfs@nic.in ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ **ତା୧୦.୦୪.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ପୂର୍ବରୁ ଦାଖଲ କରିବା ଉଚିତ୍: **(କ) ସଠିକ୍ ଭାବେ ପୂରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୂରଣ କରାଯାଇଥିବା ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପାନ୍ କାର୍ଡର ଏକ ନକଲ।**

**ସଂରକ୍ଷିତ ମୂଲ୍ୟରୁ କମ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ। ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋ ଅପ୍‌ଲୋଡ କରିବାକୁ ଅନୁରୋଧ।**

ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ **ତା୧୫.୦୩.୨୦୧୯ରିଖ**ରେ ଆଦିଷ୍ଟ। ସ୍ୱା/-(ଏସ୍. ଆର୍. ପରିଡା)
ରିକଭରୀ ଅଫିସର



## CLASSIFIED DISPLAY












ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ।
- ଶ୍ରୀଅରବିନ୍ଦ

# ଅନୁଚିତ ନିଯୁକ୍ତି

ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ପିନାକୀ ଚନ୍ଦ୍ର ଘୋଷ ଦେଶର ପ୍ରଥମ ଲୋକପାଳ ହେବା ମାର୍ଚ୍ଚ ୧୭ରେ ସ୍ଥିର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚ ସ୍ତରୀୟ ଚୟନ କମିଟି ତାଙ୍କ ନାମ ସୁପାରିସ କରିଥିଲା। ଲୋକପାଳ ଚୟନ ନେଇ ଫେବୃୟାରୀ ଶେଷ ସୁଦ୍ଧା ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସରକାର ବିଳମ୍ବ କରି ଚୟନ ପ୍ରକ୍ରିୟା ଶେଷ କରିଥିଲେ। ସାଧାରଣ ନିର୍ବାଚନ ପାଇଁ ମାର୍ଚ୍ଚ ୧୦ରେ ତାରିଖ ଘୋଷଣା ହେବା ଦିନଠାରୁ ଦେଶବ୍ୟାପୀ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଏଭଳି ସ୍ଥଳେ ଲୋକପାଳ ନିଯୁକ୍ତି ଉଭୟ ସୁପ୍ରିମକୋର୍ଟ ଓ କେନ୍ଦ୍ର ସରକାରଙ୍କ ସାଧୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କଂଗ୍ରେସ ପରିଚାଳିତ ଉପା-୨ ସରକାର ୨୦୧୩ରେ ଲୋକପାଳ ଆଇନ ପ୍ରଣୟନ କରିଥିଲେ। ଏହା ପରେ ୨୦୧୪ରେ ଉପା ସରକାରର ପତନ ଘଟି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ କ୍ଷମତାସୀନ ହୋଇଥିଲା। ସତେ ଯେମିତି ଗତ ୫ ବର୍ଷ ମଧ୍ୟରେ ସରକାରଙ୍କୁ ଏ ଦିଗରେ ଭାବିବାକୁ ସମୟ ମିଳିଲା ନାହିଁ। ସୁପ୍ରିମକୋର୍ଟ ମଧ୍ୟ ଦୀର୍ଘଦିନ ନୀରବ ରହିବା ପରେ ସରକାରଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ କିଛିଦିନ ତଳେ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ଆସିଯାଇଥିବାରୁ ମଉକା ଦେଖି ଏବେ କେନ୍ଦ୍ର ସରକାର ଲୋକପାଳ ନିଯୁକ୍ତ କରିବାକୁ ଆଗେଇ ଆସିଛନ୍ତି। ନିର୍ବାଚନ ଆଦର୍ଶ ଆଚରଣବିଧି ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେହି ଦୃଷ୍ଟିରୁ ଦେଖିଲେ ପ୍ରଥମେ ସର୍ବୋଚ୍ଚ ଅଦାଲତ ଏଭଳି ତତ୍‌କ୍ଷଣାତ୍ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ଗଣତନ୍ତ୍ର ବିରୋଧୀ। ସେହିପରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିଚାଳିତ କମିଟି ଜାଣିଶୁଣି ନିର୍ବାଚନ ସମୟରେ ଲୋକପାଳଙ୍କ ନାମ ଘୋଷଣା କରିଥିବାରୁ ତାହା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବୁଝାପଡ଼ିଯାଉଛି। ସରକାର ଭଲ ଭାବେ ଜାଣିଛନ୍ତି, ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ତାହା ସତ୍ତ୍ୱେ ଯେଉଁଭଳି ଢଙ୍ଗରେ ଅଚାନକ ଲୋକପାଳଙ୍କ ନାମ ପଦାକୁ ଆସିଲା, ତାହା ଫଳରେ ଦୋଷାରୋପ କରାଯାଇପାରେ ଯେ, ଭୋଟରଙ୍କ ମନରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି କରିବାର ଉଦ୍ୟମ କରାଯାଇଛି। ପ୍ରତ୍ୟେକ କାର୍ଯ୍ୟର ବିଶ୍ଳେଷଣ ଏବଂ ବିବାଦ ସୃଷ୍ଟି ହେବାର ପ୍ରୟୋଜନ ନାହିଁ। ସମ୍ଭବତଃ ଏହି ନିଯୁକ୍ତିରେ କୌଣସି ବିବାଦ ସୃଷ୍ଟି ହୋଇ ନ ପାରେ। ଯେତେବେଳେ ପୁଲୱାମା ଓ ବାଲାକୋଟର ତଥାକଥିତ ଯୁଦ୍ଧ ସମ୍ପର୍କରେ ସରକାର ଘୋଷଣା କଲେ, ସେତେବେଳେ ଦେଶବାସୀଙ୍କୁ ସତ୍ୟ କହିବା ପାଇଁ କୌଣସି ବିରୋଧୀ ଦଳ ନେତା ଆଗେଇ ଆସିଲେ ନାହିଁ। କାଳେ ଦେଶ ବିରୋଧୀ ବିବେଚିତ ହେବେ ବୋଲି ଭାବି ସେହି ନେତାମାନେ ଭାରତୀୟ ବାୟୁସେନାର ପ୍ରଶଂସା ମଧ୍ୟ କରିଦେଲେ। ଏହି ପ୍ରଚ୍ଛଦପଟରେ ଦେଖିଲେ, ନିର୍ବାଚନ ଆଚରଣବିଧି ଗତ ୧୦ ମାର୍ଚ୍ଚରୁ ଲାଗୁ ହୋଇଥିବା ସତ୍ତ୍ୱେ ଏବଂ ଲୋକପାଳ ନିଯୁକ୍ତି ନିଷ୍ପତ୍ତି ୧୭ ମାର୍ଚ୍ଚରେ ହେବା ପରେ କେହି ସ୍ୱର ଉତ୍ତୋଳନ କଲା ଭଳି ଶୁଣାଯାଉ ନାହିଁ। ଏଭଳି ଆଚରଣବିଧିର ଉଲ୍ଲଂଘନକୁ ସ୍ୱୀକାର କରାଯିବା ଫଳରେ ଭାରତର ନିର୍ବାଚନ କମିଶନଙ୍କ ମଧ୍ୟ ମାନହାନି ଘଟିଛି । ଅନ୍ୟ ଏକ ବିଷୟ ହେଲା ଲୋକ ସଭାର ସର୍ବବୃହତ୍ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖାର୍ଗେ ହେଉଛନ୍ତି ଉକ୍ତ ଚୟନ କମିଟିର ଏକ ଅଂଶ। ହେଲେ ତାଙ୍କୁ 'ସ୍ୱତନ୍ତ୍ର ନିମନ୍ତ୍ରିତ' ବର୍ଗରେ ରଖାଯାଇଥିବାରୁ ତାହାକୁ ବିରୋଧ କରି ସେ କ୍ରମାଗତ ଚୟନ କମିଟି ବୈଠକରେ ଅନୁପସ୍ଥିତ ରହିଆସିଥିଲେ। ବିରୋଧୀଙ୍କ ଉପସ୍ଥିତି ନ ଥିବା ବେଳେ ଲୋକପାଳ ନାମ ବଛାଯିବା କେତେ ନିରପେକ୍ଷତାକୁ ଅବଲମ୍ବନ କରାଯାଇଛି, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିବା କଥା। ଏଥିରୁ ବୁଝିବାକୁ ହେବ ଯେ, ସାମ୍ବିଧାନିକ ବ୍ୟବସ୍ଥାକୁ ଠିକ୍ ଭାବେ ଅନୁସରଣ ନ କରି ସରକାରକୁ ସୁହାଇଲା ଭଳି ନିଷ୍ପତ୍ତି ନିଆଯାଇଛି, ଯାହା ସମ୍ପୂର୍ଣ୍ଣ ଅନୁଚିତ।

ଆମ ଚିନ୍ତାରେ ବର୍ତ୍ତମାନ ପରିସ୍ଥିତିରେ ନିର୍ବାଚନ ଆଦର୍ଶ ଆଚରଣବିଧିକୁ ପ୍ରତ୍ୟେକ ରାଜନୈତିକ ଦଳ ସମ୍ମାନ ଦେବା ଦରକାର। ଏପରି କି ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ କ୍ଷମତାର କେନ୍ଦ୍ରବିନ୍ଦୁ ଭାବେ ପ୍ରଦର୍ଶନ କରାଯାଇ ଯେଭଳି ସୁରକ୍ଷା ବଳୟ ସୃଷ୍ଟି କରାଯାଉଛି, ତାହା ମଧ୍ୟ କରାଯିବା ଉଚିତ ନୁହେଁ। କାରଣ ନିର୍ବାଚନ ରଣାଙ୍ଗନରେ ଯେତେ ବଡ଼ କ୍ଷମତାଶାଳୀ ବ୍ୟକ୍ତି ଉଭା ହୁଅନ୍ତୁ ନା କାହିଁକି ସେ ଏକ ରାଜନୈତିକ ଦଳର ସାଧାରଣ ପ୍ରାର୍ଥୀ ବିବେଚିତ ହେବା ଦରକାର। ଯଦି କୌଣସି ବ୍ୟକ୍ତିବିଶେଷଙ୍କ ଜୀବନ ପ୍ରତି ବିପଦ ଅଛି ବୋଲି କୁହାଯାଏ, ତେବେ ସେଭଳି ବ୍ୟକ୍ତିଙ୍କୁ ନିର୍ବାଚନ ପ୍ରଚାରରେ ଯିବାକୁ ବାରଣ କରାଯିବା ଉଚିତ। ତଥାପି ଯଦି ସେମାନେ ସ୍ୱାଧୀନ ନାଗରିକ ଭାବେ ଯିବାକୁ ଚାହାନ୍ତି, ତାହା ହେଲେ ନିଜର ସୁରକ୍ଷା ବ୍ୟବସ୍ଥା ଘରୋଇ ଭାବେ କରିବା ଆଇନଗତ ହେବା ଦରକାର। ଏହା ଜଣାଶୁଣା ଯେ ବଡ଼ ନେତାଙ୍କ ପାଇଁ ନିର୍ବାଚନ ସଭା ନିମନ୍ତେ ସମ୍ପୃକ୍ତ ଦଳକୁ କିଛି ଖର୍ଚ୍ଚ ସରକାରଙ୍କ ପାଖରେ ଭରଣା କରିବାକୁ ପଡ଼େ। କିନ୍ତୁ ଏଠାରେ ମନେରଖିବାକୁ ହେବ ଯେ, ଭାରତରେ ସାଧାରଣ ନାଗରିକ ସର୍ବଦା ପ୍ରଜା ହୋଇଯାଏ ଓ ନେତାମାନେ ସାମନ୍ତବାଦୀ ହୋଇଯାଆନ୍ତି। ସେଥିପାଇଁ ବଡ଼ ମଞ୍ଚ, ପୁଳେ ଗାଡ଼ି, ମେଞ୍ଚେ ପୋଲିସ ଉପସ୍ଥିତ ଥାଇ ଯେତେବେଳେ ନେତାମାନେ ପରସ୍ପର ବିରୋଧରେ ମିଥ୍ୟା ପ୍ରତିଶ୍ରୁତି ସମ୍ପର୍କରେ ଚିତ୍କାର କରନ୍ତି, ତାହା ଭୋଟରଙ୍କୁ ପ୍ରଭାବିତ କରିବାର ସବୁ ସମ୍ଭାବନା ରହିଥାଏ। ଲଜ୍ଜା ଲାଗେ, ଯେତେବେଳେ ସାଧାରଣ ଭୋଟରଙ୍କୁ ଗୋରୁଙ୍କ ଭଳି ବସ୍ ଓ ଟ୍ରକ୍‌ରେ ବସାଇ ନିର୍ବାଚନ ସଭାକୁ ଅଣାଯାଏ। ଏହି ଭୋଟଦାତାଙ୍କୁ ଅନେକ ସମୟରେ ଭାଷଣ ଶୁଣିବାକୁ ଦୀର୍ଘ କାଳ ଅପେକ୍ଷା କରିବାକୁ ପଡ଼େ। ପରବର୍ତ୍ତୀ ସମୟରେ ସେମାନଙ୍କ ମୁହଁରେ କିଛି ଖାଦ୍ୟ ଫୋପାଡ଼ି ଦିଆଯାଏ ଓ ସେମାନଙ୍କୁ ଠେଲିଠେଲି ପୁଣି ବସ୍‌ରେ ଭର୍ତ୍ତି କରିଦିଆଯାଏ। ସାଧାରଣ ଭୋଟରଙ୍କୁ ଏଭଳି ଅସମ୍ମାନ ମଧ୍ୟ ଅସହନୀୟ ହୋଇପଡ଼େ।

ନିର୍ବାଚନ ସମୟରେ ନିର୍ବାଚନ କମିଶନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରିଥାଏ। ସେଥିପାଇଁ କମିଶନ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି କହିଥାଆନ୍ତି ଯେ, ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରାଯିବା ସକାଶେ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଏବର ପରିସ୍ଥିତି ଦେଖିଲେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଲୋକପାଳଙ୍କ ନାମ ଘୋଷଣା ହେବା ନିର୍ବାଚନ କମିଶନଙ୍କ ନିରପେକ୍ଷତା କେତେଦୂର ବଜାୟ ରହିଛି ତାହାକୁ ନେଇ ଆଲୋଚନା ହେବା ସ୍ୱାଭାବିକ। ଏଭଳି ନିଯୁକ୍ତିକୁ ନିର୍ବାଚନ କମିଶନଙ୍କ ପକ୍ଷରୁ କୌଣସି ବିରୋଧ କରା ନ ଯିବା ଫଳରେ କେବଳ ନିର୍ବାଚନ ଆୟୋଗର କ୍ଷତି ଘଟିନାହିଁ, ଏହା ଭାରତୀୟ ଗଣତନ୍ତ୍ରକୁ ମଧ୍ୟ କଠୋର ଆଘାତ ଦେଇଛି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | C | 0 | 8 | 4 | | 6 | | 2 | | |
| 8 | | 6 | | E | B | | 1 | A | | 3 | | | | D |
| | B | | | 0 | 3 | | | E | | D | 7 | | | |
| 9 | | | | | | | | C | | | | | 4 | 7 |
| | | | | | | 6 | | | | 1 | | | | 8 |
| C | | B | | D | | | | 9 | 3 | | 5 | | 8 | 4 |
| | | 4 | | A | 8 | 5 | | 2 | | | | | D | 0 |
| | E | 9 | 0 | | | C | 6 | D | | 8 | | | | B |
| 0 | | | | | 6 | | | | | C | | | A | |
| | | | B | | | | | | | | | | | 6 |
| | | | 7 | | | E | | 3 | | 5 | | | | |
| 6 | 5 | 2 | | | A | | | | 8 | 7 | | | E | |
| | | C | | B | | | 5 | | | 2 | 3 | | | |
| | 9 | E | 2 | | D | | | 8 | | | 4 | A | | |
| | A | 1 | 5 | | | 2 | | | 0 | | E | | 7 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 9 | 6 | A | 5 | 7 | 8 | 0 | C | 4 | E | 1 | D | B | 2 |
| 1 | D | 4 | B | 0 | C | E | 2 | 3 | 5 | 6 | 9 | A | 7 | 8 |
| E | 0 | C | 4 | D | 9 | 6 | 7 | B | A | 8 | 2 | 1 | 5 | 3 |
| 2 | 7 | B | 3 | 1 | 8 | 5 | A | 9 | C | D | 0 | 6 | E | 4 |
| 8 | A | 5 | 2 | 6 | E | 1 | 4 | D | 7 | B | 3 | C | 0 | 9 |
| 9 | 5 | 0 | E | C | B | D | 3 | A | 8 | 7 | 6 | 2 | 4 | 1 |
| 7 | 1 | 3 | 9 | 8 | 6 | 2 | 5 | 0 | B | C | 4 | E | A | D |
| B | E | A | 1 | 7 | 3 | C | 6 | 4 | 2 | 0 | D | 8 | 9 | 5 |
| D | C | 2 | 5 | 4 | 0 | 9 | 8 | 1 | 3 | A | E | B | 6 | 7 |
| 4 | 6 | 8 | D | 2 | A | B | E | 7 | 1 | 9 | 5 | 0 | 3 | C |
| C | 4 | 7 | 0 | 9 | 1 | 3 | D | E | 6 | 2 | A | 5 | 8 | B |
| 6 | 3 | D | 8 | A | 2 | 0 | 1 | 5 | 9 | 4 | B | 7 | C | E |
| A | 8 | 1 | 7 | B | D | 4 | 9 | 6 | E | 5 | C | 3 | 2 | 0 |
| 5 | 2 | E | C | 3 | 4 | A | B | 8 | 0 | 1 | 7 | 9 | D | 6 |
| 0 | B | 9 | 6 | E | 5 | 7 | C | 2 | D | 3 | 8 | 4 | 1 | A |

ଗତକାଲିର ଉତ୍ତର

# ମୃତ୍ୟୁ ପରେ ଜୀବନ



ବୈକୁଣ୍ଠନାଥ ମିଶ୍ର

ଜନ୍ମ ପରେ ମୃତ୍ୟୁ ଏକ ଅବଧାରିତ ସତ୍ୟ। ଆଧୁନିକ ବିଜ୍ଞାନ ସବୁ କ୍ଷେତ୍ରରେ ସଫଳତା ପାଇଥିଲେ ମଧ୍ୟ ମୃତ୍ୟୁକୁ ଟାଳିପାରି ନାହିଁ। ମୃତ୍ୟୁ ପରବର୍ତ୍ତୀ ଘଟଣା ଉପରେ ବିଜ୍ଞାନ ସମ୍ପୂର୍ଣ୍ଣ ନୀରବ। ତଥାପି କେତେକ ଘଟଣା ଓ ତତ୍‌ସମ୍ବନ୍ଧୀୟ ମତାମତକୁ ପରୀକ୍ଷା କଲେ ଆମେ ମୃତ୍ୟୁପରବର୍ତ୍ତୀ ଅବସ୍ଥା ବିଷୟରେ ଅନୁମାନ କରିପାରିବା। ଆଜକୁ ବହୁବର୍ଷ ପୂର୍ବର ଏକ ଘଟଣା ଏବେ ମଧ୍ୟ ମୋ ହୃଦୟରେ ଆଲୋଡନ ସୃଷ୍ଟି କରେ। ଶୈଶବ ସମୟରେ ଘଟିଥିବା ଉକ୍ତ ଘଟଣାର ଜଟିଳତାକୁ ହୃଦୟଙ୍ଗମ କରିବାର ସାମର୍ଥ୍ୟ ମୋର ନ ଥିଲା। ଆମ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କର ଅକାଳ ମୃତ୍ୟୁ ହେଲା। ଦୁଇ/ତିନି ଦିନ ଜ୍ୱରରେ ପୀଡିତ ହୋଇ ସେ ଆଖି ବୁଜିଲେ। ବୟସ୍କ ତଥା ଅଭିଜ୍ଞ ବ୍ୟକ୍ତିବିଶେଷ ପରୀକ୍ଷା କରି ଘୋଷଣା କଲେ ଯେ ସେ ଆଉ ଜୀବିତ ନାହାନ୍ତି। ସମସ୍ତ ଔପଚାରିକତା ସହ ତାଙ୍କ ଶରୀରକୁ ଶ୍ମଶାନକୁ ନିଆଯାଇ ଜୁଇରେ ଶୁଆଇ ଅଗ୍ନିସଂଯୋଗ କରାଗଲା। କିନ୍ତୁ ସେ ତତ୍‌କ୍ଷଣାତ୍ ଜୁଇ ଉପରେ ଉଠିବସିଲେ। ସମସ୍ତେ ସ୍ତମ୍ଭୀଭୂତ। ଏଭଳି ଘଟଣା ଆମ ଅଞ୍ଚଳରେ ପୂର୍ବରୁ କେବେ ଘଟି ନ ଥିଲା। ଏ ଘଟଣା ପରେ ବ୍ୟକ୍ତି ଜଣକ ଆଉ ପ୍ରାୟ ଚାଳିଶବର୍ଷ ବଞ୍ଚିଥିଲେ।

ସେତେବେଳେ ଚିକିତ୍ସା ବିଜ୍ଞାନ ଆଜି ପରି ଉନ୍ନତ ନ ଥିଲା। ଗ୍ରାମ୍ୟ କବିରାଜ ଥିଲେ ପ୍ରମୁଖ ଚିକିତ୍ସକ, ଯେଉଁମାନେ ସାଧାରଣ ରୋଗର ଚିକିତ୍ସା କରୁଥିଲେ। କୌଣସି ସାଂଘାତିକ ରୋଗ ପାଇଁ ଚିକିତ୍ସା ନ ଥିବାରୁ ଗ୍ରାମବାସୀ ଅକାଳ ମୃତ୍ୟୁକୁ ଆଦରି ନେଉଥିଲେ। ବର୍ତ୍ତମାନ ଉନ୍ନତ ଚିକିତ୍ସା ବ୍ୟବସ୍ଥା ସହ ଲୋକଙ୍କର ସଚେତନତା ବୃଦ୍ଧିପାଇଛି। ଜନସାଧାରଣଙ୍କର ଆର୍ଥିକ ଉନ୍ନତି ମଧ୍ୟ ଘଟିଛି। ତେଣୁ ଅକାଳ ମୃତ୍ୟୁକୁ ଅନେକାଂଶରେ ରୋକାଯାଇପାରିଛି।

ବ୍ରିଟେନରେ ଏକ ଗବେଷଣାଲବ୍ଧ ତଥ୍ୟରୁ ପ୍ରକାଶ ଯେ ହୃତ୍‌ସ୍ପନ୍ଦନ ବନ୍ଦ ହେବାର ପ୍ରାୟ ୩/୪ ମିନିଟ ପର୍ଯ୍ୟନ୍ତ ଶରୀର ଜୀବନ୍ତ ଥାଏ। ହୃତ୍‌ସ୍ପନ୍ଦନ ବନ୍ଦ ହେବାର ୨୦ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ମସ୍ତିଷ୍କ କାର୍ଯ୍ୟକ୍ଷମ ଥାଏ। ଉକ୍ତ ୩/୪ ମିନିଟ ମଧ୍ୟରେ ବ୍ୟକ୍ତିର ହୃତ୍‌ସ୍ପନ୍ଦନକୁ ନିରୀକ୍ଷଣ କରି ତା'ର ସମ୍ପର୍କୀୟମାନେ ତାକୁ ମୃତ ଘୋଷଣା କରନ୍ତି। ସେହି ୩/୪ ମିନିଟ ପୂର୍ବର ମୃତ୍ୟୁ ଓ ପରର ମୃତ୍ୟୁକୁ ଚିକିତ୍ସା ବିଜ୍ଞାନରେ ଯଥାକ୍ରମେ କ୍ଲିନିକାଲ ଡେଥ୍ ଓ ରିୟଲ ଡେଥ୍ କୁହାଯାଏ। ରୋଗୀଟିର ନିଃଶ୍ୱାସ ପ୍ରଶ୍ୱାସ ଏତେ କ୍ଷୀଣ ଥାଏ ଯେ, କ୍ଲିନିକାଲ ଡେଥ୍ ପୂର୍ବରୁ ବି ଆମେ ତାକୁ ମୃତ ଘୋଷଣା କରିଦେଉ। ଜଣେ ଡାକ୍ତର କେବଳ ଏ ସ୍ଥିତିରେ ରୋଗୀର ମୃତ୍ୟୁକୁ ନିଶ୍ଚିତ କରିପାରନ୍ତି। ତଥାପି ଏଥିରେ ମଧ୍ୟ ସାମୟିକ ବ୍ୟତିକ୍ରମ ଦେଖାଯାଏ। ଡାକ୍ତରଙ୍କ ଦ୍ୱାରା ମୃତ ଘୋଷିତ ବ୍ୟକ୍ତି ମଧ୍ୟ ଜୀବନ ଫେରି ପାଇଥିବାର ଚାଞ୍ଚଲ୍ୟକର ଖବର ବେଳେ ବେଳେ ଗଣମାଧ୍ୟମରେ ପ୍ରସାରିତ ହୁଏ।

ନ୍ୟୁୟର୍କ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଡାକ୍ତରଙ୍କ ଦ୍ୱାରା ମୃତ ଘୋଷିତ ଓ ପରେ ଜୀବନ୍ତ ହୋଇଥିବା ଜଣେ ବ୍ୟକ୍ତି ଉପରେ ଗବେଷଣା କରିଥିଲେ। ବ୍ୟକ୍ତି ଜଣକ ପରେ କହିଛନ୍ତି ଯେ, ତାଙ୍କୁ ଡାକ୍ତର ଓ ନର୍ସମାନେ ଜୀବିତ ରଖିବାକୁ ଚେଷ୍ଟା କରୁଥିବା ସମୟରେ ସେ ଉକ୍ତ କୋଠରିର ଏକ କୋଣରେ ବସି ଏହା ଦେଖୁଥିଲେ ଓ ପରେ ଯେତେବେଳେ ସେ ସୁସ୍ଥ ହେଲେ ସେତେବେଳେ ଡାକ୍ତର ଓ ନର୍ସଙ୍କ କଥୋପକଥନକୁ ନିର୍ଭୁଲ ଭାବେ କହିପାରିଲେ। କେବଳ ଆମେରିକା ନୁହେଁ ବ୍ରିଟେନ ଓ ଅଷ୍ଟ୍ରେଲିଆରେ ଏ ପ୍ରକାର ୨୦୬୦ ଜଣ ରୋଗୀଙ୍କ ଉପରେ ଏହା ପରୀକ୍ଷା କରାଯାଇଥିଲା। ଯଦିଓ ଡାକ୍ତରମାନେ ସିଧାସଳଖ ପୁନର୍ଜୀବନକୁ ସ୍ୱୀକାର କରି ନାହାନ୍ତି, ତଥାପି ସମ୍ପୂର୍ଣ୍ଣ ଅସ୍ୱୀକାର ମଧ୍ୟ କରିନାହାନ୍ତି। ପୃଥିବୀର ବିଭିନ୍ନ ଧର୍ମଶାସ୍ତ୍ରରେ ପ୍ରଦତ୍ତ 'ପୁନର୍ଜନ୍ମ ଓ ମୃତ୍ୟୁ ପରେ ଆତ୍ମା' ପ୍ରକରଣକୁ ବୈଜ୍ଞାନିକ ମୋହର ଲାଗିବାକୁ ବୋଧହୁଏ ଆଉ ବେଶି ବିଳମ୍ବ ହେବ ନାହିଁ।

ଏଠାରେ ଦୁଇଟି ଘଟଣାର ଅବତାରଣା କରାଯାଉଛି, ଯାହା ଖାଲି ଆଶ୍ଚର୍ଯ୍ୟଜନକ ନୁହେଁ ବରଂ ମୃତ୍ୟୁ ପରବର୍ତ୍ତୀ ଜୀବନକୁ ଅସ୍ୱୀକାର କରୁଥିବା ବ୍ୟକ୍ତିମାନଙ୍କ ନିମିତ୍ତ ପରୀକ୍ଷାର ଏକ ସୁଯୋଗ। ଘଟଣା ଦୁଇଟି ଆମ ଦେଶର ନ ହେଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ସତ୍ୟତା ଉପରେ ଆଧାରିତ। ଏକ ଜାତୀୟ ଦୈନିକ ଖବରକାଗଜର ତଥ୍ୟ ଅନୁଯାୟୀ ଇଂଲଣ୍ଡର ଦମ୍ପତି ହ୍ୟାରି ଓ ନିଏରା ସମୁଦ୍ର ସନ୍ତରଣ ସମୟରେ ଅନ୍ତଃସ୍ରୋତ ଯୋଗୁ ଜଳରେ ବୁଡି ପ୍ରାଣ ହରାଇଥିଲେ। ଉଦ୍ଧାରକାରୀ ଦଳଙ୍କ ଉଦ୍ୟମ ଯୋଗୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା ସିନା କିନ୍ତୁ ଡାକ୍ତରୀ ଦଳ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଘୋଷିତ ହେବାର ୯ ଘଣ୍ଟା ପରେ ସେ ଦୁହେଁ ଏକ ସମୟରେ ପୁନର୍ଜୀବନ ଲାଭ କରିଥିଲେ। ଗଭୀର ନିଦ୍ରାରୁ ଉଠିଲା ପରି ଅନୁଭବ କରି ସେମାନେ କହିଥିଲେ ଯେ, ସେ ଦୁହେଁ ଏପରି ଏକ ରାଇଜକୁ ଚାଲିଯାଇଥିଲେ, ଯେଉଁଠାରେ କେହି କାହାର ଶତ୍ରୁ ବା ମିତ୍ର ନୁହନ୍ତି। ସେ ସ୍ଥାନ ସୁଖଦୁଃଖରହିତ ଚିର ବସନ୍ତର ସ୍ଥାନ ବୋଲି ପ୍ରତୀୟମାନ ହେଉଥିଲା। ସେମାନେ ସେଠାରେ ବିଚରଣ କରୁଥିବା ସମୟରେ ଜଣେ ବ୍ୟକ୍ତି ତାଙ୍କୁ ଏକ ନିର୍ଦ୍ଦିଷ୍ଟ ରାସ୍ତାରେ ଯିବାପାଇଁ ନିର୍ଦ୍ଦେଶ ଦେଲେ। ସେମାନେ ସେହି ରାସ୍ତାରେ କିଛିବାଟ ଗଲା ପରେ ହଠାତ୍ ଏକ ଉଜ୍ଜ୍ୱଳ ରଶ୍ମି ତାଙ୍କ ମୁଖମଣ୍ଡଳରେ ପଡିଲା ଓ ସେମାନେ ଆଖିବୁଜି ପକାଇଲେ। ସେହି ମୁହୂର୍ତ୍ତରେ ଡାକ୍ତର ସେ ଦୁହିଁଙ୍କୁ ଜୀବିତ ଘୋଷଣା କଲେ। ସେହିପରି ନେଦରଲାଣ୍ଡର ୭୨ ବର୍ଷୀୟା ସେନିକ୍ସ। ତିନିବର୍ଷ ତଳେ ଏକ ଦୁର୍ଘଟଣା ପରେ ଚିକିତ୍ସିତ ଅବସ୍ଥାରେ ଡାକ୍ତରଙ୍କ ଦ୍ୱାରା ମୃତ ଘୋଷିତ ହୋଇଥିଲେ। କିନ୍ତୁ ଦୁଇଘଣ୍ଟା ପରେ ତାଙ୍କ ଶବ ବ୍ୟବଚ୍ଛେଦ ସମୟରେ ସେ ଚିତ୍କାର କଲେ। ନିଦରୁ ଉଠିଲା ପରି ସେ ପ୍ରଳାପ କରିଥିଲେ- ହେ ଈଶ୍ୱର ମୁଁ ବଞ୍ଚିଗଲି। ତୁମକୁ ଅଶେଷ ଧନ୍ୟବାଦ। ସେ କହିଲେ ପୂର୍ବରୁ ମୃତ୍ୟୁବରଣ କରିଥିବା ତାଙ୍କ ସମ୍ପର୍କୀୟମାନେ ତାଙ୍କୁ ଏକ ଉଜ୍ଜ୍ୱଳ ସ୍ଥାନକୁ ନେଇଗଲେ, ଯେଉଁଠାରେ ଜଣେ ସୌମ୍ୟକାନ୍ତ ବ୍ୟକ୍ତି ସିଂହାସନ ସଦୃଶ ଏକ ଉଚ୍ଚ ଆସନରେ ବସିଥିଲେ। ସେ ତାଙ୍କୁ ଦେଖି କହିଲେ- ଆରେ ଏହାକୁ କାହିଁକି ଆଣିଲ ? ତାଙ୍କର ତ ସମୟ ହୋଇନାହିଁ। ତା' ପରେ ସେଠାରୁ ତାଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନିଆଗଲା ଓ ଏହି ଘଟଣା ପରେ ସେ ନିଜକୁ ବ୍ୟବଚ୍ଛେଦ ଗୃହରେ ଆବିଷ୍କାର କଲେ। ବିଶେଷଜ୍ଞଙ୍କ ମତରେ ମହିଳା ଜଣକ ସାମାନ୍ୟ ମିଥ୍ୟା କହିନାହାନ୍ତି।

ଏ ସମସ୍ତ ଘଟଣା ଉପସ୍ଥାପନା ଅନ୍ତରାଳରେ ଯେଉଁ କଥାଟି ସୁସ୍ପଷ୍ଟ ତାହା ହେଉଛି ମୃତ୍ୟୁ ପରେ ଆତ୍ମାର ସ୍ଥିତି ଓ ପୁନର୍ଜନ୍ମର ସତ୍ୟତା। ସବୁ ଧର୍ମରେ ପୁନର୍ଜନ୍ମ କଥା ଅଛି। କିନ୍ତୁ ଖ୍ରୀଷ୍ଟିଆନ ଓ ମୁସଲମାନମାନେ ତାହା ବିଶ୍ୱାସ କରନ୍ତି ନାହିଁ। ବାଇବେଲରେ ଭଗବାନ ଯିଶୁ ତାଙ୍କ ନିକଟରେ ବସିଥିବା ଜନ୍ ନାମକ ବାଳକକୁ ଲକ୍ଷ୍ୟକରି ତାଙ୍କ ଅନୁଚରମାନଙ୍କୁ କହିଲେ ଏ ଜନ୍ ପୂର୍ବଜନ୍ମରେ ଏଲିଜା ଥିଲା। ଏଲିଜାଙ୍କ ଆତ୍ମୀୟସ୍ୱଜନଙ୍କ ସମ୍ପର୍କରେ ଜନ୍ ନିର୍ଭୁଲ ତଥ୍ୟ ପରିବେଷଣ କରିଥିଲେ। ଦିବ୍ୟ କୁର୍‌ଆନ ପୁସ୍ତକର ୧୦୮ ସୂକ୍ତ ସୂରା ଅଲକୌଶର କହେ, କୌଶର ଅର୍ଥ ଇହଲୋକ ଓ ପରଲୋକରେ ଅଗଣିତ କଲ୍ୟାଣ ସାଧନ ଜଣେ ମୁସଲମାନର କରଣୀୟ। ଏହା ମୃତ୍ୟୁ ପରବର୍ତ୍ତୀ ସ୍ଥିତିକୁ ସୂଚାଉଛି। ହିନ୍ଦୁ, ବୌଦ୍ଧ ଓ ଜୈନଧର୍ମ ପୁନର୍ଜନ୍ମର ସଦା ଉଦ୍‌ଘୋଷକ। ବେଦ, ବେଦାନ୍ତ, ଉପନିଷଦ, ଗୀତା, ଭାଗବତ ଓ ପୁରାଣମାନଙ୍କରେ ଜନ୍ମାନ୍ତରର ବିସ୍ତୃତ ଆଲୋଚନା କରାଯାଇଛି। ମନୁ ସଂହିତା କହେ- ବ୍ୟକ୍ତି ସାତ୍ତ୍ୱିକ, ରାଜସିକ କିମ୍ବା ତାମସିକ ଭାବେ କର୍ମାଚରଣ କରିଥାଏ। ଇହଲୋକରେ ସେ ଯେଉଁ କର୍ମ କରେ ପରଲୋକରେ ତଦନୁଯାୟୀ ଶରୀର ଲାଭକରି ଫଳ ଭୋଗ କରେ।

ଯଦି ପୁନର୍ଜନ୍ମକୁ ସତ୍ୟ ବୋଲି ଗ୍ରହଣ କରାଯାଏ, ତେବେ ଏ ଜନ୍ମରେ ସତ୍‌କର୍ମ କଲେ ପରଜନ୍ମ ସୁଖଶାନ୍ତିମୟ ହୋଇଥାଏ। ଅନେକ ସମୟରେ ଦେଖାଯାଏ ଯେ ଏ ଜନ୍ମରେ ଉଚ୍ଚାସନ ପାଇ ମଧ୍ୟ ବ୍ୟକ୍ତି ଅନ୍ୟାୟ, ଅଧର୍ମ ଓ ପରହିଂସାରେ ଲିପ୍ତ ରହି ଜାଗତିକ ସୁଖସମ୍ଭୋଗକୁ ଆଦରି ନିଏ। ପରପୀଡ଼ନ ତାକୁ ଅସୀମ ଆନନ୍ଦ ଦିଏ। ମନେରଖିବାକୁ ହେବ ଯେ ପରଜନ୍ମରେ ସେ ଅଶେଷ ଦୁଃଖକଷ୍ଟ ଭୋଗ କରିବ। ତେଣୁ ଭାଗବତ କହେ- "କର୍ମ ହିଁ ସୁଖଦୁଃଖ ଦାତା, ବିଶ୍ୱ ସଂସାରେ ବଳବନ୍ତା।"

ପୂର୍ବଜନ୍ମ ବା ପରଜନ୍ମକୁ ବିଶ୍ୱାସ କରିବା କିମ୍ବା ନ କରିବା ଆମର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର। କିନ୍ତୁ ପ୍ରାପ୍ତ ହୋଇଥିବା ଜୀବନକୁ ଅକାରଣରେ ଯିବାକୁ ନ ଦେଇ ସତ୍‌କର୍ମ ଓ ସତ୍‌ସଙ୍ଗରେ ଲିପ୍ତ ରହି ଜୀବନକୁ ଅନ୍ୟର ମଙ୍ଗଳ ପାଇଁ ବିନିଯୋଗ କଲେ ଜୀବନ ସାର୍ଥକ ହେବ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ଗୋପାଳଙ୍କ ଓଗାଳ



ଡ. ଭାଗ୍ୟଲିପି ମଲ୍ଲ

ଦୋଳପୁନେଇଁ ଆସିଲେ ମନେପଡ଼େ ଗାଁ ଦାଣ୍ଡ। ସଞ୍ଜ ଆକାଶରେ ଉଇଁ ଆସୁଥାଏ ଉକିଆ ଜହ୍ନ। ଜହ୍ନ ଉପରକୁ ଉଠେ। ପବନରେ ଭାସି ଆସେ କୃଷ୍ଣ-ସଂଗୀତ। "ଫଗୁଣ ମାସରେ ଦୋଳଗୋବିନ୍ଦ, ଫଗୁ ଖେଳୁଥା'ନ୍ତି ପରମାନନ୍ଦ। ଫଗୁ ଗୁଣ୍ଡିରେ ଝିମିରି ମିଶାଇ, ଫଗୁ ଖେଳୁଥା'ନ୍ତି ଯଦୁ ଗୋସାଇଁ, ମୋ' କାହ୍ନାରେ।"

ଗୀତର ସୁର, ଘୁଙ୍ଗୁର ଓ ଲଉଡ଼ିର ଏକତାନିକ ନାଦ। ତା' ସହିତ ମଝିରେ ମଝିରେ ଶିଙ୍ଗାର ଗୁରୁ ଗମ୍ଭୀର ନିନାଦ। ଭାବାଚ୍ଛନ୍ନ ପରିମଣ୍ଡଳ। ଭୁଆସୁଣୀମାନେ ଘର ଭିତରୁ ବାହାରି ଆସନ୍ତି ପଦାକୁ। ସମ୍ମୋହନର ଆହ୍ୱାନକୁ କିଏ କ'ଣ ଆଟକ କରିପାରେ! ନାଚର ନାଁ ଲଉଡ଼ି। ଗୋପାଳଙ୍କ ଓଗାଳ। ବିଳମ୍ବିତ ରାତ୍ରିରେ ବିମାନରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିର ଗାଁ ବୁଲା। ଦୋଳ ମଣ୍ଡପରେ ଝୁଲଣ। ଘଣ୍ଟା, ଘଣ୍ଟ, ଭୋଗ ଓ ମହୁରିର ମଙ୍ଗଳ ନାଦ। ଦଶମୀରୁ ପୂର୍ଣ୍ଣିମା, ପଞ୍ଚୁଦୋଳ।

କିଏ ସେହି ସମ୍ମୋହନର ଉତ୍ସ ? ସେମାନେ ବୟସନିର୍ବିଶେଷରେ ଦଳେ ଭାବ-ସମାହିତ ମଣିଷ। ଅଣ୍ଟାରେ ହଳଦିଆ, ଧଳା ଅଥବା ନୀଳ ରଙ୍ଗର ବେହରଣ। ଗାମୁଛା। ଗଳାରେ ସଜଫୁଲର ମାଳ। କପାଳରେ ଟୋପିଟୋପି ଚନ୍ଦନର ରେଖା ଓ ସିନ୍ଦୂର ବିନ୍ଦୁ। ମୁଣ୍ଡରେ ଗାମୁଛା। ପାଦରେ ଘୁଙ୍ଗୁର। ଦୁଇହାତରେ ଦୁଇଖଣ୍ଡ ଲଉଡ଼ି ବା ବାଡ଼ି। ବାଡ଼ିଦୁଇଟି କେତେବେଳେ ନିଜ ନିଜ ସହିତ ତ କେତେବେଳେ ଅନ୍ୟ କାହା ବାଡ଼ି ସହିତ ଝଗଡୁଥା'ନ୍ତି। ପାଦ ଓ ବାଡ଼ିର ଗତି କେତେବେଳେ ବିଳମ୍ବିତ, ମଧ୍ୟମ ତ କେତେବେଳେ ଦ୍ରୁତ। ଗତିରେ ପୁଣି କେତେ ଛଇ। ବୃତ୍ତାକାର, ଅର୍ଦ୍ଧବୃତ୍ତାକାର, ସର୍ପିଳ। ଲଉଡ଼ିଗୁଡ଼ିକ ବେଳେ ବେଳେ ଏତେ ଚଞ୍ଚଳ ଯେ, ଆଖିରେ ଧରି ହୁଏନି ସେମାନଙ୍କର ରୂପ, କାନରେ ବାରି ହେଉନି ନାଦ। ସତେଯେପରି ସମୁଦ୍ରର ଲହଡ଼ି। କେବଳ ସୁଉଉଉଉ। ଦର୍ଶକମାନେ ଚକିତ ଓ ଆତଙ୍କିତ ; ମାତ୍ର ଆଶ୍ଚର୍ଯ୍ୟ, ସେମାନଙ୍କର ପାଦ ଓ ଲଉଡ଼ିଗୁଡ଼ିକର ଗତି ଏତେ ପ୍ରଖର ଯେ ଗୀତ, ସୁର ଓ ତାଳ ଧାପେ ବି ଆହତ ହୁଏନି। ଗୋଟିଏ ଦେହରେ, ସମକାଳରେ ଏତେ ଉନ୍ମାଦନା ଓ ଶୃଙ୍ଖଳା କ'ଣ ସମ୍ଭବ? ହଁ... ଅସମ୍ଭବ କାହିଁକି ହେବ? ଏହା ସାଧନା ଓ ସହୃଦୟତାର କଥା। ଭାବ-ପ୍ରମତ୍ତତାର କଥା। ଛଳନା ବା ପ୍ରବଞ୍ଚନା ନୁହେଁ, ଜୀବନ ଗୀତି।

ଗୀତରେ, ନାଚରେ ସେମାନେ ବି କଥା କହୁଥାନ୍ତି? ଦେଉଥାନ୍ତି- ନିଜର ପରିଚୟ। ଜାତିରେ ଯାଦବ, ଗୋପାଳ। ଗୋପାଳ ଅର୍ଥ ଗୋ-ପାଳକ। 'ଗୋ'ର ବହୁ ଅର୍ଥ। ପ୍ରକୃତି, ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ, ଜୀବନ, ଭାବ ଓ ଗାଭୀ। ଯାସ୍କଙ୍କ ନିରୁକ୍ତରେ 'ଗୋ'ର ବତିଶ ଗୋଟି ଅର୍ଥ ରହିଛି। ଜୀବନମାନଙ୍କର ପାଳକ କିଏ ହୋଇପାରେ ? ସେ ପରମ ପୁରୁଷ-କୃଷ୍ଣ ଏବଂ ପ୍ରକୃତି-ସ୍ୱରୂପିଣୀ ଶ୍ରୀରାଧାଙ୍କର ଯୁଗଳସତ୍ତା। ତେଣୁ ସେମାନେ 'ଗୋ' ପାଳକ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାମାନେ ଶ୍ରୀରାଧାଙ୍କ ଚେତନା-ସମ୍ଭୂତ। ତେଣୁ ବ୍ରହ୍ମଅଂଶୀ। ବଂଶ କଥା ଭିତରେ ସେମାନେ ଆଉ ବନ୍ଦୀ ହୋଇ ରୁହନ୍ତିନାହିଁ। ଆଦିପୁରୁଷ ଓ ଆଦିନାରୀଙ୍କ ଅଧ୍ୟାତ୍ମପ୍ରୀତିର ଗାଥା ବଖାଣନ୍ତି। ସେଇ ଅଧ୍ୟାତ୍ମ-ଅମୂର୍ତ୍ତି ଏବେ ପ୍ରପଞ୍ଚରେ ମୂର୍ତ୍ତିମାନ। ସେମାନଙ୍କ ଲୀଳା ବା ଆଚରଣକୁ ବିଶ୍ୱାସ କରିହୁଏନି, ବୁଝିହୁଏନି। ସବୁକିଛି ଯେପରି ରହସ୍ୟମୟ। ରହସ୍ୟରୁ ଆବରଣ ଖୋଲି ଦେବାକୁ ପଡ଼ିବ। ଖୋଲିଦେଇ ନ ପାରିଲେ ଦର୍ଶନ ଅବୋଧ ରହିଯିବ। ସାମାଜିକମାନଙ୍କ ସହିତ ଆଉ ସୂତ୍ରାୟିତ ହୋଇ ପାରିବନାହିଁ। ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟସ୍ଥ ସୀମାରେଖା ଲିଭିଯିବ ନାହିଁ। ତେଣୁ ସେମାନେ ଗୀତରେ ପୁରୁଷ ଓ ପ୍ରକୃତିଙ୍କ ମାନବଲୀଳାର କଥା କହୁଥାନ୍ତି। ମାନବ ଲୀଳାର ସଂଖ୍ୟା ଷୋଳ- ବସ୍ତ୍ରହରଣ, କାଳୀୟଦଳନ, ଇନ୍ଦ୍ରବିବାଦ, ଗରୁଡ଼-ହନୁ କଳହ, ସର୍ପାଭିସାର, ବଂଶୀଚୋରି ଇତ୍ୟାଦି। ତତ୍ତ୍ୱାଭିନୟ ସଂଖ୍ୟା ନଅ- ଶିଙ୍ଗାବେଣୁ ରହସ୍ୟ, ଗାୟତ୍ରୀତତ୍ତ୍ୱ, ଚିତାତତ୍ତ୍ୱ, ଗୁହାଳତତ୍ତ୍ୱ ଇତ୍ୟାଦି। ଦୈନନ୍ଦିନ ଜୀବନ ଚର୍ଯ୍ୟାର କାହାଣୀ- ଗାଇଚରା, ଦୁଧଦୁହାଁ, ଦୁଧବିକା, ଦଧିବିକା, ହୁଁ ହୁଁ ଶବ୍ଦ ଇତ୍ୟାଦି। ସବୁ କିଛି ଗୋପର କଥା। କାରଣ ଗୋପରେ ପ୍ରେମ ଅଛି, ସମର୍ପଣ ଅଛି। ରାଧାକୃଷ୍ଣଙ୍କର ତିନୋଟି ଲୀଳା- ଗୋପଲୀଳା, ମଥୁରାଲୀଳା ଓ ଦ୍ୱାରିକାଲୀଳା।

ପୁରୁଷ ଓ ପ୍ରକୃତିଙ୍କ ଲୀଳା ଗୋପରେ ପୂର୍ଣ୍ଣତମ। ମଥୁରାର କୃଷ୍ଣ ପୂର୍ଣ୍ଣତର, ଦ୍ୱାରକାର କୃଷ୍ଣ ପୂର୍ଣ୍ଣ। ଐଶ୍ୱର୍ଯ୍ୟର ଅଧିକାରୀ। ଐଶ୍ୱର୍ଯ୍ୟବନ୍ତ ବ୍ୟକ୍ତିତ୍ୱ ପୂର୍ଣ୍ଣତମ ହୋଇପାରିବେ ନାହିଁ। ତାହା ଅହଂକାରର ପ୍ରତୀକ। ଗୋପର କୃଷ୍ଣ ମଧୁର ଭାବର ପ୍ରତୀକ। ତେଣୁ ସେ ପୂର୍ଣ୍ଣତମ। ମଥୁରାର କୃଷ୍ଣ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ସମନ୍ୱୟ। ଗୋପାଳଙ୍କ ଓଗାଳ ଗୀତ ଓ କଥା ସ୍ପଷ୍ଟ କରିଦିଏ ଯେ ଆମ ପାଇଁ କଂସନିସୂଦନ ଅଥବା ରୁକ୍ମିଣୀକାନ୍ତ କୃଷ୍ଣଙ୍କର ଆବଶ୍ୟକତା ନାହିଁ। ଆମର ପ୍ରିୟତମ ରାଧାଙ୍କ କୃଷ୍ଣ, ଗୋପାଙ୍ଗନାମାନଙ୍କର କୃଷ୍ଣ ଆବଶ୍ୟକ। ସେ ଅନ୍ୟତ୍ର ଦୁର୍ଲଭ। ଏହି କଥାଗୁଡ଼ିକର ନାଁ ଓଗାଳ।

ଓଗାଳ ଗୀତର ରଚୟିତା ମହାପୁରୁଷ ଅଚ୍ୟୁତାନନ୍ଦ। ଗୋରୁମାନଙ୍କ ସହିତ ବିଚରଣ କାଳରେ ନୃତ୍ୟଗୀତରେ ଗୋପାଳମାନେ ଜୀବନର ଅବସାଦକୁ ପାସୋରୁ ଥିଲେ। ଆତ୍ମରକ୍ଷା ପାଇଁ ଲଉଡ଼ି ଥିଲା ସେମାନଙ୍କର ପ୍ରଧାନ ଅସ୍ତ୍ର। ଦୁଇଖଣ୍ଡ ବାଡ଼ି ତାଳବାଦ୍ୟ ଓ ଅସ୍ତ୍ର- ଉଭୟର ଆବଶ୍ୟକତା ପୂରଣ କରୁଥିଲା।

ଆମ ଗୋପାଳଙ୍କ ଓଗାଳ ଠିକ୍ ଏଇସବୁ କଥା କହେ, ପ୍ରତୀକାତ୍ମକ ଭାବରେ। ରାଧାକୃଷ୍ଣଙ୍କ ବ୍ୟକ୍ତିତ୍ୱର ରହସ୍ୟମୟତା, ତ୍ୟାଗ ଓ ବୀରତ୍ୱ- ସକଳ ଭାବର ପ୍ରତିଷ୍ଠା କରେ। ଶାସ୍ତ୍ରର କଥା କୁହେ। ମାତ୍ର କୁହେ, ଏକ ଅଲଗା ଠାଣିରେ। ନାଚ, ଗୀତ, ବାଜାରେ। ଚମତ୍କୃତ, ସମ୍ମୋହିତ କରେ ସକଳଙ୍କୁ। ଦୋଳବିମାନରେ ଦୋଳଗୋବିନ୍ଦଙ୍କୁ ଯିଏ ଗାଁ ଦାଣ୍ଡରେ ଥରେ ଦେଖିଛି, ଲଉଡ଼ିଖେଳର ତାନ ଯାହା କାନରେ ଥରେ ବାଜିଛି, ଗୋପାଳମାନଙ୍କର ଏକତାନିକ ଛନ୍ଦକୁ ଦେଖି ଯିଏ ବିଭୋର ହୋଇଛି ଦୋଳ ଆସିଲେ ଏସବୁ ଭୁଲିବ କେମିତି?

ମାତ୍ର ଆଜି କାହିଁ ସେ ଗାଁ ଦାଣ୍ଡର ମାଦକତା ? କାହିଁ ଏବେ ସେ ସମ୍ମୋହନ? ଦୋଳ ଆସିଲେ ମନେ ପଡ଼େ ଆମ ଗାଁ ଦାଣ୍ଡର ସେଇ ଲଉଡ଼ି ଖେଳ।

ମୋ-୯୪୩୯୨୮୧୫୬୧

## ଏଇ ଭାରତରେ

ଦେଶର ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ବେଳେବେଳେ ଉତ୍ତେଜନା ସୃଷ୍ଟିହୁଏ। ଏଥିପାଇଁ ଧନସମ୍ପଦ କ୍ଷୟ ହେବା ସହିତ ଜୀବନ ହାନି ମଧ୍ୟ ଘଟିଥାଏ। କିନ୍ତୁ ଜୀବନ ମରଣ ସମସ୍ୟାରେ ପଡ଼ିବା ପରେ ଦୁଇ ସମ୍ପ୍ରଦାୟର ବ୍ୟକ୍ତିଙ୍କ ମନରେ ସୃଷ୍ଟି ହୋଇଛି ମାନବିକତା। ଏଭଳି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଦୁଇଜଣ ମହିଳା। ନିଜ ନିଜ ସ୍ୱାମୀଙ୍କ ଜୀବନ ବଞ୍ଚାଇବାକୁ ଯାଇ ଦୁହେଁ କିଡ୍‌ନୀ ଅଦଳବଦଳ କରିଛନ୍ତି। ମହାରାଷ୍ଟ୍ରର ଠାଣେରେ ବାସ କରୁଥିବା ନଦିମ୍ ଏବଂ ବିହାର ବାସିନ୍ଦା ରାମସ୍ୱାର୍ଥ ଯାଦବଙ୍କ କିଡ୍‌ନୀ ଖରାପ ହୋଇଯାଇଥିଲା। ମୁମ୍ବାଇର ସୈଫି ହସ୍ପିଟାଲ୍‌ରେ ଉଭୟେ ଚିକିତ୍ସାଧୀନ ଥିଲେ। ସେମାନଙ୍କୁ କିଡ୍‌ନୀ ପ୍ରତିରୋପଣ ପାଇଁ ପରାମର୍ଶ ଦିଆଯାଇଥିଲା। ନଦିମ୍‌ଙ୍କ ସ୍ତ୍ରୀ ନଜରିନ୍ ଏବଂ ରାମସ୍ୱାର୍ଥଙ୍କ ସ୍ତ୍ରୀ ସତ୍ୟାଦେବୀ କିଡ୍‌ନୀ ଦେବାକୁ ରାଜି ହୋଇଥିଲେ। ତେବେ ଉଭୟ ଦମ୍ପତିଙ୍କ ବ୍ଲଡ୍ ଗ୍ରୁପ୍ ମେଳ ନ ଖାଇବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଉଭୟ ମହିଳା କିଡ୍‌ନୀ ଅଦଳବଦଳ କରିବାକୁ ରାଜି ହୋଇଥିଲେ। ଏହାପରେ ନଜରିନ୍‌ଙ୍କ କିଡ୍‌ନୀ ରାମସ୍ୱାର୍ଥଙ୍କଠାରେ ଏବଂ ସତ୍ୟାଦେବୀଙ୍କ କିଡ୍‌ନୀ ନଦିମ୍‌ଙ୍କଠାରେ ପ୍ରତିରୋପଣ କରାଯାଇଥିଲା। ଏବେ ନଦିମ ଏବଂ ରାମସ୍ୱାର୍ଥ ସୁସ୍ଥ ଥିବାବେଳେ ଏହି ଘଟଣା ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି।

### ଚିରନ୍ତନୀ

ଅଗଣନ ଜୀବ ତହିଁ
ଅସଂଖ୍ୟ ବନ୍ଧନ ଲଭେ
ରେଣୁ ସମ ହୁଏ ଉଦେ ଲୀନ,
ଦୁଃଖ ସମ ଶତଧା ବିଦୀର୍ଣ୍ଣ।
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୯ ମାର୍ଚ୍ଚ ୧୯୯୪

- ଜାତିସଂଘର ସର୍ତ୍ତ ପାଳନ କରି ଇରାକ ନିଜର ପରମାଣୁ ଅସ୍ତ୍ରକୁ ନଷ୍ଟ କରିଥିବାରୁ ତାହା ଉପରୁ ବାସନ୍ଦ ବ୍ୟବସ୍ଥାର ପ୍ରତ୍ୟାହାର ପ୍ରସ୍ତାବକୁ ଫ୍ରାନ୍ସ, ରୁଷିଆ ଏବଂ ଚାଇନା ସମର୍ଥନ ଜଣାଇଥିବା ବେଳେ ଆମେରିକା ଏବଂ ବ୍ରିଟେନର ବିରୋଧ।
- ଜମ୍ମୁ-କଶ୍ମୀର ବିଧାନସଭାର ପୂର୍ବତନ ବାଚସ୍ପତି ୱାଲି ଅହମ୍ମଦ ଇଟୁଙ୍କୁ କେତେକ ଉଗ୍ରପନ୍ଥୀ ଗୁଳିକରି ହତ୍ୟା କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଶାସନରେ ଅନୁଶାସନ

ମହାଶୟ,

ଅରୁଣ କୁମାର ପଣ୍ଡାଙ୍କ 'ଶାସନରେ ଅନୁଶାସନ' ପ୍ରବନ୍ଧଟି ପାଠ କଲି। ବାସ୍ତବିକ ଆଜିର ରାଜନୀତିରେ ରାଜ୍ ଚାଲିଛି। କିନ୍ତୁ ନୀତି ବୋଲି କିଛି ନାହିଁ। ନୀତି ଥିଲେ ବେବିନା, ଇତିଶ୍ରୀ ଏବଂ କୁନ୍ଦୁଲିର ସସ୍ମିତା ଭଳି ଝିଅମାନଙ୍କୁ ନିଶ୍ଚୟ ନ୍ୟାୟ ମିଳିଥାନ୍ତା। ସମସ୍ତ ଚିଟ୍‌ଫଣ୍ଡ ଜମାକାରୀ ସେମାନଙ୍କ ଅର୍ଥ ଫେରିପାଇଥାନ୍ତେ ଏବଂ ସେ ଅର୍ଥକୁ ଲୁଣ୍ଠନ କରିଥିବା ବ୍ୟକ୍ତିବିଶେଷ ଉପଯୁକ୍ତ ଦଣ୍ଡ ବି ଭୋଗିଥାନ୍ତେ। ସରକାର ଚାଷୀଙ୍କ ଦୁଃଖ ବୁଝୁଥିଲେ ସେ କୀଟନାଶକ ପିଇ ଆତ୍ମହତ୍ୟା କରୁ ନ ଥାନ୍ତା। ଜଳସେଚନର ବ୍ୟବସ୍ଥା ହେଉନାହିଁ, ଠିକ୍ ସମୟରେ ବିହନ, କୀଟନାଶକ ଓ ସାର ଯୋଗାଇ ଦିଆଯାଉନାହିଁ। ମଣ୍ଡି ତଥା ବଜାରର ବ୍ୟବସ୍ଥା ଠିକ୍‌ଭାବେ ହେଉନାହିଁ। ଖାଦ୍ୟକୁ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନିର୍ମାଣ କରାଯାଉନାହିଁ। ଟଙ୍କିକିଆ ଚାଉଳ ଏବଂ ପାଞ୍ଚଟଙ୍କିଆ ଆହାର ଲୋକଙ୍କୁ କର୍ମକୁଣ୍ଠ କରିଦେଉଛି। ବିନା ଲାଞ୍ଚରେ କୌଣସି ଦପ୍ତରରେ କାମ ହେଉନାହିଁ। ତେଣୁ ଶାସନ କେମିତି ଚାଲିଛି, ଏଥିରୁ ସହଜରେ ଅନୁମେୟ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଗୃହିଣୀଙ୍କ ଘରୋଇ କାର୍ଯ୍ୟର ମୂଲ୍ୟାୟନ

ଧରିତ୍ରୀ (୨୪।୨)ରେ ପ୍ରକାଶିତ ପ୍ରକାଶ ତ୍ରିପାଠୀଙ୍କ ଗୃହିଣୀଙ୍କ ରୋଜଗାର ସମ୍ବନ୍ଧୀୟ ନିବନ୍ଧଟି ବେଶ୍ ଗୁରୁତ୍ୱ ବହନ କରେ। ବାସ୍ତବରେ ଭାରତୀୟ ସମାଜରେ ବିବାହିତା ମହିଳା ସକାଳୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ପରିବାରରେ ରୋଷେଇବାସରୁ ଆରମ୍ଭ କରି ସବୁ କାମ କରିବା ସହ ଯଥାସମୟରେ ପିଲାମାନଙ୍କୁ ସ୍କୁଲ, କଲେଜ ଓ ସ୍ୱାମୀଙ୍କୁ କର୍ମକ୍ଷେତ୍ରକୁ ପଠାଇବାରେ ଆଦୌ ହେଳା ନ କରି ନ ଥାନ୍ତି। ଘରେ ବୃଦ୍ଧ ଶାଶୁଶ୍ୱଶୁରଙ୍କ ସେବାରେ ବି ସର୍ବଦା ନିୟୋଜିତ ଥାଆନ୍ତି। ତାଙ୍କର ଏସବୁ କାର୍ଯ୍ୟର ମୂଲ୍ୟାୟନ କେହି କରି ନ ଥାନ୍ତି। ଏ ସମସ୍ତ କାର୍ଯ୍ୟ ପାଇଁ ସେ କୌଣସି ପ୍ରଶଂସା ଆଶା କରନ୍ତି ନାହିଁ। ତାଙ୍କର ପରିବାର ପ୍ରତି ତ୍ୟାଗ ଓ ସେବା ଅତୁଳନୀୟ। ତେଣୁ ଗୃହକର୍ତ୍ତା ସ୍ତ୍ରୀ ବେରୋଜଗାରିଆ ବୋଲି କହି ହୀନମନ୍ୟତା ପ୍ରକଟ କରିବା କି ମନସ୍ତାପ କରିବା ବିଜ୍ଞତାର ପରିଚାୟକ ନୁହେଁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନବୀନ ନିବାସରେ ଭିଡ଼



ବିଜେଡି ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ସୋମବାର ନବୀନ ନିବାସରେ ଆଶାୟୀ ଓ ନେତାମାନଙ୍କ ଭିଡ଼।

# ପ୍ରଫୁଲ୍ଲଙ୍କ ଉପରୁ ହଟିଲା ବହିଷ୍କାର ନିର୍ଦ୍ଦେଶ

**ଭୁବନେଶ୍ୱର,୧୮।୩ (ବ୍ୟୁରୋ)**

ସାଧାରଣ ନିର୍ବାଚନ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦଳର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଗୋଟିଏ ପଟେ ସର୍ବପ୍ରଥମେ ପ୍ରାର୍ଥୀ ତାଲିକା ଘୋଷଣା କରିଥିବାବେଳେ ଅନ୍ୟପଟେ ନବୀନ ପୁରୁଣା ନେତାଙ୍କୁ ଦଳକୁ ଫେରାଇ ଆଣିବାକୁ ଚେଷ୍ଟା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଇଙ୍ଗିତ କରିବା ଭଳି ମନ୍ତବ୍ୟ ରଖିଥିବା ଅଭିଯୋଗରେ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ଘଡାଇଙ୍କୁ ୨୦୧୪ ସେପ୍ଟେମ୍ବର ୨୦ରେ ଦଳରୁ ବହିଷ୍କାର କରାଯାଇଥିଲା। ତେବେ ସୋମବାର ପ୍ରଫୁଲ୍ଲଙ୍କ ଉପରୁ ବହିଷ୍କାର ନିର୍ଦ୍ଦେଶକୁ ମୁଖ୍ୟମନ୍ତ୍ରୀ ଉଠାଇ ଦେଇଥିବା ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ବହିଷ୍କାର ସମୟରେ ପ୍ରଫୁଲ୍ଲ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଆଚରଣ ପୂର୍ବକ ଦଳର ନେତୃତ୍ୱଙ୍କ ବିରୋଧରେ ପଦେବି ମନ୍ତବ୍ୟ ଦେଇ ନ ଥିଲେ। ଏହି କାରଣ ଯୋଗୁ ଦଳ ସଭାପତି ଏଭଳି ନିଷ୍ପତ୍ତି ନେଇଥିବା ଆଲୋଚନା ହେଉଛି। ୨୦୧୯ ପ୍ରାର୍ଥୀ ତାଲିକା ଘୋଷଣାର କିଛି ସମୟ ପରେ ପ୍ରଫୁଲ୍ଲଙ୍କ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯିବା ନେଇ ରାଜନୈତିକ ମହଲରେ ଭିନ୍ନ ଚର୍ଚ୍ଚା ସୃଷ୍ଟି କରିଛି। ଦଳକୁ ଉପକୂଳ ଓଡ଼ିଶାରେ ମଜଭୁତ କରିବା ପାଇଁ ନବୀନ ଏଭଳି ନିଷ୍ପତ୍ତି ନେଇଥିବା କେତେକ କହୁଛନ୍ତି।



ଅନ୍ୟପଟେ ଯାଜପୁର ନିର୍ବାଚନମଣ୍ଡଳୀରେ ଦଳର କିଛି କ୍ଷତି ହେଉଥିବା ଜଣାପଡ଼ିବା ପରେ ଦଳର ସୁପ୍ରିମୋ ଏଭଳି ଏକ ନିଷ୍ପତ୍ତି ନେଇଥିବା ମଧ ଚର୍ଚ୍ଚା ହେଉଛି। ସେହିକ୍ରମରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ସମୟରେ ଦୁଇ ଜଣ ରାଜ୍ୟ ସଭା ସଦସ୍ୟଙ୍କୁ ଦଳ ଟିକେଟ ଦେଇଛି। ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଏବଂ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳ ଲୋକ ସଭା ନିର୍ବାଚନ ଲଢ଼ିବାକୁ ଟିକେଟ ଦେଇଛି। ତେଣୁ ଏହି ଦୁଇ ନେତା ରାଜ୍ୟ ସଭାରୁ ଇସ୍ତଫା ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ଦୁଇଟି ସ୍ଥାନରୁ ପ୍ରଫୁଲ୍ଲଙ୍କୁ ରାଜ୍ୟ ସଭା ପଠାଯାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରକାଶ ଯେ, ପ୍ରଫୁଲ୍ଲଙ୍କ ପୁଅ ପ୍ରୀତିରଞ୍ଜନ ଘଡ଼ାଇ ୨୦୧୪ରେ ସୁକିନ୍ଦାରୁ ନିର୍ବାଚନ ଲଢ଼ି ବିଧାୟକ ଅଛନ୍ତି। ଅପରପକ୍ଷରେ ବହିଷ୍କାର ନିର୍ଦ୍ଦେଶ ପ୍ରତ୍ୟାହାର ପରେ ପ୍ରଫୁଲ୍ଲ କହିଛନ୍ତି, ଦଳରୁ ମତେ ଦୂରେଇ ଦିଆଯାଇଥିଲେ ମଧ ବିଜେଡି ପାଇଁ କାମ କରୁଥିଲି। ଆସନ୍ତା ନିର୍ବାଚନରେ ଲଢ଼ିବା ପାଇଁ ସେମିତି କିଛି ଅଭୀପ୍ସା ନାହିଁ। ଏବେ ବହିଷ୍କାର ପ୍ରତ୍ୟାହାର କରି ନିଆଯାଇଥିବାରୁ ଦଳର ସଭାପତିଙ୍କୁ ବହୁତ ବହୁତ ଧନ୍ୟବାଦ ବୋଲି ପ୍ରଫୁଲ୍ଲ କହିଛନ୍ତି।

# ହିଞ୍ଜିଳି, ବିଜେପୁର ବିଧାନସଭା ଆସନରୁ ଲଢ଼ିବେ ନବୀନ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

- ପଶ୍ଚିମ ଓଡ଼ିଶା ନେତାଙ୍କ ପ୍ରସ୍ତାବକୁ ସ୍ୱୀକାର
- ପ୍ରଥମ ଥର ୨ ଆସନରେ ଲଢ଼ିବେ
- ବିରୋଧୀ ପ୍ରାର୍ଥୀ ଉପରେ ରହିବ ନଜର

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା ହିଞ୍ଜିଳି ଏବଂ ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବେ। ବିଜେଡି ପକ୍ଷରୁ ସୋମବାର ଏହି ଘୋଷଣା ନିଜେ ମୁଖ୍ୟମନ୍ତ୍ରୀ କରିଛନ୍ତି। ରବିବାର ପଶ୍ଚିମ ଓଡ଼ିଶାର ନେତା ଏବଂ ବୁଦ୍ଧିଜୀବୀମାନେ ମୁଖ୍ୟମନ୍ତ୍ରୀଙ୍କୁ ପଶ୍ଚିମ ଓଡ଼ିଶାରେ ଲଢ଼ିବା ପାଇଁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଉଥିବା ମନ୍ତବ୍ୟ ଦେଇଥିଲେ। ତେବେ ପ୍ରାର୍ଥୀ ତାଲିକା ଘୋଷଣା ପରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଚର୍ଚ୍ଚା ହେଉଥିବା ବିଜେପୁର ବିଧାନସଭା ଆସନକୁ ହିଁ ମୁଖ୍ୟମନ୍ତ୍ରୀ ବାଛିଛନ୍ତି। ବିଜେଡି ସଭାପତିଙ୍କ ଏହି ପଦକ୍ଷେପ ପଶ୍ଚିମ ଓଡ଼ିଶାରେ ଦଳକୁ ଫାଇଦା ଦେବ ବୋଲି କୁହାଯାଉଛି। ହେଲେ ସେହି ଆସନରେ ବିଧାୟିକା ଥିବା ରୀତା ସାହୁଙ୍କ ରାଜନୈତିକ ଭବିଷ୍ୟତ କ'ଣ ହେବ, ସେ ନେଇ ଚର୍ଚ୍ଚା ଲାଗିରହିଛି।

ସେହିପରି ଯଦି ମୁଖ୍ୟମନ୍ତ୍ରୀ ଉଭୟ ଆସନରେ ବିଜୟ ଲାଭ କରନ୍ତି, ତେବେ କେଉଁ ଆସନକୁ ରଖି କେଉଁଟିକୁ ଛାଡ଼ିବେ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ ସମୟ ଆସୁ ଦେଖିବା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ବିଜେପୁର ପ୍ରାର୍ଥିତ୍ୱକୁ ରୀତା ମଧ ସ୍ୱାଗତ କରିଛନ୍ତି। ତାଙ୍କ ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଥିବାରୁ ସେ ଗର୍ବିତ ବୋଲି କହିଛନ୍ତି। ବିଜେଡିର ବରିଷ୍ଠ ନେତାମାନଙ୍କ କହିବାନୁଯାୟୀ, ପଶ୍ଚିମ ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ଦଳକୁ ଆଶାତୀତ ସଫଳତା ଦେବ। ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ସମ୍ମାନସଦୃଶ। ପୂର୍ବରୁ ୪ଥର ମୁଖ୍ୟମନ୍ତ୍ରୀ ରହିଥିଲେ ମଧ କେବେବି ସେ ଦୁଇଟି ଆସନରୁ ଲଢ଼ି ନ ଥିଲେ। ସେହିପରି ଗତବର୍ଷ ବିଜେପୁର ଉପନିର୍ବାଚନ ପ୍ରଚାର ସମୟରେ ସେଠାରେ ରାତ୍ରିଯାପନ ମଧ କରିଥିଲେ, ଯାହା ମୁଖ୍ୟମନ୍ତ୍ରୀଙ୍କ ନିକଟରେ କ୍ୱଚିତ ଦେଖାଯାଇଥାଏ। ଉପନିର୍ବାଚନ ପ୍ରଚାର ସମୟରେ ବିଜେପୁରକୁ ତାଙ୍କ ନିଜ ନିର୍ବାଚନମଣ୍ଡଳୀ ବୋଲି ଉଲ୍ଲେଖ କରିଥିଲେ। ଏପରି କି ବିଜେପୁରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭାବେ ଅଧିକାରୀସ୍ତରୀୟ ବୈଠକ ନିୟମିତ କରୁଥିଲେ। ବିଗତ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏତେଟା ଶକ୍ତିଶାଳୀ ପ୍ରାର୍ଥୀ କୌଣସି ଦଳ ପକ୍ଷରୁ ଦିଆଯାଇନାହିଁ। ପଶ୍ଚିମ ଓଡ଼ିଶାରେ ଭାଜପାର ସଙ୍ଗଠନ ଅପେକ୍ଷାକୃତ ଭଲ। କେନ୍ଦ୍ରରେ କ୍ଷମତାରେ ଥିବାରୁ ଭାଜପା ବିଜେପୁରରେ କାହାକୁ ପ୍ରାର୍ଥୀ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। କଂଗ୍ରେସ ମଧ ମୁଖ୍ୟମନ୍ତ୍ରୀ ଦୁଇଟି ଆସନରେ ଲଢ଼ିବାକୁ ସମାଲୋଚନା କରିଥିଲା। ହେଲେ ଗତ ଉପନିର୍ବାଚନରେ କଂଗ୍ରେସ ଶୋଚନୀୟ ଭାବେ ପରାସ୍ତ ହୋଇଥିଲା। ତେଣୁ କଂଗ୍ରେସ ମଧ କାହାକୁ ପ୍ରାର୍ଥୀ କରୁଛି, ତା ଉପରେ ରାଜନୈତିକ ସମୀକ୍ଷକମାନେ ନଜର ରଖିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଦୁଇଟି ଆସନରେ ଲଢ଼ିବାକୁ ବିଶ୍ଳେଷକମାନେ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି। କେତେଜଣ ବିଶ୍ଳେଷକ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶାରେ ଭାଜପା ଏବଂ କଂଗ୍ରେସର ଉପସ୍ଥିତି ବାରିହୁଏ। ଗତ ନିର୍ବାଚନରେ ପଶ୍ଚିମ ଓଡ଼ିଶାରୁ ହିଁ ଭାଜପା ଅଧିକାଂଶ ଆସନ ଜିତିଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଭୋଟ୍ ଭାଜପା ସପକ୍ଷରେ ଯାଇଥିଲା। ତେଣୁ କୌଣସି ପ୍ରକାରେ ଭାଜପା ସପକ୍ଷରେ ନିର୍ବାଚନୀ ହାୱା ସୃଷ୍ଟି ହେଉ, ତାହା ବିଜେଡି ଚାହେଁନାହିଁ। ସେହିପରି ବରଗଡ଼ ଏବଂ ଏହାର ଆଖପାଖ ଅଞ୍ଚଳ ଚାଷ ପାଇଁ ପ୍ରସିଦ୍ଧ। ପଡ଼ୋଶୀ ଛତିଶଗଡ଼ରେ କଂଗ୍ରେସ ସରକାର ଗଠନ କରିବା ପରେ ତାହାର ପ୍ରଭାବ ପଶ୍ଚିମ ଓଡ଼ିଶାରେ ପଡ଼ିବାର ସମ୍ଭାବନା ରହିଛି। ନିକଟ ଅତୀତରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଭବାନୀପାଟଣା, ରାଉରକେଲା ଏବଂ ବରଗଡ଼ରେ ସଭା କରିଛନ୍ତି। ତେଣୁ କଂଗ୍ରେସ ଓ ଭାଜପାକୁ ରାଜନୈତିକ ଭାବେ ଚେକ୍ ଦେବା ପାଇଁ ବିଜେଡି ଏହି ଦୁଇ ଆସନ ଫର୍ମୁଲା ଆପଣାଇଛି ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

# ବିଜେଡି ଛାଡ଼ିଲେ ତ୍ରିନାଥ

## ଦଳରେ ଅଣଦେଖା, ଅପମାନିତ କରାଯାଉଥିଲା

**ଗୁଣପୁର,୧୮।୩(ଡି.ଏନ.ଏ)**

ବିଜେଡି ଛାଡ଼ିଲେ ଗୁଣପୁର ନିର୍ବାଚନମଣ୍ଡଳୀ ବିଧାୟକ ତ୍ରିନାଥ ଗମାଙ୍ଗ। ସେ ସୋମବାର ନିଜର ଇସ୍ତଫାପତ୍ର ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଦଳ ଛାଡ଼ିବା ପରେ ସେ ବିଜେଡି ବିରୋଧରେ ପ୍ରବଳ ବର୍ଷିଛନ୍ତି। ଦଳୀୟ ସଭାପତିଙ୍କ ଉଦ୍ଦେଶ୍ୟରେ ଦେଇଥିବା ଇସ୍ତଫାପତ୍ରରେ ଦଳରେ ତାଙ୍କୁ ଅଣଦେଖା ଓ ଅପମାନିତ କରାଯାଉଥିଲା ବୋଲି ଦର୍ଶାଇଛନ୍ତି। ଏପରିକି ଶନିବାର ହୋଇଥିବା ମିଶ୍ରଣ ପର୍ବ ସମ୍ପର୍କରେ ମଧ ତାଙ୍କୁ କୁହାଗଲା ନାହିଁ। ଦଳର ବିଭିନ୍ନ ଦାୟିତ୍ୱରେ ଥିବା ନେତାମାନଙ୍କ ଅହଂଭାବ ଏବଂ ଆଦିବାସୀମାନଙ୍କ ପ୍ରତି ହେୟ ମନୋଭାବ ମୋତେ କଷ୍ଟ ଦେଇଛି। ଏହା ଗୁଣପୁର ଜନସାଧାରଣଙ୍କ ପ୍ରତି ଅପମାନ ସଦୃଶ। ତେଣୁ ମୁଁ ଦଳରୁ ଇସ୍ତଫା ଦେଇଛି ବୋଲି ସେ ଉକ୍ତ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି। ଗୁଣ୍ଡାଗର୍ଦ୍ଦି କରି ଲୋକଙ୍କୁ ଭୟଭୀତ କରି ଆସୁଥିବା କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କୁ ଜିଲାର ଛାମୁଆ ନେତାମାନେ ପ୍ରଶ୍ରୟ ଦେଇ ଆସୁଛନ୍ତି। ମୋ ଉପରେ ବହୁ ଚାପ ସତ୍ତ୍ୱେ କେବେବି ଅନ୍ୟାୟ କରିନାହିଁ କି କରିବାକୁ ସୁଯୋଗ ମଧ ଦେଇନାହିଁ। ତେଣୁ ବିରୋଧୀମାନେ ମୋ ବିରୋଧରେ ଷଡଯନ୍ତ୍ର କରିଥିଲେ। ମୋତେ ଚାକର ଭଳି ବ୍ୟବହାର କରାଗଲା। ମୋ ବିରୋଧରେ ହୋଇ ଆସୁଥିବା ଅନ୍ୟାୟକୁ ଆପଣଙ୍କୁ ଏବଂ ପାଣ୍ଡିଆନ୍‌ଙ୍କୁ ଜଣାଇଥିଲି। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏଥିରୁ ଜଣାପଡିଲା, ଆଦିବାସୀଙ୍କ ପ୍ରତି ଟିକେ ହେଲେ ଆପଣଙ୍କ ଶ୍ରଦ୍ଧା ନାହିଁ। ଦଳ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ପ୍ରଶ୍ରୟ ଦେଇ ଆସୁଛି ଏବଂ ସେମାନଙ୍କ କଥାକୁ ଶୁଣୁଛି। ଆଦିବାସୀଙ୍କ ସ୍ୱାଭିମାନ ଏବଂ ଗୁଣପୁର ମାଟିର ସମ୍ମାନ ଦୃଷ୍ଟିରୁ ମୁଁ କଠୋର ନିଷ୍ପତ୍ତି ନେବାକୁ ବାଧ ହେଲି। ତେଣୁ ମୋତେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବାଧ ହୋଇ ଇସ୍ତଫା ଦେବାକୁ ପଡିଲା ବୋଲି ଦଳର ସଭାପତିଙ୍କ ଉଦ୍ଦେଶ୍ୟରେ ପଠାଇଥିବା ପତ୍ରରେ ତ୍ରିନାଥ ଗମାଙ୍ଗ ଉଲ୍ଲେଖ କରିଛନ୍ତି। ଦଳରୁ ଇସ୍ତଫା ଦେବାପରେ ତାଙ୍କର ଆଗାମୀ କାର୍ଯ୍ୟପନ୍ଥା କ'ଣ ରହିବ ବୋଲି ତ୍ରିନାଥଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ କୌଣସି ନିଷ୍ପତ୍ତି ନେଇନାହିଁ। ଦିନେ ଦୁଇଦିନ ମଧ୍ୟରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଜଣାଇବି। ଏଠାରେ ଉଲ୍ଲେଖଯୋଗ୍ୟ, ଦଳରୁ ଇସ୍ତଫା ଦେବା ପୂର୍ବରୁ ଟିକେଟ ନ ମିଳିଲେ ସ୍ୱାଧୀନଭାବେ ଲଢ଼ିବେ ବୋଲି ସେ ସୂଚନା ଦେଇଥିଲେ। ପ୍ରକାଶ ଯେ, ଆସନ୍ତା ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ସୋମବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଗୁଣପୁର ନିର୍ବାଚନମଣ୍ଡଳୀରୁ ପୂର୍ବତନ ଜିଲା ଯୋଗାଣ ଅଧିକାରୀ ରଘୁନାଥ ଗମାଙ୍ଗଙ୍କୁ ବିଜେଡି ପ୍ରାର୍ଥୀ କରିଛି। ସୋମବାର ଦଳ ପକ୍ଷରୁ ଏ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ







ସମ୍ବଲପୁରରେ ଶ୍ରୀଶ୍ୟାମ ମିତ୍ର ମଣ୍ଡଳ ପକ୍ଷରୁ ଆୟୋଜିତ ଫଗୁଣ ମେଳାରେ ମହିଳାମାନେ କଳସ ଯାତ୍ରାରେ ଝଣ୍ଡା ନେଇ ସାମିଲ ହୋଇଛନ୍ତି (ବାମ) । ସମ୍ବଲପୁର ବିଧାନସଭା କ୍ଷେତ୍ରରେ ବିଜେଡି କର୍ମୀଙ୍କ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ଦୁଇ ପତ୍ରରୁ ବାସେ,**
**ବିଛୁଆତି ଦୁଇପତ୍ରରୁ କୁଣ୍ଡାଇ ହୁଏ ।**

ସାଧାରଣତଃ ଭବିଷ୍ୟତରେ କିଏ ଭଲ ମଣିଷ ହେବ କି ମନ୍ଦ ହେବ ତାହା ପିଲାଦିନର କେତେକ ଘଟଣାରୁ ସ୍ପଷ୍ଟ ରୂପେ ଜଣାପଡ଼ିଯାଇଥାଏ । ହାବଭାବ ତଥା ଚାଲିଚଳଣରୁ ତା'ର ସ୍ୱଭାବ ବିଷୟରେ ସମ୍ୟକ ଧାରଣା ସୃଷ୍ଟି ହୋଇଥାଏ । ଯାହାର ଯେପରି ଗୁଣ ତାହା ମୂଳରୁ ବା ପ୍ରଥମରୁ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ତେଲି ଘର ଗୋରୁ,**
**ଘଣା ଓଟରାରୁ ଲଦନ ଗୁରୁ ।**

ତେଲି ଘରେ ରହୁଥିବା ବଳଦ ତେଲ ଘଣା ପେଲିଥାଏ । ଯଦି ତେଲ ପେଡ଼ିବାର କାର୍ଯ୍ୟ ନ ଥାଏ ତା'ହେଲେ ଶଗଡ଼ ବୁହା ଭଳି ଅନ୍ୟ କାର୍ଯ୍ୟରେ ଲାଗିଥାଏ ବା ଯଚାଯାଇଥାଏ । ତେଲିଘର ଗୋରୁ ପରି ଅନ୍ୟ ତୃତୀୟ ବିକଳ୍ପ ପନ୍ଥା ନ ଥିବା ଅସହାୟ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ସଂକ୍ଷେପରେ**

## କାଳବୈଶାଖୀ ପ୍ରଭାବରେ ଫସଲ ନଷ୍ଟ

ରିଆମାଳ,୧୮।୩ (ଡି.ଏନ.ଏ.)- କାଳବୈଶାଖି ପ୍ରଭାବରେ ରବିବାର ସନ୍ଧ୍ୟାରେ ରିଆମାଳ ବ୍ଲକ ଅଞ୍ଚଳରେ ବର୍ଷା ହେବା ଫଳରେ ଫସଲ ନଷ୍ଟ ହୋଇଛି। ଏଥିରେ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ମୁଖ୍ୟତଃ ସମ୍ପୂର୍ଣ୍ଣ ମାତ୍ରାରେ ପିଆଜ ଚାଷ ନଷ୍ଟ ହୋଇଯାଇଛି। ରିଆମାଳ, ମଲେହୀପଡ଼ା, ଆଡ଼ସ, ନାଉଁଲିପଡ଼ା, ବୁଡ଼ିବୋ, ଟିଙ୍କବୀର, ଢ଼ାବଡ଼ା, ଗୁଣ୍ଡିଆପଲି ଗ୍ରାମପଞ୍ଚାୟତର ଅଧିବାସୀ ଧାନ ଚାଷ ପରେ ପିଆଜ ଚାଷ କରିଥାନ୍ତି। ଏହି ଚାଷର ଲାଭାଂଶ ବର୍ଷକର କପଡ଼ା ଓ କିରାନି ଜିନିଷ କ୍ରୟ କରି ଜୀବନ ବିତାଇଥାନ୍ତି। କିନ୍ତୁ ବର୍ଷା ଓ ତୁଷାରପାତ ଯୋଗୁ ଜୀବନଜୀବିକା ନଷ୍ଟ ହୋଇଯାଇଛି। ଠିକ ପାଞ୍ଚ ଦିନ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ କାଳବୈଶାଖି ବର୍ଷା ଯୋଗୁ ଚଣାଚାଷ ନଷ୍ଟ ହୋଇଯାଇଥିଲା। ଭେଣ୍ଡି, କଖାରୁ, ଟମାଟୋ ଆଦି ଚାଷ ସମ୍ପୂର୍ଣ୍ଣ ମାତ୍ରାରେ ନଷ୍ଟ ହୋଇଯାଇଛି।

### ଝଡ଼ତୋଫାନ, କୁଆପଥର ବୃଷ୍ଟି ସହ ବଜ୍ରପାତ

# ୧୯ ଗୋରୁ ମୃତ, ୨୩ ନିଖୋଜ

ବାରକୋଟ, ୧୮।୩ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ ଧରମପୁର ଗ୍ରାମରେ ରବିବାର ଅପରାହ୍ନରେ ଝଡତୋଫାନ ସହ ବଜ୍ରପାତ ହୋଇଥିଲା। ଏଥିରେ ୧୯ ଗୋରୁ ମୃତ୍ୟୁବରଣ କରିଥିବା ବେଳେ ୨୩ ଗୋରୁ ନିଖୋଜ ଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁସାରେ ରବିବାର ଅପରାହ୍ନରେ ଧରମପୁର ଗ୍ରାମର ଗୋରୁ ଚରିବାକୁ ରେଙ୍ଗାଲି ନଦୀ ବନ୍ଧର ତୋଡାପାଣି ନିକଟକୁ ଯାଇଥିଲେ। ହଠାତ୍ ୫ଟାରେ ପ୍ରବଳ ଝଡତୋଫାନ ସାଙ୍ଗକୁ କୁଆପଥର ମାଡ ଏବଂ ବଜ୍ରପାତ ହୋଇଥିଲା। ଗୋରୁ ପ୍ରାଣ ବିକଳରେ ଯିଏ ଜୁଆଡେ ଦୌଡିଥିଲେ। ସନ୍ଧ୍ୟା ହୋଇଯିବାରୁ ଗୋରୁଙ୍କର କୌଣସି ପତ୍ତା ମିଳି ନ ଥିଲା। ସୋମବାର ସକାଳେ ବିଭିନ୍ନ ସ୍ଥାନରେ ୧୯ ଗୋଟି ଗୋରୁ ମୃତଦେହ ଉଦ୍ଧାର କରାଯାଇଥିଲା। ୨୩ ଗୋରୁଙ୍କର କୌଣସି ପତ୍ତା ମିଳୁ ନ ଥିବା ଜଣାଯାଇଛି। ମୃତ ଗୋରୁଙ୍କ ମଧ୍ୟରେ ବନ୍ଧୁରାମ ସାମଲଙ୍କ ୧ଟି, ମୈଥିଳି ଧଳ ୩, ପ୍ରଶ୍ନ ଧଳ ୧, ନରେଶ ପ୍ରଧାନ ୨ଟି, ଧୁଲିଆ ସାହୁ ୪ଟି, କୁମୁଦ ଧଳ ୧, ବିଦ୍ୟା ଖିଲାର ୧, ସୁରେଶ ଧଳ ୨ଟି, ପୂର୍ଣ୍ଣ ଧଳ ୩, ଶ୍ରୀଧର ଧଳଙ୍କ ୧ଟି ଗୋରୁ ରହିଛି। ବାରକୋଟ ପ୍ରାଣୀ ଚିକିତ୍ସକ ଅଶେଷ କୁମାର କର ବ୍ୟବଚ୍ଛେଦ କରିଥିବା ଜଣାଯାଇଛି। ଖବରପାଇ ବଳମ ଏଆରଆଇ ରିତେଶ କୁମାର ସାହୁ, କାଉଁଶିବାହାଲ ସରପଞ୍ଚ ଧରଣୀଧର ବେହେରା, ସମିତି ସଭ୍ୟ ନବକିଶୋର ବେହେରା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ପ୍ରବଳ ଝଡତୋଫାନ ସାଙ୍ଗକୁ କୁଆପଥର ମାଡ ଏବଂ ବଜ୍ରପାତ ଯୋଗୁ ରେଙ୍ଗାଲି ନଦୀ ବନ୍ଧର ଜଳରାଶି ମଧ୍ୟରେ ଗୋରୁମାନେ ନିଖୋଜ ହୋଇ ଯାଇଥିବା ଅନୁମାନ କରାଯାଉଛି ।



ବଜ୍ରପାତରେ ମୃତ୍ୟୁବରଣ କରିଥିବା ଗୋରୁ।



ଟ୍ରକ୍ ଧକ୍କାରେ ଘର ଭାଙ୍ଗି ନଷ୍ଟ ହୋଇଛି।

## ଟ୍ରକ୍ ଧକ୍କାରେ ଭାଙ୍ଗିଲା ଘର, ପ୍ରତୀକ୍ଷାଳୟ

ଲହୁଣୀପଡ଼ା,୧୮।୩(ଡି.ଏନ୍.ଏ.)

ରବିବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଧକ୍କାରେ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟଗାଁଠାରେ ଘର ଓ ଯାତ୍ରୀ ପ୍ରତୀକ୍ଷାଳୟ ଭାଙ୍ଗି ନଷ୍ଟ ହୋଇଛି। ତେବେ ଉକ୍ତ ଘରେ ଥିବା ଗୋଟିଏ ପରିବାରର ସଦସ୍ୟମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରାତି ପ୍ରାୟ ୧୨ଟାରେ ରାଉରକେଲାରୁ ସିମେଣ୍ଟ ବୋଝେଇ କରି କେନ୍ଦୁଝରର ଅଭିମୁଖେ ଯାଉଥିବା ଓଡି୦୯-ଏମ୍୩୪୦୮ ନମ୍ବର ଟ୍ରକ୍ ଭାରସାମ୍ୟ ହରାଇ ଖୁଣ୍ଟଗାଁ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା କୃଷ୍ଣଚନ୍ଦ୍ର ବସନ୍ତରାୟଙ୍କ ରୋଷେଇ ଘରକୁ ଧକ୍କା ଦେବା ପରେ ନିକଟରେ ଥିବା ଯାତ୍ରୀ ପ୍ରତିକ୍ଷାଳୟକୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ଦୁଇଟି ଯାକ ଘର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ସମୟରେ କୃଷ୍ଣଚନ୍ଦ୍ରଙ୍କ ପରିବାର ଲୋକେ ଘରେ ଶୋଇଥିଲେ ମଧ୍ୟ କେହି ଆହତ ହୋଇନାହାନ୍ତି। ଏ ନେଇ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଟ୍ରକ୍ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଆଦିବାସୀ ନେତା ମହେନ୍ଦ୍ର ନାଏକଙ୍କୁ ଆକ୍ରମଣର ନିନ୍ଦା

କୋଲାବିରା,୧୮।୩ (ଡି.ଏନ.ଏ.)

ଆଦିବାସୀ ନେତା ମହେନ୍ଦ୍ର ନାଏକଙ୍କୁ ଆକ୍ରମଣ ଘଟଣାକୁ କୋଲାବିରା କରୁଣାକର ସ୍ମୃତି ଟ୍ରଷ୍ଟ ପକ୍ଷରୁ ନିନ୍ଦା କରାଯାଇଛି। କୋଲବିରାସ୍ଥିତ ଟ୍ରଷ୍ଟର ଅସ୍ଥାୟୀ କାର୍ଯ୍ୟାଳୟଠାରେ ଆହୁତ ବୈଠକରେ ଟ୍ରଷ୍ଟର ସଭାପତି ତଥା କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ସଭାପତିତ୍ୱ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ହେଉ କିମ୍ବା ଅନ୍ୟ କେଉଁ ମନ୍ଦ ଉଦ୍ଦେଶ୍ୟ ରଖି ମହେନ୍ଦ୍ରଙ୍କୁ ଆକ୍ରମଣ କରାଯିବା ନିନ୍ଦନୀୟ । ଏପରି ଘୃଣ୍ୟ କାର୍ଯ୍ୟ ପାଇଁ କରୁଣାକର ସ୍ମୃତି ଟ୍ରଷ୍ଟ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରି ସାରିଛି, ମାତ୍ର ଆକ୍ରମଣର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇପାରିନାହିଁ। ତେବେ ମହେନ୍ଦ୍ର ନାଏକ କଂଗ୍ରେସରୁ ପ୍ରତିନିଧିତ୍ୱ କରିବା ନେଇ ଏକପ୍ରକାର ଚୂଡାନ୍ତ ହୋଇସାରିଥିବା ବେଳେ ଏହି ଆକ୍ରମଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। କାରଣ ଆକ୍ରମଣ ସମୟରେ ଆକ୍ରମଣକାରୀ ନେତାଗିରି କରୁଥିବା ବିଷୟରେ ଆକ୍ଷେପ କରି ଗାଳିଗୁଲଜ କରିଥିଲେ।

## ଦୋଳପୂର୍ଣ୍ଣିମା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

ଦେବଗଡ,୧୮।୩(ସ୍ୱ.ପ୍ର)

ଦେବଗଡ ସହରରେ ପବିତ୍ର ଦୋଳପୂର୍ଣ୍ଣିମା ଉପଲକ୍ଷେ ରାଜାମୁଣ୍ଡା ଚର୍ଚ୍ଚ ସାହିର ଆଦର୍ଶ କ୍ଲବ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ ନେତା ଧର୍ମେନ୍ଦ୍ର କୁମାର ଦେବତା ଓ ସୁଧୀରବ୍ରହ୍ମା ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ସେହିପରି ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ, ରାଜୀବ ପାତ୍ର ଓ ଚନ୍ଦନ ସାହୁ ପ୍ରମୁଖ ବିଚାରକ ଭାବେ ମଞ୍ଚାସୀନ ରହି ପ୍ରଥମ ସ୍ଥାନ ଅଧିକାର କରିଥିବା ଅଖିଳ ଖଡିଆ ଦ୍ୱିତୀୟ ଅର୍ପିତା ରାଉତ ଏବଂ ତୃତୀୟ ମୋହନ ଗୃପ ଓ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଥମ ପୁରସ୍କାର ନଗଦ ୫୦୦୦, ଦ୍ୱିତୀୟ ୩୦୦୦ ଓ ତୃତୀୟ ୨୦୦୦ଟଙ୍କା ପ୍ରଦାନ କରିଥିଲେ। ସେହିପରି କ୍ଲବ ସଭାପତି ପ୍ରତାପ ଭେଲେଇ ସମ୍ପାଦକ ରାହୁଲ ଭେଲେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଲୁଲୁ ଭେଲେଇ, ବିଜୟ ପାତ୍ର, କାର୍ତ୍ତିକ ପାତ୍ର, ରାଜ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।




ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଚିଖିଲିରେ ଗଛକଟାକୁ କେନ୍ଦ୍ରକରି ବିବାଦ

**ଲଖନପୁର,୧୮।୩(ଡି.ଏନ୍.ଏ.):** ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ ଚିଖିଲି ଗ୍ରାମରେ ଗଛକଟାକୁ କେନ୍ଦ୍ରକରି ବିବାଦ ଦେଖା ଦେଇଛି। ଏ ନେଇ ଗ୍ରାମର ଗଛ ମାଲିକ ଜୟରାମ ମାଝି ନିକଟସ୍ଥ କଣ୍ଢେଇକେଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନିକଟରେ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଜୟରାମ ମାଝି ତାଙ୍କ ଜମିରେ କଦଳୀ, ଲେମ୍ବୁ, ସଜନା, ନିମ୍ବ, ଗମ୍ଭାରୀ ଆଦି ବିଭିନ୍ନ ପ୍ରକାର ଗଛ ଲଗାଇଥିଲେ । ଏ ସବୁକୁ ଗତ ଶୁକ୍ରବାର ଜଣେ ଜନପ୍ରତିନିଧିଙ୍କ ସ୍ୱାମୀ ଓ ଦିଅର ଗ୍ରାମର କେତେକ ଲୋକଙ୍କୁ ଲଗାଇ ରାତିରେ କାଟି ଦେଇଛନ୍ତି। ଜୟରାମ କହିବାରୁ ସମ୍ପୃକ୍ତ ଦି ଭାଇ ଧମକ ଚମକ ଦେଇ ଗାଳିଗୁଲଜ କରିଛନ୍ତି।

## କୁଟୁରାପଶି ଗ୍ରାମରେ ନାମଯଜ୍ଞ



ସଂକୀର୍ତ୍ତନ୍ୟ ମଣ୍ଡଳୀ ପରିବେଷଣ କରୁଛନ୍ତି।

ଦେବଗଡ, ୧୮।୩ (ସ୍ୱ.ପ୍ର)

ତିଳେଇବଣି ବ୍ଲକ ବଡଛାପଲ ପଞ୍ଚାୟତ ଅଧିନ କୁଟୁରାପଶି ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ସମାପିତ ହୋଇଛି। ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୧୫ଟି ସଂକୀର୍ତ୍ତନ୍ୟ ମଣ୍ଡଳୀ ୮ପ୍ରହର ଧରି ପ୍ରଭୁଙ୍କ ନାମ କୀର୍ତ୍ତନ କରିଥିଲେ। ସେହିପରି ପୂଜକ ଭାବେ ଈଶ୍ୱର ଚନ୍ଦ୍ର ବ୍ରହ୍ମା ହୋମଯଜ୍ଞାଦି କରିଥିଲେ। ଗ୍ରାମର ନିଳାଞ୍ଚଳ ସାହୁ ଓ ତାଙ୍କ ଧର୍ମପତ୍ନୀ କନକ ସାହୁ ପୂଜା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟପକ୍ଷରେ ଚଳିତବର୍ଷ କମିଟି ସଭାପତି ରବୀନ୍ଦ୍ର ସାହୁ ଓ ସମ୍ପାଦକ ବ୍ରଜମୋହନ ଦେହୁରୀଙ୍କ ତତ୍ତ୍ୱାବଧାନରେ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା ଓ ଅଧିବାସ ପର୍ବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଯଜ୍ଞ ମହୋତ୍ସବ ଆୟୋଜନରେ କୁଟୁରାପସି ଗ୍ରାମର ପବିତ୍ର ମୋହନ ସାହୁ, ହାଡିବନ୍ଧୁ ସାହୁ, ଯଦୁମଣୀ ସାହୁ, ବେଣୁଧର ସାହୁ ବୃନ୍ଦାବନ ଦେହୁରୀ, ପ୍ରହଲ୍ଲାଦ ସାହୁ, ବିଶ୍ୱାନାଥ ଦେହୁରୀ, ତ୍ରୀବେଣି ପ୍ରଧାନ, ଅଜୟ ସାହୁ ଟଙ୍କଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001
(Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

DANCE CLASS
Ollywood Choreographer
Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍

## ସଂକ୍ଷେପରେ

### ଫୁଲଝରନ ମାତୃଭବନ ନବୀକରଣ ହେବ

ସମ୍ବଲପୁର,୧୮।୩(ବ୍ୟୁରୋ): ଯୁଯୁମୁରା ବ୍ଲକ ଫୁଲଝରନଠାରେ ଥିବା ମାତୃଭବନକୁ ନବୀକରଣ କରାଯିବ। ୬୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏମ୍‌ସିଏଲ ପକ୍ଷରୁ କୋଠା ନିର୍ମାଣ କରାଯିବ । ୧୨ ବଖରା ଅତ୍ୟାଧୁନିକ ରୁମ୍ ସହ ଅନ୍ତେବସୀଙ୍କ ରହିବା ଲାଗି ସମସ୍ତ ସୁବିଧା ଏହି କୋଠାରେ ରହବ। ଅବଶ୍ୟ ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ନ ଥିଲେ ମଧ ଅନୁଦାନ ପାଇଁ ଏମ୍‌ସିଏଲ ପକ୍ଷରୁ ଘୋଷଣା ସରିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ପରେ କାମ ଆରମ୍ଭ କରାଯିବ । ଏହି ଖବର ଶୁଣିବା ପରେ ଅନ୍ତେବାସୀ ଓ ପରିଚାଳନା କମିଟି ଖୁସି ବ୍ୟକ୍ତ କରିଛନ୍ତି।୨୦୧୮ ଅଗଷ୍ଟ ୩୧ ତାରିଖ ଧରିତ୍ରୀରେ 'ବିପଦ ମୁଣ୍ଡେଇ ରହୁଛନ ଅନ୍ତେବାସୀ' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ହେବା ପରେ ଏମ୍‌ସିଏଲ ପକ୍ଷରୁ କୋଠା ନିର୍ମାଣ କରାଯିବା ପାଇଁ ପ୍ରଶାସନ ସ୍ଥିର କରିଥିଲା। ଏବେ ଏଠାରେ ବିପଦ ୨୮ଜଣ ବୃଦ୍ଧା ରହୁଛନ୍ତି। ସୂଚନାଯୋଗ୍ୟ ଯେ, ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରି ଫୁଲଝରଣଠାରେ ସ୍ଥାନୀୟ ସାମାଜିକ କର୍ମୀ ତଥା ପ୍ରଧାନ ଶିକ୍ଷକ ନିୟମ ବାରିକଙ୍କ ସହଯୋଗରେ ଏହି ବୃଦ୍ଧାଶ୍ରମ ଆରମ୍ଭ କରିଥିଲେ। ୧୯୯୦ ମାର୍ଚ୍ଚ ୧୮ ତାରିଖ ତତ୍କାଳୀନ ରାଜ୍ୟପାଳ ଯଜ୍ଞଦତ୍ତ ଶର୍ମା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ୪/୫ଜଣଙ୍କୁ ଏଠାରେ ଆଶ୍ରୟ ଦିଆଯାଇଥିଲା। କିଛିବର୍ଷ ହେବ ଏହାକୁ ଜିଲା ରେଡକ୍ରସ ପରିଚାଳନା କରୁଛି।

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

ଉଲୁଣ୍ଡା, ୧୮।୩ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉଲୁଣ୍ଡାର ରୋହିତ ପଧାନ(୨୨)। ସୂଚନା ଅନୁସାରେ ରବିବାର ଅପରାହ୍ନରେ ରୋହିତ ଏକ ବାଇକ ଯୋଗେ ଉଲୁଣ୍ଡାରୁ ଗଣ୍ଡାବାହାଲ ପଟକୁ ଯାଉଥିବାବେଳେ ବସ୍‌ଷ୍ଟାଣ୍ଡ ନିକଟରେ ଭାରସାମ୍ୟ ହରାଇ ଏକ କାନ୍ଥରେ ପିଟି ହୋଇଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାକୁ ନେଇଥିଲେ । ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବୁର୍ଲା ସ୍ଥାନାନ୍ତର ଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁର୍ଲା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ ଭ୍ୟାନ

ପୁରୁଣାକଟକ,୧୮।୩(ଡି.ଏନ.ଏ.)- ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ପୁରୁଣାକଟକ କଲେଜଛକ ନିକଟରେ ସୋମବାର ଭୋରରୁ ଏକ କୁକୁଡା ବୋଝେଇ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡିଛି। ଚାରିଛକ ପଟୁ ବୌଦ୍ଧକୁ ଯାଉଥିବା ଗାଡି ନଂ. ଓଡି-୧୪ଜେ ୮୪୫୩ ପିକଅପ ଭ୍ୟାନ ପୁରୁଣାକଟକ କଲେଜ ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଡ୍ରାଇଭର ଓ ହେଲପର ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଥିବା ଜଣାପଡିଛି।

# ୬ ଲୋକ ସଭା, ୩୬ ବିଧାନସଭା କଂଗ୍ରେସ ପ୍ରାର୍ଥୀ ଚୂଡାନ୍ତ


ଭକ୍ତଚରଣ ଦାସ


ପ୍ରଦୀପ ମାଝି


ଜର୍ଜ ତିର୍କୀ

ଭୁବନେଶ୍ୱର,୧୮।୩ (ବ୍ୟୁରୋ) ରାଜ୍ୟରେ ହେବାକୁ ଥିବା ପ୍ରଥମ ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ପ୍ରଥମ ଦଫାରେ ୬ ଲୋକ ସଭା ଏବଂ ୩୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ହୋଇଛି। ପୂର୍ବଥର ଭଳି ନବରଙ୍ଗପୁର ଏବଂ କଳାହାଣ୍ଡି ଲୋକ ସଭା ପାଇଁ ଯଥାକ୍ରମେ ପ୍ରଦୀପ ମାଝି ଏବଂ ଭକ୍ତ ଦାସଙ୍କ ନାମ ଘୋଷଣା କରାଯାଇଛି। ବରଗଡ ଲୋକ ସଭା ଆସନ ପାଇଁ ପ୍ରଦୀପ କୁମାର ଦେବତା ଏବଂ ସୁନ୍ଦରଗଡ ଆସନରେ ଜର୍ଜ ତିର୍କୀଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି କନ୍ଧମାଳ ଲୋକ ସଭା ଆସନରୁ ମନୋଜ କୁମାର ଆଚାର୍ଯ୍ୟ ଏବଂ ବ୍ରହ୍ମପୁର ପାଇଁ ଚନ୍ଦ୍ର ଶେଖର ନାଇଡୁଙ୍କୁ ଦଳ ଟିକେଟ ଦେଇଛି। ବିଧାନସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ବଲାଙ୍ଗୀରରୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ନୂଆପଡାରୁ ଘାସିରାମ ମାଝି, ଡାବୁଗାଁରୁ ବିଧାୟକ ଭୁଜବଳ ମାଝି, ଲାଞ୍ଜିଗଡରୁ ଶିବାଜୀ ମାଝି, ସାନଖେମୁଣ୍ଡିରୁ ରମେଶ ମାଝି, ମୋହନାରୁ ଦାଶରଥୀ ଗମାଙ୍ଗ, ଜୟପୁରରୁ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ପ୍ରାର୍ଥୀ କରାଯାଇଛି। ମଙ୍ଗଳବାର କଂଗ୍ରେସ ପକ୍ଷରୁ ବାକିଥିବା ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଦଳ ପକ୍ଷରୁ ଘୋଷଣା କରାଯିବ। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ନିର୍ବାଚନ କମିଟି ପ୍ରଭାରୀ ମୁକୁଲ ୱାସନିକ୍‌ଙ୍କ ଦ୍ୱାରା ଏହି ତାଲିକା ପ୍ରକାଶ ପାଇଛି।

### ଲୋକ ସଭା ଆସନ ପ୍ରାର୍ଥୀ ତାଲିକା

| | | | |
|---|---|---|---|
| ୧ | କଳାହାଣ୍ଡି: ଭକ୍ତଚରଣ ଦାସ | ୪ | ନବରଙ୍ଗପୁର: ପ୍ରଦୀପ ମାଝି |
| ୨ | ବରଗଡ଼: ପ୍ରଦୀପ କୁମାର ଦେବତା | ୫ | କନ୍ଧମାଳ: ମନୋଜ କୁମାର ଆଚାର୍ଯ୍ୟ |
| ୩ | ସୁନ୍ଦରଗଡ଼: ଜର୍ଜ ତିର୍କୀ | ୬ | ବ୍ରହ୍ମପୁର: ଭି. ଚନ୍ଦ୍ରଶେଖର ନାଇଡୁ |

### ବିଧାନସଭା ଆସନ ପ୍ରାର୍ଥୀ ତାଲିକା

| | | | |
|---|---|---|---|
| ୧ | ପଦମପୁର: ସତ୍ୟ ଭୂଷଣ ସାହୁ | ୧୯ | ଭଞ୍ଜନଗର: ସଞ୍ଜୟ କୁମାର ତ୍ରିପାଠୀ |
| ୨ | ବରଗଡ଼: ନୀପନ ଦାସ | ୨୦ | ପୋଲସରା: ହରିଚରଣ ସ୍ୱାଇଁ |
| ୩ | ଅତାବିରା: ନିହାର ମହାନନ୍ଦ | ୨୧ | କବିସୂର୍ଯ୍ୟନଗର: ବିଜୟ କୁମାର ସାହୁ |
| ୪ | ବୀରମିତ୍ରପୁର: ରୋହିତ ଯୋଶେଫ ତିର୍କୀ | ୨୨ | ଆସିକା: ମନୋଜ କୁମାର ଜେନା |
| ୫ | ରାଜଗାଙ୍ଗପୁର: ଡ. ସି.ଏସ୍. ରାଜନ | ୨୩ | ସାନଖେମୁଣ୍ଡି: ରମେଶ ଚନ୍ଦ୍ର ଜେନା |
| ୬ | ବୀରମହାରାଜପୁର: ବିନୋଦ କୁମାର ପାତ୍ର | ୨୪ | ହିଞ୍ଜିଳି: ରାମକୃଷ୍ଣ ପଣ୍ଡା |
| ୭ | ବଲାଙ୍ଗୀର: ନରସିଂହ ମିଶ୍ର | ୨୫ | ଗୋପାଳପୁର: ଏସ୍. ଧର୍ମରାଜ ରେଡ୍ଡି |
| ୮ | ନୂଆପଡ଼ା: ଘାସିରାମ ମାଝି | ୨୬ | ବ୍ରହ୍ମପୁର: ଲିଙ୍ଗରାଜ ଚୌଧୁରୀ |
| ୯ | ଖଡ଼ିଆଳ: ଅଧିରାଜ ପାଣିଗ୍ରାହୀ | ୨୭ | ଦିଗପହଣ୍ଡି: ବିସ୍ମୟ ମହାପାତ୍ର |
| ୧୦ | ଝରିଗାଁ: ଉଲାଧର ମାଝି | ୨୮ | ଚିକିଟି: ସୁବାସ ଚନ୍ଦ୍ର ରାଉତ |
| ୧୧ | ନବରଙ୍ଗପୁର: ସଦନ ନାୟକ | ୨୯ | ମୋହନା: ଦାଶରଥୀ ଗମାଙ୍ଗ |
| ୧୨ | ଡାବୁଗାଁ: ଭୁଜବଳ ମାଝି | ୩୦ | ଗୁଣପୁର: ପୁରୁଷୋତ୍ତମ ଗମାଙ୍ଗ |
| ୧୩ | ଲାଞ୍ଜିଗଡ଼: ଶିବାଜୀ ମାଝି | ୩୧ | ବିଷମକଟକ: ନୀଳମାଧବ ହିକ୍‌କା |
| ୧୪ | ଧର୍ମଗଡ଼: ଦିଗମ୍ବର ଦୁରିଆ | ୩୨ | ଜୟପୁର: ତାରାପ୍ରସାଦ ବାହିନୀପତି |
| ୧୫ | ବାଲିଗୁଡ଼ା: ସାଇମନ ମଲ୍ଲିକ | ୩୩ | କୋରାପୁଟ: କୃଷ୍ଣଚନ୍ଦ୍ର କୁଲଦୀପ |
| ୧୬ | ଫୁଲବାଣୀ: କିଶୋର ଚନ୍ଦ୍ର କହଁର | ୩୪ | ପଟାଙ୍ଗୀ: ରାମଚନ୍ଦ୍ର କାଡାମ |
| ୧୭ | କଣ୍ଟାମାଳ: ପ୍ରଶାନ୍ତ ସାହୁ | ୩୫ | ମାଲକାନଗିରି: ମାଲା ମାଡ଼ି |
| ୧୮ | ଦଶପଲ୍ଲା: ପ୍ରଶାନ୍ତ କୁମାର ନାୟକ | ୩୬ | ଚିତ୍ରକୋଣ୍ଡା: ଲକ୍ଷ୍ମୀପ୍ରିୟା ନାୟକ |

# ପୁଲ୍‌ୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ସହାୟତା



ସମ୍ବଲପୁର ନାରୀସେବା ସଂଘ ପକ୍ଷରୁ ପୁଲୱାମା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଜିଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜଙ୍କୁ ୫୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଉଛି ।

ସମ୍ବଲପୁର, ୧୮।୩ (ବ୍ୟୁରୋ) ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ନାରୀସେବା ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସୋମବାର ସମ୍ବଲପୁର ଜିଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜଙ୍କୁ ୫୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି । ନାରୀ ସଂଘ ସଭାନେତ୍ରୀ ରାଜେଶ୍ୱରୀ ଜେନା, ସାଧାରଣ ସମ୍ପାଦିକା କଳ୍ପନା ପ୍ରଧାନ ଓ ସଭ୍ୟା ବନ୍ଦିତା ପୂଝାରୀ ଉପସ୍ଥିତ ଥିଲେ ।

### ବାଘ ଚମଡ଼ା ଜବତ ଘଟଣା

# ୬ ଅଭିଯୁକ୍ତଙ୍କୁ ୩ ଦିନ ରିମାଣ୍ଡରେ ନେଲା ଏସ୍‌ଟିଏଫ୍

ଭୁବନେଶ୍ୱର,୧୮।୩(ବ୍ୟୁରୋ) ସମ୍ବଲପୁର ଜିଲା କୁଚିଣ୍ଡାରୁ ୪ କଲରାପତରିଆ ବାଘ ଚମଡ଼ା ଜବତ ଘଟଣାରେ ଗିରଫ ୭ ଅଭିଯୁକ୍ତଙ୍କ ମଧ୍ୟରୁ ୬ଜଣଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାକ୍ସ ଫୋର୍ସ(ଏସ୍‌ଟିଏଫ୍) ୩ଦିନ ରିମାଣ୍ଡରେ ନେଇଛି। କିନ୍ତୁ ଏବେ ବି ଘଟଣାର ମୁଖ୍ୟ ଅଭିଯୁକ୍ତ ଧରାପଡ଼ିନାହାନ୍ତି। କିଏ କେଉଁ ଜାଗାରେ ଶିକାର କରିଛନ୍ତି, ତାହା ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିପାରିନାହିଁ। ଯେଉଁମାନେ ଗିରଫ ହୋଇଛନ୍ତି, ସେମାନେ ବେପାରୀ। ଅନ୍ୟପକ୍ଷରେ ଓଡ଼ିଶାରେ ବାଘ ଚମଡ଼ା ବ୍ୟବହାର କରାଯାଉ ନ ଥିବା ଏବଂ ବାହାରେ ଏଥିରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ଚାହିଦା ହେତୁ ଏହାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚାଲାଣ ପାଇଁ ଯୋଜନା କରାଯାଇଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର୍ କହିଛନ୍ତି, ଏହି ର୍‍ୟାକେଟ୍‌ର ସବୁ ଦିଗ ଉପରେ ଖୋଳତାଡ଼ କରାଯାଉଛି। କେବଳ ଶିକାରୀଙ୍କୁ ଧରିବା ନୁହେଁ, ବନ୍ଧୁକ ମଧ କେଉଁଠୁ ଆସିଥିଲା, ତାହା ତଦନ୍ତ କରାଯିବ। ଏହି ଘଟଣା ସହ ଆନ୍ତଃରାଜ୍ୟ କିମ୍ବା ଆନ୍ତର୍ଜାତିକ ର୍‍ୟାକେଟର ଲିଙ୍କ୍ ରହିଛି କି ନାହିଁ, ତାହା ତଦନ୍ତ ପରିସରଭୁକ୍ତ ହେବ। ମିଳିଥିବା ସୂଚନାନୁଯାୟୀ, ଜବତ ବାଘ ଚମଡ଼ାଗୁଡ଼ିକ ଭିନ୍ନ ଭିନ୍ନ ସ୍ଥାନରୁ ଅଣାଯାଇଛି। ବାମରା ବନ୍ୟପ୍ରାଣୀ ବନଖଣ୍ଡର କୁଚିଣ୍ଡା ଓ ଜମନକିରା ବନାଞ୍ଚଳ ଏବଂ ଝାରସୁଗୁଡ଼ା ବନଖଣ୍ଡର ଦୁଇଟି ଅଞ୍ଚଳରୁ ଏହାକୁ ସଂଗ୍ରହ କରାଯାଇଛି। ଏହା ଦର୍ଶାଉଛି ଯେ, ବାଘ ଶିକାର ପାଇଁ ଗୋଟିଏରୁ ଅଧିକ ବନ୍ଧୁକ ବ୍ୟବହାର କରାଯାଇଛି। ଜଙ୍ଗଲ ଭିତରେ କିପରି ଶିକାରୀମାନେ ବନ୍ଧୁକ ଧରି ବାଘ ମାରିପାରୁଛନ୍ତି ଏବଂ ବନ ବିଭାଗ ଜାଣିପାରୁନାହିଁ, ତାହା ବିଭାଗର କାର୍ଯ୍ୟକଳାପ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବେଆଇନ ଭାବେ ବନ୍ଧୁକ ବ୍ୟବହାର କିପରି ହେଉଛି, ସେଥିପ୍ରତି ବନ ବିଭାଗ କୌଣସି ଗୁରୁତ୍ୱ ଦେଉନି। ଗତବର୍ଷ ଶିମିଳିପାଳରେ ବେଆଇନ ବନ୍ଧୁକଚାଳନା ପ୍ରଶିକ୍ଷଣ ଖବର ପ୍ରକାଶିତ ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ହେଲେ ବନ୍ଧୁକ ଲାଇସେନ୍ସ ରଦ୍ଦ କରିବା ତ ଦୂରର କଥା, କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ, ୧୯୭୨ର ଧାରା ୩୪ ଅନୁଯାୟୀ ସଂରକ୍ଷିତ ଅଞ୍ଚଳର ୧୦କିମି ପର୍ଯ୍ୟନ୍ତ ଯାହା ପାଖରେ ଆଗରୁ ବନ୍ଧୁକ ଲାଇସେନ୍ସ ଅଛି, ସେମାନେ ଆଉଥରେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ନିକଟରେ ପଞ୍ଜୀକରଣ କରିବେ। ଏଥିସହ ନୂଆ ଲାଇସେନ୍ସ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ବିନା ଅନୁମତିରେ କାହାରିକୁ ଦେବା ଉପରେ ମଧ କଡ଼ା କଟକଣା ରହିଛି। ଏହି ଧାରାକୁ ବ୍ୟବହାର କରି ବନ ବିଭାଗ ବନ୍ଧୁକଧାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଏହାଛଡ଼ା ଆର୍ମସ ଆକ୍ଟ ୧୯୬୧ ପ୍ରୟୋଗ ପାଇଁ ପୋଲିସର ସହଯୋଗ ନେଲେ ହିଁ ଚୋରା ବନ୍ଧୁକ ବ୍ୟବହାର ରୋକାଯାଇପାରିବ ବୋଲି ଶୁଭେନ୍ଦୁ କହିଛନ୍ତି।

**ଏବେ ବି ଧରାପଡ଼ିନାହାନ୍ତି ମୁଖ୍ୟ ଅଭିଯୁକ୍ତ**

# ସୟଦ ମହମ୍ମଦ ମେହେମୁଦ ଅଲ୍ଲି ସାହାଙ୍କ ଉର୍ସ ମୁବାରକ

ସମ୍ବଲପୁର,୧୮।୩(ବ୍ୟୁରୋ) ସୟଦ ମହମ୍ମଦ ମେହେମୁଦ ଅଲ୍ଲି ସାହାଙ୍କ ଉର୍ସ ମୁବାରକ କାର୍ଯ୍ୟକ୍ରମ ସୋମବାର ରାତିରେ କବରସ୍ଥାନଠାରେ ଅନୁଷ୍ଠିତ ହୋଇଯାଇଛି । ଇସଲାମ୍ ଧର୍ମାବଲମ୍ବୀମାନେ ସହରର ସୁନାପାଲି, ରାଜାନଗର, ମୋତିଝରନ, କ୍ଷେତିପଡା, ଖ୍ୱାଜାନଗର, ଭୁତାପଡା, କୁମ୍ଭାରପଡା, ପେନସନପଡା, ମାୟାବଗିଚା, ନୟାପଡା, ବଡବଜାର, ଦଲେଇପଡା ଅଞ୍ଚଳରୁ ଚଦର ଶୋଭାଯାତ୍ରାରେ ବାହାରି କବରସ୍ଥାନରେ ପହଞ୍ଚିଥିଲେ । ଆଲା ହଜରଦ୍ ୱେଲଫେୟାର କମିଟି ଖ୍ୱାଜା ଗରିବ୍ ନୱାଜ କମିଟି ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମଧ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।


ଜିଲା ସ୍କୁଲ ଛକ- ପୀରବାବା ଛକ ରାସ୍ତାରେ ଚଦର ଯାତ୍ରାର ଶ୍ରଦ୍ଧାଳୁ ।

# ୨୧ରେ ଶ୍ରୀଅରବିନ୍ଦ କର୍ମ ଶିବିର

## - ସାମିଲେ ହେବେ ସାଢ଼େ ୭ଶହ ପ୍ରତିନିଧି

ସମ୍ବଲପୁର, ୧୮।୩ (ବ୍ୟୁରୋ) ରାଜ୍ୟ ସ୍ତରୀୟ ୪୬ ତମ ଶ୍ରୀଅରବିନ୍ଦ କର୍ମ ଶିବିର (ହୋଲି ଶିବିର) ଓ ସଂଗତି ମଣ୍ଡଳର ବିଂଶତମ ବାର୍ଷିକ ଉତ୍ସବ ହେବ । ଏଥିପାଇଁ ଜୟନ୍ତପୁର ନିକଟସ୍ଥ ଦେଦର ନୂଆଁପାଲି ଉଦୀୟମାନ ମାତୃକ୍ଷେତ୍ରଠାରେ ପ୍ରସ୍ତୁତି ଚାଲିଛି । ଚଳିତ ବର୍ଷ ପଶ୍ଚିମ ଓଡିଶାର ୯ଟି ଜିଲାରୁ ୬ଶହ ଓ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ଜଣ ପ୍ରତିନିଧି ଯୋଗଦେବା କାର୍ଯ୍ୟକ୍ରମ ରହିଛି । ସୋମବାର ସମ୍ବଲପୁର ଶ୍ରୀ ଅରବିନ୍ଦ ସ୍କୁଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗତି ମଣ୍ଡଳ ଆବାହକ ପ୍ରଫୁଲ୍ଲ କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି । ସେ କହିଥିଲେ ଯେ, ୨୧ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ, ବନ୍ଦେ ମାତାରାମ୍ ଗାନ, ଛାତ୍ରୀଛାତ୍ରଙ୍କ ମାର୍ଚ୍ଚପାଷ୍ଟ ଓ ଶାରୀରିକ କ୍ରୀଡା ପ୍ରଦର୍ଶନ, ୧୧ଟାରେ ଦେହାଂଶ ପିଠରେ ସମବେତ ଧ୍ୟାନ, ସାଢ଼େ ୧୧ଟାରେ ପ୍ରାରମ୍ଭିକ ଅଧିବେଶନ, ଧ୍ୟାନ ପ୍ରାର୍ଥନା ହେବ । ଏଥିସହ ମା'ଙ୍କୁ ଭଲ ପାଇବା ଶୀର୍ଷକ ଆଲୋଚନା ଚକ୍ରରେ ଦେବରାଜ ବେହେରା, ବିନୋଦ ନାୟକ ବକ୍ତବ୍ୟ ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଛି । ୨୨ ତାରିଖ ମଧ ପ୍ରସାଦ ତ୍ରିପାଠୀ ଯୋଗ ଦେଇ ଆଲୋଚନା କରିବେ। ଏଥିସହ ସୃଜନଶୀଳ କାର୍ଯ୍ୟକ୍ରମ, ସାଂଗଠାନିକ ଆଲୋଚନା ଓ ସାଧାରଣ ଅଧିବେଶନ ହେବ । ୨୩ରେ ଦଳଗତ ଆଲୋଚନା, ଧ୍ୟାନ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବାକୁ ସ୍ଥିର କରାଯାଇଛି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟି ସଭାପତି ମନୋରଞ୍ଜନ ପଟ୍ଟନାୟକ, ଅଧ୍ୟକ୍ଷ ଅଗ୍ରେସନ ପୋଢ଼, ଟ୍ରଷ୍ଟି ବୀରେନ୍ଦ୍ର ପାଣିଗ୍ରାହୀ, ବ୍ରଜକିଶୋର ହୋତା, ପ୍ରସନ୍ନ ପଟ୍ଟନାୟକ, ଦାଶରଥି ସାହୁ ଉପସ୍ଥିତ ଥିଲେ ।



ସୋମବାର ସମ୍ବଲପୁରରେ ଶ୍ରୀଅରବିନ୍ଦ କର୍ମ ଶିବିର କାର୍ଯ୍ୟସୂଚୀ ସମ୍ପର୍କରେ ପ୍ରଫୁଲ୍ଲ କୁମାର ପଣ୍ଡା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

### ଝୁଲି ରହିଲା ବ୍ରଜରାଜନଗର ଆସନ

# ନବ ସମର୍ଥକ ଉତ୍ସାହିତ, ବିଜେଡି ଶିବିରରେ ନିରାଶା

ଝାରସୁଗୁଡା ଅଫିସ,୧୮।୩ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସୋମବାର ୨୦୧୯ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ୯ଟି ସଂସଦୀୟ କ୍ଷେତ୍ର ଅଧୀନ ୬୩ ବିଧାନସଭା ଆସନ ମଧ୍ୟରୁ ୫୪ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ବରଗଡ ସଂସଦୀୟ କ୍ଷେତ୍ର ଅଧୀନରେ ରହିଛି ଝାରସୁଗୁଡା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ। ସୋମବାର ଝାରସୁଗୁଡା ବିଧାନସଭା ଆସନ ପାଇଁ ନବ କିଶୋର ଦାସଙ୍କୁ ବିଜେଡି ପ୍ରାର୍ଥୀ ଭାବେ ନାମ ଘୋଷଣା କରିଥିବା ବେଳେ ବ୍ରଜରାଜନଗର ଆସନ ପାଇଁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା ନ କରି ଝୁଲାଇ ରଖାଯାଇଛି। ଯାହାକୁ ନେଇ ବିଜେଡି କର୍ମୀ ମହଲରେ ଏକ ପ୍ରକାର ନିରାଶା ଛାଇ ଯାଇଛି।

ନବଙ୍କ ବିଜେଡିରେ ଯୋଗଦେବା ପରେ ଝାରସୁଗୁଡା ଆସନରୁ ସେ ପ୍ରାର୍ଥୀ ହେବା ନେଇ ପୂର୍ବାନୁମାନ ହେଉଥିଲା। ଏହି ପୂର୍ବାନୁମାନ ଅନୁସାରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣାରେ ନବଙ୍କ ନାମ ସ୍ଥାନ ପାଇଛି। ଝାରସୁଗୁଡାରୁ ନବ ପ୍ରାର୍ଥୀ ହେବା ନେଇ ପ୍ରଚାର ହେବା ପରେ କିଶୋର ମହାନ୍ତି ବ୍ରଜରାଜନଗର ମୁହାଁ ହୋଇଥିଲେ। କିଶୋର ବ୍ରଜରାଜନଗରରୁ ପ୍ରାର୍ଥୀ ହୁଅନ୍ତୁ ବୋଲି କହି ତାଙ୍କ ସମର୍ଥକ ବିଭିନ୍ନ ସ୍ତରରେ ପ୍ରଚାର ଚଳାଇଥିଲେ। ଅନ୍ୟପକ୍ଷରେ ୨୦୧୪ ନିର୍ବାଚନରେ ଏଠାରୁ ବିଜେଡି ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ଅନୁପ ସାଏ ମଧ ଏହି ଆଶନ ପାଇଁ ଆଶାୟୀ ଥିଲେ। ଏହିପରି ଭାବେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ କିଶୋର ଏବଂ ଅନୁପଙ୍କ ସମର୍ଥକମାନେ ସମାନ୍ତରାଳ ପ୍ରଚାର ଆରମ୍ଭ କରିଥିଲେ। ହେଲେ ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡା ପାଇଁ ପ୍ରାର୍ଥୀ ଘୋଷଣା କରି ଜିଲାର ଅନ୍ୟତମ ନିର୍ବାଚନମଣ୍ଡଳୀ ଭାବେ ପରିଚିତ ବ୍ରଜରାଜନଗର ନିର୍ବାଚନମଣ୍ଡଳୀକୁ ଝୁଲାଇ ରଖିଛନ୍ତି ବିଜେଡି ସୁପ୍ରିମୋ। ବ୍ରଜରାଜନଗର ବିଜେଡି ଆସନ ପାଇଁ ଆଶାୟୀ ଥିବା କିଶୋର ମହାନ୍ତି କିମ୍ବା ଅନୁପ ସାଏ କାହାରି ନାମ ଘୋଷଣା କରିନାହାନ୍ତି। ବିଜେଡି ମୁଖିଆ ବ୍ରଜରାଜନଗର ପାଇଁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା ନ କରି ଏହି ଦୁଇ ନେତାଙ୍କ ସମର୍ଥକଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଛନ୍ତି। ଝାରସୁଗୁଡା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନବ କିଶୋର ଦାସଙ୍କ ନାମ ଘୋଷଣା ପରେ ତାଙ୍କ ସମର୍ଥକମାନେ ଖୁସି ମନାଇଥିଲେ। ହେଲେ ଏହି ଖୁସି ଉତ୍ସବରେ କେବଳ ନବଙ୍କ ସମର୍ଥକ ହିଁ ସାମିଲ ହୋଇଥିଲେ। ନବ କଂଗ୍ରେସ ଛାଡି ଦୁଇମାସ ହେବ ବିଜେଡିରେ ଯୋଗ ଦେଇ ସାରିଛନ୍ତି। ସେ ବିଜେଡିରେ ମିଶିବା ପରେ ଦଳୀୟ କର୍ମୀଙ୍କ ସହ ସମନ୍ୱୟ ପାଇଁ ବହୁ ବୈଠକ କରି ସାରିଲେଣି। ତଥାପି ନବଙ୍କ ସହ ବିଜେଡି କର୍ମୀଙ୍କ ମନ ମିଶୁ ନ ଥିବା ଚର୍ଚ୍ଚା ହେଉଛି। ନବଙ୍କୁ ଟିକଟ ମିଳିବା ପରେ ଦଳୀୟ ମହଲରେ ସେତେଟା ଉତ୍ସାହ ନ ଥିବାରୁ ଏହି ଚର୍ଚ୍ଚା ହେଉଛି। ଏ ବାବଦରେ ଜିଲା ସଭାପତି କିଶୋର ମହାନ୍ତି ଏବଂ ନବ କିଶୋର ଦାସଙ୍କୁ ଯୋଗାଯୋଗ କରିଥିଲେ ମଧ ମତାମତ ମିଳିନାହିଁ। ଅନ୍ୟପକ୍ଷରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ତାପସ ରାୟ ଚୌଧୁରୀ କହିଲେ, ଏକାସଙ୍ଗେ ଦୁଇଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ଆଶା କରାଯାଉଥିଲା। ହେଲେ ଗୋଟିଏ ଘୋଷଣା କରି ଅନ୍ୟଟି ଝୁଲାଇ ରଖିବା ଦ୍ୱାରା କର୍ମୀମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଏକାସଙ୍ଗେ ଦୁଇଟି ଆସନ ପାଇଁ ନାମ ଘୋଷଣା ହୋଇଥିଲେ ଉତ୍ସାହ ଦ୍ୱିଗୁଣିତ ହୋଇଥାନ୍ତା ବୋଲି ସେ କହିଛନ୍ତି।



ଝାରସୁଗୁଡା ଆସନ ପାଇଁ ନାମ ଘୋଷଣା ପରେ ଉତ୍ସାହିତ ନବଙ୍କ ସମର୍ଥକ ଏକାଠି।

### ଅନନ୍ୟା ହୋଇପାରନ୍ତି ବ୍ରଜରାଜନଗର ବିଜେଡି ପ୍ରାର୍ଥୀ

ଝାରସୁଗୁଡା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ନୂଆଁ ସମୀକରଣ ସାମ୍ନାକୁ ଆସିବ। ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ବିଜେଡି ନେତା କିଶୋର ମହାନ୍ତି ଓ ଅନୁପ ସାଏଙ୍କ ନାଁରେ ଝୁଲି ରହିଥିବା ବେଳେ ଏଠାରେ ତୃତୀୟ ପ୍ରାର୍ଥୀ ଆବିର୍ଭାବ ହେବା ରାଜନୈତିକ ଚର୍ଚ୍ଚା ହେଉଛି। ସେହି ପ୍ରାର୍ଥୀ ଜଣକ ହେଲେ ବରିଷ୍ଠ କଂଗ୍ରେସ ନେତା କିଶୋର ପଟେଲଙ୍କ ପୁତ୍ରବଧୂ ଅନନ୍ୟା ନାଏକ। ବ୍ରଜରାଜନଗରରୁ ଅନନ୍ୟା ବିଜେଡି ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଲାଣି। କିଶୋର ଓ ଅନୁପଙ୍କ ପ୍ରାର୍ଥୀତ୍ୱକୁ ଦଳ ଝୁଲାଇ ରଖିବା ଯୋଗୁ ଏହି ଚର୍ଚ୍ଚା ହେଉଛି। ଏହାସହ ପୂର୍ବରୁ ଅନନ୍ୟା ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବ୍ରଜରାଜନଗରରୁ ପ୍ରାର୍ଥୀ ହେବାକୁ ଇଚ୍ଛା ପ୍ରକାଶ କରିଥିବା କୁହାଯାଉଛି। ତେବେ ଅନନ୍ୟାଙ୍କ ବ୍ରଜରାଜନର ପ୍ରାର୍ଥୀତ୍ୱ ଚର୍ଚ୍ଚା କିଶୋର ପଟେଲଙ୍କ ଭାଜପା ଯିବା ଚର୍ଚ୍ଚାକୁ ଜନ୍ମ ଦେଇଛି।

# ୪ କୁଇଣ୍ଟାଲ ମହୁଲପୋଚ, ଦେଶୀ ରନ୍ଧାମଦ ଜବତ

କୋଲାବିରା,୧୮।୩ (ଡି.ଏନ.ଏ.) ଝାରସୁଗୁଡା ଜିଲା କୋଲାବିରା ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେଶୀରନ୍ଧା ମଦ ପ୍ରସ୍ତୁତ କରାଯାଇ ବ୍ୟବସାୟ କରାଯାଉଛି। ଲୋକେ ଏହାକୁ ଆୟର ପନ୍ଥା ଭାବେ ଗ୍ରହଣ କରି ନେଉଛନ୍ତି। ନିର୍ବାଚନ ସମୟ ଆସିଯାଇଥିବାରୁ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଚଢାଉ ଜାରି ରହିଛି। ଏହିକ୍ରମରେ ରଜାମାଲ ଏବଂ ସାହାଜବାହାଲ ଗ୍ରାମ ନିକଟରେ ଦେଶୀ ମଦ ରନ୍ଧିବାକୁ ପ୍ରସ୍ତୁତ କରାଯାଉଥିବା ବେଳେ ପୋଲିସ ଚଢାଉ କରିଛି। ୪ କୁଇଣ୍ଟାଲ ମହୁଲ ପୋଚ ସହ ୧୫ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଭିସୁଟ୍‌ରେ ଯୋଗ ଉତ୍ସବ

**ଚିପିଲିମା, ୧୮।୩ (ଡି.ଏନ.ଏ.)-** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ଯୋଗାକ୍ଲବ ଆନୁକୂଲ୍ୟରେ ବିଶ୍ୱେଶରାୟ ପ୍ରେକ୍ଷାଳୟଠାରେ ଯୋଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହୃଦାନନ୍ଦ ପୃଷ୍ଟିଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଭିସୁଟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅଧାପକ ଗୌରହରି ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଛାତ୍ର କଲ୍ୟାଣ ଡିନ୍ ସୁଧାଂଶୁ ଶେଖର ଦାସ, ଯୋଗ ପ୍ରଶିକ୍ଷକ ସୁରେଶ ବେହେରାଙ୍କ ସମେତ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।

### ଭାଜପାର କର୍ମୀ ବୈଠକ

**ସମ୍ବଲପୁର, ୧୮।୩ (ବ୍ୟୁରୋ)-** କଚେରି ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳର ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ପୂର୍ବତନ ନଗରପାଳ ଗିରିଶ ପଟେଲ, ବରିଷ୍ଠ ନେତା ଅନୀଲ ବେହେରା, ଗିରିଜା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବୁଥ୍‌ସ୍ତରରୁ ଭାଜପା କର୍ମୀମାନେ କାର୍ଯ୍ୟ କରିବାକୁ ନେତାମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ପାଞ୍ଚଗଛିଆ ଅଞ୍ଚଳର ଶତାଧିକ ମହିଳା, ପୁରୁଷ ଭାଜପାରେ ସାମିଲ ହୋଇଥିଲେ ।



### ଭିମ୍‌ସାର ଚତୁର୍ଥ ବର୍ଷ ଡାକ୍ତରୀ ଛାତ୍ର ନିଖୋଜ

**ଚିପିଲିମା, ୧୮।୩ (ଡି.ଏନ.ଏ.)-** ଭୀମସାରର ଜଣେ ଚତୁର୍ଥ ବର୍ଷର ଛାତ୍ର ରବିବାରଠାରୁ ନିଖୋଜ ଅଛନ୍ତି। ସେ ହେଲେ ଦେବବ୍ରତ ନାଥ। ତାଙ୍କ ଘର ରାଉରକେଲାରେ। ଏ ନେଇ ମେଡିକାଲ କଲେଜ ପକ୍ଷରୁ ବୁର୍ଲା ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ତାଙ୍କ ବାପା ଗୌରକିଶୋର ନାଥ ମଧ ଏହି ଖବର ପାଇବା ପରେ ଏଠାରେ ପହଞ୍ଚି ଅନ୍ୟ ଏକ ଅଭିଯୋଗ କରିଛନ୍ତି। ଉଭୟ ଅଭିଯୋଗକୁ ଆଧାର କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ପୋଲିସଠାରୁ ମିଳିଥିବା ତଥ୍ୟ ଅନୁସାରେ ନିଖୋଜ ଛାତ୍ର ଦେବବ୍ରତ ୟୁଜି ହଷ୍ଟେଲରେ ରହୁଥିଲେ । ସେ ରବିବାର ସକାଳୁ ହଷ୍ଟେଲରୁ କୁଆଡେ ବାହାରିଥିଲେ। ରାତି ପର୍ଯ୍ୟନ୍ତ ଫେରି ନ ଥିଲେ।

### ଚଞ୍ଚକତା କରି ସରକାରୀ ଜମି ହଡ଼ପ ଘଟଣା

# ମାପଚୁପ ହେଲାନି, ଡରି ପଳାଇଲେ ଅଫିସର

**ମାନେଶ୍ୱର, ୧୮।୩ (ବ୍ୟୁରୋ)**



ଝୁଝୁମୁରା ତହସିଲ ମହୁଲପାଲି ମୌଜାର ଜମି ଅଧିଗ୍ରହଣ କରିବରାକୁ ଯାଇଥିବା ଅଧିକାରୀ ।

ସମ୍ବଲପୁର-କଟକ ୫୫ ନମ୍ବର ଜାତୀୟ ରାଜପଥ ଜମି ଅଧିଗ୍ରହଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରି ଜମି ଠକେଇ ହୋଇଥିବା ଅଭିଯୋଗ ହୋଇଥିଲା । ପ୍ରାୟ ଦେଢ ବର୍ଷ ପରେ ସୋମବାର ପୁଣି ବିବାଦୀୟ ଜମିରେ ଥିବା ଘର ଓ ଜମି ମାପଚୁପ କରିବାକୁ ପ୍ରୟାସ କରାଯାଇଥିଲା। ଜାତୀୟ ରାଜପଥ ଅଧିକାରୀ, ଠିକା କମ୍ପାନୀ ଅଧିକାରୀ ଓ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ପହଞ୍ଚି ମାପଚୁପ ଆରମ୍ଭ କରିଥିଲେ। ହେଲେ ଖବର ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନେ ପହଞ୍ଚି ବିରୋଧ କରିଥିଲେଃ ସରକାରୀ ଜମିରେ ଘର ନିର୍ମାଣ କରିଥିଲେ କ୍ଷତିପୂରଣ କାହିଁକି ଦିଆଯିବ। ଯଦି ଜଣେ ବ୍ୟକ୍ତିକୁ ଦିଆଯିବ ତାହାହେଲେ ସମସ୍ତ ବିସ୍ଥାପିତଙ୍କୁ ଟଙ୍କା ଦିଆଯାଉ। ଭୂଅର୍ଜନ ବିଭାଗ ଅଧିକାରୀ ସଲା ସୁତୁରା କରି ଲକ୍ଷାଧିକ ଟଙ୍କା ହାତ ଗୁଞ୍ଜା ନେଇ କ୍ଷତିପୂରଣ ଦେବା ପାଇଁ ମାପଚୁପ କରିବାକୁ ଆସୁଛନ୍ତି । ପ୍ରାୟ ୨ ବର୍ଷ ହେଲା ଜମି ବିବାଦୀୟ ହୋଇ ରହିଛି। ସରକାରୀ ଜମିକୁ ଚଞ୍ଚକତା କରି ସରକାରୀ ଚାକିରିଆ, ଜନପ୍ରତିନିଧି, ପ୍ରତିଷ୍ଠିତ ବ୍ୟକ୍ତିମାନେ ପ୍ରାୟ ୨୨ଟି ପ୍ଲଟ ହାତେଇଛନ୍ତି। ଏହାକୁ ନେଇ ଅଭିଯୋଗ କଲାପରେ ଏହାର ତଦନ୍ତ ପ୍ରକ୍ରିୟା ଜାରି ରହିଛି । ହେଲେ ପୁଣି ମାପଚୁପ କରିବାକୁ ଆସିବା ଘଟଣା ଭୂଅର୍ଜନ ବିଭାଗ କର୍ମଚାରୀଙ୍କୁ ସନ୍ଦେହ ଘେରରେ ଆଣୁଛି। ଜମି ଠକେଇ ଉପରେ ତଦନ୍ତ କରି ପଟା ରଦ୍ଦ କରାଯାଉ। ସେମାନଙ୍କ ନାମରେ ଥାନାରେ ଠକେଇ ମାମଲା ରୁଜୁ କରାଯାଉ ବୋଲି ଲୋକେ ଦାବି କରି ପାଟିତୁଣ୍ଡ କରିଥିଲେ। ଏଣୁ ଲୋକଙ୍କୁ ଡରିଯାଇ ଜାତୀୟ ରାଜପଥ ଅଧିକାରୀ, ଭୂଅର୍ଜନ ଅଧିକାରୀ, ଠିକା କମ୍ପାନୀ ଅଧିକାରୀ ପଳାଇ ଥିଲେ । ସୂଚନା ଯୋଗ୍ୟ ଯେ, ସମ୍ବଲପୁର ଜିଲା ଝୁଝୁମୁରା ତହସିଲ ଅଧୀନ ନୂଆମହୁପାଲି ମୌଜାର ଖାତା ନଂ. ୬୬ ଓ ପ୍ଲଟ ନଂ ୧୬୨ର ସରକାରୀ ଖାତାରେ ବସ୍ତି ଯୋଗ୍ୟ କିସମ ଜମି ରହିଛି। କିଛି ବର୍ଷ ପୂର୍ବରୁ ଅଞ୍ଚଳର କେତେଜଣ ବ୍ୟକ୍ତି ଭୂମିହୀନ ଦର୍ଶାଇ ନିଜ ନାମରେ ଜମି କରି ନେଇଛନ୍ତି। କେତେଜଣ ନିଜ ସମ୍ପର୍କୀୟଙ୍କ ନାମରେ ଜମି କରି ନେଇଛନ୍ତି। ଏବେ କିଛି ପରିମାଣ ଜମି ଜାତୀୟ ରାଜପଥ ଚାରିଥାକିଆ ନିର୍ମାଣ ପାଇଁ ଅଧିଗ୍ରହଣ ହୋଇଛି । ଏ ସମ୍ପର୍କରେ ଜିଲାପାଳ ଶୁଭମ ସକସେନାଙ୍କୁ ପଚାରିବାରୁ ସରକାରୀ ଜମି ଠକେଇ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗହଣ କରାଯିବ ବୋଲି କହିଛନ୍ତି ।

## ଅବକାରୀ ଚଢ଼ାଉ: ମଦ ସହ ରନ୍ଧା ସାମଗ୍ରୀ ଜବତ

**ପଦ୍ମପୁର, ୧୮।୩ (ଡି.ଏନ.ଏ.)**

ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶର ଏକ ଗ୍ରାମ ପାଇକମାଲ ଥାନା ବୋଡ଼ାସମ୍ବର ଗ୍ରାମ୍ୟ ଜଙ୍ଗଲରେ ମଦ ରନ୍ଧା ହେଉଥିବା ଖବର ପାଇ ଚଢାଉ କରାଯାଇଥିଲା। ବରଗଡ଼ ଅବକାରୀ ଅଧିକ୍ଷକ ମକରଧ୍ୱଜ ବର୍ଗେଙ୍କ ନିର୍ଦ୍ଦେଶରେ ପଦ୍ମପୁର ଅବକାରୀ ଇନ୍ସପେକ୍ଟର ଲଳିତ ମୋହନ ମିଶ୍ରଙ୍କ ନେତୃତ୍ୱରେ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ାଉ କରାଯାଇଥିଲା। ଉକ୍ତ ବେଆଇନ ମଦରନ୍ଧା ସ୍ଥାନରୁ ୧୧୭ ପ୍ୟାକେଟ ପଲି ବ୍ୟାଗ, ୩୨ଟି ମଦରନ୍ଧା ଡେକ୍‌ଚି, ଗୋଟାଏ ସାଇକେଲ ସହ ୫୦୦ଲିଟର ଦେଶୀ ରନ୍ଧାମଦ ଜବତ ହୋଇଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏହି ଚଢ଼ାଉରେ ପଦ୍ମପୁର ଅବକାରୀ ସବ୍‌ଇନ୍ସପେକ୍ଟର ହେମକାନ୍ତ ସୁନା, ଷ୍ଟାଫ ପ୍ରଦୀପ ସାହୁ, ରଞ୍ଜନ ସେଟ, ମୁକେଶ ବିଶ୍ୱାଳ, କେନାଲୁ ଭୋଇ, ସୁକାନ୍ତ ବଡ଼େଇ, ବିନୋଦ ତିର୍କି, ତାରାକାନ୍ତ ଭୁଏ ପ୍ରମୁଖ ସାମିଲ ଥିଲେ। ନିର୍ବାଚନ ସମୟ ପାଖେଇ ଆସୁଥିବା ଯୋଗୁଁ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଅବକାରୀ ଚଢ଼ାଉକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି।

### ହୀରାକୁଦ କପ୍ ଫୁଟବଲ ଟୁର୍ନାମେଣ୍ଟ

## ବ୍ରଜରାଜନଗରକୁ ହରାଇ ରାଉରକେଲା ବିଜୟୀ

**ସମ୍ବଲପୁର/ହୀରାକୁଦ, ୧୮।୩ (ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସୁଭାଷ ମଇଦାନଠାରେ ହୀରାକୁଦ କପ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ସୋମବାର ମ୍ୟାଚରେ ରାଉରକେଲା ଦଳ ୮-୩ ଗୋଲରେ ବ୍ରଜରାଜନଗରକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ରାଉରକେଲା ଖେଳାଳି ଅଖିଳେଶ ଟପ୍ପୋ ହାଟ୍ରିକ ଗୋଲସ୍କୋର କରି ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ହାସଲ କରିଥିଲେ । ରେଫରି ନନ୍ଦ କିଶୋର ମଝିପଡିଆରେ ମ୍ୟାଚ ପରିଚାଳନା କରିଥିଲେ । ଲାଇନରେ ମଥୁରା ଓରାମ ଓ ଜଲାନ ଟପ୍ପୋ ସହଯୋଗ କରିଥିଲେ । ମନୋଜ ଭୋଇ ଚତୁର୍ଥ ରେଫରି ଥିଲେ । ପୁରୁଖା ସନ୍ତୋଷ ଟ୍ରଫି ଖେଳାଳି ଜ୍ଞାନେନ୍ଦ୍ର ମିଶ୍ର ଓ ଗୌରାଙ୍ଗ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୋଜକ ହୀରାକୁଦ କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ସଚିକାନ୍ତ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସାଧାରଣ ସମ୍ପାଦକ ପ୍ରତାପ ତାଣ୍ଡି, ପୂର୍ବତନ ସମ୍ପାଦକ କ୍ଷୀରୋଦ ନାୟକ, ଆଥ୍‌ଲେଟିକ ସମ୍ପାଦକ ସୁଦେଶ ନାଗ, କ୍ରିକେଟ ସମ୍ପାଦକ ବିଘ୍ନ ପାଣିଗ୍ରାହୀ, କବି କୁମାର, ମନୋଜ ଟପ୍ପୋ, ସତ୍ୟବ୍ରତ ପଣ୍ଡା, ଅଭିଷେକ ଦାଶ, ଶରତ ସେଠୀ ମ୍ୟାଚ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ଚିପିଲିମା-ଗୋଶାଳା ମୁଖ୍ୟ ରାସ୍ତା ଉପରେ ବାଲିଗଦା

## ଭାରସାମ୍ୟ ହରାଇ ସ୍କୁଟିରୁ ପଡ଼ି ଯୁବକଙ୍କ ଗୋଡ଼ ଭାଙ୍ଗିଲା

**ଚିପିଲିମା, ୧୮।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ କର୍ଡୋଲା ପଞ୍ଚାୟତ ଚିପିଲିମା-ଗୋଶାଳା ପିଡବ୍ଲୁଡି ରାସ୍ତାର ଚାରପାଲି ଛକରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ ମଣ୍ଡପ ନିର୍ମାଣ ଚାଲିଛି। ଏଥିପାଇଁ ରାସ୍ତା ଉପରେ ବାଲି ଗଦା ହୋଇଛି । ସେହି ଜାଗାରେ ଦୁର୍ଘଟଣା ଆଶଙ୍କା ଥିବାରୁ ରାସ୍ତା ଉପରୁ ବାଲି ହଟାଇବାକୁ ସଂପୃକ୍ତ ଠିକାଦାରଙ୍କୁ ଅନେକ ଲୋକ ଅନୁରୋଧ କରୁଛନ୍ତି। ହେଲେ ସଂପୃକ୍ତ ଠିକାଦାର ବେପରୁଆ ମନୋଭାବ ପୋଷଣ କରି ଏଥିପ୍ରତି ଧ୍ୟାନ ଦେଉ ନାହାନ୍ତି। ଏଥି ଯୋଗୁ ସୋମବାର ଚିପିଲିମାର ମହମ୍ମଦ ସଲିମ (୪୫) ନାମକ ଜଣେ ବ୍ୟକ୍ତି ଦୁର୍ଘଣାର ଶିକାର ହୋଇଛନ୍ତି। ସେ ପଞ୍ଚାୟତ ଅଫିସରୁ କଣ୍ଟ୍ରୋଲ ସାମଗ୍ରୀ ଧରି ସ୍କୁଟିରେ ଫେରୁଥିଲେ। ହେଲେ ବାଲିରେ ଭାରସାମ୍ୟ ହରାଇ ଗାଡି ସହ ତଳେ ପଡି ଯାଇଥିଲେ। ଫଳରେ ତାଙ୍କ ଗୋଡ ଭାଙ୍ଗି ଯାଇଛି। ବୁର୍ଲା ଭିମ୍‌ସାରରେ ତାଙ୍କୁ ଭର୍ତ୍ତି କରାଯାଇଛି। ଏ ନେଇ ଚାରପାଲି ଛକରେ ଚାପା ଉତ୍ତେଜନା ମଧ ଦେଖିବାକୁ ମିଳିଥିଲା।

### ପାରିକରଙ୍କୁ ଶ୍ରଦ୍ଧାଞ୍ଜଳି

**ଚିପିଲିମା, ୧୮।୩ (ଡି.ଏନ.ଏ.)**

ଭାରତୀୟ ଜନତା ପାର୍ଟି ବୁର୍ଲା ମଣ୍ଡଳ କାର୍ଯ୍ୟାଳୟରେ ସୋମବାର ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ନମ୍ରସକାନ୍ତ ପଟ୍ଟନାୟକ, ଆଇନଜୀବୀ ମୁକୁଲ କୁମାର ଦାଶ, ପ୍ରସନ୍ନ କୁମାର ସାହୁ, ବୈଶାଖୁ କଲେତ, ଆଇନଜୀବୀ ନେତ୍ରରଞ୍ଜନ ଦାଶ, ରଞ୍ଜିତ ସିଂ, ସୁଜୟ ପାଢ଼ୀ, ଧର୍ମେନ୍ଦ୍ର ଗିରି ଓ ଅମରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପାରିକରଙ୍କ ସ୍ମୃତିଚାରଣ କରିଥିଲେ।

### ହୋଲିକୁ ନେଇ ଉତ୍ସାହିତ ଅତାବିରାବାସୀ

**ଜାମଟିକ୍ରା, ୧୮।୩ (ଡି.ଏନ.ଏ)**

ଅତାବିରାବାସୀଙ୍କ ପାଇଁ ହୋଲି ଏକ ନିଆରା ପର୍ବ। ଚଳିତବର୍ଷ ମାର୍ଚ୍ଚ ୨୨ରେ ପାଳିତ ହେବ ହୋଲିଉତ୍ସବ । ଆଉ ରହିଲା ୨ଦିନ ମାତ୍ର । ଫଗୁ ଖେଳ ପାଇଁ ପ୍ରାକ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ସୋମବାର ଅତାବିରା ସାପ୍ତାହିକ ବଜାରରେ ଲୋକେ ପାଇକାରୀ ଦୋକାନରୁ ରଙ୍ଗ ଓ ପିଚିକାରି କିଣୁଥିବା ଦେଖିବାକୁ ମିଳିଥିଲା । ସବୁ ବର୍ଷ ପରି ଏବର୍ଷ ମଧ ବଜାରରେ ହର୍ବାଲ ରଙ୍ଗ ବିକ୍ରି ହେଉଛି । ଏହା ସହିତ ଟୋପି, ମୁଖା, କଲର ହେୟାର, ପଗଡି ମଧ ବିକ୍ରି ହେଉଛି । ଶରୀରକୁ କ୍ଷତି ପହଞ୍ଚାଉ ନ ଥିବା ଲାଲ, କମଳା, ହଳଦୀ, ନୀଳ, ସବୁଜ, ବାଇଗଣି, ଗୋଲାପି ଆଦି ୭ ପ୍ରକାର ହର୍ବାଲ ଅବିର ବର୍ତ୍ତମାନ ବଜାରରେ ଉପଲବ୍ଧ ହେଉଛି । ଜିଙ୍କ, କଲର ଟୋପି ଓ ଜାଳି ଟୋପିର ଦାମ ୩୦ରୁ ୫୦ ଟଙ୍କା ମଧ୍ୟରେ ରହିଛି । କ୍ରିସ, ସ୍ପାଇଡର୍ ମ୍ୟାନ, ବାଘ, ଭାଲୁ, ଭୂତ ପ୍ରଭୃତିର ମୁଖାର ଦାମ ରହିଛି ୨୦ରୁ ୪୦ ଟଙ୍କା ମଧ୍ୟରେ । ପିଚିକାରି ଦାମ ୨୦ ଟଙ୍କା, ହର୍ବାଲ ଅବିର ୧୫୦ ଟଙ୍କା ରହିଛି କେଜି ପ୍ରତି । ପୂର୍ବବର୍ଷ ଭଳି ରଙ୍ଗ ଓ ଅନ୍ୟାନ୍ୟ ସାମଗ୍ରୀର ଦର ବିଶେଷ ବୃଦ୍ଧି ପାଇ ନ ଥିବାରୁ ଚଳିତବର୍ଷ ଭଲ ହେବ ବୋଲି ବ୍ୟବସାୟୀ ମଦନ ଶର୍ମା କହିଛନ୍ତି ।

## ଯାଞ୍ଚ ବେଳେ କାରରୁ ୩ ଲକ୍ଷ ଟଙ୍କା ଜବତ, ୨ ଅଟକ

**ଜମନକିରା, ୧୮।୩ (ଡି.ଏନ୍.ଏ.)**



ସ୍କ୍ୱାର୍ଡ ପାର୍ଟି ଗାଡ଼ି ଅଟକାଇ ଯାଞ୍ଚ କରୁଛନ୍ତି ।

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଜପୁର ଛକରେ ସୋମବାର ଅପରାହ୍ନ ସାଢ଼େ ୧୨ଟାରେ ଜମନକିରା ପୋଲିସର ସ୍ୱତନ୍ତ୍ର ସ୍କାଡ଼ ଏକ କାରରୁ ୩ ଲକ୍ଷ ୧୩ ହଜାର ଟଙ୍କା ଜବତ କରିଛି । ଗାଡିରେ ଥିବା ୨ ଜଣ ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି। ପୋଲିସର ସୂଚନା ଅନୁସାରେ, ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ ଆଚରଣ ବିଧି ଲାଗୁ ହେଲାପରେ ଯାଞ୍ଚ ପାଇଁ ସ୍ୱତନ୍ତ୍ର ସ୍କାଡ଼ ଗଠନ କରଯାଇଛି। ସୋମବାର ଜମନକିରା ପୋଲିସର ଏକ ସ୍କାଡ଼ ଭୋଜପୁରରେ ଗାଡିମୋଟର ଯାଞ୍ଚ କରୁଥିଲା। ଏତିକିବେଳେ ସମ୍ବଲପୁର ପଟୁ ଏକ କାର୍ (ଓଡ଼ି ୧୫ଏଫ୍ ୬୫୦୧) କୁଚିଣ୍ଡା ଅଭିମୁଖେ ଯାଉଥିଲା। ପୋଲିସ ଅଟକାଇ ଯାଞ୍ଚ କରିବାରୁ ଗାଡିରୁ ୩ ଲକ୍ଷ ୧୩ ହଜାର ଟଙ୍କା ମିଳିଥିଲା । ତେବେ ଗାଡି ଧରା ପଡ଼ିଥିବା ସ୍ଥାନଟି କୁଚିଣ୍ଡା ଥାନା ଅଧୀନରେ ଯାଉଥିବା ଯୋଗୁ କୁଚିଣ୍ଡା ପୋଲିସକୁ ହସ୍ତାନ୍ତର କରାଯାଇଛି। ଗାଡ଼ିରେ ଗରିଆବାହାଲ ଗାଁର ରାହୁଲ ପଟେଲ (୨୭) ଓ ତାଙ୍କ ବାପା ନରେନ୍ଦ୍ର ପଟେଲ (୬୦) ବସିଥିବା ପୋଲିସ କହିଛି। ସ୍ୱତନ୍ତ୍ର ସ୍କାର୍ଡ଼ରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ରମେଶ ପଟେଲ, ଏଏସ୍‌ଆଇ ସୁଧୀର କୁମାର ମହାକୁଲ ଓ ତିନି ଜଣ କନଷ୍ଟେବଲ ସାମିଲ ଥିଲେ।

### ଅଭିରାମ ପରମହଂସ ଦେବଙ୍କ ବାର୍ଷିକ ଉତ୍ସବ

**ରେଢାଖୋଲ, ୧୮।୩ (ଡି.ଏନ.ଏ.)**

ପାତୁଲିପାଲିସ୍ଥିତ ବନମହୋସବସ୍ଥଳରେ ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଅନଷ୍ଠିତ ହୋଇଛି। ପୁରୀ ଜିଲା କରମଳାସ୍ଥିତ ଅଭିରାମ ପରମହଂସ ଦେବଙ୍କ ମୁଖ୍ୟ ଆଶ୍ରମ ଶାନ୍ତି ଆନନ୍ଦାଶ୍ରମର ବରିଷ୍ଠ ସନ୍ନ୍ୟାସୀ ଶ୍ୟାମାନନ୍ଦ ଦାସ ମହାରାଜଙ୍କ ପୌରୋହିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଂ. ପାର୍ଥସାରଥି ମହାନ୍ତି ଅଧାତ୍ମିକ ଭାବଧାରାର ହରିକଥା ସମ୍ପର୍କରେ ଆଲୋଚନା କରିଥିଲେ। ଷ୍ନାମଯଜ୍ଞରେ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ତ୍ରିଲୋଚନ ସାହୁ, ଅଖିଳ ପୁରୋହିତ, ଉମାକାନ୍ତ ପ୍ରଧାନ, ରଘୁନାଥ ପ୍ରଧାନଙ୍କ ସମେତ ବହୁ ଭକ୍ତ ସହଯୋଗ କରିଥିଲେ।

### ଦୋକାନ ଭିତରେ ପଶିଗଲା ଟ୍ରକ୍

## ୨ ବାଇକ୍ ଚୂରମାର୍, ଭାଙ୍ଗିଲା ଦୋକାନ

**ରେଢାଖୋଲ, ୧୮।୩ (ଡି.ଏନ.ଏ.)**

ରେଢାଖୋଲ ସହର ମଧ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ଡାକ୍ତରଖାନା ଛକରେ ସୋମବାର ମଧାହ୍ନ ୧ଟା ବେଳେ ଏକ ଟ୍ରକ୍ ଗୋଟିଏ ଦୋକାନ ଭିତରକୁ ପଶିଯାଇଥିଲା। ଫଳରେ ଦୋକାନର ସମ୍ମୁଖ ଭାଗ ଭାଙ୍ଗି ଯାଇଛି। ଦୋକାନ ସମ୍ମୁଖରେ ଥିବା ଓଡି୧୫ ଡି-ଇ-୯୦୨୫ ନମ୍ବର ବିଶିଷ୍ଟ ଏକ ବାଇକ୍ ଓ ଅନ୍ୟ ଏକ ନମ୍ବର ବିହୀନ ନୂଆ ବାଇକ ଚୁରମାର ହୋଇଯାଇଛି । ପାଲିସ ପହଞ୍ଚି ନିଶାସକ୍ତ ଅବସ୍ଥାରେ ଥିବା ଟ୍ରକ୍ ଡ୍ରାଇଭରଙ୍କୁ ଗାଡି ଭିତରୁ ବାହାର କରି ଥାନାକୁ ନେଇଥିଲା। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଟ୍ରକ୍‌ର ଡ୍ରାଇଭର ସଞ୍ଜୁ ସୁକଦେବ ଉପରୱାଟଙ୍କୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ସୂଚନାମତେ, ଭଦ୍ରକରୁ ଧାନ ବୋଝେଇ କରି ସମ୍ବଲପୁର ଯାଉଥିବା ଏହି ଟ୍ରକ୍ (ଏମଏଚ୩୦-ବିଡି ୪୪୨୨)ର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିଲେ। ଆଖି ପଡିଯିବାରୁ ଡାକ୍ତରଖାନା ଛକରେ ଥିବା ଜେ. ଫେଶନ ଦୋକାନ ଭିତରକୁ ଗାଡି ପଶି ଯାଇଥିଲା।



ସମ୍ବଲପୁର ମୁଦିପଡାଠାରେ ବିଜେଡିର ୱାର୍ଡ କମିଟି ବୈଠକରେ ହେରମ୍ବ ଚନ୍ଦ୍ର ଦାନୀ ବକ୍ତବ୍ୟ ଦେଉଛନ୍ତି ।

## ବିଜେଡିର ୱାର୍ଡ କମିଟି ବୈଠକ

**ସମ୍ବଲପୁର, ୧୮।୩ (ବ୍ୟୁରୋ)**

ମୁଦିପଡା ପଦ୍ମକେଶରୀ ପାର୍କ ସମ୍ମୁଖରେ ବିଜେଡିର ୨୨ ନମ୍ବର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଟାଉନ ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା କୃଷକ ସେଲ ସଭାପତି ଆନନ୍ଦ ଜେନା, ରାଜ୍ୟ କୃଷକ ସେଲ ସମ୍ପାଦକ ମନୋଜ ମହାପାତ୍ର, ମହିଳା ଜିଲା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ସୌରିନାରାୟଣ ପ୍ରଧାନ, ଲୁଲୁ ପ୍ରଧାନ, ରବିରଞ୍ଜନ ପୂଜାରୀ, ହେରମ୍ବ ଚନ୍ଦ୍ର ଦାନୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଛନ୍ତି ।

### ଝୁଝୁମୁରା ଆଦର୍ଶ ବିଦ୍ୟାଳୟ କୋଠା କାମ ସରିନି

## ଝୁଝୁମୁରା ଉଚ୍ଚ ପ୍ରାଥମିକ ସ୍କୁଲରେ ବସିବେ ପିଲା

**ସମ୍ବଲପୁର, ୧୮।୩ (ବ୍ୟୁରୋ)**



ଅସମ୍ପୂର୍ଣ୍ଣ ଆଦର୍ଶ ବିଦ୍ୟାଳୟ କୋଠା ।

ଉତ୍ତମ ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ଘୋଷଣା କରିଥିଲେ । ସମ୍ବଲପୁର ଜିଲାରେ ମଧ ୯ଟି ବ୍ଲକରେ ଏହି ସ୍କୁଲ ନିର୍ମାଣ କରାଯିବାକୁ ପ୍ରଶାସନ ଲକ୍ଷ୍ୟ ରଖିଥିଲା । ହେଲେ ଜିଲାରେ ଏବେ ବାମରା ଓ ରେଙ୍ଗାଲି ବ୍ଲକରେ ଅବ୍ୟବସ୍ଥା ଭିତରେ ପାଠ ପଢା ଆରମ୍ଭ ହୋଇଛି । ଚଳିତ ବର୍ଷ ଝୁଝୁମୁରା ବ୍ଲକରେ ପାଠ ପଢା ଲକ୍ଷ୍ୟ ନେଇ ସ୍କୁଲ କୋଠା ନିର୍ମାଣ କାମ ଆରମ୍ଭ ହୋଇଛି । ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା ଯୋଗୁ କୋଠା ଅସମ୍ପୂର୍ଣ୍ଣ ହୋଇପଡି ରହିଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଠିକ୍ ସମୟରେ ବିଭାଗୀୟ ଅଧିକାରୀ ତଦାରଖ କରିବା ସହ ଠିକାଦାରଙ୍କୁ ସହଯୋଗ କରିଥିଲେ ଏତେ ବିଳମ୍ବ ହୋଇ ନ ଥାନ୍ତା ବୋଲି ସେମାନେ ଅଭିଯୋଗ କରିଛନ୍ତି । ସେ ଯାହା ହେଉନା କାହିଁକି ପିଲାଙ୍କ ପାଠ ପଢାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଅନ୍ୟପଟେ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷଠାରୁ କିପରି ଏଠାରେ ପାଠ ପଢା ଆରମ୍ଭ ହେବ ସେ ନେଇ ପ୍ରକିୟା ଆରମ୍ଭ କରାଯାଇଛି।

ଝୁଝୁମୁରା ବିଇଓ ଅଫିସରେ ନାମଲେଖା ପାଇଁ ଫର୍ମ ବିକ୍ରି କରା ଯାଉଛି । ଝୁଝୁମୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢା ହେବ ବୋଲି ଯୋଜନା କରାଯାଇଛି। ଝୁଝୁମୁରା ବ୍ଲକ ସହିତ ଆଖପାଖ ବ୍ଲକର ଅଭିଭାବକମାନେ ଫର୍ମ କିଣୁଛନ୍ତି। ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାସ କହିଛନ୍ତି ଯେ, ଚଳିତ ବର୍ଷରୁ ପାଠ ପଢା ଆରମ୍ଭ କରାଯିବ । ଏପ୍ରିଲ ମାସ ସୁଦ୍ଧା କୋଠା କାମ ସମ୍ପୂର୍ଣ୍ଣ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରତିଶ୍ରୁତି ଦେଇଛି। ତେଣୁ ଆବେଦନ ଫର୍ମ ଗ୍ରହଣ କରାଯାଉଛି । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହି ଯନ୍ତ୍ରୀ ରମେଶଚନ୍ଦ୍ର ରଥଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାମ ଶେଷ କରିବାକୁ ବିଭାଗ ପକ୍ଷରୁ ଚେଷ୍ଟା କରାଯାଉଛି। ସୂଚନାଯୋଗ୍ୟ ୨୦୧୮ ମେରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଏହି ସ୍କୁଲ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ।





# ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀ

# ହେଭିୱେଟ ଲଢ଼େଇ ସମ୍ଭାବନା

**ସନ୍ତୋଷ ରାଉତ**
**ଘସିପୁରା,୧୮।୩(ସ୍ୱ.ପ୍ର.)**

ନିର୍ବାଚନ ଘୋଷଣା ପରେ କେନ୍ଦୁଝର ଜିଲା ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ହେଭିୱେଟ ନେତାଙ୍କ ଲଢେଇ ସମ୍ଭାବନାକୁ ନେଇ ରାଜନୈତିକ ବାତାବରଣ ସରଗରମ ହୋଇ ଉଠିଛି। ବିଜେଡି ବିଧାୟକ ବଦ୍ରି ନାରାୟଣ ପାତ୍ର କ୍ରମାଗତ ୨୦୦୯ ଓ ୨୦୧୪ରେ ଉକ୍ତ ନିର୍ବାଚନ ମଣ୍ଡଳୀରୁ ବିଜୟ ହାସଲ କରିଥିବା ବେଳେ ବର୍ତ୍ତମାନ ରାଜ୍ୟ ମନ୍ତ୍ରିମଣ୍ଡଳରେ ଗଣଶିକ୍ଷା ମନ୍ତ୍ରୀ ରହିଛନ୍ତି। ଏଥର ଦଳୀୟ ଟିକେଟ ପାଇବାକୁ ସେ ଆଶାୟୀ ରହିଛନ୍ତି। ଘସିପୁରା ଆସନ ବର୍ତ୍ତମାନର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିଜ ନିର୍ବାଚନ ମଣ୍ଡଳୀ ଭାବେ ପରିଚିତ। ସେ ମଧ୍ୟ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ୨୦୧୪ ବିଧାନସଭା ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବା ଭାଜପା ଗତ ପଞ୍ଚାୟତ ନିର୍ବାଚନ ଫଳାଫଳକୁ ଦୃଷ୍ଟି ରଖି ଉକ୍ତ ଆସନକୁ ହାତେଇବା ଲକ୍ଷ୍ୟରେ ରହିଛି।


ବଦ୍ରି ନାରାୟଣ ପାତ୍ର


ନିରଞ୍ଜନ ପଟ୍ଟନାୟକ


ପୃଥ୍ୱୀରାଜ କୁଅଁର


ସନ୍ତୋଷ ରାଉତ

ସାଧାରଣବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ଘସିପୁରା ନିର୍ବାଚନମଣ୍ଡଳୀ ସଦର ବ୍ଲକର ୨୬ ପଞ୍ଚାୟତ ଓ ୧୫୯ ଗ୍ରାମ, ଘଟଗାଁ ବ୍ଲକର ୨୬ ପଞ୍ଚାୟତ ଓ ୧୪୮ଗ୍ରାମକୁ ନେଇ ଗଠିତ। ୨୦୦୯ ନିର୍ବାଚନ ପରଠାରୁ ବିଜେଡି ଏହାକୁ ନିଜ ଗଡରେ ପରିଣତ କରିଛି। ୨୦୦୯ ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ବଦ୍ରି ନାରାୟଣ କଂଗ୍ରେସ ପ୍ରାର୍ଥୀ ନିରଞ୍ଜନଙ୍କୁ ପ୍ରାୟ ୨୫ ହଜାର ୫୫ରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଥିଲେ। ୨୦୧୪ରେ ନିରଞ୍ଜନ ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ। ପୃଥ୍ୱୀରାଜ କୁଅଁରଙ୍କୁ କଂଗ୍ରେସ ଟିକେଟ ଦେଇଥିଲା। ବିଜେଡି ପ୍ରାର୍ଥୀ ବଦ୍ରି ନାରାୟଣ ଭାଜପାର ସତ୍ୟବ୍ରତ ପଣ୍ଡା ଓ କଂଗ୍ରେସର ପୃଥ୍ୱୀରାଜଙ୍କୁ ହରାଇ ୮୮ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟ ହାସଲ କରି ରେକର୍ଡ ସୃଷ୍ଟି କରିଥିଲେ।

ଘସିପୁରା ନିର୍ବାଚନମଣ୍ଡଳୀରେ ଗତବର୍ଷ ଘଟିଥିବା ରାଜନୈତିକ ହିଂସା ଓ ପୋଲିସ ଉପରେ ଆକ୍ରମଣ ଭଳି କେତେକ ଘଟଣା ମନ୍ତ୍ରୀ ପାତ୍ରଙ୍କ ପରିବାରକୁ ଚର୍ଚ୍ଚାକୁ ଆଣିଛି। ଏହି ପରିପ୍ରକ୍ଷୀରେ ବିଜେଡି ନୂଆ ମୁହଁକୁ ବାଛିପାରେ ବୋଲି ଚର୍ଚ୍ଚା ହେଉଛି। ବିଜେଡିର ଯୁବନେତା ରାଜା ଚକ୍ର ମଧ୍ୟ ଟିକେଟ ଲବିରେ ରହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜିଲା ସମ୍ପାଦକ ରତିକାନ୍ତ ବରାଳଙ୍କ ନାମ ଦଳୀୟ ଟିକେଟ ଲାଗି ହାଇକମାଣ୍ଡଙ୍କ ନିକଟରେ ପ୍ରସ୍ତାବ ରଖାଯାଇଛି। ବିଜେଡି ଓ କଂଗ୍ରେସ ତୁଳନାରେ ଭାଜପାରେ ଆଶାୟୀଙ୍କ ସଂଖ୍ୟା ଅଧିକ। ଯଜ୍ଞ ପ୍ରସାଦ ସାହୁ, ଆଇନଜୀବୀ ବିଚିତ୍ର କୁମାର ଚକ୍ର, ପୂର୍ବତନ ବିଧାୟକ ପ୍ରାର୍ଥୀ ସନ୍ତୋଷ ରାଉତ, ସତ୍ୟବ୍ରତ ପଣ୍ଡା, ପ୍ରଫେସର ସନତ୍ କୁମାର ରଥ ପ୍ରମୁଖ ଆଶାୟୀ ତାଲିକାରେ ରହିଛନ୍ତି। ଅନ୍ୟପକ୍ଷରେ ଗତଥର କଂଗ୍ରେସ ପ୍ରାର୍ଥୀ ହୋଇଥିବା ପୃଥ୍ୱୀରାଜ କୁଅଁର ଭାଜପାରେ ସାମିଲ ହୋଇ ସାରିଛନ୍ତି। ଏ ପରି କି ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରହିଛନ୍ତି। ସେ ଏବେ ଭାଜପା ଟିକେଟ ପାଇଁ ପ୍ରମୁଖ ଦାବିଦାର ଭାବେ ଆଶାୟୀ ରହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ବେଳେ କେନ୍ଦୁଝର ଜିଲାର ସନାତନ ମହାକୁଡଙ୍କ ସମର୍ଥକ ଓ କଂଗ୍ରେସ ପରସ୍ପର ସହିତ ହାତ ମିଳାଇ ଭାଜପା ଓ ବିଜେଡିର ପତିଆରା ହ୍ରାସ କରିବା ଲାଗି ଉଦ୍ୟମ ହେବା ଭଳି ଘଟଣା ଦେଖିବାକୁ ମିଳିଥିଲା। ଏଭଳି ପୃଷ୍ଠଭୂମିରେ ୨୦୧୯ ସାଧାରଣ ନିର୍ବାଚନ ସବୁଠାରୁ ଭିନ୍ନ ହେବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଦୁଇ ହେଭିୱେଟ ନେତା ବଦ୍ରି ଓ ନିରଞ୍ଜନଙ୍କ ପାଇଁ ଘସିପୁରା ଆସନ ସମ୍ମାନର ପ୍ରଶ୍ନ ହୋଇଥିବାରୁ ଏବେଠାରୁ ରାଜନୈତିକ ଉଷ୍ମତା ବାରି ହୋଇପଡୁଛି।

୨୦୧୪ ନିର୍ବାଚନ ଓ ପରବର୍ତ୍ତୀ ପଞ୍ଚାୟତ ନିର୍ବାଚନକୁ ମାପକାଠି କରି ୩ ପ୍ରମୁଖ ଦଳ ରଣନୀତି ପ୍ରସ୍ତୁତ କରୁଥିବା କୁହାଯାଉଥିଲେ ମଧ୍ୟ କେଉଁ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ହୋଇ ନ ଥିବାରୁ ଏନେଇ ଉତ୍କଣ୍ଠା ଲାଗି ରହିଛି। ପିସିସି ସଭାପତି ନିରଞ୍ଜନ ଘସିପୁରା ପରିବର୍ତ୍ତେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆସନରୁ ନିର୍ବାଚନ ଲଢି ପାରନ୍ତି ବୋଲି ଚର୍ଚ୍ଚା ହେଉଥିବା ଲକ୍ଷ୍ୟ କରାଯାଉଛି। ସେହିପରି ବିଧାୟକ ତଥା ମନ୍ତ୍ରୀ ବଦ୍ରି ନାରାୟଣଙ୍କୁ ଦଳ ପକ୍ଷରୁ ଟିକେଟ ମିଳିବ କି ନାହିଁ ସେନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଅବଶ୍ୟ ମନ୍ତ୍ରୀ ପାତ୍ର ଏଭଳି ଚର୍ଚ୍ଚାକୁ ଖଣ୍ଡନ କରି ସେ ଟିକେଟ ପାଇବା ଧାର୍ଯ୍ୟ ବୋଲି କହିଛନ୍ତି। ଘସିପୁରା ଆସନରୁ ନିର୍ବାଚନ ଲଢ଼ିବା ସମ୍ପର୍କରେ ନିରଞ୍ଜନଙ୍କ ମତାମତ ଜାଣିବାପାଇଁ ଉଦ୍ୟମ କରାଯାଇଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ତେବେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ତଥା ଟିକେଟ ପାଇବାକୁ ଆଶା ରଖିଥିବା ରତିକାନ୍ତ ବରାଳ କହିଛନ୍ତି, ଏଠାରେ ଦଳ ପକ୍ଷରୁ କିଏ ପ୍ରାର୍ଥୀ ହେବ ତାହା ହାଇକମାଣ୍ଡଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ଚଳିତ ନିର୍ବାଚନରେ ଦଳର ବିଜୟ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଦଳ ଲଢେଇ ଜାରି ରଖି ଲୋକଙ୍କୁ ସଚେତନ କରାଉଛି। ମନ୍ତ୍ରୀ ପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଘସିପୁରା ନିର୍ବାଚନମଣ୍ଡଳୀରେ ଆଶାତୀତ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ଏଣୁ ବିଜୟ ନିଶ୍ଚିତ। ଭାଜପାର ଆଶାୟୀ ପ୍ରାର୍ଥୀ ପୃଥ୍ୱୀରାଜ କୁଅଁର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ଆଧାରକରି ଦଳ ଭୋଟରଙ୍କୁ ଭେଟୁଛି। ସବୁଠି ଦଳ ପ୍ରତି ଭଲ ସମର୍ଥନ ମିଳୁଛି। ଭାଜପାର ଅନ୍ୟତମ ଆଶାୟୀ ବିଚିତ୍ର କୁମାର ଚକ୍ର କହିଛନ୍ତି, ଛାତ୍ର ଜୀବନରୁ ସେ ଦଳର ସଙ୍ଗଠନ ପାଇଁ କାର୍ଯ୍ୟ କରିଆସୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ପ୍ରଚାର କରି ସଚେତନତା ସୃଷ୍ଟି କରୁଛନ୍ତି। ଏଣୁ ତାଙ୍କୁ ଟିକେଟ ମିଳିବା ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

ଅନ୍ୟାନ୍ୟ
୮୬

ମୋଟ ଭୋଟର ସଂଖ୍ୟା
୨, ୧୭, ୫୭୫
ପୁରୁଷ ଭୋଟର ସଂଖ୍ୟା
୧,୧୦,୨୫୮
ମହିଳା ଭୋଟର ସଂଖ୍ୟା
୧,୦୭,୨୩୧



**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ବଦ୍ରି ନାରାୟଣ ପାତ୍ର | ୧,୦୮,୯୦୦ |
| ଭାଜପା | ସତ୍ୟବ୍ରତ ପଣ୍ଡା | ୨୦,୨୯୮ |
| କଂଗ୍ରେସ | ପୃଥ୍ୱିରାଜ କୁଅଁର | ୧୨,୦୧୮ |

**୨୦୦୯ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ବଦ୍ରି ନାରାୟଣ ପାତ୍ର | ୭୭,୮୯୦ |
| କଂଗ୍ରେସ | ନିରଞ୍ଜନ ପଟ୍ଟନାୟକ | ୫୨,୩୩୬ |
| ଭାଜପା | ସନ୍ତୋଷ କୁମାର ରାଉତ | ୯,୬୮୯ |
| ସ୍ୱାଧୀନ | ରବିନାରାୟଣ ହୋତା | ୧, ୭୦୬ |

# ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀ

# ପରିବର୍ତ୍ତନ ଆଶାରେ ବିରୋଧୀ

**ପ୍ରଦୀପ ଦାସ**
**ଭୋଗରାଇ, ୧୮।୩(ଡି.ଏନ୍.ଏ.)**

ନିର୍ବାଚନ ଘୋଷଣା ପରେ ବାଲେଶ୍ୱର ଜିଲା ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବଳ କଷାକଷି ଆରମ୍ଭ ହୋଇଛି। ୩ ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡିରେ ଅଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଏଥିଲାଗି ସବୁ ଦଳ ପକ୍ଷରୁ ଚୟନ ପ୍ରକ୍ରିୟା ଜାରି ରହିଛି। ବିରୋଧୀ ପକ୍ଷ ପରିବର୍ତ୍ତନର ନାରା ଦେଉଥିବା ବେଳେ ଶାସକ ଦଳ ଗଡରକ୍ଷା ଉଦ୍ୟମ ଚଳାଇଥିବାରୁ କେଉଁ ଦଳ କାହାକୁ ପ୍ରାର୍ଥୀ କରୁଛି ସେନେଇ ନାନା କଳ୍ପନାଜଳ୍ପନା ଜାରି ରହିଛି। ଭାଜପାର ଉତ୍ଥାନ ପରେ ଏଥର ତ୍ରିମୁଖୀ ଓ କଡା ମୁକାବିଲା ହେବାର ସମ୍ଭାବନା ପ୍ରକାଶ ପାଇଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ମଧ୍ୟ ପ୍ରାର୍ଥୀ ଦେବା ଲାଗି ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି।

ପଶ୍ଚିମବଙ୍ଗ ସୀମାକୁ ଲାଗିଥିବା ଓଡ଼ିଶାର ଭୋଗରାଇ ନିର୍ବାଚନମଣ୍ଡଳୀ ଭୋଗରାଇ ବ୍ଲକର ୫୦ପଞ୍ଚାୟତକୁ ନେଇ ଗଠିତ। ଏକଦା ଭୋଗରାଇ ନିର୍ବାଚନମଣ୍ଡଳୀ କଂଗ୍ରେସର ଅଭେଦ୍ୟ ଦୁର୍ଗ ରହିଥିଲା। ୧୯୯୦ପରଠାରୁ ଅଦ୍ୟାବଧି ଜନତାଦଳ ଓ ବିଜୁ ଜନତା ଦଳ ଏହି ନିର୍ବାଚନମଣ୍ଡଳୀକୁ ଦଖଲରେ ରଖିଆସିଛି। ପୂର୍ବରୁ କଂଗ୍ରେସ ଓ ଜନତା ଦଳ ମଧ୍ୟରେ ଲଢ଼େଇ ହୋଇ ଆସୁଥିବାବେଳେ ୨୦୦୯ରେ ଭାଜପାର ଅଭ୍ୟୁଥାନ ଘଟିବା ପରେ ଏଠାରେ ତ୍ରିମୁଖୀ ଲଢ଼େଇ ହେଉଛି। ୨୦୦୪ ନିର୍ବାଚନରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅନନ୍ତ ଦାସ ବିଜୁ ଜନତା ଦଳରେ ଯୋଗଦେଇ ବିଧାୟକ ହେବା ପରେ ଲଗାତର ୩ଥର ନିର୍ବାଚନ ଜିଣିଛନ୍ତି। ପୂର୍ବରୁ କଂଗ୍ରେସର ଡ. କାର୍ତ୍ତିକେଶ୍ୱର ପାତ୍ର ଓ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସ ଦୁଇଥର ଏବଂ ଡା. କମଳା ଦାସ ୩ଥର ଏଠାରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ସମୀକରଣକୁ ଦୃଷ୍ଟିରେ ରଖି ଭାଜପା ଉତ୍ସାହିତ ହୋଇ ସଙ୍ଗଠନ ସଜାଡୁଥିବା ବେଳେ କଂଗ୍ରେସ ଦଳର ଅସନ୍ତୁଷ୍ଟଙ୍କୁ ମନାଇ ମଇଦାନକୁ ଓହ୍ଲାଇବାକୁ ପ୍ରୟାସ ଚଳାଇଛି। ଅନୁରୂପ ଶାସକ ବିଜେଡି ସଙ୍ଗଠନ ସଜାଡିବା କାର୍ଯ୍ୟ ଜାରି ରଖିଛି।

ପରିବର୍ତ୍ତିତ ସ୍ଥିତି, ଦଳବଦଳ ରାଜନୀତି ଓ ଦଳୀୟ ଗୋଷ୍ଠୀକନ୍ଦଳ ଭଳି ପରିସ୍ଥିତି ଏହି ନିର୍ବାଚନମଣ୍ଡଳୀକୁ ଅଧିକ ଚର୍ଚ୍ଚାକୁ ଆଣିଛି। ଗତ ବିଧାନସଭା ନିର୍ବାଚନ ଲଢିଥିବା କଂଗ୍ରେସର ସତ୍ୟଶିବ ଦାସ ଏଥର ଟିକେଟ ପାଇବା ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। ଅନ୍ୟ କେତେଜଣ ଆଶାୟୀ ମଧ୍ୟ ଦଳୀୟ ଟିକେଟ ହାତେଇବାକୁ ଆବେଦନ କରିଥିବା ସୂଚନା ମିଳିଛି। ସେହିପରି ଭାଜପାର ଗତ ବିଧାନସଭା ପ୍ରାର୍ଥୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପରେଶ ଚନ୍ଦ୍ର ନାୟକ ଏଥର ପୁଣି ପ୍ରାର୍ଥୀ ହେବାକୁ ଅଣ୍ଟା ଭିଡ଼ିଛନ୍ତି। ଦଳରେ ସଞ୍ଜୀବ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି ଓ ଅନ୍ୟ ଜଣେ ଟିକେଟ ପାଇଁ ଲବି କରୁଥିବାର ଜଣାପଡିଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀ ଦେଲେ ସ୍ଥିତି କିଛି ଭିନ୍ନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ବର୍ତ୍ତମାନର ବିଧାୟକ ତଥା ମନ୍ତ୍ରୀ ଦାସ ଚତୁର୍ଥଥର ପାଇଁ ବିଜେଡିରୁ ଟିକେଟ ପାଇବାକୁ ଆଶା ରଖିଛନ୍ତି। ଶାସକ ଦଳରୁ ସାହିତ୍ୟିକ ଗୌତମବୁଦ୍ଧ ଦାସ ମଧ୍ୟ ଟିକେଟ ଲବିରେ ରହିଛନ୍ତି। ସେହିପରି ବିଜେଡି ଜିଲା ସମ୍ପାଦକ ତପନ ପଣ୍ଡା, ସାମାଜିକ କର୍ମୀ ଇଂ. ବିଦ୍ୟୁବେନ୍ଦୁ ପାତ୍ର, ଆଇନଜୀବୀ ଭୁବନାନନ୍ଦ ଦାସ ପ୍ରମୁଖ ନିଜକୁ ଆଶାୟୀ ତାଲିକାରେ ସାମିଲ କରିଛନ୍ତି। ଏହି ଆସନକୁ ବିଜେଡି ମହିଳାଙ୍କ ଲାଗି ଉତ୍ସର୍ଗ କଲେ ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ହେଉଛି।

କଂଗ୍ରେସ ଆଶାୟୀ ପ୍ରାର୍ଥୀ ସତ୍ୟଶିବ ଦାସ କହିଛନ୍ତି, ଭୋଗରାଇର ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ବେକାରି, ରାଶନକାର୍ଡ଼, ଭତ୍ତା ପ୍ରଦାନରେ ଅନେକ ଦୁର୍ନୀତି ହୋଇଛି। ଏହାକୁ ଇସ୍ୟୁ କରି ଆନ୍ଦୋଳନ ଚଳାଇ ସେ ଜନସମ୍ପର୍କ ବୃଦ୍ଧି କରିପାରିଛନ୍ତି। ନିର୍ବାଚନରେ ପ୍ରାର୍ଥୀ ହେଲେ ତାଙ୍କର ବିଜୟ ସମ୍ଭାବନା ରହିଛି। ଭାଜପାର ଆଶାୟୀ ପ୍ରାର୍ଥୀ ପରେଶ ଚନ୍ଦ୍ର ନାୟକ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମିଶନ ସଫଳ କରିବା ପାଇଁ ଦଳ ଲାଗିପଡିଛି। ଯୁବଗୋଷ୍ଠୀ ଓ ବରିଷ୍ଠଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସେ କାର୍ଯ୍ୟ କରି ଆସୁଛନ୍ତି। ଏହି ଆସନରେ ଦଳର ବିଜୟ ନିଶ୍ଚିତ ହେବ ବୋଲି ସେ କହିଛନ୍ତି। ଏହି ଦଳର ଅନ୍ୟତମ ଆଶାୟୀ ସଞ୍ଜୀବ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି ଅନୁରୂପ ମତ ପ୍ରକାଶ କରିଛନ୍ତି। ବିଜେଡିର ହେଭିୱେଟ ନେତା ବିଧାୟକ ତଥା ମନ୍ତ୍ରୀ ଦାସ କହିଛନ୍ତି, ସେ ଦଳୀୟ ଟିକେଟ ପାଇଲେ ନିର୍ବାଚନ ଜିତି ଭୋଗରାଇର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିପାରିବେ। ଭୋଗରାଇ ଅଞ୍ଚଳରେ ତାଙ୍କ ପ୍ରତିନିଧିତ୍ୱ ସମୟରେ ହୋଇଥିବା ବିକାଶ ଲାଗି ସେ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି।


ଅନନ୍ତ ଦାସ


ସତ୍ୟଶିବ ଦାସ


ପରେଶ ଚନ୍ଦ୍ର ନାୟକ


ଗୌତମ ବୁଦ୍ଧ ଦାସ

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଅନନ୍ତ ଦାସ | ୭୬, ୭୬୧ |
| କଂଗ୍ରେସ | ସତ୍ୟଶିବ ଦାସ | ୫୭, ୨୪୯ |
| ଭାଜପା | ପରେଶ ଚନ୍ଦ୍ର ନାୟକ | ୧୫, ୩୦୪ |

ମୋଟ ଭୋଟର ସଂଖ୍ୟା
୨, ୧୫, ୭୧୦
ପୁରୁଷ ଭୋଟର ସଂଖ୍ୟା
୧,୧୩,୩୪୭
ମହିଳା ଭୋଟର ସଂଖ୍ୟା
୧,୦୨,୩୬୩



# ଟିକେଟ୍ ପାଇଁ ସବୁ ପ୍ରାର୍ଥୀଙ୍କ ମଧ୍ୟରେ ସସ୍‌ପେନ୍ସ

**ଶୁଭାଶିଷ ପାଢ଼ୀ**
**ସମ୍ବଲପୁର,୧୮।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନମଣ୍ଡଳୀ ୨୦୦୯ ମସିହାରୁ ପୁନର୍ଗଠନ ହୋଇଥିଲା। ରେଙ୍ଗାଲି ବ୍ଲକ, ଧନକଉଡା ବ୍ଲକ ଓ ମାନେଶ୍ୱର ବ୍ଲକର ୫ ଗ୍ରାମ ପଞ୍ଚାୟତ ଓ ସମ୍ବଲପୁର ମହାନଗରର ୧୦ ୱାର୍ଡକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଅନୁସୂଚିତ ଜାତି(ଏସସି) ପ୍ରାର୍ଥୀଙ୍କ ପାଇଁ ଏହି ଆସନ ସଂରକ୍ଷିତ ହୋଇରହିଛି। ପ୍ରଥମେ ଏହି ଆସନରୁ କଂଗ୍ରେସ ପ୍ରାର୍ଥ ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ ବିଜେଡିର ରମେଶ ପଟୁଆ ଭାଜପାର ନାଉରୀ ନାଏକଙ୍କୁ ହରାଇ ବିଜୟୀ ହୋଇଥିଲେ। କଂଗ୍ରେସ ତୃତୀୟ ସ୍ଥାନରେ ରହିଥିଲା। ଏଥର ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ପ୍ରାର୍ଥୀଙ୍କ ମଧ୍ୟରେ ସସ୍‌ପେନ୍ସ ଲାଗି ରହିଛି। କିଏ ଟିକେଟ୍ ପାଇବ ସେ ନେଇ କୌଣସି ଚିତ୍ର ଏ ଯାଏ ସ୍ପଷ୍ଟ ହୋଇନି।

ବିଜେଡି ଆଗାମୀ ନିର୍ବାଚନ ପାଇଁ ପ୍ରାର୍ଥୀ ପରିବର୍ତ୍ତନ କରିପାରେ ବୋଲି ଚର୍ଚ୍ଚା ହେଉଛି। ଝାରସୁଗୁଡ଼ାର ଜଣେ ବିଜେଡି ନେତା ତଥା ପୂର୍ବତନ ବିଧାୟକଙ୍କ ଅନୁମୋଦନ କ୍ରମେ ଜଣେ ମହିଳାଙ୍କୁ ଟିକେଟ ଦିଆଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଦଳର ସଭାପତି ନବୀନ ପଟ୍ଟନାୟକ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଘୋଷଣା କରିବା ପରେ ଏହି ପ୍ରସଙ୍ଗ ସାମ୍ନାକୁ ଆସିଛି। ବିଧାୟକ ରମେଶ ପଟୁଆ ବି ଟିକେଟ ପାଇଁ ଆଶାୟୀ ଅଛନ୍ତି। ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ସମସ୍ୟା, ରାସ୍ତାଘାଟ, ବିଦ୍ୟୁତ୍ ସେବା ଭଳି ଅନେକ ସମସ୍ୟା ରହିଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ସେହିପରି କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିବା ମୋତିଲାଲ ତନ୍ତି, ଦିଲୀପ ଦୁରିଆ, ଗାନ୍ଧୀ ବେହେରା, ବିନୋଦ ରାମ ଉର୍ମୀ ଟିକେଟ୍ ପାଇଁ ଆଶା ବାନ୍ଧିଛନ୍ତି। ଏ ନେଇ ରମେଶ କୁହନ୍ତି, ଲୋକଙ୍କ ସହ ମୋର ସମ୍ପର୍କ ଭଲ ଅଛି। ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ଗତ ୫ ବର୍ଷ ମଧ୍ୟରେ ଅନେକ ଉନ୍ନୟନମୂଳକ କାମ ହୋଇଛି। ପାନୀୟ ଜଳ, ବିଦ୍ୟୁତ୍ ସେବା, ରାସ୍ତାଘାଟ କାମ ସମ୍ପୂର୍ଣ୍ଣ ହୋଇଛି। ଏବେ ବି ନବୀନ ପଟ୍ଟନାୟକଙ୍କ ଉପରେ ଲୋକଙ୍କ ଆସ୍ଥା ଓ ଭରସା ରହିଛି। ତେଣୁ ଟିକେଟ ପାଇବି ବୋଲି ଆଶା ରଖିଛି।

କଂଗ୍ରେସରେ ବି ଆଶାୟୀଙ୍କ ସଂଖ୍ୟା ବଢ଼ି ଚାଲିଛି। ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଯୁବନେତା ତଥା ରାଜ୍ୟ ଏସସି ସେଲ୍ କନଭେନର ସଞ୍ଜୟ ଛୁରିଆ, ଆଇନଜୀବୀ ପ୍ରମୋଦ ଛୁରିଆ, ବାଳକୃଷ୍ଣ ରୋହିଦାସ, ତପସ୍ୟା ମହାନନ୍ଦ, ହରି ଭୋରାସାଗର, ତ୍ରିଲୋଚନ ମହାନନ୍ଦ ପ୍ରମୁଖ ଟିକେଟ୍ ଦୌଡ଼ରେ ଅଛନ୍ତି। ହେଲେ ରାହୁଲ ଗାନ୍ଧୀଙ୍କ ନିଷ୍ପତ୍ତିକୁ ଆଖି ଆଗରେ ରଖି ଯୁବ ଗୋଷ୍ଠୀଙ୍କୁ ସୁଯୋଗ ମିଳିବ ବୋଲି ଚର୍ଚ୍ଚା ହେଉଛି। ଯୁବ ଗୋଷ୍ଠୀଙ୍କ ମଧ୍ୟରେ ସଞ୍ଜୟ ଛୁରିଆ ଓ ବାଳକୃଷ୍ଣ ରୋହିଦାସଙ୍କ ନାମ ଚର୍ଚ୍ଚାରେ ରହିଛି। ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ କହିଛନ୍ତି, ଏହି ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ। ଏବେ ସମସ୍ତ କର୍ମକର୍ତ୍ତା ସଂଗଠିତ ହୋଇଛନ୍ତି। ଦଳ ଟିକେଟ୍ ଯାହାକୁ ଦେଲେ ମଧ୍ୟ ଆମେ ଏକାଠି ହୋଇ କାମ କରିବୁ। ଯୁବନେତା ସଞ୍ଜୟ କୁହନ୍ତି, ଦଳ ଯୁବ ପିଢିକୁ ସୁଯୋଗ ଦେବାକୁ ଆଶା କରୁଛି। ପିସିସି ପରିବର୍ତ୍ତନ ପରେ ଦଳରେ କର୍ମକର୍ତ୍ତା ଉତ୍ସାହିତ ହୋଇଛନ୍ତି। ରେଙ୍ଗାଲି କଂଗ୍ରେସର ଗଡ଼ ଥିଲା। ସେଥିପାଇଁ କଂଗ୍ରେସ ପୂର୍ବସ୍ଥିତି ଫେରିପାଇବ। ସେହିପରି ଭାଜପା ପକ୍ଷରୁ ନାଉରୀ ନାୟକ ଓ ହରିହର ମହାନନ୍ଦ ଟିକେଟ୍ ଦୌଡରେ ଅଛନ୍ତି। ଗତ ନିର୍ବାଚନରେ ନାଉରୀ ନାୟକ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦଳ ତାଙ୍କୁ ପ୍ରାର୍ଥୀ କରିବା ନେଇ ସେ ଆଶା ରଖିଛନ୍ତି। ହେଲେ ହରିହର ମହାନନ୍ଦ ନିଜ ଟିକେଟ ପାଇବା ପାଇଁ ଜୋରଦାର ଲବି କରୁଛନ୍ତି। ନାଉରୀ ପୂର୍ବରୁ ଟିକେଟ ପାଇ ପରାଜୟ ହୋଇଥିଲେ। ତେଣୁ ଯଦି ନୂଆ ପ୍ରାର୍ଥୀଙ୍କୁ ଦଳ ସୁଯୋଗ ଦେବ ତା'ହେଲେ ହରିହରଙ୍କୁ ଟିକେଟ୍ ମିଳିପାରେ ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି। ନାଉରୀ କୁହନ୍ତି, ଭାଜପା ଗତ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲା। ହେଲେ କିଛି ତ୍ରୁଟି ଯୋଗୁ ଅଳ୍ପ ଭୋଟରେ ପରାଜିତ ହୋଇଥିଲା। ହେଲେ ଆଗାମୀ ନିର୍ବାଚନରେ ଦଳ ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିବ। ହରିହର କୁହନ୍ତି, ରେଙ୍ଗାଲିରେ ଭାଜପାର ସ୍ଥିତି ଭଲ ଅଛି। ପଞ୍ଚାୟତ ନିର୍ବାଚନରେ ମଧ୍ୟ ଭଲ ପ୍ରଦର୍ଶନ କରିଛି। ଦଳ ଟିକେଟ ଯାହାକୁ ଦେଲେ ମଧ୍ୟ ଭାଜପା ଏଥର ଆଗରେ ରହିବ।




ମୋଟ ଭୋଟର ସଂଖ୍ୟା
୧,୮୮,୧୭୦
ପୁରୁଷ ଭୋଟର ସଂଖ୍ୟା
୯୪,୨୨୯
ମହିଳା ଭୋଟର ସଂଖ୍ୟା
୯୩,୯୧୯

ଅନ୍ୟାନ୍ୟ
୨୨

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ରମେଶ ପଟୁଆ | ୪୭,୨୧୦ |
| ଭାଜପା | ନାଉରୀ ନାୟକ | ୪୫, ୩୮୦ |
| କଂଗ୍ରେସ | ଦୁର୍ଯ୍ୟୋଧନ ଗର୍ଡିଆ | ୩୧,୩୩୫ |


ରମେଶ ପଟୁଆ


ଦୁର୍ଯ୍ୟୋଧନ ଗର୍ଡିଆ


ସଞ୍ଜୟ ଛୁରିଆ


ନାଉରୀ ନାୟକ


ହରିହର ମହାନନ୍ଦ



# ହୋଲି ଖେଳିବା ପୂର୍ବରୁ..



- ହୋଲି ଖେଳିବା ପୂର୍ବରୁ ଆପଣ ନିଜ ଶରୀର ଏବଂ କେଶରେ ଭଲ ଭାବରେ ତେଲ ଲଗାଇ ଦିଅନ୍ତୁ। ତେଲ ଲଗାଇବା ଦ୍ୱାରା ଏହା ଶରୀର ସଂସ୍ପର୍ଶରେ ଏତେଟା ଆସି ନ ଥାଏ ଫଳରେ ତ୍ୱଚା ଏବଂ କେଶକୁ ରଙ୍ଗ ଦାଉରୁ ରକ୍ଷା ମିଳିଥାଏ।
- ଫୁଲ୍ ହାତଥିବା ଡ୍ରେସ ଏବଂ କଲରଫୁଲ ଡ୍ରେସ ପିନ୍ଧନ୍ତୁ ଏହାଦ୍ୱାରା ସ୍କିନ୍ କଭର ହୋଇ ରହିବ, ଯାହା ଫଳରେ ରଙ୍ଗର ପ୍ରଭାବ ତ୍ୱଚା ଉପରେ ଏତେଟା ପଡିବ ନାହିଁ।
- ଓଠରେ ପେଟ୍ରୋଲିୟମ୍ ଜେଲି କିମ୍ବା ଲିପ୍‌ବାମ ଲଗାନ୍ତୁ।

# ହୋଲି ସମୟରେ କେଶର ଯତ୍ନ

*ହୋଲି ରଙ୍ଗର ଖେଳ। ଏହି ପର୍ବରେ ଚାରିଆଡ଼େ ଖାଲି ରଙ୍ଗ। ଏଥିରେ ସମସ୍ତେ ସମସ୍ତଙ୍କୁ ରଙ୍ଗ ଲଗାଇଥାନ୍ତି। କେମିକାଲଯୁକ୍ତ ରଙ୍ଗରୁ କିପରି କେଶକୁ ରକ୍ଷା କରିବେ । କେଶରେ ରଙ୍ଗ ଲଗାଇବା ଦ୍ୱାରା କେଶ ଡ୍ରାଏ ହୋଇଯାଏ, କେଶ ଝଡ଼ିବା, କେଶର ଚମକ କମିବା ଏକ ସାଧାରଣ ସମସ୍ୟା । ହୋଲି ଖେଳିସାରିବା ପରେ କେଶ ଭଲଭାବେ ସଫା କରିବା ମଧ୍ୟ ଜରୁରୀ। ଯଦି ଆପଣ ହୋଲି ରଙ୍ଗର ସାଇଡ୍ ଇଫେକ୍ଟରୁ ବଞ୍ଚିବାକୁ ଚାହୁଁଛନ୍ତି ତେବେ ଆମେ ଆପଣଙ୍କୁ କିଛି ନାଚୁରାଲ ଉପାୟ ବିଷୟରେ ସୂଚନା ଦେଉଛୁ, ଯାହାର ସାହାଯ୍ୟ ନେଇ ହୋଲି ରଙ୍ଗ ଦ୍ୱାରା ହେଉଥିବା କ୍ଷତିରୁ କେଶକୁ ରକ୍ଷା କରିପାରିବେ।*

ସୌନ୍ଦର୍ଯ୍ୟ





- ପ୍ରଥମେ ମୁଣ୍ଡରେ ଲାଗିଥିବା ରଙ୍ଗକୁ ହାତ ସାହାଯ୍ୟରେ କାଢ଼ନ୍ତୁ। ଏହାପରେ ପାନିଆ ସାହାଯ୍ୟରେ କେଶକୁ କୁଣ୍ଡାଇ ରଙ୍ଗକୁ ସହଜରେ କାଢ଼ିପାରିବେ। ଏପରିକରିବାଦ୍ୱାରାଯେତେବିରଙ୍ଗଥିବସେବାହାରିଯିବ।
- କେଶରେ ରଙ୍ଗ ଲାଗିବା ଦ୍ୱାରା ତାହା ଡ୍ରାଏ ହୋଇଯାଏ। ଏହାକୁ ସିଲ୍‌କୀ କରିବାକୁ ହେଲେ ଲେମ୍ବୁ ଲଗାନ୍ତୁ। ଲେମ୍ବୁକୁ ଏକ ବାଲ୍‌ଟି ପାଣିରେ ପକାଇ ଦିଅନ୍ତୁ। ଏବେ ଏହି ପାଣିରେ ମୁଣ୍ଡକୁ ଧୋଇ ଦିଅନ୍ତୁ। ଏହିପରି ଭାବରେ ମୁଣ୍ଡକୁ ଧୋଇବା ଦ୍ୱାରା ସ୍କାଲ୍ପ କ୍ଷତିକାରକ ହେବ ନାହିଁ।
- କେମିକାଲଯୁକ୍ତ ରଙ୍ଗରେ କେଶର ଚମକ ନଷ୍ଟ ହୋଇଯାଏ। ଏମିତିରେ କେଶର ଚମକ ପାଇବାକୁ ହେଲେ ଅଣ୍ଡାରେ ବାଦାମତେଲ ସହ ଜଡ଼ାତେଲ ମଧ୍ୟ ପକାଇ ମସାଜ୍‌କରିପାରିବେ। ଏପରି ମସାଜ୍ କରିବା ଦ୍ୱାରା କେଶ ଚମକିବ। ଏହାଦ୍ୱାରା ଆପଣଙ୍କ କେଶ ଖରାପ ହେବନି ଓ ତା'ର ବୃଦ୍ଧି ଭଲ ହେବ।
- ଜଡ଼ାତେଲ ଓ ମହୁ କେଶ ପାଇଁ ଭଲ ହେୟାର ପ୍ୟାକ୍ । ଏହାକୁ ଲଗାଇବା ଦ୍ୱାରା କେଶ ମୂଳ ପର୍ଯ୍ୟନ୍ତ କଣ୍ଡିସନିଂ ହୋଇଯାଏ। ଏହାଦ୍ୱାରା କେଶ ସଫ୍ଟ ହୋଇଯାଏ। ସପ୍ତାହରେ ଅତିକମ୍‌ରେ ୩ଥର ଏହାକୁ ବ୍ୟବହାର କରିପାରିବେ।
- ହୋଲି ଖେଳିବା ପରେ କେଶକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାପରେ ହର୍ବାଲ ସାମ୍ପୁ ବ୍ୟବହାର କରନ୍ତୁ। କେଶକୁ ଧୋଇବା ପରେ କଣ୍ଡିସନର କରିବାକୁ ଭୁଲନ୍ତୁ ନାହିଁ।
- ହୋଲି ପରେ କେଶରେ ମେହେନ୍ଦୀ ଯେମିତି ହେଲେ ଲଗାନ୍ତୁ।

# ଅସ୍ୱାଭାବିକ ଗର୍ଭାଶୟ ଓ ଗର୍ଭପାତ



ଡା. ଲିପ୍‌ସା ମିଶ୍ର

**ବନ୍ଧ୍ୟାତ୍ୱ କେବେ ଜନ୍ମଜାତ ହୋଇପାରେ ତ ଆଉ କେବେ ଅସ୍ୱାଭାବିକ ଗର୍ଭାଶୟ ବି ଗର୍ଭଧାରଣର ସମ୍ଭାବନାକୁ କମାଇଥାଏ। ଏପରିକି ଆନୁମାନିକ ୧୦% ମହିଳା ବନ୍ଧ୍ୟାତ୍ୱ କ୍ଷେତ୍ରରେ ଅସ୍ୱାଭାବିକ ଗର୍ଭାଶୟ ହିଁ କାରଣ ହୋଇଥାଏ।**



ବେଳେବେଳେ ଗର୍ଭାଶୟରେ ହେଉଥିବା ବନ୍ଧ୍ୟାତ୍ୱ ଜନ୍ମଜାତ ହୋଇପାରେ (ଜନ୍ମଗତ ତ୍ରୁଟି) । ବନ୍ଧ୍ୟାତ୍ୱ ବ୍ୟତୀତ, ସେଗୁଡ଼ିକ ଅସ୍ୱାଭାବିକ ଗର୍ଭପାତର କାରଣ ହୋଇପାରେ ଏବଂ ଗର୍ଭଧାରଣ ପାଇଁ ଅସୁବିଧା ସୃଷ୍ଟିକରିପାରେ।

ଏକ ଅସ୍ୱାଭାବିକ ଗର୍ଭାଶୟ ସହିତ ସମ୍ପୂର୍ଣ୍ଣ ଗର୍ଭଧାରଣର ସମ୍ଭାବନା ଖୁବ୍ କମ୍ ରହିଥାଏ । ଏପରିକି ଆନୁମାନିକ ୧୦% ମହିଳା ବନ୍ଧ୍ୟାତ୍ୱ କ୍ଷେତ୍ରରେ ଅସ୍ୱାଭାବିକ ଗର୍ଭାଶୟ ହିଁ କାରଣ ହୋଇଥାଏ । ବେଳେବେଳେ ୟୁଟେରସରେ ଭ୍ରୂଣର ବୃଦ୍ଧି ସମୟରେ ଗର୍ଭାଶୟରେ ତ୍ରୁଟି ହୋଇଥାଏ । ଶରୀରରେ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଭଳି ଜଣେ ମହିଳାଙ୍କ ପ୍ରଜନନ ଅଙ୍ଗ, ଯେତେବେଳେ କି ମା'ର ଗର୍ଭାଶୟରେ ଭ୍ରୂଣ ରହିଥାଏ । ଗର୍ଭାଶୟର ବୃଦ୍ଧି ସମୟରେ କୌଣସି ତ୍ରୁଟି ଦେଖାଗଲେ ଏବଂ ଡିମ୍ବବାହୀ ନଳୀ ଯେପରି 'ମୁଲେରିଆନ୍ ଆନୋମାଲିଜ୍' । ବିଭିନ୍ନ ପ୍ରକାରର ମୁଲେରିଆନ୍ ଆନୋମାଲିଜ୍ ରହିଛି, ଗର୍ଭାଶୟର ଅନୁପସ୍ଥିତିଠାରୁ ଗର୍ଭାଶୟର ସମ୍ପୂର୍ଣ୍ଣ ନକଲ ପର୍ଯ୍ୟନ୍ତ, ସେରଭିକ୍ସ ଏବଂ ଭଜିନା (ଡିଡେଲଫାଇଜ୍) ଇତ୍ୟାଦି।

### ଏକ ଅସ୍ୱାଭାବିକ ଗର୍ଭାଶୟ କ'ଣ?

ଅଳ୍ପ କେତେଗଣ ମହିଳାଙ୍କର ଏପରି ଏକ ଗର୍ଭାଶୟ ରହିଥାଏ, ଯାହାକି ସ୍ୱାଭାବିକ ଗଢ଼ଣଠାରୁ ଭିନ୍ନ ହୋଇଥାଏ ଏବଂ ଏହାର ସ୍ଥିତିଠାରୁ ରୂପରେଖ ମଧ୍ୟ ଭିନ୍ନ ହୋଇଥାଏ । ଏହାକୁ ଗର୍ଭାଶୟରେ ଅସ୍ୱାଭାବିକତା ବୋଲି କୁହାଯାଇଥାଏ କିମ୍ବା ୟୁଟିରାଇନ୍ ଆନୋମାଲି କୁହାଯାଏ।

ମହିଳାଙ୍କ କ୍ଷେତ୍ରରେ ଯେଉଁମାନେ ବନ୍ଧ୍ୟାତ୍ୱ ପାଇଁ ସାହାଯ୍ୟ ଆଶା କରିଥାନ୍ତି, ୟୁଟିରାଇନ୍ ଅସ୍ୱାଭାବିକତା ସ୍ତର ଜଣେ ମହିଳାଙ୍କର ଗର୍ଭଧାରଣ କ୍ଷମତା ଉପରେ ପ୍ରଭାବ ପକାଇ ନ ଥାଏ । ଏପରିକି, ଅନେକ ସମୟରେ ମହିଳାମାନେ ସେମାନଙ୍କ ଅସ୍ୱାଭାବିକତା ବିଷୟରେ ହୃଦୟଙ୍ଗମ ମଧ୍ୟ କରିପାରନ୍ତି ନାହିଁ, ଯେପର୍ଯ୍ୟନ୍ତ ସେମାନଙ୍କର ବାରମ୍ବାର ଗର୍ଭପାତ ହୋଇ ନ ଥାଏ କିମ୍ବା ସମୟ ପୂର୍ବରୁ ପିଲା ଜନ୍ମହୋଇ ନ ଥାଏ। ବାରମ୍ବାରତା କ୍ଷେତ୍ରରେ, ଅବର୍ଣ୍ଣନୀୟ ଗର୍ଭପାତ ଏକ ୟୁଟିରାଇନ୍ ଆନୋମାଲିକୁ ସନ୍ଦେହ କରାଯାଇପାରେ । ୟୁଟିରାଇନ୍ ଆନୋମାଲିକୁ ଠିକ୍ ରୂପେ ନିଦାନ କରାଯାଇପାରେ ଏବଂ ଅନେକଥର ଏହା ଜଣେ ମହିଳାଙ୍କ ସୁସ୍ଥ ଗର୍ଭଧାରଣ ପାଇଁ ଏକ କୋର୍ସ ହୋଇପାରେ । ଗର୍ଭାଶୟରେ ଅସ୍ୱାଭାବିକତା ନିମ୍ନରେ ପ୍ରଦତ୍ତ ଅନୁଯାୟୀ ଭାଗ ଭାଗ କରାଯାଇପାରେ ।

### ଏଜେନେସିସ୍

ଏହା ଏକ ଖୁବ୍ ବିରଳ ପରିସ୍ଥିତି ଯେଉଁଠାରେ ଯୋନି କିମ୍ବା ଗର୍ଭାଶୟ କିମ୍ବା ଉଭୟର ଅନୁପସ୍ଥିତି ଦେଖାଯାଇଥାଏ। ଏହା ସେତେବେଳେ ଦେଖାଯାଇଥାଏ, ଯେତେବେଳେ ଏକ ଝିଅର ଋତୁସ୍ରାବ ୧୨-୧୩ ବର୍ଷ ବୟସରେ ଆରମ୍ଭ ହୋଇ ନ ଥାଏ । ଜୀବନର ବାକି ସମୟରେ ଯୋନି ଏଜେନ୍ସିସ୍ ଯୌନ ଜୀବନରେ ପ୍ରଭାବ ପକାଇଥାଏ । ଉକ୍ତ ପରିସ୍ଥିତିକୁ ଅସ୍ତ୍ରୋପଚାର ଦ୍ୱାରା ଚିକିତ୍ସା କରାଯାଇପାରେ କିନ୍ତୁ ଯେଉଁ ମହିଳାଙ୍କର ଉଭୟ ଗର୍ଭାଶୟ ଏବଂ ଯୋନି ଏଜେନ୍ସିସ୍ ରହିଥାଏ ସେମାନଙ୍କୁ କାଉନସେଲିଂ ଆବଶ୍ୟକ, କାରଣ ଏହିସବୁ ମହିଳାମାନେ ପିଲା ଜନ୍ମ କରିପାରନ୍ତି ନାହିଁ। ଜଣେ ମହିଳାଙ୍କର ପିଲାଟିଏ ପାଇବା ପାଇଁ ଏକମାତ୍ର ବିକଳ୍ପ ହେଉଛି ସରୋଗାସି ।

### ଗର୍ଭାଶୟ ଡିଡେଲଫାଇଜ୍

ଏହା ହେଉଛି ଏପରି ଏକ ପରିସ୍ଥିତି ଯେତେବେଳେ ଗର୍ଭାଶୟରେ ଦୁଇଟି ଆଭ୍ୟନ୍ତରୀଣ ଗର୍ତ୍ତ ରହିଥାଏ । ପ୍ରତ୍ୟେକ ଗର୍ତ୍ତରେ ଏହାର ନିଜସ୍ୱ ଗ୍ରୀବା ଏବଂ ଯୋନି ରହିଥାଏ। ତେଣୁ ସେଠାରେ ଦୁଇଟି ଗ୍ରୀବା, ଦୁଇଟି ଯୋନି ରହିଥାଏ । ଯଦି ଜଣଙ୍କର ଏପରି ଅସ୍ୱାଭାବିକତା ରହିଛି, ତେବେ ତା'ର ଗର୍ଭଧାରଣର ସମ୍ଭାବନା ରହିଛି ।

### ଗର୍ଭାଶୟ ୟୁନିକରନୁଏଟ

ଏକ ୟୁନିକରନୁଏଟ ଗର୍ଭାଶୟ ହେଉଛି ଏକ ସ୍ୱାଭବିକ ଗର୍ଭାଶୟର ଅଧା ଏବଂ ଏଠାରେ କେବଳ ଗୋଟିଏ ଡିମ୍ବବାହୀ ନଳୀ ରହିଥାଏ। ଏହାର ଆକାର ଦୃଷ୍ଟିରୁ, ଏହା ଗୋଟିଏ ହର୍ନ ବିଶିଷ୍ଟ ଗର୍ଭାଶୟ ବୋଲି ବର୍ଣ୍ଣନା କରାଯାଇଥାଏ । ଏହା ହେଉଛି ଏକ ବିରଳ ଅସ୍ୱାଭାବିକତା । ଯଦି ଆପଣଙ୍କର ୟୁନିକରନୁଏଟ ଗର୍ଭାଶୟ ରହିଥାଏ, ତେବେ ବୋଧହୁଏ ଆପଣଙ୍କର ଦୁଇଟି ଡିମ୍ବାଶୟ ରହିପାରେ ; ଯଦିଓ କେବଳ ଗୋଟିଏ ଆପଣଙ୍କର ଗର୍ଭାଶୟକୁ ସଂଯୋଗ ହୋଇପାରିବ। ଯେତେ ସମୟ ପର୍ଯ୍ୟନ୍ତ ଗୋଟିଏ ସୁସ୍ଥ ଏବଂ ଉନ୍ନତ ହର୍ନ ରହିଥିବ, ଏହା ଗର୍ଭଧାରଣ କରିବା ପାଇଁ ଠିକ୍ ସମ୍ଭାବନା ରହିଥାଏ । ଯେବେ ଏହା ଆପଣଙ୍କୁ ଗର୍ଭପାତର ସମ୍ଭାବନା ଏବଂ ପ୍ରିଟର୍ମ ଡେଲିଭରିର ଆଶଙ୍କା ରହିଥାଏ ।



### ଗର୍ଭାଶୟ ବାଇକୋରନୁଏଟ

ଏହା ଏପରି ଏକ ଗର୍ଭାଶୟ ଯାହାର ଦୁଇଟି ହର୍ନ ରହିଥାଏ ଏବଂ ଦୁଇଟି ଭିନ୍ନ ଭିନ୍ନ ୟୁଟ୍ରିନ୍ ଗର୍ତ୍ତ ରହିଥାଏ । ଏହାର ଆକାର କାରଣରୁ ଏହା ପ୍ରଜନନ କ୍ଷମତା ଉପରେ ପ୍ରଭାବ ପକାଇବା ଉଚିତ ନୁହେଁ, କିନ୍ତୁ ଯାହାର ଗର୍ଭପାତର ଆଶଙ୍କା ଅଧିକ ରହିଥାଏ ଏବଂ ସମୟ ପୂର୍ବରୁ ପ୍ରସବ ହେବା ସମ୍ଭାବନା ଥାଏ ।

### ଅଲଗା ଗର୍ଭାଶୟ

ସମ୍ପୂର୍ଣ୍ଣ ସେପଟମ୍ ଅପେକ୍ଷା ଆଂଶିକ ସେପଟମ୍ ଅଧିକ ସାଧାରଣ ହୋଇଥାଏ। ଏକ ଅଲଗା ଗର୍ଭାଶୟ ବନ୍ଧ୍ୟାତ୍ୱର ସମ୍ଭାବନାକୁ ବୃଦ୍ଧି କରିଥାଏ ଏବଂ ଯଦି ଜଣେ ମହିଳା ଗର୍ଭଧାରଣ କରିଥାନ୍ତି ତାଙ୍କର ଗର୍ଭପାତ ହେବା ଆଶଙ୍କା ଅଧିକ ରହିଥାଏ ।

### ସାଧାରଣ ଲକ୍ଷଣ

ଅଧିକାଂଶ କ୍ଷେତ୍ରରେ ଅସ୍ୱାଭାବିକ ଗର୍ଭାଶୟ କୌଣସି ଅସୁବିଧାର କାରଣ ହୋଇ ନ ଥାଏ ଏବଂ ଏପରିକି ଏହା ଋତୁସ୍ରାବ ଆରମ୍ଭ ଏବଂ ଗର୍ଭଧାରଣ ପର୍ଯ୍ୟନ୍ତ ଚିହ୍ନଟ ହୋଇପାରି ନ ଥାଏ । ଯଦି ଏକ ୟୁଟ୍ରିନ୍ ଆନୋମାଲି ଯେପରି ୟୁନିକୋରନ୍ୟୁଏଟ ଗର୍ଭାଶୟ ଏକ ର୍ୟୁଡିମେଣ୍ଟାରି ୟୁଟ୍ରିନ୍ ହର୍ନ ସହିତ ବାହ୍ୟର୍ଗମନ ନ ଥାଏ, ଯାହା ଦ୍ୱାରା ଋତୁସ୍ରାବ ପ୍ରବାହରେ ବାଧା ଉପୁଜିଥାଏ । ଯଦି ଏହାକୁ ଚିକିତ୍ସା କରା ନ ଯାଏ, ଗର୍ଭାଶୟରେ ରକ୍ତ ସଂଗ୍ରହ ହୋଇଥାଏ ଏବଂ ଏହା ସଂକ୍ରମିତ ହୋଇପାରେ । ଗର୍ଭାଶୟର ଅସ୍ୱାଭାବିକତା ବନ୍ଧ୍ୟାତ୍ୱ, ଏକଟୋପିକ୍ ଗର୍ଭଧାରଣ, ବାରମ୍ବାର ଗର୍ଭପାତ, ସମୟ ପୂର୍ବରୁ ପ୍ରସବ, ଋତୁସ୍ରାବ ସମୟରେ ଯନ୍ତ୍ରଣା, ଅସ୍ୱାଭାବିକ ରକ୍ତସ୍ରାବ ସହ ସଂଯୋଗ ହୋଇପାରେ ।

### ଗର୍ଭାଶୟ ଅସ୍ୱାଭାବିକତା ନିଦାନ ପାଇଁ ବ୍ୟବହୃତ ପ୍ରକ୍ରିୟା

ପେଲ୍‌ଭିକ୍ ପରୀକ୍ଷା, ହିଷ୍ଟେରୋସାଲପିନଗୋଗ୍ରାମ, ଅଲ୍‌ଟ୍ରାସାଉଣ୍ଡ, ଏମ୍‌ଆର୍‌ଆଇ, ଲାପାରୋସ୍କୋପି, ହିଷ୍ଟେରୋସ୍କାପି।

### ବନ୍ଧ୍ୟାତ୍ୱର ଚିକିତ୍ସା

ସମସ୍ତ ଗର୍ଭାଶୟର ଅସ୍ୱାଭାବିକତା ବନ୍ଧ୍ୟାତ୍ୱର କାରଣ ହୋଇପାରେ । ଏପରିକି ଅନେକ ୟୁଟ୍ରିନ୍ ଗର୍ତ୍ତ ଅସୁବିଧା ସମୟରେ ଅସ୍ତ୍ରୋପଚାର ଦ୍ୱାରା ସମାଧାନ କରାଯାଇପାରେ । ନେଓଭାଜିନା ଭଜିନାଲ ଏଜେନ୍ସିସ୍ କ୍ଷେତ୍ରରେ ତିଆରି କରାଯାଇପାରେ । ଗର୍ଭାଶୟକୁ ପୁନଃ ଆକୃତି ଦେବାରେ ମେଟ୍ରୋପ୍ଲାଷ୍ଟି ଅଧିକାଂଶ ବ୍ୟବହାର କରାଯାଇଥାଏ । ହିଷ୍ଟେରୋସ୍କୋପିକ୍ ସେପ୍‌ଟାଲ ରିସେକସନ୍ ଗର୍ଭାଶୟ ଅଲଗା କରିବାରେ କରାଯାଇଥାଏ । ଅସମୟରେ ପ୍ରସବକୁ ଦୂରେଇବା ପାଇଁ ଏବଂ ପ୍ରଜନନତାକୁ ଜୀବିତ ରଖିବା ପାଇଁ ସର୍ଭିକାଲ ସରକ୍ଲେଜ୍ କିଛି କ୍ଷେତ୍ରରେ ପ୍ରଦର୍ଶନ କରାଯାଇଥାଏ ।






-ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍, ଭୁବନେଶ୍ୱର
ମୋ: ୯୪୩୮୧୭୫୧୦୮

ଖାଦ୍ୟରୁଚି



# ସୋୟା ୬୫

### ଆବଶ୍ୟକ ସାମଗ୍ରୀ

ଅଧାକପ ସୋୟାବିନ୍, ଦୁଇଟି ବଡ ଚାମଚ ଅଦା ରସୁଣ ପେଷ୍ଟ, ଏକ ଛୋଟ ଚାମଚ ଚାଟ୍ ମସଲା, ଅଳ୍ପ ପରିମାଣରେ ହଳଦୀ, ଅଳ୍ପ ପରିମାଣର ଦହି, ଦୁଇ ବଡ ଚାମଚ ବେସନ, ଅଧ ଚାମଚ କର୍ନଫ୍ଲୋର ପାଉଡର, ଏକ ଚତୁର୍ଥାଂଶ ଗରମ ମସଲା, ଅଳ୍ପ ପରିମାଣର ଲଙ୍କା ପାଉଡର, ସ୍ୱାଦ ଅନୁସାରେ ଲୁଣ, ଛାଣିବା ଲାଗି ଆବଶ୍ୟକ ତେଲ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଏକ ପାତ୍ରରେ କିଛି ପାଣି ଗ୍ୟାସରେ ଗରମ କରନ୍ତୁ। ପାଣି ଫୁଟିବାକୁ ଆରମ୍ଭ କଲେ ଆଞ୍ଚ ବନ୍ଦ କରି ଦିଅନ୍ତୁ। ଏହାପରେ ସୋୟାବିନ୍‌କୁ ପକାଇ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ଢାଙ୍କି ରଖନ୍ତୁ। ନିର୍ଦ୍ଧାରିତ ସମୟ ପରେ ସୋୟାବିନ୍‌କୁ ପାଣିରୁ କାଢ଼ି ତାକୁ ଭଲଭାବେ ହାତରେ ଚିପୁଡି ଏକ ପାତ୍ରରେ ରଖନ୍ତୁ। ଏବେ ସେହି ପାତ୍ରରେ ଅଦା ରସୁଣ ପେଷ୍ଟ, ହଳଦୀ, ଦହି, ବେସନ, କର୍ନଫ୍ଲୋର, ଗରମମସଲା, ଲୁଣ ଓ ଲଙ୍କାଗୁଣ୍ଡ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ ଏହାକୁ ପାଞ୍ଚରୁ ଦଶ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏବେ ମିଡିୟମ୍ ଆଞ୍ଚରେ ଏକ କଡ଼ାଇରେ ତେଲ ଗରମ ହେବାକୁ ଛାଡି ଦିଅନ୍ତୁ। ତେଲ ଗରମ ହେଲାପରେ ଏଥିରେ ସୋୟାବିନ୍‌କୁ ପକାଇ ଚାରିପଟା ଗୋଲଡେନ୍ କଲର ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏକ ପ୍ଲେଟରେ ଏହାକୁ ରଖନ୍ତୁ। ବାକି ଥିବା ସୋୟାବିନ୍‌କୁ ଏପରି ଛାଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସୋୟା ୬୫। ଏହା ଉପରେ ଚାଟ ମସଲା ପକାଇ ଏହାକୁ ପରଷନ୍ତୁ।

# ଉଡେନ୍ ବାସନର ଯତ୍ନ



*ଉଡେନ ବାସନକୁ ଯଦି ଠିକ୍ ଭାବରେ ସଫା ନ କରା ନ ଯାଏ ତେବେ ଏହା ଦୁର୍ଗନ୍ଧ ହେବ। ପନିପରିବା କାଟିବାକୁ ଅନେକେ ଉଡେନର ଚପିଂ ବୋର୍ଡ ବ୍ୟବହାର କରିଥାନ୍ତି। ଆସନ୍ତୁ ଜାଣିବା ଏହାକୁ କିପରି ସଫା କରିବେ..*

**ଲେମ୍ବୁ:**
ଉଡେନ ବାସନକୁ ସଫା କରିବାକୁ ହେଲେ ଲେମ୍ବୁରସର ବ୍ୟବହାର କରିବା ବହୁତ ଭଲ। ଏଥିପାଇଁ ଆପଣ ଗରମପାଣିରେ ଲେମ୍ବୁରସ କେଇ ବୁନ୍ଦା ମିଶାଇ ଦିଅନ୍ତୁ। ଏଥିରେ ୧୫ମିନିଟ୍ ବୁଡ଼ାଇ ଛାଡ଼ି ଦିଅନ୍ତୁ। ପୁଣି ଏହାକୁ କାଢ଼ି ଶୁଖିଲା କପଡ଼ାରେ ପୋଛି ସଫାକରି ଦିଅନ୍ତୁ।

**ସିର୍‌କା:**
ଏକ ପାତ୍ରରେ ସିର୍‌କା ସହ ୧ଚାମଚ ମହୁ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣରେ ତୁଳା ବୁଡ଼ାଇ ଏହାକୁ ଭଲଭାବେ ଚିପୁଡ଼ି ଦିଅନ୍ତୁ। ଏହି ତୁଳା ସାହାଯ୍ୟରେ ଉଡେନ ବାସନକୁ ଭଲଭାବେ ରଗଡ଼ି ପୋଛିଦିଅନ୍ତୁ। ଏମିତି ୨-୩ଥର କରିବା ପରେ ବାସନରୁ ଦୁର୍ଗନ୍ଧ ଦୂରହୋଇଥାଏ।

**ଲୁଣ:**
ଏକ ବାଲ୍‌ଟି ଗରମପାଣି ନିଅନ୍ତୁ। ଏଥିରେ ୪-୫ଚାମଚ ଲୁଣ ମିଶାଇ ଦିଅନ୍ତୁ। ଏବେ ଉଡେନ ବାସନକୁ ଭଲଭାବେ ବୁଡ଼ାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ବାସନକୁ କାଢ଼ି ଶୁଖିଲା କପଡ଼ାରେ ପୋଛିଦିଅନ୍ତୁ।

**ବେକିଂ ସୋଡ଼ା:**
ବେକିଂ ସୋଡ଼ା ସହ ଲେମ୍ବୁରସ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟ ଲଗାଇ ବାସନକୁ କିଛି ସମୟ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ଏହାପରେ ବାସନକୁ ଗରମପାଣିରେ ସଫା କରିଦିଅନ୍ତୁ।



| Dollar | Sensex | Nifty | Gold | Silver |
|---|---|---|---|---|
| 68.53 (57) | 70.75 38,095.07 | 35.35 11,462.20 | `280 32,830.00 | `345 38,725.00 |



"ମୁକ୍ତ ବାଣିଜ୍ୟ କିମ୍ବା ପ୍ରିଫରେନ୍ସିଆଲ୍ ବାଣିଜ୍ୟ ଚୁକ୍ତିରେ ସାମିଲ ହେବା ପ୍ରସଙ୍ଗକୁ ଭାରତ ଏବଂ ଆଫ୍ରିକା ବିଚାର କରିବାର ଆବଶ୍ୟକତା ରହିଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



"ସରକାର ନିରନ୍ତର ଭିତ୍ତିରେ ଦେଶରେ ଦ୍ୱିତୀୟ ପିଢିର ସଂସ୍କାର ପ୍ରକ୍ରିୟା ଜାରି ରଖିଛନ୍ତି।
–ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥ ମନ୍ତ୍ରୀ

## ସଂକ୍ଷେପରେ

### ଆଜି ଜିଏସ୍‌ଟି କାଉନସିଲ ବୈଠକ

ଫୋକସରେ ରିୟଲିଟି ସେକ୍ଟର




**ନୂଆଦିଲ୍ଲୀ,୧୮-୩:** କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ମଙ୍ଗଳବାର ଜିଏସ୍‌ଟି କାଉନସିଲର ୩୪ତମ ବୈଠକ ବସିବ। ଏଥିରେ ରିୟଲିଟି ସେକ୍ଟରରେ ଜିଏସ୍‌ଟି ଦର ହ୍ରାସକୁ କ୍ରିୟାନ୍ୱୟନ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବାର ସମ୍ଭାବନା ରହିଛି। ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତିକୁ କିପରି କାର୍ଯ୍ୟକାରୀ କରାଯିବ ସେ ସଂକ୍ରାନ୍ତରେ ହିଁ କେବଳ ବୈଠକରେ ଆଲୋଚନା କରାଯିବ ବୋଲି ଜଣାପଡିଛି। ସୂଚନାଥାଉ କି, ରିୟଲ ଇଷ୍ଟେଟ ସେକ୍ଟରରେ ଜିଏସ୍‌ଟି ହାର ହ୍ରାସ କରାଯାଇଛି। ତେବେ ଏହାକୁ କିଭଳି କ୍ରିୟାନ୍ୱୟନ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯିବ। ଜଣେ ଅଧିକାରୀ କହିଛନ୍ତି ଯେ, ସାଧାରଣ ନିର୍ବାଚନ କାରଣରୁ ଆଚରଣବିଧି ଲାଗୁ ହୋଇଥିବା ଦୃଷ୍ଟିରୁ ଜିଏସ୍‌ଟି ହାରରେ ପରିବର୍ତ୍ତନ ନେଇ ଆଲୋଚନା କରାଯିବ ନାହିଁ। ସୂଚନାଥାଉ କି, ଜିଏସ୍‌ଟି କାଉନସିଲ ଫେବୃୟାରୀ ୨୪ ବୈଠକରେ ନିର୍ମାଣାଧୀନ ଘର/ଫ୍ଲାଟ୍ ଉପରେ ଜିଏସ୍‌ଟି ହାରକୁ ୫%କୁ ହ୍ରାସ କରିଥିବା ବେଳେ ସୁଲଭ ଘର ଉପରେ ଏହାକୁ ୧%କୁ କମାଇଛନ୍ତି। ନୂଆ ହାର ଏପ୍ରିଲ ପହିଲାରୁ ଲାଗୁ ହେବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ରିୟଲ ଇଷ୍ଟେଟ ସେକ୍ଟରରେ ଲାଗୁ ହେବାକୁ ଥିବା ନୂଆ ନିୟମକୁ ମଞ୍ଜୁରୀ ଦିଆଯାଇପାରେ।

### ଡିଶ୍‌ଟିଭି ସହ ମିଶିଯିବ ଏୟାରଟେଲ ଟିଭି

**ନୂଆଦିଲ୍ଲୀ,୧୮-୩:** ଟେଲିକମ୍ କ୍ଷେତ୍ର ସହ ଟିଭି ଡିଷ୍ଟ୍ରିବ୍ୟୁଶନ କ୍ଷେତ୍ରରେ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଜିଓକୁ ଟକ୍କର ଦେବା ଲାଗି ଏୟାରଟେଲ ମୁଖ୍ୟ ସୁନୀଲ ଭାରତୀ ମିତ୍ତଲ ଅଣ୍ଟାଭିଡ଼ିଛନ୍ତି। ନିକଟରେ ରିଲାଏନ୍ସ ଜିଓ ଦେଶର ଦୁଇଟି ସର୍ବବୃହତ କେବଲ ଅପରେଟର ହ୍ୟାଥୱେ କେବଲ ଆଣ୍ଡ ଡାଟାକମ୍ ଏବଂ ଡେନ୍ ନେଟ୍‌ୱର୍କକୁ କିଣିଛି। ଏହାକୁ ଦୃଷ୍ଟିରେ ରଖି ମିତ୍ତଲ ମଧ ଏୟାରଟେଲ ଡିଜିଟାଲ ଟିଭି ଅଧୀନକୁ ଆସୁଥିବା ନିଜର ଡିଟିଏଚ୍ ବ୍ୟବସାୟକୁ ଡିଶ୍ ଟିଭି ସହ ମିଶାଇ ଦେବାକୁ ନିଷ୍ପତ୍ତି ନେଇ ଆଲୋଚନା ଆରମ୍ଭ କରିଛନ୍ତି।

### ୨୩% ବଢ଼ିଛି ଜେନେରାଲ ଇନସ୍ୟୁରାନ୍ସ ପ୍ରିମିୟମ

**ନୂଆଦିଲ୍ଲୀ,୧୮-୩:** ଫେବୃୟାରୀରେ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀଙ୍କ ପ୍ରିମିୟମ ଆୟ ୨୩% ବୃଦ୍ଧି ପାଇ ୧୨,୯୫୯.୪୪ କୋଟି ଟଙ୍କାରେ ପହଞ୍ଚିଛି। ଗତ ବର୍ଷ ଏହି ସମୟରେ ଏହା ୧୦,୫୭୩.୭୦ କୋଟି ଟଙ୍କା ଥିଲା ବୋଲି ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ(ଆଇଆର୍‌ଡିଏ) ସୋମବାର ସୂଚନା ଦେଇଛନ୍ତି। ପ୍ରାଧିକରଣ ଦେଶର ସମସ୍ତ ୩୪ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀଙ୍କ ତଥ୍ୟ ପ୍ରକାଶ କରିଛନ୍ତି। ଏଥିରେ ୨୫ ବୀମା କମ୍ପାନୀଙ୍କ ପ୍ରିମିୟମ ସଂଗ୍ରହ ୧୦,୯୧୬ କୋଟି ଟଙ୍କା ହୋଇଛି, ଯାହାକି ଗତ ବର୍ଷ ଅପେକ୍ଷା ୧୮.୧ ପ୍ରତିଶତ ଅଧିକ।

### ଏପ୍ରିଲ ପହିଲାରୁ ଫେମ-୨ ଯୋଜନା ଶୁଭାରମ୍ଭ

**ନୂଆଦିଲ୍ଲୀ,୧୮-୩:** ଘରୋଇ ବଜାରରେ ଇ-ଯାନକୁ ପ୍ରୋତ୍ସାହିତ କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଜାରି ରଖିଛନ୍ତି। ଏହି ଧାରାକୁ ପ୍ରୋତ୍ସାହିତ କରିବା ଲାଗି ଲାଗୁ ହୋଇଥିବା ଫେମ୍‌ର ଦ୍ୱିତୀୟ ପର୍ଯ୍ୟାୟ ଦେଶରେ ଏପ୍ରିଲ ପହିଲାରୁ ଶୁଭାରମ୍ଭ ହେବ। ଏହା ଦ୍ୱାରା ଇ-ଯାନ କ୍ରୟକୁ ପ୍ରୋତ୍ସାହନ ପୂର୍ବକ ସରକାର ସବ୍‌ସିଡି ପ୍ରଦାନ କରିବେ। ଫଳରେ ବଜାରରେ ଅଧିକ ଇ-ଯାନ ଗଡିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଫେମ୍-୨ ଲାଗି ୧୦ ହଜାର କୋଟି ଟଙ୍କାର ପୁଞ୍ଜି ବ୍ୟବସ୍ଥା କରାଯାଇଛି। ଯୋଜନାର ସଫଳ ରୂପାୟନ କରିବାକୁ ଏକ ଆନ୍ତଃ ମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ଗଠନ ହୋଇଛି। ଦେଶକୁ ଏକ ସ୍ୱଚ୍ଛ ପରିବହନ ବ୍ୟବସ୍ଥା ଦିଗରେ ପରିଚାଳିତ କରିବାକୁ ଏହି ଯୋଜନା ହାତକୁ ନିଆଯାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଯୋଜନାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଲାଗି ପ୍ରମୁଖ ମନ୍ତ୍ରଣାଳୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଲଘୁ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି।

# ଜେଲ୍ ଯିବାରୁ ବର୍ତ୍ତିଲେ ଅନିଲ ଅମ୍ବାନୀ

**ନୂଆଦିଲ୍ଲୀ,୧୮-୩**




- ଏରିକ୍‌ସନକୁ ବକେୟା ୪୫୮.୭୭ କୋଟି ଦେଲା ଆର୍‌କମ୍
- ୧୯ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରିଥିଲେ ସୁପ୍ରିମକୋର୍ଟ
- ମାନହାନି ମକଦ୍ଦମା କରିଥିଲା ଏରିକସନ

ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) ମାଲିକ ଅନିଲ ଅମ୍ବାନୀଙ୍କ ଉପରୁ ଜେଲ ଯିବାର ସଙ୍କଟ ଟଳିଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଧାରିତ ସମୟର ଦିନକ ପୂର୍ବରୁ ସୁଇଡିଶ ଟେଲିକମ ଇକ୍ୟୁମମେଣ୍ଟ ନିର୍ମାତା ଏରିକସନକୁ ବକେୟା ୪୫୮.୭୭ କୋଟି ଟଙ୍କା ଦେଇଛି ଆର୍‌କମ୍। ସୁପ୍ରିମକୋର୍ଟ ଏଥିପାଇଁ ୧୯ ତାରିଖ ଶେଷ ସମୟସୀମା ଧାର୍ଯ୍ୟ କରିଥିଲେ। ଏହି ସମୟ ମଧ୍ୟରେ ବକେୟା ପରିଶୋଧ ହୋଇ ନ ଥିଲେ ଅନିଲଙ୍କ ସମେତ ଅନ୍ୟ ଦୁଇ ନିର୍ଦ୍ଦେଶକଙ୍କୁ ୩ ମାସ ପାଇଁ ଜେଲ୍ ଯିବାକୁ ପଡିଥାନ୍ତା। ଦୁଇ କମ୍ପାନୀ ମଧ୍ୟରେ ପ୍ରାୟ ଏକ ବର୍ଷ ହେବ ଆଇନଗତ ଲଢ଼େଇ ଚାଲିଥିଲା।

ଆର୍‌କମ୍‌ଠାରୁ ବକେୟା ବାବଦ ଅର୍ଥ ମିଳିଛି ବୋଲି ଏରିକସନର ଓକିଲ ସ୍ୱୀକାର କରିଛନ୍ତି। ପୂର୍ବରୁ ଆର୍‌କମ୍ ୧୧୮ କୋଟି ଟଙ୍କା ଏରିକସନକୁ ଦେଇ ସାରିଥିଲା। ଆର୍‌କମ୍‌ଠାରୁ ଏରିକସନ ବକେୟା ବାବଦରେ ମୋଟ ୫୭୬.୭୭ କୋଟି ଟଙ୍କା ପାଇବାକୁ ଥିଲା। ବକେୟା ସହିତ ଏରିକସନ ସୁପ୍ରିମକୋର୍ଟ ରେଜିଷ୍ଟ୍ରାରଙ୍କଠାରୁ ଅଧିକ ୩ କୋଟି ଟଙ୍କା ପାଇଛି। ସୂଚନାଥାଉ କି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆର୍‌କମ୍ ଜାଣିଶୁଣି ଅଣଦେଖା କରୁଛି ଦର୍ଶାଇ ଏରିକସନ ଗତ ମାସରେ ସର୍ବୋଚ୍ଚ ଅଦାଲତରେ ଏକ ଅଦାଲତ ଅବମାନନା ମାମଲା ଆଗତ କରିଥିଲା। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ସୁପ୍ରିମକୋର୍ଟ ଅନିଲ ଓ ଅନ୍ୟ ଦୁଇ ନିର୍ଦ୍ଦେଶକଙ୍କୁ ଅଦାଲତ ଅବମାନନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଆସନ୍ତା ୪ ସପ୍ତାହ ଅର୍ଥାତ ମାର୍ଚ୍ଚ ୧୯ ତାରିଖ ମଧ୍ୟରେ ଏରିକସନକୁ ବକେୟା ଅର୍ଥ ଫେରସ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ଅର୍ଥ ଫେରସ୍ତ ନ ହେଲେ ସମ୍ପୃକ୍ତ କମ୍ପାନୀ ମାଲିକ ଜେଲ ଯିବେ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅଦାଲତ ଅନିଲଙ୍କ ସମେତ ୩ ଜଣଙ୍କ ବିରୋଧରେ ୧ କୋଟି ଟଙ୍କା ଲେଖାଏ ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଆର୍‌କମ୍ ଅର୍ଥ କେଉଁଠୁ ଯୋଗାଡ଼ କଲା ସେସମ୍ପର୍କରେ ଅଦ୍ୟାବଧି କୌଣସି ଉତ୍ତର ଦେଇ ନାହିଁ। ତେବେ ଏରିକସନ ବକେୟା ବିବାଦର ସମାଧାନ ହୋଇଥିଲେ ମଧ ଆର୍‌କମ୍ ପାଇଁ ଏବେ ମଧ ଆହୁରି ଅଡୁଆ ରହିଛି। ଏହା ସ୍ପେକ୍ଟ୍ରମ ଫିସ୍ ବାବଦରେ ଟେଲିକମ୍ ବିଭାଗର ୨୧ କୋଟି ଟଙ୍କା ବକେୟା ରଖିଛି। ଅନ୍ୟପକ୍ଷରେ ଆର୍‌କମ୍ ଠାରୁ ବକେୟା ବାବଦରେ ୭୦୦ କୋଟି ଟଙ୍କା ଆଦାୟ କରିବା ଲାଗି ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଚଳିତ ସପ୍ତାହରେ ଏନ୍‌ସିଏଲ୍‌ଟିଙ୍କ ଦ୍ୱାରସ୍ଥ ହେବ ବୋଲି ନିଷ୍ପତ୍ତି ନେଇଛି। ଅପରପକ୍ଷରେ ନିଜକୁ ଦେବାଳିଆ ଘୋଷଣା କରିବା ଉଦ୍ଦେଶ୍ୟରେ ଆର୍‌କମ୍ ଇତିମଧ୍ୟରେ ଏନ୍‌ସିଏଲ୍‌ଟିଙ୍କ ନିକଟରେ ଆବେଦନ ଦେଇଛି।

### ଆର୍‌କମ୍-ରିଲାଏନ୍ସ ଜିଓ ଚୁକ୍ତି ରଦ୍ଦ

ସମ୍ପତ୍ତି ବିକ୍ରି ନେଇ ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) ଓ ରିଲାଏନ୍ସ ଜିଓ ମଧ୍ୟରେ ହୋଇଥିବା ଚୁକ୍ତି ଉଭୟ ପକ୍ଷ ମଧ୍ୟରେ ସହମତି ଭିତ୍ତିରେ ରଦ୍ଦ କରାଯାଇଛି। ଶେୟାରଧାରୀ ଓ ଟେଲିକମ ବିଭାଗର ଅନୁମତି ନ ମିଳିବାରୁ ସମ୍ପତ୍ତି ବିକ୍ରି ସମ୍ଭବ ହେଲାନି ବୋଲି ଆର୍‌କମ୍ ପକ୍ଷରୁ କୁହାଯାଇଛି।

# ପାହାଳରେ ହୋଟେଲ କ୍ରାଫ୍ଟ ଶୋ'ରୁମ୍



**ଭୁବନେଶ୍ୱର,୧୮-୩(ବ୍ୟୁରୋ)**

ରାଜ୍ୟର ହୋଟେଲ ଶିଳ୍ପ,ରେଷ୍ଟୁରାଣ୍ଟ, କାଫେ ଏବଂ କ୍ୟାଟରର ମାନଙ୍କର ବହୁବିଧ ସାମଗ୍ରୀ ଆବଶ୍ୟକତାକୁ ଉପଲବ୍ଧି କରି ସ୍ଥାନୀୟ ପାହାଳଠାରେ ନୂଆ 'ହୋଟେଲ କ୍ରାଫ୍ଟ' ଶୋ'ରୁମ ଶୁଭାରମ୍ଭ ହୋଇଛି। ୧୭,୦୦୦ ବର୍ଗଫୁଟ ସ୍ଥାନରେ ଖୋଲିଥିବା ଏହି ଶୋ'ରୁମକୁ କମ୍ପାନୀର ସିଇଓ ଅଜୟ କୁମାର ପ୍ରଧାନ, ଉପକାର୍ଯ୍ୟକାରୀ ଅଧିକାରୀ ପ୍ରମୋଦ ପଣ୍ଡା, ଗ୍ରୁପର ମୁଖ୍ୟ ବିତ୍ତ ଅଧିକାରୀ, କାଳିପଦ ନନ୍ଦ, ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଇଂ ଦୁର୍ଗା ପ୍ରସାଦ ରଥ, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ମିଥୁନ ନମ୍ବିଆର ଉନ୍ମୋଚନ କରିଥିଲେ। ହୋଟେଲ ଶିଳ୍ପ ତଥା ସାଧାରଣ ଲୋକମାନେ ଗୋଟିଏ ଛାତତଳେ ୩୦୦୦ରୁ ଅଧିକ ସାମଗ୍ରୀ ଏଠାରେ ଲାଭ କରିପାରିବେ। ସାମଗ୍ରୀ ଗୁଡ଼ିକୁ ହୋମ ଡେଲିଭରି କରିବାର ସୁବିଧା ମଧ ରହିଛି। ସାମଗ୍ରୀଗୁଡ଼ିକ ଦେଶର ୫୦ରୁ ଅଧିକ ଶିଳ୍ପୋଦ୍ୟୋଗୀଙ୍କଠାରୁ ସଂଗ୍ରହ କରାଯାଇଛି। ନୂଆ ଷ୍ଟୋରଟି ଏହି ବର୍ଗରେ ରାଜ୍ୟରେ ପ୍ରଥମ ବୋଲି ସିଇଓ ଅଜୟ କୁମାର ପ୍ରଧାନ କହିଛନ୍ତି। ଏଠାରେ ଲୋକମାନେ ସୁଲଭ ଦରରେ ସାମଗ୍ରୀ ଲାଭ କରିପାରିବେ। ସବୁ ବର୍ଗର ଲୋକମାନେ ଏଠାରେ ସାମଗ୍ରୀ କ୍ରୟ କରିବାକୁ ସକ୍ଷମ ହୋଇ ପାରିବେ। ହୋଟେଲ ଶିଳ୍ପ ସେମାନଙ୍କ ଆବଶ୍ୟକ ସାମଗ୍ରୀ ଲାଗି ବିଭିନ୍ନ ସ୍ଥାନ ବୁଲି ସଂଗ୍ରହ କରିବାକୁ ପଡୁଥିଲା। ରାଜ୍ୟରେ ଶିଳ୍ପ ତଥା ଚାହିଦା ବୃଦ୍ଧି ହେଉଥିବାରୁ ନୂଆ ପଦକ୍ଷେପକୁ ଭଲ ରେସପନ୍ସ ମିଳିବ ବୋଲି ଗ୍ରୁପ ଅଧକ୍ଷ ପ୍ରମୋଦ ରଥ କହିଛନ୍ତି।

■ ଷ୍ଟାଟିଷ୍ଟିକ୍ସରେ ରାଜନୈତିକ ହସ୍ତକ୍ଷେପ

# ୧୦୮ ଅର୍ଥନୀତିଜ୍ଞଙ୍କୁ ଜବାବ ଦେଲେ ୧୩୧ ସିଏ

**ନୂଆଦିଲ୍ଲୀ,୧୮-୩**

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ଅର୍ଥନୈତିକ ଡାଟା (ଜିଡିପି ଡାଟା) ଉପରେ ସନ୍ଦେହ ସୃଷ୍ଟି କରିଥିବା ୧୦୮ ଅର୍ଥନୀତିଜ୍ଞ ଓ ସମାଜ ବିଜ୍ଞାନୀଙ୍କ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି ୧୩୧ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ(ସିଏ)। ସେମାନଙ୍କ ମଧ୍ୟରେ ରହିଛନ୍ତି ମନିପାଲ ଗ୍ଲୋବାଲର ଅଧକ୍ଷ ଟିଭି ମୋହନଦାସ ପାଇ ଏବଂ ଏଡିଲ୍‌ୱିସ୍‌ର ପୂର୍ବତନ ସିଇଓ ବିକାଶ ଖେମାନୀ।

ସୂଚନାଥାଉ କି, ୧୦୮ ଶୀର୍ଷ ଅର୍ଥନୀତିଜ୍ଞ ଓ ସମାଜ ବିଜ୍ଞାନୀ ଏକ ପତ୍ର ଜରିଆରେ ଅର୍ଥନୈତିକ ଡାଟା ପ୍ରକାଶରେ ରାଜନୈତିକ ହସ୍ତକ୍ଷେପ ନେଇ ପ୍ରଶ୍ନ ଉଠାଇଥିଲେ। ଦେଶର ପରିସଂଖ୍ୟାନ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଡାଟା ଉପରେ ସରକାରୀ କଟକଣାକୁ ସେମାନେ ବିରୋଧ କରିଥିଲେ। ଅନ୍ୟପକ୍ଷରେ ୧୩୧ ଜଣ ସିଏ ଏକ ପତ୍ରରେ ସମସ୍ତ ଅଭିଯୋଗକୁ ଖଣ୍ଡନ କରି ଲେଖିଛନ୍ତି ଯେ, ସେମାନଙ୍କ ଅଭିଯୋଗ ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଅଭିଯୋଗ ମନଗଢ଼ା ମନେ ହେଉଛି ଏବଂ ଏଥିପୂର୍ବରୁ 'ସମ୍ମାନ ପ୍ରତ୍ୟାହାର' ଭଳି ଡ୍ରାମା ଲାଗୁଛି। ଗୋଟିଏ ରାଜ୍ୟର ବିଧାନସଭା ନିର୍ବାଚନ ପୂର୍ବରୁ ଏହି ସମ୍ମାନ ପ୍ରତ୍ୟାହାର ଆରମ୍ଭ କରାଯାଇଥିଲା। ବିଶ୍ୱ ବ୍ୟାଙ୍କ, ଆଇଏମ୍‌ଏଫ ସମେତ ଏକାଧିକ ଅନ୍ତର୍ରାଷ୍ଟ୍ରୀୟ ଏଜେନ୍ସି ଭାରତର ଜିଡିପି, ଦାରିଦ୍ର୍ୟ ହ୍ରାସ, କାରବାର ସୁଗମତା ଭଳି ତଥ୍ୟକୁ କ୍ରମାଗତ ପ୍ରକାଶ କରୁଛନ୍ତି। ଅନ୍ତର୍ରାଷ୍ଟ୍ରୀୟ ଡାଟା ଏବଂ ସ୍ୱତନ୍ତ୍ର ଏଜେନ୍ସିଗୁଡ଼ିକ ସରକାରୀ ଏଜେନ୍ସି ଦ୍ୱାରା ପ୍ରଦତ୍ତ ଡାଟାକୁ ମାନୁଛନ୍ତି। ସେମାନେ ଲେଖିଛନ୍ତି ଯେ, ସରକାରଙ୍କ ଦ୍ୱାରା ଜାରି କରାଯାଉଥିବା ତଥ୍ୟକୁ ବିଶ୍ୱର ପ୍ରାୟ ସବୁ ଦେଶରେ ବିଶେଷଜ୍ଞମାନେ ବିରୋଧ କରିଆସୁଛନ୍ତି। ୧୯୬୦ରୁ ୨୦୧୪ ମଧ୍ୟରେ ଭାରତ ନିଜର ସମକକ୍ଷ ଦେଶ ଜାପାନ, ଚାଇନା, ତାଇୱାନ, କୋରିଆ, ବ୍ରାଜିଲ, ଥାଇଲାଣ୍ଡ, ଇଣ୍ଡୋନେସିଆ, ମାଲେସିଆ, ରୁଷ୍, ଦକ୍ଷିଣ ଆଫ୍ରିକା ସମେତ ବହୁ ଦେଶରୁ ଆର୍ଥିକ ଅଭିବୃଦ୍ଧିରେ ପଛରେ ପଡ଼ିଯାଇଛି। ଭାରତ ଏବେ ଉଚ୍ଚ ଆର୍ଥିକ ଅଭିବୃଦ୍ଧି ରାସ୍ତାରେ ଚାଲୁଛି। ଏଭଳି ସ୍ଥିତିରେ ଭାରତର ସମ୍ମାନ ଏବଂ ପ୍ରଗତିକୁ କ୍ଷତି ପହଞ୍ଚାଇବା ଭଳି ରାଜନୈତିକ ଉଦ୍ଦେଶ୍ୟରେ ହେଉଥିବା ଉଦ୍ୟମକୁ ବିରୋଧ କରାଯିବାର ଆବଶ୍ୟକତା ଦେଖାଦେଇଛି।

# ସୁଧ ଦେବାକୁ ଜେଟ୍ ନିକଟରେ ଅର୍ଥ ନାହିଁ

**ନୂଆଦିଲ୍ଲୀ,୧୮-୩**

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜ ଡିବେଞ୍ଚରଧାରୀଙ୍କୁ ସୁଧ ବାବଦ ଅର୍ଥ ଦେବାକୁ ଅକ୍ଷମତା ପ୍ରକାଶ କରିଛି। କମ୍ପାନୀ ପକ୍ଷରୁ ସୋମବାର ଏ ସମ୍ପର୍କରେ ଷ୍ଟକ୍ ବଜାରକୁ ସୂଚନା ଦିଆଯାଇଛି। ଆସନ୍ତା ୧୯ରେ ସୁଧ ଦେବା ଜରୁରୀ ଥିବା କମ୍ପାନୀ ଦ୍ୱିତୀୟଥର ବିଦେଶୀ ଋଣ ପ୍ରଦାନ କରିବାକୁ ସକ୍ଷମ ହୋଇନାହିଁ। ଏଥିପୂର୍ବରୁ ଜେଟ୍ ଏୟାରୱେଜ ଜାନୁୟାରୀ ୨ରେ ସୁଧ ଦେଇପାରି ନ ଥିଲା। ତେବେ ମଙ୍ଗଳବାର ଏହା କେତେ ପରିମାଣରେ ସୁଧ ଦେବାର ଥିଲା ତାହା କମ୍ପାନୀ ସ୍ପଷ୍ଟ କରିନାହିଁ। ଆର୍ଥିକ ସଙ୍କଟ କାରଣରୁ ଏହା କର୍ମଚାରୀଙ୍କୁ ଦରମା ଦେଇପାରୁ ନ ଥିବା ବେଳେ ଲିଜଧାରୀଙ୍କୁ ଲିଜ୍ ବାବଦରେ ବକେୟା ଦେଇ ପାରୁ ନ ଥିବାରୁ ଆହୁରି ୪ ଟି ବିମାନକୁ କମ୍ପାନୀ ଛିଡ଼ା କରିବାକୁ ବାଧ ହୋଇଛି।

### ଆଜି ଡିଜିସିଏ ବୈଠକ

ଜେଟ୍ ଏୟାରୱେଜର ବିମାନ ଛିଡା ହେବା କାରଣରୁ ଦୈନିକ ବହୁ ସଂଖ୍ୟାରେ ଉଡ଼ାଣ ବାତିଲ ହେଉଛି। କେବଳ ଜେଟ୍ ନୁହେଁ ବରଂ ଏୟାର ଇଣ୍ଡିଆ, ଇଣ୍ଡିଗୋ, ସ୍ପାଇଶଜେଟ୍ ଏବଂ ଗୋଏୟାର ମଧ ବହୁ ସଂଖ୍ୟାରେ ବିମାନ ଉଡ଼ାଣ ରଦ୍ଦ କରିବା ପରେ ଦେଶରେ ଏବେ ବିମାନ ଯାତ୍ରା ମହଙ୍ଗା ହେବାରେ ଲାଗିଛି। ଟିକେଟ ମୂଲ୍ୟ ଅଦ୍ୟାବଧି ଶହେରୁ ଦେଢ଼ଶହ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଗଲାଣି। ଏହାର ସମାଧାନ ପନ୍ଥା ବାହାର କରିବା ଉଦ୍ଦେଶ୍ୟରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ମଙ୍ଗଳବାର ସମସ୍ତ ଏୟାରଲାଇନ୍ସ କମ୍ପାନୀଙ୍କ ବୈଠକ ଡାକିଛନ୍ତି।

# ରାଜନୈତିକ ଦଳଗୁଡ଼ିକ ଲାଗି ଆସୋଚାମର ଆହ୍ୱାନ

**ନୂଆଦିଲ୍ଲୀ,୧୮-୩**

ASSOCHAM INDIA

**୮-୮.୫% ଅଭିବୃଦ୍ଧି ଉପରେ ଜୋର**

୨୦୨୫ ସୁଦ୍ଧା ଦେଶକୁ ଏକ ପାଞ୍ଚ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢି ତୋଳିବା ଲାଗି ରାଜନୈତିକ ଦଳଗୁଡ଼ିକ କାର୍ଯ୍ୟ କରିବା ଉପରେ ଶିଳ୍ପ ସଂଘ ଆସୋଚାମ ଗୁରୁତ୍ୱାରୋପ କରିଛି। ଦେଶର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଏହି ପ୍ରସଙ୍ଗକୁ ସେମାନଙ୍କ ଲୋକସଭା ନିର୍ବାଚନ ଇସ୍ତାହାରରେ ମଧ ଦର୍ଶାଇବା ଆବଶ୍ୟକ ବୋଲି ସଂଘ ମତ ରଖିଛି। ରବିବାର ଆସୋଚାମ ଏ ନେଇ ଏକ ଦାବିପତ୍ର ଉପସ୍ଥାପନ କରିଛି। ଯେଉଁଥିରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଧାରା ୮-୮.୫% ରଖିବା ଉପରେ ଜୋର ଦେଇଥିବା ଜଣା ପଡିଛି। ସେହିଭଳି ଜିଏସ୍‌ଟି ଢାଞ୍ଚାରେ ସରଳୀକରଣ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଲାଗି କର୍ପୋରେଟ ଆୟକରରେ ରିହାତି, ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦେଉଥିବା କମ୍ପାନୀ କ୍ଷେତ୍ରରେ ଟିକସ ପ୍ରୋତ୍ସାହନ ଭଳି ବ୍ୟବସ୍ଥା ଉପରେ ଦାବିପତ୍ରରେ ଉଲ୍ଲେଖ ରହିଛି।

ଏହା ବାଦ ସାରା ଦେଶରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ, ଆଉଟସୋର୍ସିଂ ଶିକ୍ଷାରେ ଜିଏସ୍‌ଟି ହ୍ରାସ, ବିତ୍ତ ପ୍ରତିଷ୍ଠାନଗୁଡ଼ିକର ଉନ୍ନତିକରଣ ଦ୍ୱାରା ଶିଳ୍ପ ଲାଗି ଦୀର୍ଘ ମିଆଦୀ ଅଣବ୍ୟାଙ୍କିଂ ପୁଞ୍ଜି ବିକଳ୍ପ ସୁବିଧା, କୃଷକଙ୍କ ଆୟରେ ଉନ୍ନତି, ଟେକ୍ନୋଲୋଜି ଅପଗ୍ରେଡେଶନ ପାଣ୍ଠି ପ୍ରତିଷ୍ଠା, କୃଷି କ୍ଷେତ୍ରରେ ଉନ୍ନତ ଯୋଗାଣ ଚେନ, ମାନୁଫାକଚରିଂରେ ଉନ୍ନତୀକରଣ ଲାଗି ପଦକ୍ଷେପ ଉପରେ ଶିଳ୍ପ ସଂଘ ଗୁରୁତ୍ୱାରୋପ କରିଛି। ସେହିଭଳି କର୍ପୋରେଟ ଟିକସ ୧୫%କୁ ହ୍ରାସ ସମେତ ଅନ୍ୟ ପ୍ରସ୍ତାବ ଉପରେ ଏହା ନିଜର ମତ ରଖିଛି।

# ଆର୍ସେଲର ମିତ୍ତଲ କବ୍ଜାକୁ ଆସିବ ଏସାର ଷ୍ଟିଲ

**ନୂଆଦିଲ୍ଲୀ,୧୮-୩**




ଦେବାଳିଆ ହୋଇସାରିଥିବା ଏସାର ଷ୍ଟିଲ୍‌ର ଅଧିଗ୍ରହଣ ପାଇଁ ଆର୍ସେଲର ମିତ୍ତଲ ଦ୍ୱାରା ଉପସ୍ଥାପିତ ୪୨ ହଜାର କୋଟି ଟଙ୍କାର ଋଣ ସମାଧାନ ଯୋଜନାକୁ ରାଷ୍ଟ୍ରୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧୀକରଣ(ଏନ୍‌ସିଏଲ୍‌ଏଟି) ସର୍ତ୍ତର ସହ ମଞ୍ଜୁରୀ ପ୍ରଦାନ କରିଛନ୍ତି। ତେବେ ଏହାର ଚୂଡ଼ାନ୍ତ ନିର୍ଦ୍ଦେଶ ଉପରେ ଏହା ନିର୍ଭର କରିବ ବୋଲି ନ୍ୟାୟାଧୀକରଣ ସର୍ତ୍ତାରୋପ କରିଛନ୍ତି। ମିତ୍ତଲ ଗ୍ରୁପ୍ ଏହି ଅର୍ଥକୁ କମିଟି ଅଫ୍ କ୍ରେଡିଟର୍ସ(ସିଓସି)ଙ୍କ ନିକଟରେ ଜମା କରିବାକୁ କୁହାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ରେ ହେବ। ଜଷ୍ଟିସ ଏସ.ଜେ. ମୁଖୋପାଧ୍ୟାୟଙ୍କ ଅଧକ୍ଷତାରେ ଗଠିତ ଦୁଇ ସଦସ୍ୟବିଶିଷ୍ଟ ଖଣ୍ଡପୀଠ କହିଛନ୍ତି ଯେ, ଫାଇନାନ୍ସିଆଲ ଓ ଅପରେଶନାଲ କ୍ରେଡିଟର୍ସଙ୍କ ମଧ୍ୟରେ ରାଶିର ବିତରଣକୁ ନେଇ ସମାଧାନ ପେସାଦାର ଢଙ୍ଗରେ କରାଯିବ। ଏହା ଉପରେ କୌଣସି କଟକଣା ଲାଗୁ କରାଯିବ ନାହିଁ। ପେସାଦାର ସମାଧାନକାରୀ ମନିଟରିଂ କମିଟିର ଅଧକ୍ଷ ରହିବେ ଏବଂ ଆଇନ ଅନୁଯାୟୀ ସେ କାର୍ଯ୍ୟ କରିବେ ବୋଲି ଟ୍ରିବ୍ୟୁନାଲ ସ୍ପଷ୍ଟ କରିଛନ୍ତି। ଟ୍ରିବ୍ୟୁନାଲ ଏହା ମଧ କହିଛନ୍ତି ଯେ, ଆର୍ଥିକ ଓ ପରିଚାଳନା ଋଣପ୍ରଦାନକାରୀଙ୍କ ମଧ୍ୟରେ ରାଶିର ଭେଦଭାବପୂର୍ଣ୍ଣ ବିତରଣ ପ୍ରସଙ୍ଗ ଉପରେ ବିଚାର କରାଯିବ। ଆଇବିସି ଅଧୀନରେ ରାଶି ବଣ୍ଟନ ଅନୁପାତ ଉପସ୍ଥାପନ କରିବାକୁ ଟ୍ରିବ୍ୟୁନାଲ ଋଣପ୍ରଦାନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଇନଫୋସିସ୍ ବୋର୍ଡରେ କିରଣ ମଜୁମଦାର ସ'

**ବେଙ୍ଗାଲୁରୁ,୧୮-୩**

ବାୟୋକନ ପ୍ରତିଷ୍ଠାତା ତଥା ଦେଶର ଅଗ୍ରଣୀ ମହିଳା ଉଦ୍ୟୋଗୀ କିରଣ ମଜୁମଦାର ସ' ପୁନର୍ବାର ଇନଫୋସିସ୍ ବୋର୍ଡର ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। କମ୍ପାନୀ ଶେୟାରଧାରୀମାନେ ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ଦ୍ୱାରା ତାଙ୍କର ନୂତନ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ତେବେ ତାଙ୍କ ବିରୋଧରେ ମଧ ୮ ପ୍ରତିଶତ ଭୋଟ ପଡ଼ିଥିଲା। ଶେୟାର ମାର୍କେଟକୁ ସୂଚନା ଦେଇ ଇନଫୋସିସ୍ କହିଛି ଯେ, କିରଣଙ୍କ ଲାଗି ପୋଷ୍ଟାଲ ବ୍ୟାଲଟ ବ୍ୟବସ୍ଥାରେ ଭୋଟ୍ ନିଆଯାଇଥିଲା। ତାଙ୍କ ସପକ୍ଷରେ ୯୨.୨ ପ୍ରତିଶତ ଓ ବିରୋଧରେ ୭.୭ ପ୍ରତିଶତ ମତଦାନ ହୋଇଥିଲା।

# ଶେୟାର ବଜାର ଊର୍ଦ୍ଧ୍ୱଗାମୀ

**ନୂଆଦିଲ୍ଲୀ,୧୮-୩**



ବିଦେଶୀ ନିବେଶକଙ୍କ ନିବେଶ ବୃଦ୍ଧି ଏବଂ ବାଣିଜ୍ୟ ନିଅଣ୍ଟ ହ୍ରାସ ହେବା ଯୋଗୁ ଏହାର ପ୍ରଭାବ ଦେଶର ପୁଞ୍ଜି ବଜାର ଉପରେ ପଡିଛି। ବଜାରରେ ନିବେଶକଙ୍କ ମଧ୍ୟରେ ଉତ୍ସାହ ଫଳରେ ସେନସେକ୍ସ ପ୍ରାରମ୍ଭିକ ସ୍ତରରେ ୨୩୦ ପଏଣ୍ଟ ବଢିଥିବା ବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି କାରବାର ୧୧,୫୦୦ ପଏଣ୍ଟ ସ୍ତରର ନିକଟତର ହୋଇଛି। ଏସିଆର ଅନ୍ୟାନ୍ୟ ଶେୟାର ବଜାରଗୁଡ଼ିକର କାରବାର ଉନ୍ନତ ରହିବା ସହ ଏହାର ପ୍ରଭାବ ମଧ ଭାରତୀୟ ବଜାର ଉପରେ ପଡିଛି। ପୁଞ୍ଜି ବଜାର ପକ୍ଷରୁ ମିଳିଥିବା ସୂଚନା ମୁତାବକ ଦିନ ପ୍ରାୟ ୧୨ଟା ସମୟରେ ୩୦ ଶେୟାର ବିଶିଷ୍ଟ ସେନସେକ୍ସ ୩୨୬.୦୬ ପଏଣ୍ଟ ଉନ୍ନତ କାରବାର ସହ ୩୮,୩୫୦ ସ୍ତର ଛୁଇଁଥିଲା। ଗତ ୫ଟି ସେସନରେ ସେନସେକ୍ସରେ ୧,୩୫୨.୮୫ ପଏଣ୍ଟ ବୃଦ୍ଧି ଘଟିଛି। ଏହି ସମୟରେ ନିଫ୍ଟି ୮୨.୧୫ ପଏଣ୍ଟ ବଢି ୧୧,୫୦୯ ସ୍ତର ଛୁଇଁଥିଲା। କାରବାର ଶେଷବେଳକୁ ସେନ୍‌ସେକ୍ସରେ ୭୦.୭୫ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୩୮,୦୯୫.୦୭ ସ୍ତର ଛୁଇଁଛି। ସେହିପରି ନିଫ୍ଟି ୩୫.୩୫ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୧୧,୪୬୨.୨୦ ସ୍ତରରେ ବନ୍ଦ ହୋଇଛି।

### ଦୃଢ ହେଲା ଟଙ୍କା

ସେହିଭଳି ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ବେଶ ଉନ୍ନତ ଆସିଛି। ଡଲାର ତୁଳନାରେ ଟଙ୍କା ୫୭ ପଇସା ଦୃଢ ହେବା ସହ ୬୮.୫୩ ସ୍ତରକୁ ଫେରିଛି। ଗତ ବର୍ଷ ସମାନ ସମୟ ବେଳକୁ ଟଙ୍କା ଏହି ସ୍ତରରେ ରହିଥିଲା। ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ବଜାର ଉପରେ ପ୍ରଭାବ ପଡିବା ଯୋଗୁ ଏହା ୭୨ ସ୍ତର ଟପିଥିଲା। ବିଦେଶୀ ପୁଞ୍ଜି ଆଗମନ ଏବଂ ବିଶ୍ୱ ବାଣିଜ୍ୟ ସ୍ଥିତି ଧିମା ରହିବାରୁ ଟଙ୍କା ସ୍ଥିତିରେ ଏଭଳି ପରିବର୍ତ୍ତନ ଆସିଛି। ବାଣିଜ୍ୟ ମନ୍ତ୍ରଣାଳୟ ସୂଚନା ମୁତାବକ ଫେବୃୟାରୀରେ ରପ୍ତାନି ୨.୪୪% ବୃଦ୍ଧି ଘଟିଥିଲେ ମଧ ସୁନା ଏବଂ ପେଟ୍ରୋଲିୟମ ସାମଗ୍ରୀ ଆମଦାନୀ କମ୍ ହେବା ଯୋଗୁ ବାଣିଜ୍ୟ ନିଅଣ୍ଟ ୯.୬ ବିଲିୟନ ଡଲାରକୁ ହ୍ରାସ ଘଟିଛି। ଗତ ୬ଟି ସେସନରେ ଟଙ୍କା ସ୍ଥିତି ଉନ୍ନତ ରହିଥିବା ବେଳେ ଆନ୍ତଃ ବିଦେଶୀ ବିନିମୟ ବଜାରରେ ଏହା ୬୮.୮୭ ସ୍ତର ଛୁଇଁଥିଲା। ମାତ୍ର କାରବାର ଶେଷ ବେଳକୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୫୭ ପଇସା ଊର୍ଦ୍ଧ୍ୱରେ ରହି ୬୮.୫୩ ସ୍ତର ଛୁଇଁଛି।

भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
निविदा के लिए आमंत्रण /NOTICE INVITING TENDER
No.IITBBS/ADVT.18-19/09 Date:18/03/2019
Sealed Tenders are invited from the interested bidders / proprietors, Registered Firms / Agencies for providing following Auction and services:

| S.No. | Name of the Auction / Services |
|---|---|
| 1. | Collection of Cashew Nuts and Mangoes are available inside the campus at Argul and Institute BoBCO Centre at Laudigaon, Berhampur. |
| 2. | Empanelment of Agency for Providing Canteen Services at Argul campus. |

Detailed terms and conditions of Tender is available at www.iitbbs.ac.in / www.eprocure.gov.in
Sd/-
Registrar

CORRIGENDUM
Order No. 955 Date : 08.03.2019
No. 976-E: In partial modification to the advertisement No: 0048 on date 10.03.2019 **"Eligibility Criteria Point no E-** read as **"The bidder should have minimum 5 years experience with GST registration"**. All other conditions are remaining unchanged. Detail revised advertisement is available in the website www.puri.nic.in.
10021/11/0049/1819 **Sd./- CDM & PHO cum DMD, Puri**



“ଗତଥର ଫାଇନାଲରେ ହାରିବା ପରେ ଆମେ ଏଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଜିତିବା ଲାଗି ଦୃଢ ସଙ୍କଳ୍ପ ନେଇଥିଲୁ ।

—ସୁନୀଲ ଛେତ୍ରୀ, ବେଙ୍ଗାଲୁରୁ ଏଫ୍‌ସି ଅଧିନାୟକ



“ରୁଷିଆରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟ ରଖିଥିବାରୁ ଯୋଜନା ଅନୁସାରେ ମୁଁ ଏସିଆନ ଚାମ୍ପିୟନଶିପ୍‌ରୁ ଓହରିଯିବା ନିଷ୍ପତ୍ତି ନେଇଛି ।

—ଏମ୍.ସି. ମେରିକମ୍, ଭାରତୀୟ ମହିଳା ବକ୍ସର

## ସଂକ୍ଷେପରେ

### ବିସିସିଆଇକୁ କ୍ଷତିପୂରଣ ଦେଲା ପାକିସ୍ତାନ

**କରାଚୀ, ୧୮।୩ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଡିସ୍‌ପୁଟ୍ ରିଜୋଲ୍ୟୁଶନ କମିଟିରେ ଏହାର କ୍ଷତିପୂରଣ ମାମଲା ହାରିଯିବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ପ୍ରାୟ ୧.୬ ନିୟୁତ ଆମେରିକୀୟ ଡଲାର ପ୍ରଦାନ କରିବାକୁ ହୋଇଛି। ପିସିବି ଚେୟାରମ୍ୟାନ ଏହେସାନ ମନି ସୋମବାର ଏହି ସୂଚନା ଦେଇଛନ୍ତି। ଫ୍ୟୁଚର ଟୁର୍ ପ୍ରୋଗ୍ରାମ ଅନୁସାରେ ୨୦୧୫ ଓ ୨୦୨୩ ମଧ୍ୟରେ ଭାରତ ଓ ପାକିସ୍ତାନ ୬ଟି ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଖେଳିବା କଥା। ମାତ୍ର ବିସିସିଆଇ ଏହା ଅମାନ୍ୟ କରୁଥିବା ଦର୍ଶାଇ ପିସିବି ୭୦ନିୟୁତ ଡଲାର କ୍ଷତିପୂରଣ ଦାବି କରିଥିଲା। ଭାରତୀୟ କ୍ରିକେଟ ବୋର୍ଡ ଏଥିରେ ରାଜି ନ ହେବାରୁ ପିସିବି ଆଇସିସି ଡିସ୍‌ପୁଟ୍ ରିଜୋଲ୍ୟୁଶନ କମିଟିରେ ମାମଲା ଦରଜ କରିଥିଲା। ମାତ୍ର ଏଥିରେ ସେ ହାରିଯାଇଥିଲା। ଫଳସ୍ୱରୂପ ଏହି ମାମଲା ନେଇ ଯାତାୟାତ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ବାବଦରେ ପିସିବିକୁ କ୍ଷତିପୂରଣ ଦେବାକୁ ପଡ଼ିଛି। ବିସିସିଆଇ ଏହି ମାମଲାରେ ଯୁକ୍ତି ଦର୍ଶାଇଥିଲା ଯେ, ଭାରତୀୟ ସରକାର ଅନୁମତି ନ ଦେବାରୁ ଆମେ ପାକିସ୍ତାନ ବିପକ୍ଷରେ ଖେଳିବା ଲାଗି ଅସମର୍ଥ ଥିଲୁ। ପାକିସ୍ତାନ ବୋର୍ଡ କହିଥିଲା ଚୁକ୍ତି ଅନୁସାରେ ଭାରତ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ବାଧ୍ୟ।

### ଗୋପୀଙ୍କୁ ବିଶ୍ୱ ଚାମ୍ପିୟନ୍‌ଶିପ୍ ଯୋଗ୍ୟତା

**ନୂଆଦିଲ୍ଲୀ, ୧୮।୩:** ଭାରତୀୟ ଏସିଆନ୍ ମାରାଥନ ଚାମ୍ପିୟନ ଗୋପୀ ଥୋନାକଲ ଦୋହାଠାରେ ହେବାକୁ ଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ୩୦ ବର୍ଷୀୟ ମାରାଥନର ସେଓଲ ଇଣ୍ଟରନ୍ୟାଶନାଲ ମାରାଥନରେ ବିଶ୍ୱ ଚାମ୍ପିୟନଶିପ କ୍ୱାଲିଫାଇଂ ଟାଇମ (୨:୧୬:୦୦) ପୂର୍ବରୁ ରେସ୍ ଶେଷକରି ଏହି ସଫଳତା ପାଇଛନ୍ତି। ରବିବାର ଅନୁଷ୍ଠିତ ମାରାଥନକୁ ସେ ୨ ଘଣ୍ଟା ୧୩ ମିନିଟ୍ ୩୯ ସେକେଣ୍ଡରେ ଶେଷ କରିଥିଲେ। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଟାଇମିଂ। ପୂର୍ବରୁ ୨ ଘଣ୍ଟା ୧୫ ମିନିଟ୍ ୧୬ ସେକେଣ୍ଡ ତାଙ୍କର ଶ୍ରେଷ୍ଠ ଟାଇମିଂ ଥିଲା। ତେବେ ଏହା ଭାରତୀୟ ମାରାଥନରଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ନୁହେଁ। ୪୦ ବର୍ଷ ପୂର୍ବେ ଶିବନାଥ ସିଂ ୨:୧୨:୦୦ ଟାଇମିଂ ହାସଲ କରିଥିଲେ। ସେଓଲ ଇଣ୍ଟରନ୍ୟାଶନାଲ ମାରାଥନ ଏକ ୱାର୍ଲ୍ଡ କ୍ଲାସ୍ ଆଇଏଏଏଫ୍ ଗୋଲ୍ଡସ୍ତରୀୟ ଇଭେଣ୍ଟ। ଗୋପୀ ୨୦୧୭ରେ ଚାଇନାର ଡେଙ୍ଗୁଆନଠାରେ ଅନୁଷ୍ଠିତ ଏସିଆନ୍ ମାରାଥନ ଟାଇଟଲ ଜିତିଥିଲେ। ସେ ରିଓ ଅଲିମ୍ପିକ୍ସରେ ୨୫ତମ ସ୍ଥାନରେ ରହିଥିଲେ।

### କ୍ୱାର୍ଟର ଫାଇନାଲରେ ଜୁଭେନାଇଲ

**ଭୁବନେଶ୍ୱର, ୧୮।୩(କ୍ରୀଡ଼ା ପ୍ରତିନିଧି):** ବି.ଏମ. ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପ୍ରି-କ୍ୱାର୍ଟରରେ ଭୁବନେଶ୍ୱରର ପାରାମାଉଣ୍ଟ ସ୍ପୋର୍ଟିଂକୁ ୧୧ ରନରେ ହରାଇ କଟକର ଜୁଭେନାଇଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ ୨୭.୧ ଓଭରରେ ୧୧୦ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ବିନିତ ମହାନ୍ତି ସର୍ବାଧିକ ୩୮ ଓ ପଙ୍କଜ ସେନାପତି ୨୦ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ସ୍ୱୟମ ସାର୍ଥକ ରାଉତରାୟ ୩ଟି, ଆଶୁତୋଷ ନାୟକ ୨ଟି ଉଇକେଟ ନେଇଥିଲେ। ୧୧୧ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ପାରାମାଉଣ୍ଟ ୩୬.୫ ଓଭରରେ ୯୯ ରନ କରି ଅଲଆଉଟ ହୋଇ ଯାଇଥିଲା। ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଆୟୁଷ ଚୌଧାରୀ ୩୮ ଓ ଏମ. ଜ୍ଞାନେନ୍ଦ୍ର କୁମାର ୨୮ ରନ କରିଥିଲେ। ବିଜୟୀ ଦଳର ସୁଧାଂଶୁ ସେନାପତି, ବି.ବଜରଙ୍ଗୀ ଓ ବିନିତ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ପୂର୍ବତନ ରଣଜୀ ଖେଳାଳି ତଥା ବିସିସିଆଇ ମ୍ୟାଚ ରେଫରି ପ୍ରଶାନ୍ତ ମହାପାତ୍ର ଏବଂ ଓଡ଼ିଶା ରଣଜୀ ଅଧିନାୟକ ଶୁଭ୍ରାଂଶୁ ସେନାପତି ଅତିଥିଭାବେ ଯୋଗଦେଇ ବିନିତ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପରେଶ ପଟେଲ, ସାର୍ଥକ ଶିବା ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ବିଶ୍ୱଜିତ ମଲିକ ଓ ମହେଶ ପ୍ରଧାନ ସ୍କୋରର ଥିଲେ। ମଙ୍ଗଳବାର ୟୁନିୟନ ସ୍ପୋର୍ଟିଂ ଓ ନିମପୁର କ୍ରିକେଟ କ୍ଲବ ମଧ୍ୟରେ ଅନ୍ତିମ ପ୍ରି-କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବା।

## ବ୍ୟାଡ୍‌ମିଣ୍ଟନ ଏସିଆ ମିକ୍ସଡ୍ ଟିମ୍ ଚାମ୍ପିୟନଶିପ୍

# ଭାରତୀୟ ଟିମ୍‌ରେ ଓଡ଼ିଶାର ଋତୁପର୍ଣ୍ଣା

ନୂଆଦିଲ୍ଲୀ, ୧୮।୩(ପି.ଟି.)

ହଂକଂଠାରେ ମଙ୍ଗଳବାରଠାରୁ ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିୟନଶିପ୍ ‘ତୋଙ୍ଗ୍ ୟୁନ୍ କାଇ କପ୍’ଅନୁଷ୍ଠିତ ହେବ। ଏଥିଲାଗି ଏଚ୍.ଏସ୍. ପ୍ରଣୟଙ୍କ ନେତୃତ୍ୱରେ ସୋମବାର ୧୩ ଜଣିଆ ଭାରତୀୟ ବ୍ୟାଡ୍‌ମିଣ୍ଟନ ଟିମ୍ ଘୋଷଣା ହୋଇଛି। ଯେଉଁଥିରେ ଓଡ଼ିଶାର ପ୍ରତିଭାବାନ ସଟ୍‌ଲର ଋତୁପର୍ଣ୍ଣା ପଣ୍ଡା ସ୍ଥାନ ପାଇଛନ୍ତି। ସାଇନା ନେହ୍ୱାଲ, ପି.ଭି. ସିନ୍ଧୁ ଓ କିଡାମ୍ବୀ ଶ୍ରୀକାନ୍ତଙ୍କ ପରି ଷ୍ଟାର୍ ଭାରତୀୟ ଖେଳାଳିଙ୍କୁ ଏହି ଟୁର୍ନାମେଣ୍ଟରୁ ବିଶ୍ରାମ ନିଆଯାଇଛି। ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ଇଣ୍ଡିଆନ ଓପନ୍ ଟୁର୍ନାମେଣ୍ଟ ଥିବାରୁ ସାଇନା, ସିନ୍ଧୁ ଓ ଶ୍ରୀକାନ୍ତଙ୍କୁ ବିଶ୍ରାମ ଦିଆଯାଇଥିବା ଜଣାପଡ଼ିଛି। ଫଳରେ ପ୍ରଣୟଙ୍କ ନେତୃତ୍ୱରେ ଏକ ଯୁବ ଦଳ ଘୋଷଣା କରାଯାଇଛି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ପକ୍ଷରୁ ଘୋଷିତ ଦଳରେ ୭ଜଣ ଯୁବ ମହିଳା ପ୍ରତିଭାଙ୍କୁ ସୁଯୋଗ ଦିଆଯାଇଛି। ପ୍ରତିଯୋଗିତାରେ ଚାଇନିଜ ତାଇପେଇ ଓ ସିଙ୍ଗାପୁର ସହ ଭାରତୀୟ ଦଳ ଗ୍ରୁପ୍-ବି’ରେ ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବ। ଭାରତ ଗତ ସଂସ୍କରଣରେ କ୍ୱାର୍ଟର ଫାଇନ୍ତାଲକୁ ପ୍ରବେଶ କରିଥିଲେ ମଧ୍ୟ ପରାଜୟବରଣ କରି ଅଭିଯାନ ଶେଷ କରିଥିଲା।



ଋତୁପର୍ଣ୍ଣା ପଣ୍ଡା

**ଭାରତୀୟ ପୁରୁଷ ଟିମ୍:**
ଏଚ୍.ଏସ୍. ପ୍ରଣୟ୍, ସୌରଭ ବର୍ମା, ଏମ୍.ଆର୍. ଅର୍ଜୁନ, ଶ୍ଲୋକ ରାମଚନ୍ଦ୍ର, ଅରୁଣ ଜର୍ଜ, ସନ୍ୟାମ ଶୁକ୍ଳା

**ମହିଳା ଟିମ୍:**
ଅସ୍ମିତା ଚଲିହା, ବୈଷ୍ଣବି ଭାଲେ, ଶିଖା ଗୌତମ, ଅଶ୍ୱିନୀ ଭଟ, ଋତୁପର୍ଣ୍ଣା ପଣ୍ଡା, ଅର୍ପିତା ସାରା ସୁନୀଲ ଓ ୟୁ.କେ. ମିଥୁଲା

# ଇଣ୍ଡିଆନ ୱେଲ୍ସ: ବାଏଙ୍କା ଚାମ୍ପିୟନ



ଟ୍ରଫି ସହ ବାଏଙ୍କା ଆଣ୍ଡ୍ରେସ୍କୁ।

ଇଣ୍ଡିଆନ ୱେଲ୍ସ (ୟୁଏସ୍), ୧୮।୩(ଏଏଫ୍‌ପି)

କାନାଡାର ଯୁବ ଟେନିସ ଖେଳାଳି ବାଏଙ୍କା ଆଣ୍ଡ୍ରେସ୍କୁ ଇଣ୍ଡିଆନ ୱେଲ୍ସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ୧୮ ବର୍ଷୀୟା ଏହି କାନାଡା ତାରକା ଫାଇନାଲ ମ୍ୟାଚ୍‌ରେ ୱିମ୍ବେଲଡନ ଚାମ୍ପିୟନ ଆଞ୍ଜେଲିକ କର୍ବରଙ୍କୁ ୬-୪, ୩-୬, ୬-୪ ସେଟ୍‌ରେ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ବିଜୟ ସହ ବାଏଙ୍କା ୨୪ଟି ସ୍ଥାନ ଉପରକୁ ଉଠି ୩୬ରେ ରହିଛନ୍ତି।

### ଫେଡରରଙ୍କ ନିରାଶ

କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରର ରେକର୍ଡ ୬ଷ୍ଠ ଥର ପାଇଁ ଇଣ୍ଡିଆନ ୱେଲ୍ସ ଟାଇଟଲ ହାସଲ କରିବାରେ ବିଫଳ ହୋଇଛନ୍ତି। ତାଙ୍କୁ ୬-୩, ୩-୬, ୫-୭ ସେଟ୍‌ରେ ଡୋମିନିକ ଥିମ ହରାଇ ଦେଇଛନ୍ତି। ମ୍ୟାଚ୍ ଜିତିବା ପାଇଁ ଥିମଙ୍କୁ ୨ ଘଣ୍ଟା ୨ ମିନିଟ୍ ଲାଗିଥିଲା। ୨୫ ବର୍ଷୀୟ ଖେଳାଳିଙ୍କ କ୍ୟାରିୟରର ଏହା ପ୍ରଥମ ଏଟିପି ମାଷ୍ଟର୍ସ ୧୦୦୦ ଟାଇଟଲ।

# ପୁଣି ପ୍ରଶଂସକଙ୍କୁ ଦୌଡ଼ାଇଲେ ଧୋନୀ

**ଚେନ୍ନାଇ, ୧୮।୩:** ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଝଲକ୍ ପାଇବା ପାଇଁ ପ୍ରଶଂସକମାନେ ଷ୍ଟାଡିୟମ୍‌ର ସୁରକ୍ଷା ବଳୟ ଭଙ୍ଗ କରିବା କିଛି ନୂଆ ଘଟଣା ନୁହେଁ। ନିକଟରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ଜଣେ ପ୍ରଶଂସକଙ୍କୁ ଧୋନୀ ଖୁବ ଦୌଡ଼ାଇଥିଲେ। ସମାନ ଘଟଣା ଏମ୍. ଚିଦାମ୍ବରମ ଷ୍ଟାଡିୟମ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳର ଅଭ୍ୟାସ ସେସନରେ ଦେଖିବାକୁ ମିଳିଛି। ଜଣେ ପ୍ରଶଂସକ ସୁରକ୍ଷା ବଳୟକୁ ଅତିକ୍ରମ କରି ଧୋନୀଙ୍କ ଝଲକ ପାଇବାକୁ ଉଦ୍ୟମ କରିଥିଲେ। ହେଲେ ଧୋନୀ ଉକ୍ତ ପ୍ରଶଂସକଙ୍କୁ ବହୁ କଶରତ କରାଇଥିଲେ। ଧୋନୀ ଉକ୍ତ ପ୍ରଶଂସକଙ୍କୁ ଦେଖିବା ମାତ୍ରେ ଦୌଡ଼ିବା ଆରମ୍ଭ କରିଥିଲେ। ବହୁ ଉଦ୍ୟମ ପରେ ଉକ୍ତ ପ୍ରଶଂସକଙ୍କୁ ଦଳୀୟ ସୁରକ୍ଷାକର୍ମୀ ଧରି ନେଇଥିଲେ। ଏହାପରେ ଧୋନୀ ପ୍ରଶଂସକଙ୍କ ସହ ହାତ ମିଳାଇଥିଲେ। ଏହି ଘଟଣାର ଏକ ଭିଡିଓ ସିଏସ୍‌କେ ଫ୍ରାଞ୍ଚାଇଜ ପକ୍ଷରୁ ଟୁଇଟରରେ ଶେୟାର କରାଯାଇଛି। ଧୋନୀଙ୍କ ନେତୃତ୍ୱାଧୀନ ସିଏସ୍‌କେ ଦଳର ଅଭ୍ୟାସ ମ୍ୟାଚ୍ ଦେଖିବା ପାଇଁ ଷ୍ଟାଡିୟମରେ ୧୨ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଯୋଗଦେଇଥିଲେ। ଏହା ଗତ ବର୍ଷ ଅପେକ୍ଷା ଦୁଇ ହଜାର ଅଧିକ। ଚେପକ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ୨୦୧୮ ଅଭ୍ୟାସ ସେସନରେ ୧୦ ହଜାର ଦର୍ଶକ ଯୋଗଦେଇଥିଲେ। ଏହାକୁ ଦେଖି ବିଦେଶୀ ଖେଳାଳିମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଉଲ୍ଲେଖଥାଉ କି, ଆସନ୍ତା ୨୩ ତାରିଖରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୋର ବିପକ୍ଷ ମ୍ୟାଚ୍‌ରୁ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଆଇପିଏଲ ଅଭିଯାନ ଆରମ୍ଭ କରିବ।

ଆଇପିଏଲ୍ ୧୨



### ୱାର୍ନରଙ୍କ ବିସ୍ଫୋରକ ଅର୍ଦ୍ଧଶତକ

**ହାଇଦ୍ରାବାଦ, ୧୮।୩:** ଅଷ୍ଟ୍ରେଲିଆର ପୂର୍ବତନ ଉପ ଅଧିନାୟକ ଡେଭିଡ୍ ୱାର୍ନର ଅଭ୍ୟାସ ମ୍ୟାଚରେ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ଆଇପିଏଲର ୧୨ତମ ସଂସ୍କରଣରେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳିବାକୁ ଥିବା ୱାର୍ନର ସନରାଇଜର୍ସ ବି’ ଦଳ ବିପକ୍ଷରେ ୪୩ ବଲରୁ ୬୫ ରନ୍ କରିଛନ୍ତି। ଏ ନେଇ ଫ୍ରାଞ୍ଚାଇଜ ପକ୍ଷରୁ ଟୁଇଟର ଜରିଆରେ ସୂଚନା ଦେଇଛନ୍ତି। ୩୨ ବର୍ଷୀୟ କ୍ରିକେଟର ବଲ ଟାମ୍ପରିଂ ଘଟଣା ପରେ ୨୦୧୮ ସଂସ୍କରଣରୁ ବାଦ୍ ପଡ଼ିଥିଲେ। ୱାର୍ନର ନିକଟରେ ସନରାଇସର୍ସ ହାଇଦ୍ରାବାଦ ଦଳ ସହ ଯୋଗଦେଇଛନ୍ତି।

# ଇତିହାସ ରଚିଲା ଆଫଗାନିସ୍ତାନ



ଟେଷ୍ଟ ସିରିଜ୍ ବିଜୟ ପରେ ଆଫଗାନିସ୍ତାନ କ୍ରିକେଟ ଟିମ୍।

ଡେରାଡୁନ, ୧୮।୩

ଟେଷ୍ଟ କ୍ରିକେଟରେ ନୂଆ କରି ସାମିଲ ହୋଇଥିବା ଆଫଗାନିସ୍ତାନ ତା’ର ପ୍ରଥମ ବିଜୟ ହାସଲ କରିବା ସହ ଇତିହାସ ସୃଷ୍ଟି କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌କୁ ଆଫଗାନିସ୍ତାନ ୭ ଉଇକେଟରେ ମ୍ୟାଚ୍ ଜିତି ନେଇଛି। ମ୍ୟାଚ୍‌ର ପ୍ରଥମ ଇନିଂସରେ ଆୟର୍ଲାଣ୍ଡ ୧୭୨ ରନ୍ କରିଥିବାବେଳେ ଆଫଗାନିସ୍ତାନ ୩୧୪ ରନ୍ କରି ୧୪୨ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ନେଇଥିଲା। ଦ୍ୱିତୀୟ ଇନିଂସରେ ଆୟର୍ଲାଣ୍ଡ ୨୮୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଫଳରେ ଆଫଗାନିସ୍ତାନ ଦଳ ଆଗରେ ୧୪୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମ୍ୟାଚ୍‌ର ୩ୟ ଦିନ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ଆଫଗାନିସ୍ତାନର ୧ ଉଇକେଟ ହରାଇ ୨୯ ରନ୍ କରିଥିଲା। ମ୍ୟାଚ୍‌ର ୪ର୍ଥ ଦିନରେ ଆଫଗାନିସ୍ତାନ ଦଳ ତା’ର ଅସମାପ୍ତ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଇଶାନୁଲ୍ଲା ଜନତଙ୍କ ୬୫ ଓ ରହମତ ଶାହଙ୍କ ୭୬ ରନ୍ ବଳରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ୪୭.୫ ଓଭରରେ ୩ ଉଇକେଟ ହରାଇ ୧୪୯ ରନ୍ କରିଥିଲା। ଉଭୟ ଇନିଂସରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ରହମତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ପ୍ରଥମ ଇନିଂସ: ୧୭୨।
ଆଫଗାନିସ୍ତାନ ପ୍ରଥମ ଇନିଂସ: ୩୧୪।
ଆୟର୍ଲାଣ୍ଡ ଦ୍ୱିତୀୟ ଇନିଂସ: ୨୮୮।
ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୪୭.୫ ଓଭରରେ ୧୪୯/୩।

# ବେଙ୍ଗାଲୁରୁ ନୂଆ ଚାମ୍ପିୟନ

ମୁମ୍ବାଇ, ୧୮।୩(ପି.ଟି.)

**ଇଣ୍ଡିଆନ ସୁପର୍ ଲିଗ୍**

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ୫ମ ସଂସ୍କରଣରେ ବେଙ୍ଗାଲୁରୁ ଏଫ୍‌ସି ଚାମ୍ପିୟନ ହୋଇଛି। ରବିବାର ସ୍ଥାନୀୟ ମୁମ୍ବାଇ ଫୁଟ୍‌ବଲ ଏରେନାରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ବେଙ୍ଗାଲୁରୁ ଏଫ୍‌ସି ୧-୦ ଗୋଲରେ ଏଫ୍‌ସି ଗୋଆକୁ ପରାସ୍ତ କରିଛି। ଏଥିସହ ବେଙ୍ଗାଲୁରୁ ଆଇଏସ୍ଏଲ୍‌ରେ ନୂଆ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଛି। ଏହି ମ୍ୟାଚ୍‌ରେ ଉଭୟ ଦଳ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଫଳରେ ମ୍ୟାଚ୍‌ର ନିର୍ଦ୍ଧାରିତ ୯୦ ମିନିଟ୍ ସମୟସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। କିନ୍ତୁ ଇଞ୍ଜୁରି ଟାଇମ୍ ଭାବେ ମିଳିଥିବା ଅତିରିକ୍ତ ୪ ମିନିଟ୍ ବେଙ୍ଗାଲୁରୁ ସପକ୍ଷରେ ଯାଇଥିଲା। ଅନ୍ତିମ ମିନିଟ୍‌ର ଖେଳ ଚାଲିଥିବାବେଳେ ବେଙ୍ଗାଲୁରୁର ୨୮ ବର୍ଷୀୟ ଡିଫେଣ୍ଡର ରାହୁଲ ବେକେ ହେଡ୍ ଜରିଆରେ ବଲ୍‌କୁ ଗୋଆ ନେଟ୍ ମଧ୍ୟକୁ ପଠାଇ ଦଳୀୟ କ୍ୟାମ୍ପ୍‌ରେ ଖୁସିର ଲହରି ଖେଳାଇ ଦେଇଥିଲେ। ଡିମାସ ଡେଲଗାଡୋଙ୍କ କର୍ନର କିକ୍‌କୁ କୌଣସି ତ୍ରୁଟି ନ କରି ରାହୁଲ ହେଡ୍ ଜରିଆରେ ଏହି ଗୋଲଟି କରିଥିଲେ। ଗୋଆ ମିଡ୍‌ଫିଲ୍ଡର ଅହମ୍ମଦ ଜାହୋଉ ମ୍ୟାଚ୍‌ରେ ୨ଥର ୟେଲୋ କାର୍ଡ ପାଇ ପଡ଼ିଆ ଛାଡ଼ିଥିଲେ। ଫଳରେ ଗୋଆ ୧୦ଜଣରେ ଖେଳିଥିଲା। ଯାହାର ଫାଇଦା ବେଙ୍ଗାଲୁରୁ ଉଠାଇଥିଲା। ଉଲ୍ଲେଖଯୋଗ୍ୟ, ଆଟ୍‌ଲେଟିକୋ ଡି କୋଲକାତା ୨୦୧୪ରେ ଅନୁଷ୍ଠିତ ଉଦ୍‌ଘାଟନୀ ସଂସ୍କରଣରେ ଚାମ୍ପିୟନ ହୋଇଥିବାବେଳେ ଚେନ୍ନାଇନ (୨୦୧୫), ଆଟ୍‌ଲେଟିକୋ ଡି କୋଲକାତା (୨୦୧୬), ଚେନ୍ନାଇନ (୨୦୧୭-୧୮)ରେ ଟାଇଟଲ ଜିତିଥିଲେ।



ଇଣ୍ଡିଆନ ସୁପରଲିଗ୍ ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ଦଳ ଅତିଥି ନୀତା ଅମ୍ବାନୀଙ୍କଠାରୁ ପୁରସ୍କାର ଗ୍ରହଣ କରିବା ପରେ ଖୁସି ମୁହୂର୍ତ୍ତରେ ।

# ଭାରତ ପ୍ରଥମେ ଜାପାନକୁ ଭେଟିବ

ବେଙ୍ଗାଲୁରୁ, ୧୮।୩ (ପି.ଟି.)

**ଆଜଲାନ ଶାହ କପ୍**

ମାଲେସିଆର ଇପୋଠାରେ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ ସହ ସିଜନ ଆରମ୍ଭ କରିବା ଲାଗି ଲକ୍ଷ୍ୟ ରଖିଛି ଭାରତୀୟ ପୁରୁଷ ହକି ଦଳ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ଲାଗି ରବିବାର ରାତିରେ ଦେଶ ଛାଡ଼ିବା ପୂର୍ବରୁ ଅଧିନାୟକ ମନପ୍ରୀତ ସିଂ ଖବରଦାତାମାନଙ୍କ ନିକଟରେ ଏକଥା ପ୍ରକାଶ କରିଛନ୍ତି। ଇପୋର ଉଷ୍ମ ଓ ଆର୍ଦ୍ର କଣ୍ଡିଶନରେ ଖେଳିବା ଲାଗି ଆମେ ପ୍ରସ୍ତୁତ। ଏଥିପାଇଁ ଏଠାରେ ଅନୁଷ୍ଠିତ ଜାତୀୟ କ୍ୟାମ୍ପରେ ଆମେ ମଧ୍ୟାହ୍ନ ସେସନରେ ଅଭ୍ୟାସ କରିଛୁ। ଗତବର୍ଷ ବିଶ୍ୱକପ୍ ବେଳେ ଦଳର ବିପର୍ଯ୍ୟୟରୁ ଆମକୁ ଅନେକ ନୀତିଶିକ୍ଷା ମିଳିଛି। ଆଜଲାନ ଶାହ କପ୍ ହକିରେ ଭାରତ ମାର୍ଚ୍ଚ ୨୩ରେ ଏହାର ଉଦ୍‌ଘାଟନୀ ମ୍ୟାଚ ଜାପାନ ବିପକ୍ଷରେ ଖେଳିବ। ଦୁଇ ଦଳ ପୂର୍ବରୁ ଗତବର୍ଷ ହିରୋ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ପରସ୍ପରକୁ ଭେଟିଥିଲେ। ଆମ ଦଳରେ ଅନେକ ଯୁବ ଖେଳାଳି ରହିଛନ୍ତି। ସଂଗଠିତ ହୋଇ ଖେଳିପାରିଲେ ସୁଫଳ ମିଳିବ ବୋଲି ମନପ୍ରୀତ କହିଛନ୍ତି। ଭାରତ ଏହାର ଦ୍ୱିତୀୟ ମ୍ୟାଚ ମାର୍ଚ୍ଚ ୨୪ରେ କୋରିଆ ବିପକ୍ଷରେ ଖେଳିବ। ମାର୍ଚ୍ଚ ୨୬ରେ ଦଳ ଏସିଆନ ଗେମ୍ସ ରୌପ୍ୟ ପଦକ ବିଜେତା ମାଲେସିଆକୁ ଭେଟିବ। ଟୁର୍ନାମେଣ୍ଟରେ ଆମେ ସର୍ବୋଚ୍ଚ ର୍‌ୟାଙ୍କିଂପ୍ରାପ୍ତ ଦଳ ହୋଇଥିଲେ ଆମ ପାଇଁ ପ୍ରତିଟି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ପ୍ରସ୍ତୁତି କ୍ୟାମ୍ପରେ ଆମେ ତ୍ରୁଟି ସଜାଡ଼ିବା ଉପରେ ବିଶେଷ ଧ୍ୟାନ ଦେଇଥିଲୁ। କିଛି ନୂଆ କମ୍ବିନେଶନ ସୃଷ୍ଟି କରିବା ଲାଗି ଚେଷ୍ଟା କରିଥିଲୁ। ଆମ ପ୍ରଦର୍ଶନରେ ଉନ୍ନତି ଆଣିବା କ୍ଷେତ୍ରରେ ଏହା ସହାୟକ ହେବ। ଟୁର୍ନାମେଣ୍ଟ ଜିତିବା ନେଇ ଆମେ ଦୃଢ ଆଶାବାଦୀ ଅଛୁ। କିନ୍ତୁ ଏଥିରୁ ଆମେ ଆତ୍ମ ସନ୍ତୋଷ ଲାଭ କରିବାକୁ ଚାହୁଁନା ବୋଲି ଭାରତୀୟ ହକି ଦଳର ଅଧିନାୟକ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପ୍ରଜନେଶଙ୍କ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ,୧୮।୩(ପିଟି):** ଇଣ୍ଡିଆନ୍ ୱେଲ୍ସରେ ଭଲ ପ୍ରଦର୍ଶନ ପରେ ଭାରତୀୟ ପୁରୁଷ ଟେନିସ୍ ସଙ୍ଗଲ୍ସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ କ୍ୟାରିୟରର ଶ୍ରେଷ୍ଠ ୮୪ତମ ର୍ୟାଙ୍କିଙ୍ଗ୍ ପାଇଛନ୍ତି। କିନ୍ତୁ ଆହତ ୟୁକି ଭାମ୍ବ୍ରି ଟପ୍ ୨୦୦ରୁ ବାଦ୍ ପଡ଼ିଛନ୍ତି। ଦୁଇ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଭାମ୍ବ୍ରିଙ୍କ ର୍ୟାଙ୍କିଙ୍ଗ୍‌ରେ ଏଭଳି ଅବନତି ଦେଖିବାକୁ ମିଳିଛି। ଏହା ସୋମବାର ପ୍ରକାଶ ପାଇଥିବା ନୂଆ ଏଟିପି ର୍ୟାଙ୍କିଙ୍ଗ୍ ଦର୍ଶାଇଛି। ଏଟିପି ମାଷ୍ଟର୍ସ ସିରିଜ୍ ଇଭେଣ୍ଟର ୩ୟ ରାଉଣ୍ଡରେ ପ୍ରବେଶ କରିଥିବାରୁ ପ୍ରଜନେଶ ୬୧ ପଏଣ୍ଟ ହାତେଇଛନ୍ତି। ଏଥିଯୋଗୁ ତାଙ୍କ ମାନ୍ୟତା ୧୩ ସ୍ଥାନ ଉପରକୁ ଉଠିଛି। ତାଙ୍କ ପଛକୁ ରାମକୁମାର ରମାନାଥନ ୧୩୯ତମ ସ୍ଥାନରେ ରହିଛନ୍ତି। ଉଭୟ ମିଆମି ମାଷ୍ଟର୍ସ ଟୁର୍ନାମେଣ୍ଟ ପାଇଁ ଚଳିତ ସପ୍ତାହରେ ଯୋଗ୍ୟତା ଅର୍ଜନ କରିବାକୁ ଉଦ୍ୟମ କରିବେ। ଆଣ୍ଠୁଜନିତ ସମସ୍ୟା ଦେଇ ଗତି କରୁଥିବା ୟୁକି ୩୦ ସ୍ଥାନ ତଳକୁ ଖସି ୨୦୭ତମ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କୁ ଦେଶର ଅଭାଗା ଖେଳାଳି କୁହାଯାଇପାରେ। ଏପର୍ଯ୍ୟନ୍ତ ସେ କ୍ୟାରିୟରରେ ୩ ଥର ଟପ୍ ୧୦୦ ମଧ୍ୟକୁ ପ୍ରବେଶ କରିଛନ୍ତି। ହେଲେ ସମସ୍ତ ଥର ଆହତ ସମସ୍ୟା ଯୋଗୁ ତାଙ୍କ ମାନ୍ୟତାରେ ସ୍ଥିରତା ଆସିପାରିନାହିଁ।

### ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ପ୍ରବେଶ କରିବେ ପେଟ୍ ଡଗ୍

**ବେଙ୍ଗାଲୁରୁ,୧୮।୩:** ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଗ୍ୟାଲେରି ମଧ୍ୟକୁ ପେଟ୍ ଡଗ୍ (ପୋଷା କୁକୁର)ପ୍ରବେଶ କରିପାରିବେ। ଏ ନେଇ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ନିଷ୍ପତ୍ତି ନେଇଛି। ବେଙ୍ଗାଲୁରୁ ଫ୍ରାଞ୍ଚାଇଜ୍ ଦର୍ଶକଙ୍କୁ ନିଜ ପେଟ୍ ଡଗ୍ ସହ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ସିଜନର ମ୍ୟାଚ୍ ଦେଖିବାକୁ ଆମନ୍ତ୍ରଣ କରାଯାଇଛି। ପେଟ୍ ଡଗ୍ ନେଇ ଆସିଥିବା ଦର୍ଶକଙ୍କ ପାଇଁ ଏକ ସ୍ୱତନ୍ତ୍ର ଡଗ୍ ଷ୍ଟାଣ୍ଡ ପ୍ରସ୍ତୁତ କରାଯାଇଛି। ଏହାର ନାମ 'ଡଗ୍ ଆଉଟ୍' ରଖାଯାଇଛି। ଏଠାରେ ଦର୍ଶକ ନିଜ ପେଟ୍ ସହ ବସି ଖେଳର ମଜା ନେଇପାରିବେ। ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ତା'ର ସମସ୍ତ ପ୍ରଶଂସକଙ୍କ ପ୍ରତି ଅତ୍ୟନ୍ତ ଯତ୍ନବାନ। ପେଟ୍ ଡଗ୍ କେତେକ ପ୍ରଶଂସକଙ୍କ ପରିବାର ସଦସ୍ୟ ଭଳି ଆମେ ସେମାନଙ୍କୁ ଆରସିବି ପରିବାରକୁ ସ୍ୱାଗତ କରୁଛୁ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ କୁହାଯାଇଛି।

### ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ୩ରୁ

**କଟକ ଅଫିସ,୧୮।୩:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଏପ୍ରିଲ ୩ରୁ ୨୪ ପର୍ଯ୍ୟନ୍ତ କଟକର ବିଭିନ୍ନ ଗ୍ରାଉଣ୍ଡରେ ୧୬ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପ୍ରତ୍ୟେକ ଜିଲା ସଂଘ ଏ ନେଇ ଦଳ ପ୍ରସ୍ତୁତ କରିବାକୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଛି।

---

> ଆଇପିଏଲ ଟାଇଟଲ ଜିତିବାକୁ ହେଲେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ।
> –ଶିଖର ଧାୱନ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ



> ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଆଇସିସି ଟୁର୍ନାମେଣ୍ଟରେ ପାକିସ୍ତାନକୁ ବର୍ଜନ କରିବା ସହଜ ହେବନି ବୋଲି ମୁଁ ନିଶ୍ଚିତ ଥିଲି, କିନ୍ତୁ ଏସିଆ କପ୍‌ରେ ଆମେ କରିପାରିବା।
> –ଗୌତମ ଗମ୍ଭୀର, ପୂର୍ବତନ ଭାରତୀୟ କ୍ରିକେଟର



---

ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ

# ଦୂତୀଙ୍କୁ ସ୍ୱର୍ଣ୍ଣ, ପୂର୍ଣ୍ଣିମା ରୌପ୍ୟ



କୋଚ୍ ନାଗାପୁରୀ ରମେଶଙ୍କ ସହ ଦୂତୀ ଚାନ୍ଦ।

**ଭୁବନେଶ୍ୱର, ୧୮।୩(କ୍ରୀଡ଼ା ପ୍ରତିନିଧି)**

ପଟିଆଲାରେ ସୋମବାର ଶେଷ ହୋଇଥିବା ୨୩ତମ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ଡବଲ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୂର୍ବରୁ ମହିଳା ୨୦୦ ମିଟରରେ ସ୍ୱର୍ଣ୍ଣ ପାଇଥିବା ଏହି ଓଡ଼ିଆ ଯୁବତୀ ସୋମବାର ୧୦୦ ମିଟରରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୧୦୦ ମିଟର ଫାଇନାଲରେ ସେ ୧୧.୪୫ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ରବିବାର ହିଟ୍ସରେ ୧୧.୬୧ ଓ ସେମିଫାଇନାଲରେ ୧୧.୪୮ ସେକେଣ୍ଡ ସମୟ ନେଇଥିବା ଦୂତୀ ଫାଇନାଲରେ ନିଜ ଟାଇମିଂରେ ଉନ୍ନତି ଆଣି ପାରିଛନ୍ତି। ହେପ୍‌ଟାଥଲନରେ ପୂର୍ଣ୍ଣିମା ହେମ୍ବ୍ରମ ରୌପ୍ୟ ପଦକ ପାଇଥିବାବେଳେ ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତ ସାହୁ ନିରାଶ କରିଛନ୍ତି। ମହିଳା ୧୦୦ ମିଟରରେ ଦୂତୀଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ତାମିଲନାଡୁର ଅର୍ଚ୍ଚନା ସୁସେନ୍ଦ୍ରନ (୧୧.୭୨) ରୌପ୍ୟ ଏବଂ ତୃତୀୟ ସ୍ଥାନ ଅଧିକାର କରି କେରଳର କେ. ରଙ୍ଗା (୧୧.୭୫) ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ରାଜସ୍ଥାନର ହିନା (୧୧.୭୬), ତାମିଲନାଡୁର ଭି. ରେବତୀ (୧୧.୮୧), ଏସ.ଧନଲକ୍ଷ୍ମୀ (୧୧.୮୩), ମହାରାଷ୍ଟ୍ରର ରଶ୍ମି ଶେରେଗର (୧୨.୦୬) ଓ କର୍ଣ୍ଣାଟକର ପି.ଜେ. ସ୍ନେହା (୧୨.୮୯) ଯଥାକ୍ରମେ ୪ର୍ଥରୁ ୮ମ ସ୍ଥାନରେ ରହିଛନ୍ତି।

ହେପ୍‌ଟାଥଲନରେ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ୫୫୯୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ପଶ୍ଚିମବଙ୍ଗର ସ୍ୱପ୍ନା ବର୍ମନ ୫୯୦୧ ପଏଣ୍ଟ ସହିତ ସ୍ୱର୍ଣ୍ଣ ଏବଂ ତାମିଲନାଡୁର ଏମ. ସୋମିୟା ୫୨୯୨ ପଏଣ୍ଟ ସହ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ୭ ଇଭେଣ୍ଟ ବିଶିଷ୍ଟ ହେପ୍‌ଟାଥଲନରେ ପୂର୍ଣ୍ଣିମା ୧୦୦ ମିଟର ହର୍ଡଲ୍ସରେ ୧୪.୦୧ ସେକେଣ୍ଡ ସମୟ ନେଇଥିଲେ। ହାଇଜମ୍ପରେ ୧.୬୭ ମିଟର କ୍ଲିୟର କରିଥିବାବେଳେ ୧୨.୨୧ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗିଥିଲେ। ୨୦୦ ମିଟର ରେସ୍‌କୁ ସେ ୨୫.୪୩ ସେକେଣ୍ଡ ସମୟ ନେଇ ପ୍ରଥମ ଦିବସ ପ୍ରତିଯୋଗିତା ଶେଷ କରିଥିଲେ। ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଲଙ୍ଗଜମ୍ପରେ ସେ ୬.୦୮ ମିଟର କ୍ଲିୟର କରିଥିବାବେଳେ ୩୯.୨୯ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରିଥିଲେ। ଶେଷ ପ୍ରତିଯୋଗିତା ୮୦୦ ମିଟର ରେସ୍‌କୁ ସେ ୨:୨୫.୪୬ ସେକେଣ୍ଡ ସମୟ ନେଇ ଓଭରଅଲ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ୧୪.୭୩ ସେକେଣ୍ଡ ସମୟ ନେଇ ୭ମ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ତାମିଲନାଡୁର ଏସ.ପୁଷ୍ପାଞ୍ଜଳି (୧୩.୮୮), କେରଳର ଏଲିଜାବେଥ ଆନ୍ଥୋନୀ(୧୩.୯୬) ଓ ତାମିଲନାଡୁର ଆର.ନିତ୍ୟା(୧୪.୦୨) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ।

### ଏବେ ଲକ୍ଷ୍ୟ ଏସିଆନ ଚାମ୍ପିୟନଶିପ୍

ପୂର୍ବ ବର୍ଷ ଅପେକ୍ଷା ଏଥର ମୁଁ ଫେଡେରେଶନ କପ୍‌ରେ ବହୁତ ଭଲ ଟାଇମିଂ ଦେଇଛି। ହିଟ୍ସ, ସେମିଫାଇନାଲ ଓ ଫାଇନାଲ ଦେଖିବାକୁ ଗଲେ ମୋର ପ୍ରଦର୍ଶନରେ କ୍ରମେ ଉନ୍ନତି ହୋଇଛି। ଖୋଲା ପଡ଼ିଆ ଥିବାରୁ ପବନର ବେଗ ରହିଥିଲା। ପ୍ରତିଦ୍ୱନ୍ଦ୍ୱୀମାନେ ମଧ୍ୟ ସେପରି ଟପ୍ ନ ଥିଲେ। ତେଣୁ କୋଚ୍ ନାଗାପୁରୀ ରମେଶ ମୋ ପ୍ରଦର୍ଶନରେ ବେଶ୍ ସନ୍ତୁଷ୍ଟ ଅଛନ୍ତି। କାରଣ ଏହି ସମୟରେ ମୋର ଟାଇମିଂ ସାଧାରଣତଃ ଏହା ହିଁ ରହିଥାଏ। ମୋର ଶ୍ରେଷ୍ଠ ଟାଇମିଂ ହେଉଛି ୧୧.୨୯(ଜାତୀୟ ରେକର୍ଡ)। ତେଣୁ ଆଗାମୀ ଦିନରେ ପ୍ରଦର୍ଶନରେ ଆହୁରି ଉନ୍ନତି ହେବା ଆଶା ରହିଛି। ଏପ୍ରିଲ୨୧ରୁ ୨୪ ପର୍ଯ୍ୟନ୍ତ ଦୋହାରେ ଏସିଆନ ଆଥଲେଟିକ୍ସ ଚାମ୍ପିୟନ୍‌ଶିପ୍ ଅଛି। ଏହି ପ୍ରତିଯୋଗିତା ପାଇଁ ମୁଁ ୨୦୦ ମିଟରରେ ଯୋଗ୍ୟତା ପାଇଥିବାରୁ ୧୦୦ ମିଟରରେ ଏଣ୍ଟ୍ରି ମିଳିଯିବ ବୋଲି ଭାବୁଛି। ଏସିଆନ ଚାମ୍ପିୟନଶିପ୍‌ରେ ଭାରତୀୟ ରିଲେଦଳ ଭାଗ ନେବା ସମ୍ଭାବନା ରହିଛି। ଯଦି ରିଲେ ଦଳ ଗଠନ ହୁଏ ତେବେ ଏଥିପାଇଁ ମଧ୍ୟ ପ୍ରସ୍ତୁତ ହେବାକୁ ପଡ଼ିବ। ମୁଁ ହାଇଦ୍ରାବାଦରେ ରହି ଟ୍ରେନିଂ ଜାରି ରଖିବି, ମାତ୍ର ରିଲେ ଦଳରେ ସ୍ଥାନ ପାଇଲେ ପଟିଆଲା ଆସି କିଛିଦିନ ଅଭ୍ୟାସ କରିବାକୁ ପଡ଼ିବ। ନିଜର ଏହି ସଫଳତା ପାଇଁ ଦୂତୀ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ସରକାର, ପୁଲେଲା ଗୋପିଚାନ୍ଦ ଫାଉଣ୍ଡେଶନ ଏବଂ ଓଡ଼ିଶା ମାଇନିଂ କର୍ପୋରେଶନ(ଓଏମସି)ର କର୍ମକର୍ତ୍ତାଙ୍କୁ ଶ୍ରେୟ ଦେଇଛନ୍ତି। ଏବେ ବିଦେଶରେ ଟ୍ରେନିଂ ନେବା ଆବଶ୍ୟକ ହେଉଛି। ଫୁଡ୍ ସପ୍ଲିମେଣ୍ଟ ମଧ୍ୟ ନିଜ ଖର୍ଚ୍ଚରେ କରିବାକୁ ପଡୁଛି। ତେଣୁ ଏଥିପ୍ରତି ଦୃଷ୍ଟିଦେଇ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଲେ ମୁଁ ବିଦେଶରେ ଟ୍ରେନିଂ ନେଇ ଆହୁରି ଭଲ ପ୍ରଦର୍ଶନ ଦେଇପାରନ୍ତି ବୋଲି ଦୂତୀ କହିଛନ୍ତି।

### ଇଞ୍ଜୁରି ସମସ୍ୟାକୁ ନେଇ ପୂର୍ଣ୍ଣିମା ଚିନ୍ତିତ



ଫେଡେରେଶନ୍ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ହେପ୍‌ଟାଥଲନ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା ପୂର୍ଣ୍ଣିମା ହେମ୍ବ୍ରମ ଏବେ ଇଞ୍ଜୁରି ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଗତ ଡିସେମ୍ବରରୁ ମୁଁ ଇଞ୍ଜୁରି ସମସ୍ୟା ଦେଇ ଗତି କରୁଛି। ତେଣୁ ଶତ ପ୍ରତିଶତ ପ୍ରଦର୍ଶନ ଦେବା ସମ୍ଭବ ହେଉନାହିଁ। ଏବେ କୌଣସି ପ୍ରତିଯୋଗିତାରେ ଭାଗ ନେବା ଅପେକ୍ଷା ଇଞ୍ଜୁରିରୁ ସମ୍ପୂର୍ଣ୍ଣ ମୁକୁଳିବା ମୋର ମୁଖ୍ୟ ଲକ୍ଷ୍ୟ ହେବ। କାରଣ ସମ୍ପୂର୍ଣ୍ଣ ଫିଟ୍ ନ ରହିଲେ ମୁଁ ଟ୍ରେନିଂ ଉପରେ ଫୋକସ କରି ପାରୁନାହିଁ। ଭଲ ଭାବେ ଟ୍ରେନିଂ କରି ନ ଥିଲେ ମଧ୍ୟ ଫେଡେରେଶନ କପ୍‌ରେ ରୌପ୍ୟ ପଦକ ମିଳିଥିବାରୁ ମୁଁ ମୋ ପ୍ରଦର୍ଶନରେ ସନ୍ତୁଷ୍ଟ ଅଛି। ସମ୍ଭବତଃ ଆଉଟିକେ ଭଲ ପ୍ରଦର୍ଶନ ହୋଇ ପାରିଥାନ୍ତା ବୋଲି ଭାବୁଛି। ଯୋଗ୍ୟତା ଅର୍ଜନ କରି ନ ଥିଲେ ହେଁ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ଚାହିଁଲେ ମୁଁ ଦୋହା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାଗନେବି ବୋଲି ପୂର୍ଣ୍ଣିମା ପ୍ରକାଶ କରିଛନ୍ତି। ହେପ୍‌ଟାଥଲନ ଇଭେଣ୍ଟରେ ପଶ୍ଚିମବଙ୍ଗର ସ୍ୱପ୍ନା ବର୍ମନ ୫୯୦୧ ପଏଣ୍ଟ ହାସଲ ସହ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

---

## ନୀତା ଅମ୍ବାନୀ ଟିମ୍ ବିଜୟୀ

**ଭୁବନେଶ୍ୱର, ୧୮।୩ (ସ୍ପୋର୍ଟ୍ସ ବ୍ୟୁରୋ):** ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଟାଟା ଉତ୍କଳିକା କପ୍‌ର ସୋମବାର ବିଶ୍ରାମ ଦିବସ ଥିଲା। ଏହି ଅବସରରେ କ୍ଲବର ପ୍ରତିଷ୍ଠାତା ସ୍ୱର୍ଗତ ଜୟନ୍ତ କୁମାର ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମହିଳା ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ନୀତା ଅମ୍ବାନୀ ଫୁଟ୍‌ବଲ ଟିମ୍ ଓ କିଟ୍ ମହିଳା ଟିମ୍ ପରସ୍ପରକୁ ଭେଟିଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ପଦ୍ଧତିର ସହାୟତା ନିଆଯାଇଥିଲା। ଏଥିରେ ନୀତା ଅମ୍ବାନି ଦଳ ବିଜୟୀ ହୋଇଥିଲା। ମ୍ୟାଚ୍ ଶେଷରେ ଅନୁଷ୍ଠିତ ଉତ୍ସବରେ ସ୍ୱର୍ଗତ ଜୟନ୍ତ ମହାପାତ୍ରଙ୍କ ପୁତ୍ର ଜିତେନ ମହାପାତ୍ର ଅତିଥିଭାବେ ଯୋଗଦେଇ ଉଭୟ ଦଳର ଅଧିନାୟିକାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କ୍ଲବର ସଭାପତି ତପନ ମହାନ୍ତି, ଅକ୍ଷୟ କୁମାର ଦାସ, ନବରଞ୍ଜନ ପଟ୍ଟନାୟକ, ଅମୀୟକାନ୍ତ ମିଶ୍ର, ପ୍ରିୟନାଥ ମିଶ୍ର, ଗିରିଜା ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ମଙ୍ଗଳବାର ହେବାକୁ ଥିବା ଟାଟା ଉତ୍କଳ କପ୍‌ର ଫାଇନାଲରେ ଫୁଲବାଣୀ ଏକାଦଶ ଓ ଜାମସେଦପୁରର ଟାଟା ଫୁଟ୍‌ବଲ ଏକାଡେମୀ ପରସ୍ପରକୁ ଭେଟିବେ।



ଅତିଥିଙ୍କ ଗହଣରେ କିଟ୍ ମହିଳା ଫୁଟବଲ ଓ ନୀତା ଅମ୍ବାନୀ ଟିମ୍‌ର ଖେଳାଳିମାନେ।

---

## ଫାଇନାଲରେ ସେରସା ଆଦ୍ରା

**ବନ୍ତ, ୧୮।୩ (ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୬ତମ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଥିଲା ପ୍ରଥମ ସେମିଫାଇନାଲ। ସେରସା ଆଦ୍ରା ଏବଂ ଓଡ଼ିଶାର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ସେରସା ଆଦ୍ରା ଫାଇନାଲରେ ପ୍ରବେଶ କରିଛି। ପ୍ରଗତି ସ୍ପୋର୍ଟିଂ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ସେରସା ଆଦ୍ରା ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ବିଜୟ ଜେନାଙ୍କ ୬୩ ଓ ପବନ କୁମାରଙ୍କ ୩୭ ରନ୍ ସହାୟତାରେ ୬ ଉଇକେଟ ହରାଇ ୧୨୪ ରନ୍ ସଂଗ୍ରହ କରିଥିଲା। ବିଜୟ ଲକ୍ଷ୍ୟକୁ ପିଛାକରି ପ୍ରଗତି ସ୍ପୋର୍ଟିଂ ୧୨ ଓଭରରେ ଅଭିନବ ଘୋଷଙ୍କ ୪୯ ଓ ଟୁକୁନା ସାହୁଙ୍କ ୩୪ ରନ୍ ସହାୟତାରେ ୩ ଉଇକେଟ ହରାଇ ୧୨୨ ରନ୍ କରି ପରାଜିତ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସେରସା ଆଦ୍ରାର ବିଜୟ ଜେନାଙ୍କୁ ଆଇନଜୀବୀ ପରମେଶ୍ୱର ବାରିକ, ସୁଜିତକୃଷ୍ଣ ବେହେରା, ସୁଧାକର ଧଳ, ସଞ୍ଜୟ କୁମାର ମଜୁମଦାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଓସିଏ ଅମ୍ପାୟର ଲଲାଟ କେଶରୀ ନନ୍ଦ ଓ ଶରତ ଜେନା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୁରେଶ ସାଣ୍ଡିଲ, କହ୍ନେୟା ଲାଲ ଏବଂ ସ୍କୋରର ଭାବେ ସୁଧାଂଶୁ ନାୟକ ଓ ଶଙ୍କର୍ଷଣ ଧଳ ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ପ୍ରଥମ ମ୍ୟାଚ୍ ପୁଲ୍-ସିର ବିଜୟା ବ୍ୟାଙ୍କ, ବାଙ୍ଗାଲୋର ବନାମ ଭାରତୀୟ ନୌସେନା ମୁମ୍ବାଇ ଏବଂ ୨ୟ ମ୍ୟାଚ୍ ପୁଲ୍-ଡିର ଭାରତୀୟ ବାୟୁସେନା, ଦିଲ୍ଲୀ ବନାମ ବିହାର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁ ଓ ସମ୍ପାଦକ ଅସିତ୍ କୁମାର କର ଜଣାଇଛନ୍ତି।

### ପ୍ରଦୀପ ମେମୋରିଆଲ୍ କ୍ରିକେଟ




ସେରସା ଆଦ୍ରାର ବିଜୟ ଜେନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

---

## ଓଡ଼ିଶା ପରାସ୍ତ

**କଟକ ଅଫିସ,୧୮।୩:** ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୬୧ରନରେ କେରଳଠାରୁ ପରାସ୍ତ ହୋଇଛି। ଗ୍ରୁପ-ଏ ଆଣ୍ଡ ବିରେ ସ୍ଥାନ ପାଇଥିବା ଓଡ଼ିଶା ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଗୁଜରାଟକୁ ୩୭ରନରେ ପରାସ୍ତ କରିଥିଲା। ୨୧ ତାରିଖରେ ରେଲୱେ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ ଖେଳିବ। ସୋମବାର ମ୍ୟାଚ୍‌ରେ କେରଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଆଇଭି ଦ୍ରିଶ୍ୟଙ୍କ ୫୪, ଏ. ଅକ୍ଷୟାଙ୍କ ୩୭ ଓ ଅଧିନାୟିକା ମିନୁ ମାନିଙ୍କ ୩୦ରନ ସହାୟତାରେ ଦଳ ୬ ଉଇକେଟ ବିନିମୟରେ ୧୮୫ରନ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ସମେତ ଇନ୍ଦ୍ରାଣୀ ଛତ୍ରିଆ, ପୂର୍ଣ୍ଣିମା ରାୟ, ଲୁଇସା ଦାସ, ବର୍ଷାରାଣୀ ସିଂ ଓ ଅଞ୍ଜଳି ସିଂ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୮୬ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୨୪ରନ କରି ପାରିଥିଲା। ଅଧିନାୟିକା ସୁଶ୍ରୀ ସର୍ବାଧିକ ୪୨ରନ କରିଥିଲେ। ସୁନୀତା ମୁର୍ମୁ ୨୦ରନ, ରାଣୀ ଟୁଡୁ ୧୮ରନ ଓ ଲୁଇସା ଦାସ ୧୧ରନ କରିଥିଲେ।

---

## ସମାନ୍ତରାଳ ସଂଘ ଗଠନ ପାଇଁ ସଜବାଜ

### ଭଲିବଲ ସଂଘରେ ମୁଣ୍ଡ ଟେକୁଛି ବିବାଦ

**କଟକ ଅଫିସ,୧୮।୩**

ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ) ଅଧୀନରେ ଥିବା ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ)ରେ ବିବାଦ ମୁଣ୍ଡ ଟେକିଛି। ବିବାଦ ପ୍ରସଙ୍ଗ ପଦାରେ ପଡ଼ି ନ ଥିଲେ ବି ଏ ନେଇ ଆସୋସିଏଶନ ନିକଟରେ ମଧ୍ୟ ଠୋସ ଖବର ରହିଛି। ଖୁବ ଶୀଘ୍ର ଓଡ଼ିଶାରେ ଓଭିଏର ଅନ୍ୟ ଏକ ସମାନ୍ତରାଳ ସଂଘ ତିଆରି ହେବ। ଓଭିଏ ଗାଦିରେ ଥିବା ପଦାଧିକାରୀଙ୍କ ବିରୋଧୀ ଗୋଷ୍ଠୀ ଏହି ସଂଘ ତିଆରି କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଓଭିଏର ଗତ ନିର୍ବାଚନରେ ଅନିୟମିତତା ନେଇ ହାଇକୋର୍ଟରେ ମଧ୍ୟ ଅଭିଯୋଗ କରାଯାଇଛି। ଓଭିଏ ସମ୍ପାଦକ ଗଗନେନ୍ଦୁ ଦାସ ସମାନ୍ତରାଳ ସଂଘ ଗଠନ ହେବା ନେଇ କହିଥିଲେ, ବିରୋଧୀମାନେ ଖେଳାଳିମାନଙ୍କ କ୍ୟାରିୟର ସହ ଖେଳୁଛନ୍ତି। କେବଳ ସଂଘ ଗଠନ କଲେ ହେବ ନାହିଁ। ଭଲିବଲ ଖେଳ ଓ ଖେଳାଳିଙ୍କ କ୍ୟାରିୟର ନେଇ ଚିନ୍ତା କରିବା ଉଚିତ୍। ସଂଘ ତିଆରି କଲେ କେଉଁ ଟୁର୍ନାମେଣ୍ଟକୁ ଓ କିପରି ଖେଳାଳିମାନଙ୍କୁ ପଠାଇବେ ସେ ନେଇ ପ୍ରଥମେ ଚିନ୍ତା କରିବା ଦରକାର। ଅନ୍ୟପକ୍ଷରେ ହାଇକୋର୍ଟରେ ଅଭିଯୋଗ ହେବା ନେଇ ଅଲିମ୍ପିକ ଆସୋସିଏଶନ ପକ୍ଷରୁ କୁହାଯାଇଥିଲା ଯେ, ନିର୍ବାଚନରେ କୌଣସି ଅନିୟମିତତା କରାଯାଇ ନାହିଁ। ଓଭିଏର ସମ୍ବିଧାନ ଅନୁଯାୟୀ ସମସ୍ତ କାର୍ଯ୍ୟ ଠିକ ଢ଼ଙ୍ଗରେ କରାଯାଇଥିବା ଓଓଏ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।

ନୂତନ ସଂଘ ଗଠନର କଳ୍ପନା ଗତ ସେପ୍ଟେମ୍ବର ୨୩ରେ ଓଭିଏ ନିର୍ବାଚନ ଶେଷ ପରେହିଁହୋଇଛି। ଏଥିରେ ଜଗତସିଂହପୁର ଜିଲା ସଂଘର ଗଗନେନ୍ଦୁ ଦାସ ଓଭିଏର ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସଭାପତି ପଦବୀ ନିମନ୍ତେ ପୂର୍ବରୁ ସଭାପତି ପଦବୀରେ ଥିବା ସୁବୋଧ କୁମାର ରାଉତରାୟ ଓ ସମ୍ପାଦକ ପଦବୀରେ ଥିବା ପ୍ରଦୀପ କୁମାର ମହାନ୍ତିଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ପ୍ରଦୀପ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ନିର୍ବାଚନରେ ଅଂଶ ଗ୍ରହଣ ନ କରିବା ଫଳରେ ସୁବୋଧ ପୁନର୍ବାର ସଭାପତି ପଦବୀ ବଜାୟ ରଖିଥିଲେ। ହେଲେ ଓଭିଏ ନିର୍ବାଚନଠାରୁ ନେଇ ସଂଘ ପରିଚାଳନା କରାଯିବା ପଛରେ ଭଲିବଲ ଖେଳ ସହ ଜଡ଼ିତ ନ ଥିବା ବ୍ୟକ୍ତିଙ୍କ ଅଧିକାଂଶ ହସ୍ତକ୍ଷେପ ରହୁଛି ବୋଲି ଅଭିଯୋଗ ହୋଇଛି। ସମାନ୍ତରାଳ ସଂଘ ଗଠନ କରିବାକୁ ଯୋଜନା କରିଥିବା ଜଣେ ବରିଷ୍ଠ ଭଲିବଲ ସଙ୍ଗଠକ ନିଜ ନାମ ଗୋପନ ରଖି କହିଛନ୍ତି, ପୂର୍ବରୁ କ୍ରିକେଟ ସମେତ ଅଲିମ୍ପିକ ଓ ଆଥଲେଟ କ୍ରୀଡ଼ାକୁ ଯେଉଁମାନେ ଚଳାଉଥିଲେ ଏବେ ସେମାନେ ଭଲିବଲ ସଂଘ ଉପରେ ଆଖି ପକାଇଛନ୍ତି। ଭଲିବଲ ସେମାନଙ୍କ ଅଙ୍ଗୁଳି ନିର୍ଦ୍ଦେଶରେ କାର୍ଯ୍ୟ କରିବା ଆରମ୍ଭ କଲାଣି। ସମାନ୍ତରାଳ ସଂଘ ଗଠନ କରାଯିବା ପ୍ରସଙ୍ଗରେ ଭଲିବଲ ଫେଡେରେଶନ ଅଫ ଇଣ୍ଡିଆ ସହ ଆଲୋଚନା ସରିଛି। ହାଇକୋର୍ଟରେ ହୋଇଥିବା ଅଭିଯୋଗର ସତ୍ୟତା ସ୍ପଷ୍ଟ ହେଲେ ସତ୍ୟର ବିଜୟ ହେବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ହାଇକୋର୍ଟରେ ହୋଇଥିବା ଏକ ଅଭିଯୋଗରେ ଦର୍ଶାଯାଇଛି ଯେ, ସଭାପତି ପଦବୀ ନିମନ୍ତେ ଆଶାୟୀ ପ୍ରାର୍ଥୀ କୌଣସି ଜିଲା ସଂଘର ସଦସ୍ୟ ହୋଇଥିବା ଦରକାର। ମାତ୍ର ସୁବୋଧ ସ୍ୱାଧୀନ ଭାବେ ସଭାପତି ପ୍ରାର୍ଥୀ ହୋଇଛନ୍ତି। ଅଭିଯୋଗର ଉତ୍ତରରେ ଓଓଏ ପକ୍ଷରୁ କୁହାଯାଇଥିଲା, ସୁବୋଧ ପୂର୍ବରୁ ମଧ୍ୟ ସଭାପତି ଥିଲେ। ଓଭିଏର ସମ୍ବିଧାନ ସଂଶୋଧନରେ ସ୍ୱାଧୀନ ଭାବେ ଜଣେ ସଭାପତି ପଦବୀରେ ଲଢ଼େଇ କରି ପାରିବ ବୋଲି ସ୍ଥିର କରାଯାଇଛି। ଅନ୍ୟପକ୍ଷରେ ଖୁବଶୀଘ୍ର ଏହି ଅଭିଯୋଗ ଉପରେ ହାଇକୋର୍ଟ ଶୁଣାଣି କରିବ ବୋଲି ସୂଚନା ମିଳିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ମାର୍ଚ୍ଚ ୧୯/୨୦୧୯ Sambalpur, Tuesday, March 19 / 2019

■ ପଦ୍ମପୁର ଗ୍ରାମ ସଭାପତି ହତ୍ୟା ମାମଲା

# ୨ ଅଭିଯୁକ୍ତଙ୍କୁ ଆଜୀବନ ଜେଲ, ୭ ଖଲାସ

**ଭଞ୍ଜନଗର,୧୮।୩(ଡି.ଏନ.ଏ.)** ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମ ସଭାପତି ଚନ୍ଦ୍ର ନାୟକ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡ଼ିଜେ ମହଲତ ସା ୨୬ ଜଣଙ୍କ ସାକ୍ଷ୍ୟକୁ ଭିତ୍ତିକରି ୨ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ସେମାନଙ୍କ ଉପରେ ୨୦ ହଜାର ଟଙ୍କା ଲେଖାଏ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବେ ବୋଲି ଏଡ଼ିଜେ ରାୟରେ ଶୁଣାଇଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ପଦ୍ମପୁରର ପ୍ରମୋଦ ବେହେରା ଓ ତାଙ୍କ ଭିଣୋଇ ବାୟା ବେହେରା। ଅନ୍ୟପକ୍ଷରେ ଏହି ମାମଲାରେ ପ୍ରମାଣ ଅଭାବରୁ ୭ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ସେମାନେ ହେଲେ ଟୁନା ସାଇଁ, କିଶୋର ପଣ୍ଡା, ରାଜୁ ସେଠୀ, ସୀମା ବେହେରା, ବସନ୍ତ ବେହେରା, ସୁଶାନ୍ତ ବେହେରା ଓ ଶରତ ବେହେରା । ସରକାରଙ୍କ ପକ୍ଷରୁ ଆଇନଜୀବୀ ଏମ୍. ତାଜ୍. ଆଦେନୀ ଓ ମୁଦାଲାମାନଙ୍କ ପକ୍ଷରୁ ରବି ଦାସ ଓ ପ୍ରଭାତ ପାଢ଼ୀ ମାମଲା ପରିଚାଳନା କରୁଥିଲେ।

# ଭିଜିଲାନ୍ସ ଜାଲରେ ବୌଦ୍ଧ ଖାଉଟି ସୁରକ୍ଷା ମଞ୍ଚର ଷ୍ଟେନୋ

**ବୌଦ୍ଧ, ୧୮।୩ (ସ୍ୱ.ପ୍ର.)** ବୌଦ୍ଧ ଖାଉଟି ସୁରକ୍ଷା ମଞ୍ଚର ଷ୍ଟେନୋ ସୋମବାର ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇଛନ୍ତି। ବୌଦ୍ଧ ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜାମପାଲି ଗ୍ରାମର ସତ୍ୟ ପ୍ରଧାନ ନିଜ ଘରର ବିଦ୍ୟୁତ୍ ବିଲ ପ୍ରତିମାସରେ ପୈଠ କରୁଥିଲେ ମଧ୍ୟ ସାଉଥ୍କୋ ପକ୍ଷରୁ ତାଙ୍କ ନାମରେ ୪୧ ହଜାର ଟଙ୍କା ଫାଇନ କରାଯାଇଥିଲା । ଏଥିରୁ ମୁକ୍ତି ପାଇବାକୁ ପ୍ରଧାନ ଖାଉଟି ସୁରକ୍ଷା ମଞ୍ଚର ଷ୍ଟେନୋ ମନ୍ମଥ ଗଡନାୟକଙ୍କୁ ଜଣାଇବା ସହ ଏକ ମାମଲା ରୁଜୁ କରିବାକୁ ଅନୁରୋଧ କରିଥିଲେ। ଏଥିପାଇଁ ଷ୍ଟେନୋ ଗଡ଼ନାୟକ ତାଙ୍କୁ ୩୦୦୦ ଟଙ୍କା ଦେବାକୁ କହିଥିଲେ। ପ୍ରଧାନ ଏ ସଂକ୍ରାନ୍ତରେ ବୌଦ୍ଧ ଭିଜିଲାନ୍ସ ବିଭାଗରେ ଜଣାଇଥିଲେ। ଯୋଜନା ଅନୁଯାୟୀ ସୋମବାର ପ୍ରଧାନ ଷ୍ଟେନୋ ଗଡ଼ନାୟକଙ୍କୁ ୩୦୦୦ ଟଙ୍କା ଦେଇଥିଲେ। ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରି ରାସାୟନିକ ପ୍ରଲୋପ ଦିଆଯାଇଥିବା ୩୦୦୦ ଟଙ୍କା ଜବତ କରିଥିଲେ। ଏହା ପରେ ଗଡନାୟକଙ୍କୁ ଗିରଫ କରାଯାଇଛି । ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା(ନଂ. ୬/୨୦୧୯) ରୁଜୁ ହୋଇଥିବା ଡିଏସ୍ପି ନାଗାର୍ଜୁନ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ଚଢ଼ାଉରେ ଡିଏସ୍ପି ପ୍ରଧାନଙ୍କ ସମେତ ଇନ୍ସପେକ୍ଟର ପୋଲସି ଛତ୍ରିଆ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



**ସଂକ୍ଷେପରେ**

## ଯୁବ ବିଜେଡିର ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମ

ଘଣ୍ଟାପଡା,୧୮।୩ (ଡି.ଏନ.ଏ)
କନ୍ଧମାଳ ବ୍ଲକ ଆମ୍ବଗାଁ ଶିବ ମନ୍ଦିର ପ୍ରାଙ୍ଗଣରେ ଯୁବ ବିଜେଡିର ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଉପସଭାପତି ତଥା ପର୍ଯ୍ୟବେକ୍ଷକ ବିଜୟ କୁମାର ବେହେରା, ବ୍ଲକ ସଭାପତି ବିପିନ ଭୋଇ, ଯୁବ ନେତା ସୁଧାଂଶୁ ରଣା, ସଂଗ୍ରାମ ଦାଶ, ଆମ୍ବଗାଁ ସରପଞ୍ଚ ପ୍ରତିନିଧି ସିମାଞ୍ଚଳ ରଣା, ବରଗାଁ ସରପଞ୍ଚ ପ୍ରତିନିଧି ମୁରଲି ସେଠୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ସଶକ୍ତ କରିବା ପାଇଁ ଏହି ସଭାର ଉଦ୍ଦେଶ୍ୟ ବୋଲି ବିପିନ ଭୋଇ କହିଥିଲେ। ବିଜୟ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଯୁବ ବିଜେଡି ଓ ଛାତ୍ର ବିଜେଡି ସହିତ ସବୁଜିଲାରେ ହକ ମାଗୁଡି ଓଡିଶା କାର୍ଯ୍ୟକ୍ରମ ଚାଲୁଛି। ଶେଷରେ ସୁଧାଂଶୁ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ସଭାଶେଷ ସମୟରେ ପୂର୍ବ ବିଧାୟକ ମହିଧର ରଣା ପୁନର୍ବାର କନ୍ଧମାଳ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ପାଇଥିବା କଥା ଗଣମାଧ୍ୟମରେ ପ୍ରଚାର ହେବାପରେ ସଭାରେ ଖୁସିର ଲହରି ଖେଳି ଯାଇଥିଲା।
କନ୍ଧମାଳ ନିର୍ବାଚନ ମଣ୍ଡଳୀ :

## ତେଜିଲା ଅସନ୍ତୋଷ: ବିପକ୍ଷକୁ ଯାଇ ପାରନ୍ତି ବିଦ୍ରୋହୀ

କନ୍ଧମାଳ, ୧୮।୩ (ଡି.ଏନ.ଏ) -ବୌଦ୍ଧ ଜିଲାର ୮୫ ନଂ.ର ବିଧାନସଭା ଆସନ କନ୍ଧମାଳ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥି ଭାବରେ ବିଧାୟକ ମହିଧର ରଣାଙ୍କ ନାଁ ସୋମବାର ଘୋଷଣା ହେବା ପରେ ତାଙ୍କ ବିପକ୍ଷରେ ବିଦ୍ରୋହୀଙ୍କ ଅସନ୍ତୋଷ ତେଜିଛି। ଏନେଇ ବିଦ୍ରୋହୀ ମଙ୍ଗଳବାର ଏକ ବୈଠକରେ ମିଳିତ ହୋଇ ନିଷ୍ପତି ନେବାର ସୂଚନା ମିଳିଛି। ସ୍ୱାଧିନ ପ୍ରାର୍ଥିଙ୍କ ସପକ୍ଷରେ ବିଦ୍ରୋହୀ ବିଜେଡିର ନେତା ଓ କର୍ମୀ ଏକଜୁଟ ଲଢ଼ିବେ କିମ୍ବା ଏହି ବିଦ୍ରୋହୀମାନେ ଭାଜପା ଦଳକୁ ଯାଇ ପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି।

### ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନ
## ୫ଜଣ ନାମାଙ୍କନ ପତ୍ର ନେଲେ

ନୂଆପଡା ଅଫିସ,୧୮।୩
ସୋମବାର ସାଧାରଣ ନିର୍ବାଚନ ସକାଶେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିନ ଥିଲା। ଏହି ଦିନ ଜିଲାର ଦୁଇଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ୫ଜଣ ନାମାଙ୍କନପତ୍ର ନେଇଛନ୍ତି। ଏମାନଙ୍କ ମଧ୍ୟରୁ ନୂଆପଡା (୭୧) ସକାଶେ କଂଗ୍ରେସରୁ ଘାସିରାମ ମାଝି ଏବଂ ଖଡିଆଳ(୭୨) ସକାଶେ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ତରଫରୁ ନାମାଙ୍କନ ପତ୍ର ନିଆଯାଇଛି।

### ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା ପରେ
# ବଲାଙ୍ଗୀର ରାଜନୀତିରେ ଉଷ୍ମତା

- ବଲାଙ୍ଗୀର, ଲୋଇସିଂହା ଆସନ ଉପରେ ସମସ୍ତଙ୍କ ନଜର
- ଆୟୁବ୍ ଖାଁ କହିଲେ ଲୋକଙ୍କ ସହ ବିଚାର ପରେ ନିଷ୍ପତ୍ତି ନେବି

ବଲାଙ୍ଗୀର ଅଫିସ,୧୮।୩

୨୦୧୯ ସାଧାରଣ ନିର୍ବାଚନ ସକାଶେ ବିଜେଡି ପ୍ରଥମ ରାଜନୈତିକ ଦଳ ଭାବେ ପ୍ରଥମ ପର୍ଯ୍ୟାୟରେ ସୋମବାର ଦଳୀୟ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିଛି । ଏହି ତାଲିକାରେ ବଲାଙ୍ଗୀର ଜିଲାର ଲୋକ ସଭା ସହ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୭ଟିରୁ ୫ଟି ବିଧାନସଭା ଆସନର ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ଲୋକ ସଭା ସକାଶେ ପୁଣି ଥରେ କଳିକେଶ ନାରାୟଣ ସିଂଦେଓଙ୍କ ନାମ ଘୋଷଣା କରାଯାଇଛି । ଏହା ସହିତ ଜିଲାର ୫ରୁ ୩ଟି ବିଧାନସଭା ଆସନ ଟିଟିଲାଗଡ, ପାଟଣାଗଡ ଓ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଟିଟିଲାଗଡରେ ବିଧାୟିକା ଟୁକୁନୀ ସାହୁଙ୍କୁ ଦଳ ପୁଣି ଥରେ ଟିକେଟ ଦେଇଛି । ତେବେ ପାଟଣାଗଡ ଆସନରେ ନୂଆ ଚେହେରା ସରୋଜ ମେହେର ଓ କଣ୍ଟାବାଞ୍ଜିରେ ଅଜୟ ଦାସଙ୍କୁ ଦଳ ଟିକେଟ ଦେଇଛି । ପାଟଣାଗଡରେ ଯୁବନେତା ସରୋଜଙ୍କୁ ଟିକେଟ ଦିଆଯିବା ପରେ ସେ ଭାଜପା ନେତା ତଥା ବିଧାୟକ କନକବର୍ଦ୍ଧନ ସିଂଦେଓଙ୍କୁ କଡା ଟକ୍କର ଦେବେ ବୋଲି ବିଜେଡି କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି । ତେବେ କଣ୍ଟାବାଞ୍ଜି ଆସନରେ ବିଧାୟକ ଆୟୁବ୍ ଖାନ୍‌ଙ୍କ ବଦଳରେ ଆମ୍ ଆଦ୍‌ମୀ ପାର୍ଟିରୁ ବିଜେଡିକୁ ଆସିଥିବା ନେତା ଅଜୟ ଦାସଙ୍କୁ ଦଳୀୟ ଟିକେଟ ଦିଆଯାଇଥିବାରୁ ବିଜେଡି କର୍ମୀ ବିଶେଷକରି ଆୟୁବ୍ ଖାନ୍‌ଙ୍କ ସମର୍ଥକମାନେ ଅଡୁଆରେ ପଡିଛନ୍ତି । ଏନେଇ ବିଧାୟକ ଖାଁଙ୍କ ପ୍ରତିକ୍ରିୟା ଲୋଡା ଯିବାରୁ ମଙ୍ଗଳବାର ଅପରାହ୍ଣରେ ସେ ତାଙ୍କର ସମର୍ଥକଙ୍କ ବୈଠକ ରଖିଛନ୍ତି । ଏହି ବୈଠକରେ ବର୍ତ୍ତମାନର ସ୍ଥିତିକୁ ନେଇ ବିଚାରବିମର୍ଶ କରିବା ପରେ ତାଙ୍କ ସମର୍ଥକ ଯାହା କହିବେ ସେନେଇ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି । ଦଳୀୟ ଟିକେଟ ନ ମିଳିବାରୁ ସେ ବିଜେଡି ଛାଡି ଅନ୍ୟ କୌଣସି ଦଳକୁ ଯିବେ କି ବୋଲି ପ୍ରଶ୍ନ କରାଯିବାରୁ ତାଙ୍କ ସମର୍ଥକମାନେ ଯାହା ଉଚିତ୍ ବିଚାର କରିବେ ସେ ସେଭଳି ପଦକ୍ଷେପ ନେବେ ବୋଲି ଆୟୁବ କହିଛନ୍ତି । ଏଭଳି ପ୍ରତିକ୍ରିୟାରୁ କଣ୍ଟାବାଞ୍ଜି ଆସନରେ ବିଜେଡି ଅଡୁଆରେ ପଡିପାରେ ବୋଲି ଚର୍ଚ୍ଚା ଆରମ୍ଭ ହେଲାଣି । ଆୟୁବ୍ ଖାଁ ଦଳୀୟ ଟିକେଟ ପାଇଥିବା ଅଜୟଙ୍କୁ ସମର୍ଥନ ନକଲେ ଏହି ଆସନରେ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଫାଇଦା ନେବେ ବୋଲି ଚର୍ଚ୍ଚା ଆରମ୍ଭ ହେଲାଣି। ଟିକେଟ ଘୋଷଣା ପରେ ଅଜୟଙ୍କ ସମର୍ଥକ ମହଲରେ ଖୁସି ପ୍ରକାଶ ପାଇଥିବାବେଳେ ଆୟୁବ୍ ଖାନ୍‌ଙ୍କ ସମର୍ଥକ ମହଲରେ ନିରାଶା ଖେଳିଯାଇଛି।

ବଲାଙ୍ଗୀର ଜିଲାର ୫ଟି ବିଧାନସଭା ଆସନରୁ ୩ଟି ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲେ ମଧ୍ୟ ବଲାଙ୍ଗୀର ଓ ଲୋଇସିଂହା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ । ତେବେ କେଉଁ କାରଣରୁ ଏହି ଦୁଇ ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ ତାହା ସ୍ପଷ୍ଟ ହୋଇନାହିଁ। ବଲାଙ୍ଗୀର ଆସନରେ ଆଶାୟୀ ପ୍ରାର୍ଥୀ ଭାବେ ଅର୍କେଶ ସିଂଦେଓ, ସାମାଜିକ କର୍ମୀ ଲଳିତ କୁମାର ନାୟକ ଓ ନାରୀନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ଟିକେଟ ଦାବିଦାର କୁହାଯାଉଛି । ତେବେ ଯୁବନେତା ଅର୍କେଶ ଟିକେଟ ପାଇବେ ବୋଲି ତାଙ୍କ ସମର୍ଥକମାନେ ସବୁଠୁ ବେଶୀ ଆଶାୟୀ ଅଛନ୍ତି । ମାତ୍ର ଲୋକ ସଭା ଆସନରେ ତାଙ୍କ ବଡଭାଇ କଳିକେଶ ନାରାୟଣ ସିଂଦେଓଙ୍କ ନାମ ଘୋଷଣା କରାଯାଇଥିବାରୁ ଗୋଟି ପରିବାରୁ ଗୋଟିଏ ଟିକେଟ ନୀତି ଅବଲମ୍ବନ ହେଲେ ଅର୍କେଶ ଅଡୁଆରେ ପଡିପାରନ୍ତି ଓ ଅନ୍ୟ ଆଶାୟୀ ଟିକେଟ ପାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ବଲାଙ୍ଗୀରରେ କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କୁ ଟକ୍କର ଦେବାକୁ ବିଜେଡି ଦଳ କାହାକୁ ପ୍ରାର୍ଥୀ କରିବ ତାହା ପ୍ରମୁଖ ଆଲୋଚନାର ବିଷୟ ହୋଇଛି । ଅନ୍ୟପକ୍ଷେ ଲୋଇସିଂହାରେ ବିଧାୟକ ଯୋଗେନ୍ଦ୍ର ବେହେରାଙ୍କ ପୁଅ ନିହାର ବେହେରା, ନାରୀନେତ୍ରୀ ରଞ୍ଜୁ ରାଇମନ୍ ଟିକେଟ ଆଶାୟୀ ତାଲିକାରେ ଅଛନ୍ତି । ତେବେ ଅନ୍ୟ ଏକ ଅସନ୍ତୋଷ ଗୋଷ୍ଠୀ ଏହି ନିର୍ବାଚନ ମଣ୍ଡଳୀ ବାହାରର କୌଣସି ପ୍ରାର୍ଥୀଙ୍କୁ ଟକେଟ ଦିଆ ନ ଯାଉ ବୋଲି ଦାବି କରିଆସୁଛନ୍ତି । ଏଭଳି ପରିସ୍ଥିତିରେ ଦଳ କାହାକୁ ଟିକେଟ ଦେବ ତାହ ବଡ ପ୍ରଶ୍ନ ଭାବେ ଉଭା ହୋଇଛି।





ନବୀନ ନିବାସରେ ନୂଆପଡା ଏବଂ ଖଡିଆଳ ବିଧାନସଭା ନିର୍ବାଚନମଣ୍ଡଳୀ ସକାଶେ ପ୍ରାର୍ଥୀପତ୍ର ଘୋଷଣା ପରେ ଦୁଇ ନେତା ରାଜେନ୍ଦ୍ର ଢୋଲକିଆ ଏବଂ ଖଡିଆଳରୁ ଲମ୍ବୋଦର ନିଆଲଙ୍କୁ ଫୁଲମାଲ ଦେଇ ସ୍ୱାଗତ କରାଯାଇଛି ।

## ଯାଞ୍ଚ ବେଳେ କାରରୁ ୩ ଲକ୍ଷ ଟଙ୍କା ଜବତ, ୨ ଅଟକ

ଜମନକିରା,୧୮।୩ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଜପୁର ଛକରେ ସୋମବାର ଅପରାହ୍ଣ ସାଢ଼େ ୧୨ଟାରେ ଜମନକିରା ପୋଲିସର ସ୍ୱତନ୍ତ୍ର ସ୍କାଡ଼୍ ଏକ କାରରୁ ୩ ଲକ୍ଷ ୧୩ ହଜାର ଟଙ୍କା ଜବତ କରିଛି। ଗାଡିରେ ଥିବା ୨ ଜଣ ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି। ପୋଲିସର ସୂଚନା ଅନୁସାରେ, ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ ଆଚରଣ ବିଧି ଲାଗୁ ହେଲାପରେ ଯାଞ୍ଚ ପାଇଁ ସ୍ୱତନ୍ତ୍ର ସ୍କାଡ଼୍ ଗଠନ କରଯାଇଛି। ସୋମବାର ଜମନକିରା ପୋଲିସର ଏକ ସ୍ୱାଡ଼୍ ଭୋଜପୁରରେ ଗାଡିମୋଟର ଯାଞ୍ଚ କରୁଥିଲା। ଏତିକିବେଳେ ସମ୍ବଲପୁର ପଟୁ ଏକ କାର୍ (ଓଡ଼ି ୧୫ଏଫ୍ ୬୫୦୧) କୁଚିଣ୍ଡା ଅଭିମୁଖେ ଯାଉଥିଲା। ପୋଲିସ ଅଟକାଇ ଯାଞ୍ଚ କରିବାରୁ ଗାଡିରୁ ୩ ଲକ୍ଷ ୧୩ ହଜାର ଟଙ୍କା ମିଳିଥିଲା। ତେବେ ଗାଡି ଧରା ପଡ଼ିଥିବା ସ୍ଥାନଟି କୁଚିଣ୍ଡା ଥାନା ଅଧୀନରେ ଯାଉଥିବା ଯୋଗୁ କୁଚିଣ୍ଡା ପୋଲିସକୁ ହସ୍ତାନ୍ତର କରାଯାଇଛି। ଗାଡ଼ିରେ ଗରିଆବାହାଲ ଗାଁର ରାହୁଲ ପଟେଲ (୨୭) ଓ ତାଙ୍କ ବାପା ନରେନ୍ଦ୍ର ପଟେଲ (୬୦) ବସିଥିବା ପୋଲିସ କହିଛି। ସ୍ୱତନ୍ତ୍ର ସ୍କାର୍ଡ଼ରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ରମେଶ ପଟେଲ, ଏଏସ୍‌ଆଇ ସୁଧୀର କୁମାର ମହାକୁଲ ଓ ତିନି ଜଣ କନଷ୍ଟେବଳ ସାମିଲ ଥିଲେ।

## ବିଜେଡି ତରଫରୁ ପ୍ରାର୍ଥୀପତ୍ର ଘୋଷିତ, ସମର୍ଥକଙ୍କ ମଧ୍ୟରେ ଖୁସି

ନୂଆପଡା ଅଫିସ,୧୮।୩

ନୂଆପଡା ଜିଲାର ଦୁଇଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ପ୍ରାର୍ଥୀପତ୍ର ଚୟନକୁ ନେଇ ସପ୍ତାହେ ହେବ ଛକାପଞ୍ଝା ଚାଲିଥିବାବେଳେ ୩ଟି ପ୍ରମୁଖ ଦଳ ମଧ୍ୟରୁ କଂଗ୍ରେସର ଏକ ପ୍ରକାର ଠିକ ହୋଇଥିଲା। ବିଜେଡି ଏବଂ ଭାଜପା ତରଫରୁ ଚୂଡ଼ାନ୍ତ ହୋଇପାରି ନ ଥିଲା । ଏହାକୁ ନେଇ ରାଜଧାନୀରେ ବିଜେଡିର ପ୍ରମୁଖ ନେତାମାନେ ଡେରା ପକାଇ ରହିଥିଲେ। ଶେଷରେ ସବୁ ଗଣିତର ଅବସାନ ଘଟାଇ ରାଜ୍ୟ ବିଜେଡି ସୁପ୍ରିମୋ ପ୍ରଥମ ପର୍ଯ୍ୟାୟ ତାଲିକା ଘୋଷଣା କରିଛନ୍ତି । ଏଥିରେ ନୂଆପଡା (୭୧)ରୁ ରାଜେନ୍ଦ୍ର ଢୋଲକିଆ ଏବଂ ଖଡିଆଳ (୭୨)ରୁ ଲମ୍ବୋଦର ନିଆଲଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ଏହି ଘୋଷଣା ପରେ ଉଭୟ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ଦେଖାଯାଇଛି । ଏମାନେ ଆସନ୍ତା ୨୨ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବାକୁ ତାଥି ନିର୍ଦ୍ଧାରଣ କରିଥିବା ଦଳୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ଦୁଇ ପତ୍ରରୁ ବାସେ,**
**ବିଛୁଆତି ଦୁଇପତ୍ରରୁ କୁଣ୍ଡାଇ ହୁଏ ।**

ସାଧାରଣତଃ ଭବିଷ୍ୟତରେ କିଏ ଭଲ ମଣିଷ ହେବ କି ମନ୍ଦ ହେବ ତାହା ପିଲାଦିନର କେତେକ ଘଟଣାରୁ ସ୍ପଷ୍ଟ ରୂପେ ଜଣାପଡ଼ିଯାଇଥାଏ। ହାବଭାବ ତଥା ଚାଲିଚଳଣରୁ ତା'ର ସ୍ୱଭାବ ବିଷୟରେ ସମ୍ୟକ ଧାରଣା ସୃଷ୍ଟି ହୋଇଥାଏ। ଯାହାର ଯେପରି ଗୁଣ ତାହା ମୂଳରୁ ବା ପ୍ରଥମରୁ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ତେଲି ଘର ଗୋରୁ,**
**ଘଣା ଓଟରାରୁ ଲଦନ ଗୁରୁ ।**

ତେଲି ଘରେ ରହୁଥିବା ବଳଦ ତେଲ ଘଣା ପେଲିଥାଏ। ଯଦି ତେଲ ପେଡ଼ିବାର କାର୍ଯ୍ୟ ନ ଥାଏ ତା'ହେଲେ ଶଗଡ଼ ବୁହା ଭଳି ଅନ୍ୟ କାର୍ଯ୍ୟରେ ଲାଗିଥାଏ ବା ଯଚାଯାଇଥାଏ। ତେଲିଘର ଗୋରୁ ପରି ଅନ୍ୟ ତୃତୀୟ ବିକଳ୍ପ ପନ୍ଥା ନ ଥିବା ଅସହାୟ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## କଂଗ୍ରେସର ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ

ଭବାନୀପାଟଣା,୧୮।୩(ଡି.ଏନ.ଏ.)



କଂଗ୍ରେସର ହେଭିୱେଟ୍ ନେତା କଳାହାଣ୍ଡିର ପୂର୍ବତନ ଏମ୍‌ପି ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଆଗାମୀ ସାଧାରଣ ନିର୍ବାଚନରେ କୌଣସି ବିଧାନସଭା କିମ୍ବା ଲୋକସଭା ପାଇଁ ନିର୍ବାଚନ ଲଢିବେ ନାହିଁ ବୋଲି ରବିବାର ସନ୍ଧ୍ୟାରେ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଓଡିଶାରେ କଂଗ୍ରେସର ସାଙ୍ଗଠନିକ ସ୍ଥିତିକୁ ଆହୁରି ମଜଭୁତ କରିବା ପାଇଁ କାର୍ଯ୍ୟ କରିବେ ବୋଲି ପଟ୍ଟନାୟକ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଓ ବିରୋଧି ଦଳର ନେତା ନରସିଂହ ମିଶ୍ରଙ୍କୁ ଜଣାଇ ଦେଇଛନ୍ତି ବୋଲି କହିଛନ୍ତି। ଏହି ଘଟଣା ଜଣାପଡିବା ପରେ ଓଡିଶା ରାଜନୀତିରେ ଏବେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଗତ କିଛି ଦିନ ହେଲା ବିଶେଷ କରି କଂଗ୍ରେସ, ବିଜେଡି ଓ ଭାଜପାର ପ୍ରାର୍ଥିଚୟନ କସରତ ଓ ଦଳ ଡିଆଁ ରାଜନୀତି ଏବେ ଯୋର ଧରିଛି। ଏହି ସବୁର ପ୍ରଭାବ କଳାହାଣ୍ଡି ଜିଲାରେ ଦେଖିବାକୁ ମିଳିଛି । ଗତ କିଛି ଦିନ ହେଲା କଂଗ୍ରେସ ଓ ବିଜେଡି ଦଳର କିଛି ନେତା ନିଜ ଦଳ ଛାଡି ପଦ୍ମର ହାତ ଧରି ଥିବା ବେଳେ ଆଉ କିଛି ନେତା ଦଳିୟ ପ୍ରାର୍ଥି ଘୋଷଣାକୁ ଅପେକ୍ଷା କରିଛନ୍ତି । ଏହାରି ଭିତରେ ଓଡିଶାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ୯ଟି ଲୋକସଭା ଓ ୬୩ଟି ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥିମାନଙ୍କ ତାଲିକା ଗତ ୧୬ ତାରିଖରେ ଦିଲ୍ଲୀରେ ବସିଥିବା ସ୍କ୍ରିନିଂ କମିଟିରେ ସ୍ଥିର କରିସାରିଛି। ପ୍ରକାଶ ଯୋଗ୍ୟ ଯେ, ପଟ୍ଟନାୟକ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ଧରି ଛାତ୍ର ନେତା, ଯୁବ ସମାଜ ଗଠନ କରିବା ସହ କଂଗ୍ରେସରେ ନିରବଚ୍ଛିନ ଭାବେ ନିଷ୍ଠାର ସହିତ କାର୍ଯ୍ୟକରି ଆସୁଛନ୍ତି। ୧୯୮୫ରେ ସେ କଳାହାଣ୍ଡି ଲୋକସଭା ନିର୍ବଚନରେ ପ୍ରତିଦ୍ୱନ୍ଦ୍ୱିତା କରି କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓଙ୍କୁ ହରାଇ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

### ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ
## ମିଡିଆ ସାର୍ଟିଫିକେସନ୍ ଆଣ୍ଡ ମନିଟରିଂ ସେଲ୍ ଖୋଲିଲା

ଭବାନୀପାଟଣା,୧୮।୩ (ଡି.ଏନ.ଏ.)

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାରତୀୟ ନିର୍ବାଚନ କମିଶନଙ୍କ ଗାଇଡ ଲାଇନ୍ ଅନୁଯାୟୀ କଳାହାଣ୍ଡି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ମିଡିଆ ସାର୍ଟିଫିକେସନ୍ ଆଣ୍ଡ ମନିଟରିଂ ସେଲ୍ କାର୍ଯ୍ୟକ୍ଷମ ଆରମ୍ଭ ହୋଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଡା. ପରାଗ ହର୍ଷଦ ଗାଭିଲ ଅଧ୍ୟକ୍ଷ ଥିବା ବେଳେ ଅତିରିକ୍ତ ଜିଲାପାଳ ତଥା ଜିଲା ସହକାରୀ ନିର୍ବାଚନ ଅଧିକାରୀ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଭାରତ ସରକାରଙ୍କ ଫିଲ୍ଡ ପବ୍ଲିସିଟି ଅଫିସର, ଜିଲା ଇ-ଗଭରେନ୍ସ ଅଧିକାରୀ ଓ ବରିଷ୍ଠ ଖବରଦାତା ଉମାଶଙ୍କର କର ସଦସ୍ୟ ଥିବା ବେଳେ ଆବାହକ ଦାୟିତ୍ୱରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବିର ସିଂହ ରହିଛନ୍ତି। ମିଡିଆ ସେଲ ପ୍ରକୋଷ୍ଠରେ ଟିଭି, କମ୍ପ୍ୟୁଟର ଓ ସମସ୍ତ ଛାପା ଖବର କାଗଜ ରହିବ। ସେହିପରି ବିଭିନ୍ନ ପ୍ରାର୍ଥୀଙ୍କ ସମ୍ପର୍କରେ ପ୍ରିଣ୍ଟ ମିଡିଆ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଖବରଗୁଡିକ ଏହି ମନିଟରିଂ ସେଲ୍ ଯାଞ୍ଚ କରିବ। ଯାଞ୍ଚ ସମୟରେ ଯଦି ଜଣାପଡେ କୌଣସି ପ୍ରାର୍ଥୀ ସମ୍ପର୍କରେ ଲୋକମାନେ ପ୍ରଭାବିତ ହେଲା ଭଳି ଖବର ପ୍ରକାଶ ପାଇଥିବ ତେବେ ତାହାକୁ ପେଡ୍ ନ୍ୟୁଜ୍ ବୋଲି ଧରାଯିବ। କମିଟି ଉକ୍ତ ନ୍ୟୁଜକୁ ଅନୁଧ୍ୟାନ କରିବା ପରେ ସମ୍ପୃକ୍ତ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚରେ ଉକ୍ତ ନ୍ୟୁଜ୍‌କୁ ଅନ୍ତର୍ଭୁକ୍ତ କରାଯିବ। ପ୍ରତେକ ରାଜନୈତିକ ଦଳ ଓ ତାହାର ପ୍ରାର୍ଥୀମାନେ କୌଣସି ବିଦ୍ୟୁତ୍ ଗଣମାଧ୍ୟମ କିମ୍ବା ସୋସିଆଲ ମିଡିଆରେ ରାର୍ନୈତିକ ସମ୍ପର୍କିୟ ବିଜ୍ଞାପନ ଦେବା ପୂର୍ବରୁ ଏହି ଏମସି ଏମସି କମିଟି ନିକଟରେ ଆବେଦନ କରିବେ। ଉକ୍ତ ଆବବେଦନକୁ ଜିଲାପାଳ ଯାଞ୍ଚ କରିବା ପରେ ପ୍ରମାଣପତ୍ର ନେଇ ବିଜ୍ଞାପନ ପ୍ରକାଶିତ କରିପାରିବେ ବୋଲି ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସିଂହ ପ୍ରକାଶ କରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

| TARIFF | MORE SPACE • SAME PRICE | | | | | | | |
|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | |
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

DANCE CLASS
Ollywood Choreographer
Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

## ସଂକ୍ଷେପରେ



### ବିଶ୍ୱ ଶାନ୍ତି ମାନସ ଯଜ୍ଞ ଉଦ୍‌ଯାପିତ

**ଗାଇସିଲେଟ ୧୮।୩ (ଡି.ଏନ.ଏ)-** ଝାଙ୍କରପାଲି ସ୍ଥିତ ଶ୍ରୀ ଲକ୍ଷ୍ମୀ ନାରାୟଣ ରାମଜାନକୀ ମଠ ମହନ୍ତ ସନ୍ଥ ସୂତିକ୍ଷ୍ଣ ଜୀ ମହାରାଜ ଓ ରାମାୟଣୀ ଗୋକୁଳା ନନ୍ଦ ପଧାନଙ୍କ ଉଦ୍ୟମରେ ବିଶ୍ୱଶାନ୍ତି ମାନସ ଯଜ୍ଞ ଗତ ୮ରୁ ଆରମ୍ଭ ହୋଇ ନଅ ଦିନ ବ୍ୟାପି ଚାଲିଥିଲା। ସୋମବାର ଏହା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ରାମଚରିତ ମାନସ ପାରାୟଣ, ପଞ୍ଚ କୁଣ୍ଡିୟ ମାନସ ଯଜ୍ଞ ଅଖଣ୍ଡ ନାମ ଯଜ୍ଞ ଓ ପ୍ରତ୍ୟହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉ ଥିଲା। ଏଥିରେ ଯଜ୍ଞରେ ପୂଜକ ଦାୟିତ୍ୟ ପଣ୍ଡିତ ନବିନ ଷଡଙ୍ଗୀ ଓ ସୁନିଲ କୁମାର ଅଗ୍ରୱାଲା ତଥା ରାମାୟଣ ପାରାୟରେ ପଣ୍ଡିତ ସୁରେନ୍ଦ୍ର ତ୍ରିପାଠୀ ବ୍ୟାସ ପଣ୍ଡିତ ଶମ୍ଭୁ ମିଶ୍ର ପୂଜକ ଓ କିଶୋର ପଟେଲ ତଥା ଅଖଣ୍ଡ ନାମ ଯଜ୍ଞରେ ପଣ୍ଡିତ ସରୋଜ ପାଣିଗ୍ରାହୀ ପୂଜକ ଏବଂ ବିରସେନ ସାହୁ କରତା ଦାୟିତ୍ୱ ନିବାହ କରିଥିଲେ। ରାଜ୍ୟ ରାଜ୍ୟ ବାହାରୁ ବିଦେଶ ଜର୍ମାନରୁ ମଧ୍ୟ ପରିବ୍ରାଜକ ମାନେ ଆସିଥିଲେ। ବିଭିନ୍ନ ମଠ ମହା ମଣ୍ଡେଲଶ୍ୱର ସନ୍ଥ ଯଥା ଅଯୋଧା ରାମସ୍ୱରୁପ ଦାସ ଜୀ ମହାରଜ ରାଜସ୍ଥାନ ସନ୍ଥ ଦାସ ଜୀ, ଆରୁଣ ସନ୍ଥ ଇଶ୍ୱର ଦାସ ଜୀ, ବିନା-ବାଲକନାଥ ଜୀ ପାଟଣା-ହରେରାମ ଦାସ ଜୀ, ବିନ୍ଧ୍ୟାଞ୍ଚଳ ବିଶ୍ୱନାଥ ଜୀ ବ୍ରହ୍ମଚାରୀ ତଥା ଅନେକ ସାଧୁ ସନ୍ଥ ଉପସ୍ଥିତ ଥିଲେ। ପାରାୟଣ ଅନେକ ସ୍ଥାନରେ ହେଉଥିଲେ ମଧ୍ୟ ଶତାଧିକ ସାଧୁ ସନ୍ୟାସୀ ଦେଖିବା କ୍ୱଚିତ ମିଳେ।

# ନକଲି ବିହନ: ଉଜୁଡ଼ିଲା ଧାନ ଫସଲ

**ବରଗଡ଼ ଅଫିସ୍, ୧୮।୩**

ବରଗଡ଼ ଜିଲାରେ ଚାଷୀ ସମସ୍ୟା ଅସମାହିତ ରହିଛି । ମରୁଡ଼ି, ରୋଗପୋକ ଉପଦ୍ରବ ଯୋଗୁ ଏଠାରେ କ୍ରମାଗତ ଫସଲକ୍ଷତି ହେଉଥିବାବେଳେ ଧାନର ଅଭାବିବିକ୍ରୀ ମଧ୍ୟ ଏଠାରେ ସାଧାରଣରେ ପରିଣତ ହୋଇଛି। ସେହିପରି ନକଲି କୀଟନାଶକ, ବିହନ ଯୋଗୁ ମଧ୍ୟ ଚାଷୀଙ୍କୁ ସର୍ବସ୍ୱାନ୍ତ ହେବାକୁ ପଡ଼ୁଛି । ରବି ଫସଲ ଆରମ୍ଭରୁ ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଡୁରୁଙ୍ଗା, ବାଗବାଡ଼ି ଆଦି ଅଞ୍ଚଳର ଚାଷୀମାନେ ଏଭଳି ଫସଲକ୍ଷତିର ସମ୍ମୁଖୀନ ହୋଇଛନ୍ତି। ନକଲି ଧାନ ବିହନ ଯୋଗୁ ସେମାନଙ୍କ ଧାନ ଫସଲ ଉଜୁଡ଼ି ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ଖୁଣ୍ଟପାଲି ଡୁରୁଙ୍ଗା, ବାଗବାଡ଼ି ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀମାନେ ସୋମବାର କ୍ଷତିଗ୍ରସ୍ତ ଧାନ ଫସଲ ଧରି ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀମାନେ ସେ ନେଇ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଫେରାଦ୍ ହୋଇଥିଲେ। ନଷ୍ଟ ହୋଇଥିବା ଧାନଗଛର ନମୁନା ଦେଖାଇବା ସହିତ ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାଷୀମାନେ ଅତିରିକ୍ତ ଜିଲାପାଳ ମାଝିଙ୍କୁ ନିବେଦନ କରିଥିଲେ।

ଚାଷୀମାନେ ଅଭିଯୋଗ କରିଥିଲେ, ରବି ଫସଲ ପୂର୍ବରୁ ଅଞ୍ଚଳର ଜଣେ ଲୋକ ଆକାଶ ଗଙ୍ଗା କିସମର ବିହନ ଆଳରେ ଧାନ ବିହନ ବିକ୍ରି କରିଥିଲେ। ଚାଷୀମାନେ କିଗ୍ରା ପ୍ରତି ୨୫ଟଙ୍କା ଦରରେ ସମ୍ପୃକ୍ତ ଲୋକଙ୍କଠାରୁ ସେହି କିସମର ବିହନ ମଧ୍ୟ କିଣିଥିଲେ। ଚାଷୀମାନେ ସେହି ବିହନ ବୁଣି ଚାଷ କରିଥିଲେ । ତେବେ ଆରମ୍ଭରୁ ଧାନଗଛ ଗୁଡ଼ିକ ଭଲଭାବେ ବଢ଼ିଥିଲେ ହେଁ ପ୍ରାୟ ଦୁଇମାସ ପୂରିବା ପରେ ଧାନଗଛଗୁଡ଼ିକ ସଢ଼ିଯାଇ ନଷ୍ଟ ହେବାରେ ଲାଗିଛି। ଏଭଳିଭାବେ ଖୁଣ୍ଟପାଲି ଡୁରୁଙ୍ଗା ଅଞ୍ଚଳରେ ପ୍ରାୟ ଦେଢ଼ଶହ ଏକର ଏବଂ ବାଗବାଡ଼ି ଅଞ୍ଚଳର ୪୦ଏକର ଧାନ ଫସଲ ପ୍ରଭାବିତ ହୋଇଛି। ସମସ୍ତ ଚାଷୀ ଜଣେ ଲୋକଙ୍କଠାରୁ ସେହି ବିହନ କିଣିଥିବା ଏବଂ ସେହି ବିହନର ଧାନ ଫସଲ ସେଭଳି ନଷ୍ଟ ହୋଇଥିବା ଯୋଗୁ ଚାଷୀମାନେ ତାହା ନକଲି ବିହନ ଥିଲା ବୋଲି ଅଭିଯୋଗ କରିଛନ୍ତି। ଜିଲାରେ ନକଲି ବିହନ ବିକ୍ରୀ ହେବା ନୂଆଁ ନୁହେଁ। ପୂର୍ବରୁ ନକଲି ଧାନ ଏବଂ କୋବି ଭଳି ପନିପରିବା ବିହନ ବିକ୍ରୀ ଅଭିଯୋଗର ନଜିର ରହିଛି ।

ତେବେ ଜିଲାରେ ବହୁ ପୂର୍ବରୁ ଏଭଳି ନକଲି ବିହନ, କୀଟନାଶକ ବିକ୍ରୀ ହୋଇଆସୁ ଥିଲେ ସୁଦ୍ଧା ସେଥିପ୍ରତି ଏପର୍ଯ୍ୟନ୍ତ କୃଷିବିଭାଗ ଅଙ୍କୁଶ ଲଗାଇ ନ ପାରିବା ସମ୍ପୃକ୍ତ ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି। ବିଭାଗୀୟ କୃଷି କର୍ମଚାରୀ ହାତ ବାନ୍ଧି ବସିଥିବା ଯୋଗୁ ଜିଲାରେ ଚାଷୀଙ୍କୁ ଶୋଷଣ ପାଇଁ ଏଭଳି ନକଲି କାରବାର ଚାଲୁଥିବା ଅଭିଯୋଗ ହେଉଛି। ଏପରିକି ଅନେକସ୍ଥଳେ କୃଷିବିଭାଗ ଜାଣିଶୁଣି ମଧ୍ୟ ସେଭଳି ନକଲି ବିହନ ବିକ୍ରେତାଙ୍କ ପ୍ରତି ଚୁପ୍ ମାରି ବସିଛି ଏବଂ ଚାଷୀ ମୁନାଫାଖୋର ବେପାରୀଙ୍କ ଦ୍ୱାରା ଶୋଷିତ ହେଉଥିବା ଅଭିଯୋଗ ହେଉଛି। କୃଷିବିଭାଗ ଏଭଳି ନକଲି କାରବାର ରୋକିବା ଦିଗରେ ବେଳେବେଳେ ଚଢ଼ାଉ କରୁଥିଲେ ହେଁ ତାହା ଧର୍ମକୁ ଆଖିଠାର ଭଳି ହୋଇଛି ଏବଂ ଏହାର ପରିଣାମରୁ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ୁଛି ବୋଲି ମତପ୍ରକାଶ ପାଇଛି।



କ୍ଷତିଗ୍ରସ୍ତ ଚାଷୀମାନେ ନଷ୍ଟ ଧାନଗଛର ନମୁନା ଦେଖାଉଛନ୍ତି ।

### ଏମାନେ ଯାହା କହିଲେ...



"ମୋର ସାଢ଼େ ୩ଏକର ଜମି ରହିଛି । ସବୁ ଜମିରେ ଧାନଚାଷ କରିଥାଏ। ଧାନ ଫସଲ ପାଇଁ କିଗ୍ରା ପ୍ରତି ୨୫ଟଙ୍କା ଦରରେ ୧କୁଇଣ୍ଟାଲ ୨୦କିଗ୍ରା ବିହନ କିଣିଥିଲି । ପ୍ରଥମାବସ୍ଥାନରେ ଧାନଗଛ ଭଲ ରହିଥିଲା । ମାତ୍ର ଧାନଗଛକୁ ଦୁଇମାସ ନ ପୂରୁଣୁ ତାହା ମରି ବସୁଛି ।

**- ଲବ ଦୀପ, ଚାଷୀ, ଖୁଣ୍ଟପାଲି ଡୁରୁଙ୍ଗା**



"ଅଢ଼େଇ ଏକର ଜମିରେ ଧାନଚାଷ କରିଛି । ଆମେ ସମସ୍ତେ ଜଣେ ଲୋକଙ୍କ ପାଖରୁ ବିହନ ଆଣିଥିଲୁ । ତାଙ୍କଠାରୁ ଆଣିଥିବା ଧାନ ବିହନର ଫସଲ ସେଭଳି ନଷ୍ଟ ହୋଇଛି। ତାହା ନକଲି ବିହନ ଥିଲା ବୋଲି ଜାଣୁଛୁ। ଜିଲାପାଳ ଏ ଦିଗରେ ପଦକ୍ଷେପ ନେବେ ବୋଲି ଆଶା ରଖିଛୁ ।

**- ଭଗବାନ ସାହୁ, ଚାଷୀ, ବାଗବାଡ଼ି**



"ମୁଁ ଜଣେ ନାମମାତ୍ର ଚାଷୀ । ୧ଏକର ଜମିରେ ଧାନଚାଷ କରିଛି। ଆକାଶ ଗଙ୍ଗା କିସମର ଧାନ ଭଲ ହେବ ବୋଲି କହିଥିଲେ । ଫଳରେ ମୁଁ ସେହି କିସମର ଧାନ ଆଣି ଚାଷ କରିଥିଲି । ହେଲେ ଏବେ ସବୁ ଧାନଗଛ ମରିଗଲାଣି । ଯାହା କୀଟନାଶକ ଦେଲେ ମଧ୍ୟ କାମ କରୁ ନାହିଁ ।

**- ଭୁବନେଶ୍ୱର ଖମାରୀ, ଚାଷୀ, ଖୁଣ୍ଟପାଲି ଡୁରୁଙ୍ଗା**



"ଚାଷୀଙ୍କଠାରୁ ସେଭଳି ଅଭିଯୋଗ ମିଳିଛି । ତାହା ସରକାରୀ ଧାନ ବିହନ ନ ଥିଲା । ଅଞ୍ଚଳର ଅନ୍ୟଜଣେ ଲୋକଙ୍କଠାରୁ ଚାଷୀମାନେ ତାହା କିଣିଛନ୍ତି । ଏ ନେଇ ତଦନ୍ତ ପାଇଁ ମଙ୍ଗଳବାର ସେ ଅଞ୍ଚଳକୁ ଯିବୁ । ଆବଶ୍ୟକ ହେଲେ ସେ ନେଇ ପୋଲିସରେ ଏତଲା ମଧ୍ୟ ଦେବୁ ।

**- ଦୀନବନ୍ଧୁ ଗାନ୍ଧୀ, ଜିଲା କୃଷି ଉପନିର୍ଦ୍ଦେଶକ (ଡିଡିଏ), ବରଗଡ଼।**

### ଅବକାରୀ ଚଢ଼ାଉ: ମଦ ସହ ରନ୍ଧା ସାମଗ୍ରୀ ଜବତ

**ପଦ୍ମପୁର, ୧୮।୩ (ଡି.ଏନ.ଏ.)**

ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶର ଏକ ଗ୍ରାମ ପାଇକମାଲ ଥାନା ବୋଡ଼ାସମ୍ବର ଗ୍ରାମ୍ୟ ଜଙ୍ଗଲରେ ମଦ ରନ୍ଧା ହେଉଥିବା ଖବର ପାଇ ଚଢାଉ କରାଯାଇଥିଲା। ବରଗଡ଼ ଅବକାରୀ ଅଧିକ୍ଷକ ମକରଧ୍ୱଜ ବର୍ଗେଙ୍କ ନିର୍ଦ୍ଦେଶରେ ପଦ୍ମପୁର ଅବକାରୀ ଇନ୍ସପେକ୍ଟର ଲଳିତ ମୋହନ ମିଶ୍ରଙ୍କ ନେତୃତ୍ୱରେ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ାଉ କରାଯାଇଥିଲା। ଉକ୍ତ ବେଆଇନ ମଦରନ୍ଧା ସ୍ଥାନରୁ ୧୧୭ ପ୍ୟାକେଟ ପଲି ବ୍ୟାଗ, ୩୨ଟି ମଦରନ୍ଧା ଡେକ୍‌ଚି, ଗୋଟାଏ ସାଇକେଲ ସହ ୫୦୦ଲିଟର ଦେଶୀ ରନ୍ଧାମଦ ଜବତ ହୋଇଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏହି ଚଢ଼ାଉରେ ପଦ୍ମପୁର ଅବକାରୀ ସବ୍‌ଇନ୍ସପେକ୍ଟର ହେମକାନ୍ତ ସୁନା, ଷ୍ଟାଫ ପ୍ରଦୀପ ସାହୁ, ରଞ୍ଜନ ସେଟ, ମୁକେଶ ବିଶ୍ୱାଳ, କେନାଲୁ ଭୋଇ, ସୁକାନ୍ତ ବଢ଼େଇ, ବିନୋଦ ତିର୍କି, ତାରାକାନ୍ତ ଭୁଏ ପ୍ରମୁଖ ସାମିଲ ଥିଲେ। ନିର୍ବାଚନ ସମୟ ପାଖେଇ ଆସୁଥିବା ଯୋଗୁଁ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଅବକାରୀ ଚଢ଼ାଉକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି।

### ଗୋପବନ୍ଧୁ କପ୍ କ୍ରିକେଟ ଟୁର୍ନାମେଣ୍ଟ

**ପଦ୍ମପୁର, ୧୮।୩ (ଡି.ଏନ.ଏ.)**

ପଦ୍ମପୁର ଲୁହାରପାଲି ପଞ୍ଚାୟତ ପଡ଼ିଆରେ ୭ମ ଗୋପବନ୍ଧୁ କପ୍ କ୍ରିକେଟ ଟୁର୍ନାମେଣ୍ଟ ଶିକ୍ଷକ ବୀରେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ୧୬ ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ମ୍ୟାଚ୍‌ରେ ସତୀଭାଟା ବୁଧାପାଲିକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ନିର୍ମଳ ଓ ମହେଶ ଖେଳ ପରିଚାଳନା କରିଥିଲେ। ପ୍ରେମାନନ୍ଦ ମହି ସ୍କୋରିଂ କରିଥିଲେ। ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପ୍ରଧାନ, କିଶୋର ପାତ୍ର, ଠାକୁର ସେଠ ଶିଶିର ସାହୁ ଉପସ୍ଥିତ ଥିଲେ।

## ହୋଲିକୁ ନେଇ ଉତ୍ସାହିତ ଅତାବିରାବାସୀ

**ଜାମଟିକ୍ରା, ୧୮।୩ (ଡି.ଏନ.ଏ)**

ଅତାବିରାବାସୀଙ୍କ ପାଇଁ ହୋଲି ଏକ ନିଆରା ପର୍ବ। ଚଳିତବର୍ଷ ମାର୍ଚ୍ଚ ୨୨ରେ ପାଳିତ ହେବ ହୋଲି ଉତ୍ସବ । ଆଉ ରହିଲା ୨ଦିନ ମାତ୍ର । ଫଗୁ ଖେଳ ପାଇଁ ପ୍ରାକ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସୋମବାର ଅତାବିରା ସାପ୍ତାହିକ ବଜାରରେ ଲୋକେ ପାଇକାରୀ ଦୋକାନରୁ ରଙ୍ଗ ଓ ପିଚକାରି କିଣୁଥିବା ଦେଖିବାକୁ ମିଳିଥିଲା । ସବୁ ବର୍ଷ ପରି ଏବର୍ଷ ମଧ ବଜାରରେ ହର୍ବାଲ ରଙ୍ଗ ବିକ୍ରି ହେଉଛି । ଏହା ସହିତ ଟୋପି, ମୁଖା, କଲର ହେୟାର, ପଗଡି ମଧ ବିକ୍ରି ହେଉଛି। ଶରୀରକୁ କ୍ଷତି ପହଞ୍ଚାଉ ନ ଥିବା ଲାଲ, କମଳା, ହଳଦୀ, ନୀଳ, ସବୁଜ, ବାଇଗଣି, ଗୋଲାପି ଆଦି ୭ ପ୍ରକାର ହର୍ବାଲ ଅବିର ବର୍ତ୍ତମାନ ବଜାରରେ ଉପଲବ୍ଧ ହେଉଛି । ଜିଙ୍କ, କଲର ଟୋପି ଓ ଜାଳି ଟୋପିର ଦାମ ୩୦ରୁ ୫୦ ଟଙ୍କା ମଧରେ ରହିଛି । କ୍ରିସ, ସ୍ପାଇଡର୍ ମ୍ୟାନ, ବାଘ, ଭାଲୁ, ଭୂତ ପ୍ରଭୃତିର ମୁଖାର ଦାମ ରହିଛି ୨୦ରୁ ୪୦ ଟଙ୍କା ମଧରେ । ପିଚିକାରି ଦାମ ୨୦ ଟଙ୍କା, ହର୍ବାଲ ଅବିର ୧୫୦ ଟଙ୍କା ରହିଛି କେଜି ପ୍ରତି । ପୂର୍ବବର୍ଷ ଭଳି ରଙ୍ଗ ଓ ଅନ୍ୟାନ୍ୟ ସାମଗ୍ରୀର ଦର ବିଶେଷ ବୃଦ୍ଧି ପାଇ ନ ଥିବାରୁ ଚଳିତବର୍ଷ ଭଲ ହେବ ବୋଲି ବ୍ୟବସାୟୀ ମଦନ ଶର୍ମା କହିଛନ୍ତି ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଶିଶୁ।



ଅତାବିରା ସାପ୍ତାହିକ ବଜାରରେ ଲୋକେ ରଙ୍ଗ ଓ ପିଚିକାରି କିଣୁଛନ୍ତି।

## ହେଲୋ କିଡ୍ସ ପଞ୍ଚମ ବାର୍ଷିକ ଉତ୍ସବ

**ସରଣ୍ଡା, ୧୮।୩ (ଡି.ଏନ.ଏ)**

ହେଲୋ କିଡ୍ସର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୁତି ବେହେରା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଜୁଲି ପ୍ରଧାନ ସ୍ୱାଗତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆୟୁଷ, ଆୟତ, ସତିଶ, ଅନନ୍ୟା, କସ୍ତୁବ, ସମୃଦ୍ଧି ଏବଂ ଶିକ୍ଷୟିତ୍ରୀ ରସ୍ମିତା ପଣ୍ଡା ପ୍ରାରମ୍ଭିକ ଗୀତ ଗାଇଥିଲେ । ବିଦ୍ୟାଳୟର ପରିଚାରକ ସମିତ ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ସେନା କର୍ମଚାରୀ ମାନସ ଚାନ୍ଦ, ଗୋପବନ୍ଧୁ ସାହୁ, ଅରୁଣ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁମାନେ ନିଜର କଳା ପ୍ରଦର୍ଶନ କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ଭିତରେ ସୁବାଷ ଚନ୍ଦ୍ର ପ୍ରଧାନ, ଡ. ପ୍ରଶାନ୍ତ ପଣ୍ଡା, ଦିଲୀପ ଅଗ୍ରୱାଲ, ମନୋଜ ଅଗ୍ରୱାଲ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୂଜା ପଣ୍ଡା ସଭା ପରିଚାଳନା କରିଥିଲେ । ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ଏବଂ ଜଣେ କାର୍ଯ୍ୟରତ ସୈନିକଙ୍କ ସ୍ତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା ।

## ଯୋଗ ପ୍ରଶିକ୍ଷକ ଶିବିର ଉଦ୍‌ଘାଟିତ

**ପାଇକମାଲ, ୧୮।୩ (ଡି.ଏନ.ଏ.)**

ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ପ୍ରାରମ୍ଭିକ ଯୋଗ ପ୍ରଶିକ୍ଷକ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ସତ୍ୟଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସରାଇପାଲି ବିଧାୟକ କିସମତଲାଲ ନନ୍ଦ ଯୋଗଦାନ କରି ଡାକ୍ତରମାନେ ହେଉଛନ୍ତି ଭଗବାନଙ୍କ ୨ୟ ଅବତାର। ସେଥିପାଇଁ ସେମାନେ ଯୋଗର ଯମ ନିୟମ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଆରବିଆଇ ଭୁବନେଶ୍ୱରର ଅବସରପ୍ରାପ୍ତ ଅଧିକାରୀ ନଟବର ବେହେରା, ମହାବିଦ୍ୟାଳୟର ପ୍ରଶାସକ ମନୋଜ ତ୍ରିବେଦୀ ଯୋଗଦାନ କରିଥିଲେ। ମୁଖ୍ୟ ତାଲିମଦାତା ଭାବେ ଆନନ୍ଦ ମାର୍ଗର ସଭାପତି ଷ୍ଟେପେନ ଲନ ବୋମ୍ବା ଯୋଗଦେଇ ପ୍ରଶିକ୍ଷକମାନଙ୍କୁ ଯୋଗ ପ୍ରଦାନ କରୁଛନ୍ତି। ଶିବିରର ସଂଯୋଜକ କେନ୍ଦ୍ରୀୟ ସମ୍ପାଦକ କାଠମାଣ୍ଡୁ (ନେପାଳ)ର ଆଚାର୍ଯ୍ୟ ପୂର୍ଣ୍ଣାନନ୍ଦ ଅବଦୁତ ଯୋଗଦେଇଛନ୍ତି।

ବର୍ତ୍ତମାନ ସମୟରେ ସବୁ ପରିସ୍ଥିତିରେ ଯୋଗ ନିତାନ୍ତ ଆବଶ୍ୟକ ଥିବା ଦୃଷ୍ଟିରୁ ଶିକ୍ଷା ବିଭାଗ ଏଥିପ୍ରତି ପ୍ରାଧାନ୍ୟ ଦେବା ଉଚିତ ବୋଲି ସେ କହିଥିଲେ। ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସକାଳ ୫ଟା ୩୦ରୁ ୭ଟା ଅପରାହ୍ନ ୪ଟା ରୁ ୬ଟା ପର୍ଯ୍ୟନ୍ତ ଯୋଗଶିକ୍ଷା ଦାନ କରାଯିବ। ଏଥିରେ ମହାବିଦ୍ୟାଳୟର କର୍ମଚାରୀ, ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସୁଶିଲ ମହାପାତ୍ର ଧନ୍ୟବାଦ ଦେଇଥିଲେ।




ଯୋଗ ପ୍ରଶିକ୍ଷକ ଶିବିର ସଭାରେ ଉପସ୍ଥିତ ଅତିଥି।

## ରେଡ଼କ୍ରସ ତାଲିମ ଶିବିର ଉଦ୍‌ଘାଟିତ

**ବରଗଡ଼ ଅଫିସ୍, ୧୮।୩**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ନବଜ୍ୟୋତି ଉଚ୍ଚ ବିଦ୍ୟାଳୟରେ ସୋମବାର ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ପାଠ୍ୟକ୍ରମ ତଥା ତିନିଦିନିଆଁ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର (ଡାଏଟ୍)ର ଅଧ୍ୟକ୍ଷ ଅକ୍ଷୟ କୁମାର ବାରିକ ମୁଖ୍ୟଅତିଥି, ଅଧ୍ୟାପକ ସୁଶିଳ କୁମାର ବାରିକ ମୁଖ୍ୟବକ୍ତା ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାଏକ, ରାଜ୍ୟ ସାଧନ କର୍ମୀ ଗୁରୁଚରଣ ବେହେରା, ସତ୍ୟନାରାୟଣ ହୋତା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରିଲୋକ୍ୟ ନାଏକ, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ବେହେରା, ସରପଞ୍ଚ ରାଜିନ ପ୍ରଧାନ, ସ୍କୁଲ ପ୍ରତିଷ୍ଠାତା ଯଦୁମଣି ଭୋଇ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ ।

ଉକ୍ତ ଶିବିରରେ ୧୨ଟି ବ୍ଲକର ୨୫୦ଜଣ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ସଡ଼କ ସୁରକ୍ଷା, ସ୍ୱଚ୍ଛ ଭାରତ, ପରିବେଶ ସୁରକ୍ଷା, ଗାଁ ପରିମଳ, ପ୍ରାଥମିକ ଚିକିତ୍ସା ଉପରେ ସାଧନ କର୍ମୀମାନେ ସେମାନଙ୍କୁ ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୨୦ଜଣ ସାଧନକର୍ମୀ ଏବଂ ୨୫ଜଣ କାଉନସିଲର ଅଂଶଗ୍ରହଣ କରିଥିଲେ । ସାଧନକର୍ମୀ ଧର୍ମରାଜ ପ୍ରଧାନଙ୍କ ରଚିତ ରେଡ଼କ୍ରସ ପୁସ୍ତକାବଳୀ ଉନ୍ମୋଚିତ ହୋଇଥିଲା । ଗତବର୍ଷ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରର କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କନିଷ୍ଠ ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଶାନ୍ତ କୁମାର ଭୋଇ, ମୁନସୀ ପାତ୍ର, କିଶୋର ପ୍ରଧାନ, ଡୋଲାମଣି ଶତପଥି, ଶୁଭଶ୍ରୀ ଭୋଇ, ଜ୍ୟୋସ୍ନା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଆନନ୍ଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରାର୍ଥୀ ଘୋଷଣା ପରେ ବଢ଼ିଲା ଉଷ୍ମତା

**ବରଗଡ଼ ଅଫିସ୍, ୧୮।୩**

- ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱକୁ ନେଇ ଉଲ୍ଲାସ
- ବାଣ, ଫୋଟକାରେ ଖୁସି ମନାଇଲେ
- କିଛି ଆସନରେ ପରିବର୍ତ୍ତନ ସମ୍ଭାବନା

ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଏଥିପାଇଁ ରାଜନୈତିକ ତତ୍ପରତା ବଢ଼ି ଚାଲିଛି। ସୋମବାର ବିଜେଡ଼ିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହୋଇଛି। ଏଥିରେ ବରଗଡ଼ ଲୋକସଭା ଆସନ ସମେତ ଜିଲାର ୫ଟି ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ରହିଛି। ଏହା ଘୋଷଣା ହେବା ପରେ ପ୍ରାର୍ଥୀଙ୍କ ସମର୍ଥକ ମହଲରେ ଖୁସିର ଲହରୀ ଖେଳି ଯାଇଛି। ତେବେ ବହୁଚର୍ଚ୍ଚିତ ବିଜେପୁର ଆସନରୁ ଏଥର ଖୋଦ୍ ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥିତ୍ୱ ଅଞ୍ଚଳର ଦଳୀୟ କର୍ମୀ, ନେତା ଏବଂ ସମର୍ଥକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରି ପକାଇଛି । ମୁଖ୍ୟମନ୍ତ୍ରୀ ବିଜେପୁର ଆସନରୁ ଲଢ଼ିବେ ବୋଲି ଘୋଷଣା ହେବା ପରେ ଏହି ନିର୍ବାଚନ ମଣ୍ଡଳୀ ଅଧିନ ବିଜେପୁର, ବରପାଲି ଓ ଗାଇସିଲେଟ୍ ଅଞ୍ଚଳରେ ଅଦିନିଆଁ ଦିପାବଳୀ ପାଳନ କରାଯାଇଛି। ଖୁସିରେ ମାହୋଲ ହୋଇ ଦଳୀୟ ନେତା, କର୍ମୀ, ସମର୍ଥକ ବାଣ, ଫୋଟକା ଫୁଟାଇଥିଲେ । ସେହିପରି ବରଗଡ଼, ପଦ୍ମପୁର, ଭଟଲି, ଅତାବିରା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଏଭଳି ଉତ୍ସାହ ପଛରେ ପଡ଼ି ନ ଥିଲା। ବରଗଡ଼ରେ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁରରେ ପୂର୍ବତନ ମନ୍ତ୍ରୀ ବିଜୟରଞ୍ଜନ ସିଂ ବରିହା, ଭଟଲିରେ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ଅତାବିରା ନିର୍ବାଚନ ମଣ୍ଡଳୀରେ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସମର୍ଥକମାନେ ଖୁସି ମନାଇଥିଲେ।

ତେବେ ଏବେ ମଧ୍ୟ ଘୋଷିତ ପ୍ରାର୍ଥିତ୍ୱକୁ ନେଇ ସାଧାରଣ ଜନତା ଦ୍ୱନ୍ଦ୍ୱରେ ରହିଛନ୍ତି । ଆଗରୁ କେତେକ କ୍ଷେତ୍ରରେ ପ୍ରାର୍ଥୀ ଘୋଷଣା ପରେ ମଧ୍ୟ ପ୍ରାର୍ଥିତ୍ୱ ପରିବର୍ତ୍ତନ କରାଯାଇ ଥିବା ଯୋଗୁ ଏଥର ମଧ୍ୟ ସେଭଳି ସମ୍ଭାବନାକୁ ଏଡ଼ାଇ ଦେଇ ହେଉ ନାହିଁ । କୌଣସି ମୁହୂର୍ତ୍ତରେ ପ୍ରାର୍ଥିତ୍ୱ ପରିବର୍ତ୍ତନ ହୋଇପାରେ ବୋଲି ମଧ୍ୟ ସାଧାରଣରେ ଆଲୋଚିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ବିଜେଡ଼ି ସବାଆଗ ପ୍ରାର୍ଥୀ ତାଲିକା ଜାରି କରିଥିବା କୁହାଯାଉଛି। ଘୋଷିତ ପ୍ରାର୍ଥୀ ତାଲିକାରେ ବରଗଡ଼ ଲୋକସଭା ଆସନ ଏବଂ ବିଜେପୁର ଆସନରୁ ପୂର୍ବ ପ୍ରାର୍ଥୀଙ୍କୁ ବାଦ୍ ଦିଆଯାଇ ଥିବାବେଳେ ଜିଲାର ଅନ୍ୟ ଆସନରେ ଗତ ୨୦୧୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ଦଳୀୟ ପ୍ରାର୍ଥୀମାନେ ରହିଛନ୍ତି । ବରଗଡ଼ ଲୋକସଭା ଆସନରୁ ଡଃ ପ୍ରଭାସ ସିଂଙ୍କୁ ବାଦ୍ ଦେଇ ବର୍ତ୍ତମାନ ରାଜ୍ୟସଭା ଏମପି ରହିଥିବା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀଭାବେ ଘୋଷଣା କରାଯାଇଛି। ସେହିପରି ଗତବର୍ଷେ ତଳେ ବିଜେପୁର ଉପନିର୍ବାଚନରେ ଆଶାତୀତ ସଫଳତା ସହିତ ନିର୍ବାଚନ ଜିତିଥିବା ରୀତା ସାହୁଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀଭାବେ ରହିଛନ୍ତି । ସେହିପରି ଅତାବିରା ଆସନରୁ ସ୍ନେହାଙ୍ଗିନୀ ଛୁରିଆ, ଭଟଲି ଆସନରୁ ସୁଶାନ୍ତ ସିଂ ଏବଂ ବରଗଡ଼ ଆସନରୁ ଦେବେଶ ଆଚାର୍ଯ୍ୟ ପୂର୍ବବତ୍ ପ୍ରାର୍ଥୀ ରହିବେ ବୋଲି ଘୋଷଣା କରାଯାଇଛି ।

ତେବେ ଅନ୍ୟ ପ୍ରତିଦ୍ୱନ୍ଦୀ ଦଳ କଂଗ୍ରେସ କିମ୍ବା ଭାଜପା ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ସେହିପରି ଅନ୍ୟଦଳର କିଛି ତୁଙ୍ଗନେତା ମଧ୍ୟ ବିଜେଡ଼ି ମୁହାଁ ହୋଇଥିବା ଶୁଣିବାକୁ ମିଳୁଛି । ଅପରପକ୍ଷେ ମଙ୍ଗଳବାରରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେଉଛି ଏବଂ ଏଥିପାଇଁ ଏକ ସପ୍ତାହ ଧରି ସମୟ ରହିଛି। ଫଳରେ ପ୍ରତିଦ୍ୱନ୍ଦୀ ଦଳର ପ୍ରାର୍ଥୀଙ୍କୁ ଦେଖି ଯେକୌଣସି ମୁହୂର୍ତ୍ତରେ ବିଜେଡ଼ି ପ୍ରାର୍ଥିତ୍ୱ କ୍ଷେତ୍ରରେ କିଛି ଅଦଳବଦଳ କରିପାରେ ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତେବେ ସେ ଯାହାହେଉନା କାହିଁକି, ବିଜେପୁର ଆସନରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ କେବଳ ଦଳୀୟ ନେତା, କର୍ମୀ କିମ୍ବା ସମର୍ଥକଙ୍କୁ ଉତ୍ସାହିତ କରିଛି, ତାହା ନୁହେଁ। ଏଥିପାଇଁ ସାରା ଜିଲାର ରାଜନୀତି ଚଳଚଞ୍ଚଳ ହୋଇପଡ଼ିଛି। ବିଜେପୁର ନିର୍ବାଚନ ମଣ୍ଡଳୀ ଅଧିନ ଗାଇସିଲେଟ୍‌ର ରାମଜୀ ଦାଶ କହିଛନ୍ତି, ମୁଖ୍ୟମନ୍ତ୍ରୀ ଆମ ଆସନରୁ ଲଢୁଛନ୍ତି, ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ସେହିପରି ଅନ୍ୟଜଣେ ନାଗରିକ ଅଶୋକ ପଣ୍ଡା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱକୁ ନେଇ ବହୁତ ଖୁସି ଲାଗୁଛି ଏବଂ ଏହା ଅଞ୍ଚଳ ପାଇଁ ଯଥେଷ୍ଟ ଭଲହେବ ବୋଲି କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୯ ମାର୍ଚ୍ଚ, ୨୦୧୯



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।

- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

**ଉଲୁଣ୍ଡା, ୧୮।୩ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉଲୁଣ୍ଡାର ରୋହିତ ପଧାନ(୨୨)। ସୂଚନା ଅନୁସାରେ ରବିବାର ଅପରାହ୍ନରେ ରୋହିତ ଏକ ବାଇକ ଯୋଗେ ଉଲୁଣ୍ଡାରୁ ଗଣ୍ଡାବାହାଲ ପଟକୁ ଯାଉଥିବାବେଳେ ବସ୍‌ଷ୍ଟାଣ୍ଡ ନିକଟରେ ଭାରସାମ୍ୟ ହରାଇ ଏକ କାନ୍ଥରେ ପିଟି ହୋଇଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାକୁ ନେଇଥିଲେ । ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବୁର୍ଲା ସ୍ଥାନାନ୍ତର ଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁର୍ଲା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ ଭ୍ୟାନ

**ପୁରୁଣାକଟକ, ୧୮।୩(ଡି.ଏନ.ଏ.)-** ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ପୁରୁଣାକଟକ କଲେଜଛକ ନିକଟରେ ସୋମବାର ଭୋରରୁ ଏକ କୁକୁଡା ବୋଝେଇ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡିଛି। ଚାରିଛକ ପଟୁ ବୌଦ୍ଧକୁ ଯାଉଥିବା ଗାଡି ନଂ. ଓଡି-୧୪ଜେ ୮୪୫୩ ପିକଅପ ଭ୍ୟାନ ପୁରୁଣାକଟକ କଲେଜ ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଡ୍ରାଇଭର ଓ ହେଲପର ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଥିବା ଜଣାପଡିଛି।

### ହରଭଙ୍ଗାରେ ଭାଜପାର ବିଜୟ୍ ସଂକଳ୍ପ ଅଭିଯାନ ସମାପ୍ତ

**ପୁରୁଣାକଟକ, ୧୮।୩ (ଡି.ଏନ.ଏ.):** ବୌଦ୍ଧ ନିର୍ବାଚନ ମଣ୍ଡଳୀର ୭ଦିନ ଧରି ଭାଜପା ପକ୍ଷରୁ ଚାଲିଥିବା ବିଜୟ୍ ସଂକଳ୍ପ ଅଭିଯାନ ରବିବାର ହରଭଙ୍ଗା ବ୍ଲକ ପୁରୁଣାକଟକ ଠାରେ ଶେଷ ହୋଇଛି। ବୌଦ୍ଧ ବିଜୟ୍ ସଂକଳ୍ପ ଅଭିଯାନ ସଂଯୋଜକ ତଥା ଅନୁସୂଚିତଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ବ୍ଲକର ଧଲପୁର, ସାକିସିଙ୍ଗା, ଖଣ୍ଡହତା, ରାମଗଡ, ମହିବାହାଲ, ତିଲେଶ୍ୱର, ବୁରୁବୁଡା, ପିତାମ୍ବରପୁର, ରାଜିଙ୍ଗ ଭଳି ୨୫ରୁ ଉର୍ଦ୍ଧ୍ୱ ଗାଁ ବୁଲି ପଥପ୍ରାନ୍ତ ସଭା କରି ରାଜ୍ୟ ସରକାରଙ୍କ ଅପାରଗତା, ଅବହେଳା ସମ୍ବନ୍ଧରେ ଜନସାଧାରଣଙ୍କୁ ବୁଝାଇଥିଲେ। ଶେଷରେ ପୁରୁଣାକଟକ ଭୈରବୀ ମନ୍ଦିର ଠାରେ ବିଜୟ୍ ସଂକଳ୍ପ ଅଭିଯାନ ସମାପ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚା ଜିଲା ସଭାପତି କାଳିନ୍ଦୀଚରଣ କ୍ଷେତୀ, ଭାଜପା ପୁରୁଣାକଟକ ମଣ୍ଡଳ ସଭାପତି ଶୁଶୀଲ ଦେହୁରୀ, ହରଭଙ୍ଗା ମଣ୍ଡଳ ଅନୁସୁଚିତ ଜାତି ସଭାପତି ରୁଦ୍ର ପ୍ରତାପ ବେହେରା, ସାଧାରଣ ସମ୍ପାଦକ ବିଜୟ୍ କଲତା, ଅନୁସୁଚିତ ଜାତି ଜିଲା ଉପସଭାପତି ରବିନ୍ଦ୍ର ବେହେରା, ସରସରା ମଣ୍ଡଳ ସାଧାରଣ ସମ୍ପାଦକ ଶେଷଦେବ ଛନ୍ଦ, ଓବିସି ମୋର୍ଚ୍ଚା ସାଧାରଣ ଉପସଭାପତି ଚିନ୍ତାମଣି କର୍ଣ୍ଣ, ସାଧାରଣ ସମ୍ପାଦକ ରଞ୍ଜିତ ପ୍ରଧାନ, ପୁରୁଣାକଟକ ମଣ୍ଡଳ ସଭାପତି ବାମନ ବାରିକ, କୃଷକ ମୋର୍ଚ୍ଚା ଜିଲା ସମ୍ପାଦକ ସୁକାନ୍ତ ପ୍ରଧାନ, ବିଶ୍ଲେସର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କୁ ଶୋଷଣ

**ସୋନପୁର, ୧୮।୩(ନି.ପ୍ର)**

ବଲାଙ୍ଗୀର କେନ୍ଦୁପତ୍ର ବନଖଣ୍ଡ ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲାର ଜାମଛପର ସେକ୍ସନରେ କେନ୍ଦୁପତ୍ର ଶ୍ରମିକଙ୍କୁ ଶୋଷଣ କରାଯାଉଛି। ଏଥିପାଇଁ ବିନିକା ବ୍ଲକ ସକମା ଗାଁର କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ଗୋଛା କଟାଳିମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ମହିଳା ଶ୍ରମିକମାନେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୧୨ରୁ ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ପାଇ ନଥିବା ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କେନ୍ଦୁପତ୍ର ଫଡିର କର୍ମଚାରୀ ସେମାନଙ୍କ ପାରିଶ୍ରମିକକୁ ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କେନ୍ଦୁପତ୍ର ରେଞ୍ଜର ଓ ଫରେଷ୍ଟରଙ୍କୁ ଅଭିଯୋଗ କରିବା ପରେ ମଧ ଶ୍ରମଜୀବୀମାନେ ପ୍ରାପ୍ୟ ନପାଇ ଦୁଃଖରେ ଥିବା ଜଣାଇଥିଲେ। ଶ୍ରମଜୀବୀ ଇନ୍ଦିରା ବଡମାଳୀ କହିଛନ୍ତି ଯେ, ୨୦୧୨ରେ କେନ୍ଦୁପତ୍ର ତୋଳି କେନ୍ଦ୍ରରେ ବିକ୍ରି କରିଥିଲେ। ଏ ବାବଦରେ ୧୫୫୦ଟଙ୍କା ପାଇବା କଥା। ମାତ୍ର ଆଜି ପର୍ଯ୍ୟନ୍ତ ମିଳିନି। ସମାନ ଅଭିଯୋଗ



ସକ୍ମା ଗାଁର ଶ୍ରମିକ ଅଭିଯୋଗ କରିବାକୁ ଜିଲପାଳଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି ।

**୭ ବର୍ଷ ପରେ ବି ପ୍ରାପ୍ୟ ମିଳି ନଥିବା ଅଭିଯୋଗ**

କରିଥିଲେ ମହିଳା ଶ୍ରମଜୀବୀ କୈକେଇ ନେଗୀ, ସଞ୍ଜୁକ୍ତା ନେଗୀ ଓ କାଞ୍ଚନ ବଗର୍ତ୍ତି। ଆଉ ଜଣେ ପତ୍ର ତୋଳାଳି ରାଜେଶ୍ୱରୀ ମଲ୍ଲିକ କହିଥିଲେ ଗତବର୍ଷ ପତ୍ର ତୋଳା ଟଙ୍କା ଆହୁରି ଅଧା ପାଇନାହାନ୍ତି। ସେମାନଙ୍କୁ କେନ୍ଦୁପତ୍ର ତୋଳାଳି ପାସ ବହି ଦିଆଯାଇନି, ସରକାରୀ ଯୋଜନାରେ କୌଣସି ସହାୟତା ମିଳୁନି କି ଆମ୍ ଆଦମୀ ବୀମା ଯୋଜନାରେ ସାମିଲ କରାଯାଇନି। କେନ୍ଦୁପତ୍ର ତୋଳାଳି ଲିଙ୍ଗରାଜ ନେଗୀ, ଉପେନ୍ଦ୍ର ନେଗୀ, ଚୈତନ୍ୟ ପଟେଲ, ପ୍ରମୋଦ ନେଗୀ, ସୁରନ୍ଦ୍ର ବଗର୍ତ୍ତି ଓ ସନ୍ଧ୍ୟା ସେଠୀଙ୍କ ଭଳି ୪୦ରୁ ଉର୍ଦ୍ଧ ଶ୍ରମିକ ଜିଲାପାଳଙ୍କ କାଯର୍ୟାଳୟକୁ ଆସିଥିଲେ। ଏ ସମ୍ପର୍କରେ ଖଲିଆପାଲି କେନ୍ଦୁପତ୍ର ରେଞ୍ଜର ଚେରୁ ସେନାପତି କୁହନ୍ତି, ପୂର୍ବରୁ କଣ ହୋଇଛି ମୁଁ କହି ପାରିବିନି। ସ୍ଥାନୀୟ ମୁନ୍‌ସୀଙ୍କ ସହିତ ଗ୍ରାମର ଶ୍ରମିକଙ୍କର ପଡୁନି। ଟଙ୍କା ଆତ୍ମସାତ୍ କଥା ଉଠୁଛି। ଏହାର ତଦନ୍ତ କରାଯିବ। ସୁବର୍ଣ୍ଣପୁର ଜିଲାରେ କେନ୍ଦୁପତ୍ର ଡିଭିଜନ ଅଫିସ ନ ଥିବାରୁ ଶ୍ରମିକମାନେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ନ ପାରି ଶୋଷିତ ହେଉଥିବା ଅଭିଯୋଗ ହୋଇ ଆସୁଛି।

## ବୁଡ଼ି ଯାଉଛେ ଦେଶୀ ବିହନ

**ବିନିକା, ୧୮।୩(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ୧୬ଟା ପଁଚେତ୍‌କେ ନେଇ ଗଠିତ ହେଇଛେ। ଇ ବ୍ଲକର ୭୫ ଭାଗ୍ ଲୋକ୍ ଚାଷ କରି ନିଜର ଜୀବନ୍ ଜୀବ୍‌କା ଚଲଉଛନ୍। ଉଭଏ ରୁତୁରେ ଇଠାନେ ଚାଷୀମାନେ ଧାନଚାଷ୍ କରୁଛନ୍। ଆଗରୁ ଅଂଚଲରେ ପାରଂପରିକ ଦେଶୀ ବିହନରେ ଚାଷ୍ ହେଉଥିଲା। ହେଲେ ଏହେଦେ ସମିଆ ବଦିଲବାର ସଂଗେ ଅଲପ୍ ବର୍ଷା, ମରଡ଼ି ଆର ପ୍ରାକୃତିକ ଆପଦାରେ ଟିଷ୍ଟି ପାରୁଥିବାର ବିହନ, ସାର, ପୋକ୍‌ମରା ଓଷୋ ଦେଇ ଚାଷ୍‌ବାସର ବିକାଶ ଲାଗି ବେବସ୍ତା କରାଯାଉଛେ। ଇଥିରେ ଅମଲ ଜହ ହେଉଛେ ସତ୍, ହେଲେ ପାରଂପାରିକ ବିହନର ବେଭାରଟା ଲୋପ୍ ପାଇଯାଉଛେ। ହାଇବ୍ରିଡ ବିହନର ବଡ଼ଭାରି ବେଭାର ଲାଗି ପୁରଷା ପୁରଷା ଧରି କରାଯାଇ ଆସୁଥିବାର ଦେଶୀ ଧାନ ବିହନ ଲୋପ୍ ପାଏବାକେ ବସଲାନ। ଧାନଚାଷ୍‌କେ ବାଦ୍ ଦେଲେ ମକା, ମାଣ୍ଡିଆ, ସୁଆଁ ଆର ପନିପରିବା ବି ପାରଂପରିକ ପଧତିରେ ଚାଷ୍ କରାଯାଉଥିଲା। ହେଲେ ଧାନଚାଷରେ ଅଣପାରଂପରିକ ଚାଷ୍ ହିସାବେ ପାରଂପରିକ ଚାଷ ପଧତିକେ ରାଏଜ୍ ସରକାର ଗୁରୁତ୍ ଦେଇ ହେନ୍ତା କିଛି ଆଏଁଖ୍ ଦୁର୍‌ଶିଆ ପଦକ୍ଷେ ନାଇଁ ନେବାର। ଯେନ୍‌ଥିରଲାଗି ଅଂଚଲରେ ଦିନୁଦିନ୍‌କେ ଦେଶୀ ବିହନ ହଜି ଯିବାକେ ବସଲାନ। ହାଇବ୍ରିଡ କିସମର ଧାନ ବିହନକେ ଚାଷ୍‌ରେ ବେଭାର କରବାର ଲାଗି ଚାଷୀକୁ ପରାମଶ୍ ଦିଆଯାଉଛେ। ଅଧିକା ଅମଲ ଆଶ୍‌ରେ ଚାଷୀମାନେ ହାଇବ୍ରିଡ ଧାନ ଚାଷ୍ କରବାର ଲାଗି ଲହଁପି ପଡୁଛନ୍। ବିନିକା ବ୍ଲକ୍‌ରେ ଚାଷ୍ କଲା ଲେଖେଁ ଜମିର ପରିମାନ ୧୮.୮୧୦ ହେକ୍ଟର। ଇଥିରୁ ୧୫ ହଜାର ୧୪୦ ହେକ୍ଟର ଜମିରେ ଧାନଚାଷ କରାଯାଉଛେ। ଅଧିକା ଅମଲ, ରୋଗ୍‌ପୋକ ଦାଉରୁ ଫସଲକେ ବଁଚାବର ଲାଗି ଚାଷୀ ହାଇବ୍ରିଡ ବିହନ ଉପରେ ଗୁରୁତ୍ ଦେଉଛନ୍। ବିନିକା ବ୍ଲକ ଅସୁରଗଡ଼ ଗାଁର ରାଜ୍ୟସ୍ତରୀୟ ପୁରସ୍‌କାର ପାଇଥିବାର ଧାନଚାଷୀ ଗୋବର୍ଦ୍ଧନ ବାରିକ କହିଛନ୍ ଯେ, ଚାଷୀ ଅଧିକା ଅମଲ କରବାର ଆଶ୍‌ରେ ହାଇବ୍ରିଡ୍ ଉପରେ ଅଧିକା ଗୁରୁତ୍ ଦେଉଛନ୍। ସେନ୍ତା ପାରଂପରିକ ଚାଷ୍ ଉପରେ କୃଷି ବିଭାଗ ତରଫୁ ଚାଷୀକୁ କେହେନ୍‌ସି ପରକାର ପୋରଛାହନ ନାଇଁମିଲବାର, ଯେନ୍ତା ଦେଶୀ ଧାନ ବୁଡ଼ବାର ମୂଳ କାରନ ବଲି ସେ କହିଥିଲେ। ଲୋପ୍ ପାଉଥିବାର ଦେଶୀ ଧାନ ବିହନ ଆର ପାରଂପରିକ ପଧତିର ପୁନରୁଧାର ଲାଗି କୃଷି ବିଭାଗ ତରଫୁ ଚାଷୀକୁ ଉଚିତ୍ ପରାମଶ, ସାହାଯ୍ ଯୁଗେଇ ଦେବାର କଥା। ଏନ୍ତା ହେଲେ ଆମର ଦେଶୀ ବିହନ୍ ଆର ପାରଂପରିକ ଚାଷ୍ ପଧତିଟା ବଁଚି ରହିତା ବଲି ଚାଷୀ ମହଲରେ ମତପରକାଶ ପାଉଛେ।

### ସୁବର୍ଣ୍ଣପୁର ଜିଲା ଗସ୍ତରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ

## ସନ୍ଦେହଜନକ ଅର୍ଥ କାରବାର ଉପରେ କାର୍ଯ୍ୟାନୁଷ୍ଠାନ

**ସୋନପୁର, ୧୮।୩(ନି.ପ୍ର)**

ସୁବର୍ଣ୍ଣପୁର ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ତଥା ଏପ୍ରିଲ ୧୮ ତାରିଖରେ ଭୋଟ ଗ୍ରହଣ ହେବ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ନିର୍ବାଚନ ପ୍ରକ୍ରିୟାରେ ଶୁଦ୍ଧତା ରକ୍ଷା କରିବା ପାଇଁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସନ୍ଦେହ ଜନକ ଅର୍ଥ କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ମତଦାତାଙ୍କୁ ଲାଞ୍ଚ ଦେବା ପାଇଁ ସନ୍ଦେହଜନକ ଅର୍ଥ ଦେଣନେଣ କାରବାର ବିଷୟରେ ଫ୍ଲାଇଂ ସ୍କ୍ୱାଡକୁ ସୂଚନା ଦିଆଯିବ। ସ୍କ୍ୱାଡ ସତ୍ୟାସତ୍ୟ ପରୀକ୍ଷା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜିଲାପାଳ ମଧୁସୂଦନ ମିଶ୍ର ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଯଦି କୌଣସି ବ୍ୟକ୍ତି ୧୦ ଲକ୍ଷଠାରୁ ଅଧିକ ଟଙ୍କା ତାଙ୍କ ଆକାଉଣ୍ଟରୁ ଉଠାନ୍ତି କିମ୍ବା ଜମା କରନ୍ତି, ସେ ସୂଚନା ସମ୍ପୃକ୍ତ ବ୍ୟାଙ୍କ ଜିଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବ। ଆୟକର ଅନୁସନ୍ଧାନ ନିର୍ଦ୍ଦେଶାଳୟର ନୋଡାଲ ଅଫିସର ଆୟକର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଗୁରୁପ୍ରିତ ସିଂହ ସୋମବାର ସୁବର୍ଣ୍ଣପୁରରେ ପହଞ୍ଚିଛନ୍ତି। ରିଟର୍ଣ୍ଣିଂ ଅଫିସର ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ପରାମର୍ଶରେ ପ୍ରତ୍ୟେକ ପ୍ରାର୍ଥୀଙ୍କ ନିମନ୍ତେ ବିବରଣୀ ଖାତା/ରେଜିଷ୍ଟରର ନିରୀକ୍ଷଣ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବେ। ଜିଲା ପ୍ରଶାସନ ଦ୍ୱାରା ଏକ୍ସପେଣ୍ଡିଚର ମନିଟରିଂ ସେଲ ଜିଲାର ଉଭୟ ନିର୍ବାଚନମଣ୍ଡଳୀ ପାଇଁ ଗଠନ କରାଯାଇଛି । ନିର୍ବାଚନ ତାରିଖ ଘୋଷଣା ଦିନଠାରୁ ନିର୍ବାଚନ ସରିବା ପର୍ଯ୍ୟନ୍ତ ମାରଣାସ୍ତ୍ରର ଲାଇସେନ୍ସ ଦିଆଯିବ ନାହିଁ। ଲାଇସେନ୍ସ ଥିବା ବନ୍ଧୁକକୁ ଥାନାରେ ଜମା କରିବାକୁ ପଡିବ ବୋଲି କୁହାଯାଇଛି । ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସହକାରୀ ଜିଲାପାଳ(ନିର୍ବାଚନ) ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## କିରାନା ଦୋକାନରୁ ଜବତ ହେଲା କଫସିରପ୍

**ବୌଦ୍ଧ, ୧୮।୩ (ସ୍ୱପ୍ର)**

ବୌଦ୍ଧର ଏକ କିରାନା ଦୋକାନ ଉପରେ ଡ୍ରଗ୍ସ ଓ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୩୮ ବୋତଲ କଫସିରପ ଜବତ କରାଯାଇଥିବା ଜଣାଯାଇଛି। ସୂଚନା ମୁତାବକ ବୌଦ୍ଧ ଡ୍ରଗ୍ସ ଇନିସପେକ୍ଟର ମୁକେଶ କୁମାର ଧରୁଆ ଓ ଅବକାରୀ ବିଭାଗର କର୍ମଚାରୀମାନେ ମିଳିତ ଭାବରେ ବୌଦ୍ଧ ସହରର ପୁରୁଣା ବ୍ଲକଛକ ନିକଟରେ ବିଶ୍ୱଜୀବନ ମହାପାତ୍ରଙ୍କ କିରାନା ଦୋକାନ ଉପରେ ଚଢାଉ କରିଥିଲେ। ସେଠାରୁ ୧୦୦ ମିଲି ଲିଟରର ୩୮ ବୋତଲ ଏସକଫ କଫସିରପ ଜବତ କରିଥିଲେ। ଏନେଇ ଡ୍ରଗ୍ସ ବିଭାଗ ପକ୍ଷରୁ ଜବତ କଫସିରପର ନମୁନା ସଂଗ୍ରହ କରାଯାଇ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି

## ଷ୍ଟ୍ରଙ୍ଗ୍‌ରୁମ୍‌ରେ ପହଞ୍ଚିଲା ଇଭିଏମ୍, ଭିଭିପିଏଟି

**ବୀରମହାରାଜପୁର, ୧୮।୩ (ଡି.ଏନ୍.ଏ.)**

ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ପାଇଁ ଧାର୍ଯ୍ୟ ଦିବସ ଭିତରେ ରହିଛି ବଲାଙ୍ଗୀର ଲୋକସଭା କ୍ଷେତ୍ରର ସମସ୍ତ ୭ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀ। ଏଠାରେ ଏପ୍ରିଲ ୧୮ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବାରୁ ମଙ୍ଗଳବାର ନିର୍ବାଚନ କମିଶନଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡିଛି। ଏହାରି ଭିତରେ ସୁବର୍ଣ୍ଣପୁର ଜିଲା ଅଧିନ ୬୪ ବୀରମହାରାଜପୁର ସଂରକ୍ଷିତ ବିଧାନସଭା କ୍ଷେତ୍ରର ସମୁଦାୟ ୨୬୨ବୁଥ୍ ସକାଶେ ଆବଶ୍ୟକୀୟ ଇଭିଏମ୍ ଏବଂ ଭିଭିପିଏଟି ସୋମବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି। ଉପଜିଲାପାଳ ତଥା ଉକ୍ତ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ସୁବ୍ରତ କୁମାର ବେହେରାଙ୍କ ଉପସ୍ଥିତିରେ ସମସ୍ତ ଇଭିଏମ୍ ତଥା ଭିଭିପିଏଟି ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ରବିବାର ଏଠାକାର ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିବା ବେଳେ ସୋମବାର ସେଠାରେ ଉପରୋକ୍ତ ନିର୍ବାଚନୀ ମେଶିନ୍‌ଗୁଡିକ ସୁରକ୍ଷା ବଳୟ ଭିତରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାମତେ ଏହି ନିର୍ବାଚନ ମଣ୍ଡଳୀରେ ବିଧାନସଭା ନିର୍ବାଚନ ପାଇଁ ୬୪୮ଟି ଇଭିଏମ୍ ତଥା ୬୮୦ ଭିଭିପିଏଟିର ଆବଶ୍ୟକତା ରହିଥିବା ବେଳେ ଲୋକ ସଭା ପ୍ରାର୍ଥୀଙ୍କ ପାଇଁ ମଧ ସମାନ ସଂଖ୍ୟକ ଇଭିଏମ୍ ତଥା ଭିଭିପିଏଟି ପହଞ୍ଚିଛି। ଷ୍ଟ୍ରଙ୍ଗ୍‌ରୁମ୍ ନିଆଯିବା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ସେସବୁକୁ ଯାଞ୍ଚ କରାଯାଇଥିଲା । ଏହି ପ୍ରକ୍ରିୟାରେ ଭାଜପାର ଉଷା କୁମାରୀ ଓ କିଶୋର ହୋତା, ବିଜେଡିର ରଞ୍ଜିତ କୁମାର ରଥ ଓ କଂଗ୍ରେସର ବସନ୍ତ ମହାକୁଡ ସାମିଲ ଥିଲେ। ସେହିପରି ପ୍ରଶାସନ ତରଫରୁ ଉପଜିଲାପାଳଙ୍କ ସହ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ, ତହସିଲଦାର ଅଭିମନ୍ୟୁ ମାଝୀ, ଆଇଆଇସି ପ୍ରଭା ଧନ ଏବଂ ନିର୍ବାଚନ ବିଭାଗର ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।



ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଇଭିଏମ୍, ଭିଭିପିଏଟି ଯାଞ୍ଚ ପାଇଁ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧି ଏବଂ ନିର୍ବାଚନୀ ଅଧିକାରୀ।




ଯୁବ ବିଜେଡି ପକ୍ଷରୁ ହକ୍‌ମାଗୁଛି ଓଡିଶା ଅଭିଯାନରେ ଉପସ୍ଥିତ ନେତୃବୃନ୍ଦ।

## ଯୁବ ବିଜେଡିର ହକ୍‌ମାଗୁଛି ଓଡ଼ିଶା ଅଭିଯାନ

**ବିନିକା, ୧୮।୩(ଡି.ଏନ୍.ଏ.)**

ବିନିକା ବ୍ଲକ ବାଗଡିଆ ଛକ୍ ଏବଂ ସିଂଘିଯୁବା ଗ୍ରାମ ପଞ୍ଚାୟତରେ ଯୁବ ବିଜେଡି ପକ୍ଷରୁ ସୋମବାର ହକ୍‌ମାଗୁଛି ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ ଛନ୍ଦଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଆଶିଷ ସାହୁ, ଜିଲା ବିଜେଡି ସଭାପତି ତଥା ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ଯୋଗଦେଇଥିଲେ। ଉପସ୍ଥିତ ନେତୃବୃନ୍ଦ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ବିଫଳତା ଓ ଓଡିଶା ପ୍ରତି ବୈମାତୃକ ମନୋଭାବ ସାଙ୍ଗକୁ ପୂର୍ବ କଂଗ୍ରେସ ସରକାରର କୁଶାସନ ବିଷୟରେ କହିଥିଲେ। ଗତ ୧୯ବର୍ଷ ଧରି ରାଜ୍ୟରେ ବିଜେଡି ସରକାରର ବିକାଶ ଧାରା ଏବଂ ଯୋଜନା ବିଷୟରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ଉପସଭାପତି ଅଦ୍ୱୈତ ପଣ୍ଡା, ବିନିକା ବ୍ଲକ ସରପଞ୍ଚ ସଂଘ ସଭାପତି ଲକ୍ଷ୍ମଣ ସାହୁ ଉପସ୍ଥିତ ଥିଲେ ।

## ଚୌରାଅଶୀ ଠାକୁରାଣୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା

**ବଙ୍ଗୋମୁଣ୍ଡା, ୧୮।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡାରେ ମା' ଚାରି ଚୌରାଅଶି ଠାକୁରାଣୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଛି।

## ଦୋଳଯାତ୍ରା ପାଇଁ ଚଳଚଞ୍ଚଳ ବୀରମହାରାଜପୁର

### ୩୬ ପ୍ରହର ନାମଯଜ୍ଞ ସକାଶେ କଳସ ଯାତ୍ରା

**ବୀରମହାରାଜପୁର, ୧୮।୩ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ପ୍ରସିଦ୍ଧ ଦୋଳଯାତ୍ରା ଉପଲକ୍ଷେ ମଙ୍ଗଳବାରଠାରୁ ୩୬ ପ୍ରହର ନାମଯଜ୍ଞ ଆରମ୍ଭ ହେବାକୁ ଯାଉଛି। ଏଥି ସକାଶେ ସୋମବାର ଅଧିବାସ ପର୍ବ ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ନିକଟବର୍ତ୍ତୀ ଚମ୍ପାମାଳ ପୁଷ୍କରଣୀରୁ ୧୦୮ମହିଳାଙ୍କ ଦ୍ୱାରା ଜଳପୂର୍ଣ୍ଣ କଳସ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଅଣାଯାଇ ଦୋଳମଣ୍ଡପଠାରେ ସ୍ଥାପନ କରାଯାଇଛି। ତେଣେ ଚମ୍ପାମାଳ ଶିବାଳୟ ସମେତ କମଲପୁର, ଟିଠିପାଲି ଏବଂ ଉଫୁଲା ଶିବମନ୍ଦିରମାନଙ୍କରେ ରବିବାରଠାରୁ ପଞ୍ଚୁଦୋଳ ଆରମ୍ଭ ହୋଇଯାଇଛି। ଫଗୁନପୁନି ଯାତରା ଭାବରେ ପ୍ରସିଦ୍ଧିଲାଭ କରିଥିବା ଅଞ୍ଚଳର ଏହି ସର୍ବପୁରାତନ ମହୋତ୍ସବର ମୁଖ୍ୟଆକର୍ଷଣ ହରିହର ଭେଟ ଆସନ୍ତା ୨୧ ତାରିଖ ଗୁରୁବାର ଆୟୋଜିତ ହେବାକୁ ଥିବାରୁ ଏହିଦିନ ଜନସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ, ଦେବୋତ୍ତର ବିଭାଗ, ବିଭିନ୍ନ ମନ୍ଦିର କମିଟି ସହ ନାମଯଜ୍ଞ କମିଟିଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷକରି ଆଲୋକସଜ୍ଜା, ପାନୀୟ ଜଳ ଯୋଗାଣ, ପରିମଳ ତଥା ଶାନ୍ତିଶୃଙ୍ଖଳା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଝଡବର୍ଷା ଯୋଗୁଁ ରବିବାର ସନ୍ଧ୍ୟାରେ ବିପର୍ଯ୍ୟସ୍ତ ହୋଇପଡିଥିବା ସାଜସଜ୍ଜାକୁ ସୁବ୍ୟବସ୍ଥିତ କରିବା ପାଇଁ ସୋମବାର ଯାତ୍ରା କମିଟି ପକ୍ଷରୁ ପଦକ୍ଷେପ ନିଆଯାଇଛି।



ଦୋଳଯାତ୍ରା ଉପଲକ୍ଷେ ୩୬ପ୍ରହର ନାମଯଜ୍ଞ ପାଇଁ ବୀରମହାରାଜପୁର ବସ୍ତିରେ କଳସ ଶୋଭାଯାତ୍ରା।

### ଘରଡିହ ପଟ୍ଟା ମିଳିବାରେ ବିଳମ୍ବ

## ଭୂମିହୀନଙ୍କ ଭୋଟ ବର୍ଜନ ଚେତାବନୀ

**ସୋନପୁର, ୧୮।୩(ନି.ପ୍ର)**

ସହରରେ ରହୁଥିବା ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରାଯିବନି। ଜାଗା ମିଶନରେ ସେମାନଙ୍କୁ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ କରାଯିବ। ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ସୁବର୍ଣ୍ଣପୁର ସହରରେ ଏହି ପଟ୍ଟା ପ୍ରଦାନରେ ବିଳମ୍ବ ହେଉଛି। ଏଥିସକାଶେ ମ୍ୟୁନିସିପାଲିଟିର ୪, ୬, ୮, ୯ ଓ ୧୦ ନଂ ୱାର୍ଡରେ ରହୁଥିବା ଶତାଧିକ ଭୂମିହୀନ ପରିବାର ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସହରର ମଝିପଡା ବିଦ୍ୟାଳୟ ନିକଟରେ ଭୂମିହୀନ ପରିବାରର ମହିଳାମାନେ ସୋମବାର ଏକତ୍ରିତ ହୋଇ ପ୍ରଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିର୍ବାଚନ ପୂର୍ବରୁ ଘରଡିହ ପଟ୍ଟା ନ ମିଳିଲେ ସେମାନେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସରକାରୀ ଜମିରେ ଘର କରି ରହିଥିବା କିଛି ଭୂମିହୀନଙ୍କ ସମ୍ପର୍କରେ ପ୍ରଶାସନ ସର୍ଭେ କରି ନଥିବା ମଧ୍ୟ ଅଭିଯୋଗ ହୋଇଥିଲା। ସେହିପରି ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ଆଳ ଦେଖାଇ ପ୍ରଶାସନ ପଟ୍ଟା ବଣ୍ଟନ ବନ୍ଦ କରିବା ଘଟଣାକୁ ସେମାନେ ନାପସନ୍ଦ କରିଥିଲେ। ଏହି ମେଳିରେ ଜ୍ୟୋତିର୍ମୟୀ ରଥ ନେତୃତ୍ୱ ନେଇଥିଲେ। ଭୂମିହୀନ ସ୍ନେହଲତା ପାଲ, ସୁରବି ଜୈନ, ସୁରଭି ପାଣ୍ଡେ, ତୁଳା ଛନ୍ଦ, ସନ୍ଧ୍ୟାରାଣୀ ପଧାନ, କୁନି ମହାରଣା, ସ୍ନେହଲତା ମହାରଣା, କଳ୍ପନା ମହାରଣା, ଉର୍ମିଳା ମହାରଣା, ପ୍ରତିମା ସାହୁ, ଗୋଲାପି ସେଠୀ, ଦୀପାଲି ନାଏକ, ସେହେଲା ବିବି, ଦିଲସାନ ବିବି, ପୁଷ୍ପାଞ୍ଜଳି ଗୁପ୍ତା, କବିତା ଦେହୁରୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସୂଚନାଯୋଗ୍ୟ ଯେ, ଗତ ୧୨ତାରିଖରେ ଖଦାଳପଡାର ଭୂମିହୀନ ମହିଳାମାନେ ପଟ୍ଟା ବଣ୍ଟନରେ ପାତରଅନ୍ତର କରାଯାଉଥିବା ଅଭିଯୋଗ କରି ମ୍ୟୁନିସିପାଲିଟି ଅଫିସ ମୁଖ୍ୟ ଫାଟକରେ ତାଲା ପକାଇଥିଲେ ।



ଭୂମିହୀନ ପରିବାରର ମହିଳାମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ

# କାମ କରିବାର ୪ ମାସ ପରେ ବି ମିଳୁନି ପ୍ରାପ୍ୟ

- ଧାନ କିଣାରେ ହେମାଲି ହଟହଟା
- ୫୦ ହେମାଲିଙ୍କ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବାକି
- ଜିଲାପାଳଙ୍କୁ ଦେଖାକଲେ ଶ୍ରମିକ

ନୂଆପଡା ଅଫିସ,୧୮।୩

ସରକାର ସବୁବେଳେ ଶ୍ରମିକ ଶ୍ରେଣୀର ଲୋକଙ୍କୁ ଠିକ ସମୟରେ ରୋଜଗାର ଦେବା ସହ ଠିକ ପ୍ରାପ୍ୟ ଦେବାର ପ୍ରତିଶ୍ରୁତି ଦେଉଛନ୍ତି । ହେଲେ ତାହା ପ୍ରକୃତ ପକ୍ଷେ କାର୍ଯ୍ୟକାରୀ ହେଉନାହିଁ । ତାର ଏକ ଉଦାହରଣ ଏଠାରେ ଦେଖିବାକୁ ମିଳିଛି । ଜିଲା ଯୋଗାଣ ବିଭାଗ ତରଫରୁ ଚଳିତ ଖରିଫ ଋତୁରେ ଧାନକିଣା କାର୍ଯ୍ୟକ୍ରମରେ ନିୟୋଜିତ ଶ୍ରମିକମାନେ କାମ କରିବାର ଆଜିକୁ ଚାରି ମାସ ଗଡିଯିବ ହେଲେ ପାରିଶ୍ରମିକ ପାଇ ନ ଥିବା ଚର୍ଚ୍ଚା ବିଷୟ ହୋଇଛି । ଏହି ବାବଦକୁ କାମ କରିଥିବା ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବାକି ପଡିଥିବା କୁହାଯାଇଛି। ଭୋକଉପାସରେ ଦିନ କାଟୁଥିବା ଶ୍ରମିକମାନେ ଶେଷରେ ଜିଲାପାଳଙ୍କୁ ଦେଖା କରି ଗୁହାରୀ କରିଥିବାବେଳେ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ମଧ୍ୟ ଜଣାଇଛନ୍ତି।

ପ୍ରକାଶ ଯେ, ଜିଲା ବ୍ୟାପି ଜିଲା ଯୋଗାଣ ବିଭାଗ ଦ୍ୱାରା ୬୧ଟି ମଣ୍ଡିରେ ଧାନ କିଣାଯାଇଥିଲା। ଏହି ମଣ୍ଡିଗୁଡିକରେ ଶ୍ରମିକ (ହେମାଲି)ମାନଙ୍କୁ ନିୟୋଜିତ କରାଯାଇଥିଲା। ଗତବର୍ଷର ମଜୁରି ତାଲିକା ଅନୁଯାୟୀ ଶ୍ରମିକମାନଙ୍କୁ ବସ୍ତା ପିଛା ୧୧ ଟଙ୍କା ଦିଆଯିବା କଥା । ହେଲେ ଶ୍ରମିକମାନଙ୍କୁ ତାହା ଦିଆଗଲା ନାହିଁ । ଧାନକିଣା ଦିନ ପରେ ଦିନ ଗଡିଚାଲିଲା । ଏହି ବର୍ଷର ନୂତନ ମଜୁରି ଦର ଆସି ନ ଥିବା ଦର୍ଶାଇ ଶ୍ରମିକମାନଙ୍କୁ କିଛି ଅଗ୍ରିମ ଦେଇ ପ୍ରଶାସନ ମୁହଁ ବନ୍ଦ କରିଦେଇଥିଲା । ଶେଷରେ ମାତ୍ର ୮ ଟଙ୍କା ୫୦ ପଇସା ହିସାବରେ ମଜୁରି ଦିଆଯିବ ବୋଲି କୁହାଯାଇଥିଲା । ସେଠାରୁ ଶ୍ରମିକମାନେ ଏହାକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ ମଜୁରି ନ ମିଳିଲେ ମରିଯିବୁ ପଛେ ନେବୁନାହିଁ ବୋଲି ଶ୍ରମିକମାନେ କହିଛନ୍ତି। ଜିଲାର ଧରମବନ୍ଧା ଏବଂ ମୋଟା ନୂଆପଡା ମଣ୍ଡିରେ କାମ କରିଥିବା ଶ୍ରମିକମାନେ ଶେଷରେ ସୋମବାର ନୂଆପଡା ଆସି ଜିଲାପାଳଙ୍କୁ ଭେଟିଥିଲେ । ଜିଲାପାଳ ଡା.ପୋମା ଟୁଡୁ ଏ ବିଷୟରେ ଜିଲା ଯୋଗାଣ ଅଧିକାରୀଙ୍କୁ ଦେଖା କରି ସମସ୍ୟା ସମ୍ପର୍କରେ ଅବଗତ କରିବାକୁ କହିଥିବାବେଳେ ଏହାର ସମାଧାନ କରିବାକୁ ଜିଲାପାଳ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ପରେ ଶ୍ରମିକମାନେ ଜିଲା ଯୋଗାଣ ଅଧିକାରୀଙ୍କୁ ଦେଖା କରି ଦାବିପତ୍ର ପ୍ରଦାନ କରିଛନ୍ତି । ସେଭଳି ଧରମବନ୍ଧା, ମୋଟା ନୂଆପଡା, ସାରାବଙ୍ଗ, ଖରିଆରରୋଡ ମଣ୍ଡିରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଜୁରି ବାକି ପଡିଥିବା ଧରମବନ୍ଧା ସେବା ସମବାୟ ସମିତି ସଭାପତି ତଥା ଧରମବନ୍ଧା ସରପଞ୍ଚ ଓମପ୍ରକାଶ କଳାର କହିଛନ୍ତି। ଏହାର ତୁରନ୍ତ ସମାଧାନ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କହିଛନ୍ତି। ଶ୍ରମିକମାନଙ୍କ ମଧ୍ୟରେ କାର୍ତ୍ତିକ ରାମ କେଉଁଟ, ଗୌର ରାଉତ, ଧନୁ ସାହୁ, ବିଷ୍ଣୁ ସତନାମୀ, ଛବି ସାହୁ, ଘନ ସାହୁ, ଖେମରାଜ ମାଝି ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।




ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଗୁହାରି କରିବାକୁ ଆସିଥିବା ଶ୍ରମିକମାନେ ।

## ସଂକ୍ଷେପରେ

### ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନ ୫ଜଣ ନାମାଙ୍କନ ପତ୍ର ନେଲେ

ନୂଆପଡା ଅଫିସ,୧୮।୩

ସୋମବାର ସାଧାରଣ ନିର୍ବାଚନ ସକାଶେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିନ ଥିଲା। ଏହି ଦିନ ଜିଲାର ଦୁଇଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ୫ଜଣ ନାମାଙ୍କନପତ୍ର ନେଇଛନ୍ତି। ଏମାନଙ୍କ ମଧ୍ୟରୁ ନୂଆପଡା (୭୧) ସକାଶେ କଂଗ୍ରେସରୁ ଘାସିରାମ ମାଝି ଏବଂ ଖଡିଆଳ(୭୨) ସକାଶେ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ତରଫରୁ ନାମାଙ୍କନ ପତ୍ର ନିଆଯାଇଛି । ସେହିଭଳି ନୂଆପଡା ବିଧାନସଭା ସକାଶେ ସ୍ୱାଧୀନ ପ୍ରାର୍ଥୀ ଭାବେ ସୁରେନ୍ଦ୍ର ପଣ୍ଡା (ନୂଆପଡା), ସୁରେଶ କୁମାର ଗୁପ୍ତା (ଖରିଆରରୋଡ) ଏବଂ ହେମ କୁମାର ସାହୁ (ଢୁମେରପାଣି) ପ୍ରାର୍ଥୀ ପତ୍ର ନେଇଥିବା ପ୍ରକାଶ। ପ୍ରାର୍ଥୀପତ୍ର ଦାଖଲର ପ୍ରଥମ ଦିନରେ ଗୋଟିଏ ହେଲେ ପ୍ରାର୍ଥୀ ପତ୍ର ଦାଖଲ ହୋଇ ନ ଥିବା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ପ୍ରଥମ ଦିନରେ ପ୍ରାର୍ଥୀପତ୍ର ବିକ୍ରି କିମ୍ବା ଦାଖଲ ସକାଶେ ନିର୍ଦ୍ଧାରିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏକ ପ୍ରକାର ଶୂନଶାନ ରହିଥିଲା। ପ୍ରୋକ୍ତ ଦଳର ନେତୃବର୍ଗଙ୍କ ତରଫରୁ ତାଙ୍କ ସମର୍ଥକମାନେ ଆସି ଏହି ପ୍ରାର୍ଥୀପତ୍ର ସବୁ ଗ୍ରହଣ କରି ନେଇଥିବା ପ୍ରକାଶ।

### ବିଜେଡିରୁ ପୁଣି ପ୍ରାର୍ଥୀ ହେଲେ ଦିବ୍ୟ ଶଙ୍କର

ଜୁନାଗଡ,୧୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ପୁଣିଥରେ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଥରେ ପ୍ରାର୍ଥୀ ହୋଇଛନ୍ତି। ସୋମବାର ବିଜେଡି ପ୍ରଥମ ପର୍ଯ୍ୟାୟ ବିଧାନସଭା ପାଇଁ ପ୍ରାର୍ଥୀ ତାଲିକା ଘୋଷଣା ପରେ କଳାହାଣ୍ଡି ଜିଲାର ଭବାନୀପାଟଣା, ନର୍ଲା ଓ ଧର୍ମଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଥିବା ବେଳେ ଏଠାରେ କିନ୍ତୁ ପରିବର୍ତ୍ତନ କରାଯାଇନାହିଁ। ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଭରସା କରି ଦଳ ପୁଣି ଥରେ ପ୍ରାର୍ଥୀ ହେବା ପାଇଁ ସୁଯୋଗ ଦେଇଛି। ଏ ସମ୍ପର୍କରେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କୁ ପଚାରିବାରୁ ଜୁନାଗଡ ନିର୍ବାଚନମଣ୍ଡଳୀ ବାସୀଙ୍କ ଭଲ ପାଇବା ଆର୍ଶୀବାଦ ଯୋଗୁ ଦଳ ପୁଣି ଥରେ ମୋତେ ଭରସା କରି ଲଢିବା ପାଇଁ ସୁଯୋଗ ଦେଇଛି। ଏଥିପାଇଁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ହୃଦୟର ସହ ଧନ୍ୟବାଦ ଜ୍ଞାପନ କରୁଛି। ଗତ ୫ବର୍ଷରେ ମୁଁ ଯେଉଁ ସବୁ ଜନହିତକର କାର୍ଯ୍ୟ କରିଛି ତାହା ନିଶ୍ଚିତ ଭାବେ ଏଥର ଭୋଟରଙ୍କୁ ଆକୃଷ୍ଟ କରିବ। ନବୀନ ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ମନକୁ ଛୁଇଁଛି । ଯାହାକି ଆସନ୍ତା ନିର୍ବାଚନରେ ପ୍ରଭାବ ପକାଇବ ଓ ଦଳକୁ ବିଜୟୀ କରାଇବ ବୋଲି ସେ କହିଛନ୍ତି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ଦୁଇ ପତ୍ରରୁ ବାସେ,**
**ବିଛୁଆତି ଦୁଇପତ୍ରରୁ କୁଣ୍ଡାଇ ହୁଏ ।**

ସାଧାରଣତଃ ଭବିଷ୍ୟତରେ କିଏ ଭଲ ମଣିଷ ହେବ କି ମନ୍ଦ ହେବ ତାହା ପିଲାଦିନର କେତେକ ଘଟଣାରୁ ସ୍ପଷ୍ଟ ରୂପେ ଜଣାପଡ଼ିଯାଇଥାଏ। ହାବଭାବ ତଥା ଚାଲିଚଳଣରୁ ତା'ର ସ୍ୱଭାବ ବିଷୟରେ ସମ୍ୟକ ଧାରଣା ସୃଷ୍ଟି ହୋଇଥାଏ। ଯାହାର ଯେପରି ଗୁଣ ତାହା ମୂଳରୁ ବା ପ୍ରଥମରୁ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ତେଲି ଘର ଗୋରୁ,**
**ଘଣା ଓଟରାରୁ ଲନ୍ଦନ ଗୁରୁ ।**

ତେଲି ଘରେ ରହୁଥିବା ବଳଦ ତେଲ ଘଣା ପେଲିଥାଏ। ଯଦି ତେଲ ପେଡ଼ିବାର କାର୍ଯ୍ୟ ନ ଥାଏ ତା'ହେଲେ ଶଗଡ଼ ବୁହା ଭଳି ଅନ୍ୟ କାର୍ଯ୍ୟରେ ଲାଗିଥାଏ ବା ଯଚାଯାଇଥାଏ । ତେଲିଘର ଗୋରୁ ପରି ଅନ୍ୟ ତୃତୀୟ ବିକଳ୍ପ ପନ୍ଥା ନ ଥିବା ଅସହାୟ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# କଂଗ୍ରେସର ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ

ଭବାନୀପାଟଣା,୧୮।୩(ଡି.ଏନ.ଏ.)



କଂଗ୍ରେସର ହେବିୱେଟ୍ ନେତା କଳାହାଣ୍ଡିର ପୂର୍ବତନ ଏମ୍‌ପି ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଆଗାମୀ ସାଧାରଣ ନିର୍ବାଚନରେ କୌଣସି ବିଧାନସଭା କିମ୍ବା ଲୋକସଭା ପାଇଁ ନିର୍ବାଚନ ଲଢିବେ ନାହିଁ ବୋଲି ରବିବାର ସନ୍ଧ୍ୟାରେ କହିଛନ୍ତି । ବର୍ତ୍ତମାନ ଓଡିଶାରେ କଂଗ୍ରେସର ସାଙ୍ଗଠନିକ ସ୍ଥିତିକୁ ଆହୁରି ମଜଭୁତ କରିବା ପାଇଁ କାର୍ଯ୍ୟ କରିବେ ବୋଲି ପଟ୍ଟନାୟକ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଓ ବିରୋଧି ଦଳର ନେତା ନରସିଂହ ମିଶ୍ରଙ୍କୁ ଜଣାଇ ଦେଇଛନ୍ତି ବୋଲି କହିଛନ୍ତି। ଏହି ଘଟଣା ଜଣାପଡିବା ପରେ ଓଡିଶା ରାଜନୀତିରେ ଏବେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଗତ କିଛି ଦିନ ହେଲା ବିଶେଷ କରି କଂଗ୍ରେସ, ବିଜେଡି ଓ ଭାଜପାର ପ୍ରାର୍ଥିଚୟନ କସରତ ଓ ଦଳ ଡିଆଁ ରାଜନୀତି ଏବେ ଯୋର ଧରିଛି। ଏହି ସବୁର ପ୍ରଭାବ କଳାହାଣ୍ଡି ଜିଲାରେ ଦେଖିବାକୁ ମିଳିଛି । ଗତ କିଛି ଦିନ ହେଲା କଂଗ୍ରେସ ଓ ବିଜେଡି ଦଳର କିଛି ନେତା ନିଜ ଦଳ ଛାଡି ପଦ୍ମର ହାତ ଧରି ଥିବା ବେଳେ ଆଉ କିଛି ନେତା ଦଳୀୟ ପ୍ରାର୍ଥି ଘୋଷଣାକୁ ଅପେକ୍ଷା କରିଛନ୍ତି । ଏହାରି ଭିତରେ ଓଡିଶାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ୯ଟି ଲୋକସଭା ଓ ୬୩ଟି ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥିମାନଙ୍କ ତାଲିକା ଗତ ୧୬ ତାରିଖରେ ଦିଲ୍ଲୀରେ ବସିଥିବା ସ୍କ୍ରିନିଂ କମିଟିରେ ସ୍ଥିର କରିସାରିଛି। ପ୍ରକାଶ ଯୋଗ୍ୟ ଯେ, ପଟ୍ଟନାୟକ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ଧରି ଛାତ୍ର ନେତା, ଯୁବ ସମାଜ ଗଠନ କରିବା ସହ କଂଗ୍ରେସରେ ନିରବଚ୍ଛିନ ଭାବେ ନିଷ୍ଠାର ସହିତ କାର୍ଯ୍ୟକରି ଆସୁଛନ୍ତି। ୧୯୮୫ରେ ସେ କଳାହାଣ୍ଡି ଲୋକସଭା ନିର୍ବଚନରେ ପ୍ରତିଦ୍ୱନ୍ଦ୍ୱିତା କରି କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓଙ୍କୁ ହରାଇ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।





ନବୀନ ନିବାସରେ ନୂଆପଡା ଏବଂ ଖଡିଆଳ ବିଧାନସଭା ନିର୍ବାଚନମଣ୍ଡଳୀ ସକାଶେ ପ୍ରାର୍ଥୀପତ୍ର ଘୋଷଣା ପରେ ଦୁଇ ନେତା ରାଜେନ୍ଦ୍ର ଢୋଲକିଆ ଏବଂ ଖଡିଆଳରୁ ଲମ୍ବୋଦର ନିଆଲଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଛି ।

# ଯାଞ୍ଚ ବେଳେ କାରରୁ ୩ ଲକ୍ଷ ଟଙ୍କା ଜବତ, ୨ ଅଟକ

ଜମନକିରା,୧୮।୩ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଜପୁର ଛକରେ ସୋମବାର ଅପରାହ୍ନ ସାଢ଼େ ୧୨ଟାରେ ଜମନକିରା ପୋଲିସର ସ୍ୱତନ୍ତ୍ର ସ୍କାଡ଼ ଏକ କାରରୁ ୩ ଲକ୍ଷ ୧୩ ହଜାର ଟଙ୍କା ଜବତ କରିଛି। ଗାଡିରେ ଥିବା ୨ ଜଣ ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି। ପୋଲିସର ସୂଚନା ଅନୁସାରେ, ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ ଆଚରଣ ବିଧି ଲାଗୁ ହେଲାପରେ ଯାଞ୍ଚ ପାଇଁ ସ୍ୱତନ୍ତ୍ର ସ୍କାଡ଼ ଗଠନ କରଯାଇଛି। ସୋମବାର ଜମନକିରା ପୋଲିସର ଏକ ସ୍କାଡ଼ ଭୋଜପୁରରେ ଗାଡିମୋଟର ଯାଞ୍ଚ କରୁଥିଲା। ଏତିକିବେଳେ ସମ୍ବଲପୁର ପଟୁ ଏକ କାର୍ (ଓଡ଼ି ୧୫ଏଫ୍ ୬୫୦୧) କୁଚିଣ୍ଡା ଅଭିମୁଖେ ଯାଉଥିଲା। ପୋଲିସ ଅଟକାଇ ଯାଞ୍ଚ କରିବାରୁ ଗାଡିରୁ ୩ ଲକ୍ଷ ୧୩ ହଜାର ଟଙ୍କା ମିଳିଥିଲା। ତେବେ ଗାଡି ଧରା ପଡ଼ିଥିବା ସ୍ଥାନଟି କୁଚିଣ୍ଡା ଥାନା ଅଧୀନରେ ଯାଉଥିବା ଯୋଗୁ କୁଚିଣ୍ଡା ପୋଲିସକୁ ହସ୍ତାନ୍ତର କରାଯାଇଛି। ଗାଡ଼ିରେ ଗରିଆବାହାଲ ଗାଁର ରାହୁଲ ପଟେଲ (୨୭) ଓ ତାଙ୍କ ବାପା ନରେନ୍ଦ୍ର ପଟେଲ (୬୦) ବସିଥିବା ପୋଲିସ କହିଛି। ସ୍ୱତନ୍ତ୍ର ସ୍କାର୍ଡ଼ରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ରମେଶ ପଟେଲ, ଏଏସ୍‌ଆଇ ସୁଧୀର କୁମାର ମହାକୁଲ ଓ ତିନି ଜଣ କନଷ୍ଟେବଳ ସାମିଲ ଥିଲେ।

# ବିଜେଡି ତରଫରୁ ପ୍ରାର୍ଥୀପତ୍ର ଘୋଷିତ, ସମର୍ଥକଙ୍କ ମଧ୍ୟରେ ଖୁସି

ନୂଆପଡା ଅଫିସ,୧୮।୩

ନୂଆପଡା ଜିଲାର ଦୁଇଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ପ୍ରାର୍ଥୀପତ୍ର ଚୟନକୁ ନେଇ ସପ୍ତାହେ ହେବ ଛକାପଞ୍ଝା ଚାଲିଥିବାବେଳେ ୩ଟି ପ୍ରମୁଖ ଦଳ ମଧ୍ୟରୁ କଂଗ୍ରେସର ଏକ ପ୍ରକାର ଠିକ ହୋଇଥିଲା। ବିଜେଡି ଏବଂ ଭାଜପା ତରଫରୁ ଚୂଡାନ୍ତ ହୋଇପାରି ନ ଥିଲା । ଏହାକୁ ନେଇ ରାଜଧାନୀରେ ବିଜେଡିର ପ୍ରମୁଖ ନେତାମାନେ ଡେରା ପକାଇ ରହିଥିଲେ। ଶେଷରେ ସବୁ ଗଣିତର ଅବସାନ ଘଟାଇ ରାଜ୍ୟ ବିଜେଡି ସୁପ୍ରିମୋ ପ୍ରଥମ ପର୍ଯ୍ୟାୟ ତାଲିକା ଘୋଷଣା କରିଛନ୍ତି । ଏଥିରେ ନୂଆପଡା (୭୧)ରୁ ରାଜେନ୍ଦ୍ର ଢୋଲକିଆ ଏବଂ ଖଡିଆଳ (୭୨)ରୁ ଲମ୍ବୋଦର ନିଆଲଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ଏହି ଘୋଷଣା ପରେ ଉଭୟ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ଦେଖାଯାଇଛି । ଏମାନେ ଆସନ୍ତା ୨୨ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବାକୁ ତାଥି ନିର୍ଦ୍ଧାରଣ କରିଥିବା ଦଳୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ

# ମିଡିଆ ସାର୍ଟିଫିକେସନ୍ ଆଣ୍ଡ ମନିଟରିଂ ସେଲ୍ ଖୋଲିଲା

ଭବାନୀପାଟଣା,୧୮।୩ (ଡି.ଏନ.ଏ.)

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାରତୀୟ ନିର୍ବାଚନ କମିଶନଙ୍କ ଗାଇଡ ଲାଇନ୍ ଅନୁଯାୟୀ କଳାହାଣ୍ଡି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ମିଡିଆ ସାର୍ଟିଫିକେସନ୍ ଆଣ୍ଡ ମନିଟରିଂ ସେଲ୍ କାର୍ଯ୍ୟକ୍ଷମ ଆରମ୍ଭ ହୋଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଡା. ପରାଗ ହର୍ଷଦ ଗାଭିଲ ଅଧ୍ୟକ୍ଷ ଥିବା ବେଳେ ଅତିରିକ୍ତ ଜିଲାପାଳ ତଥା ଜିଲା ସହକାରୀ ନିର୍ବାଚନ ଅଧିକାରୀ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଭାରତ ସରକାରଙ୍କ ଫିଲ୍ଡ ପବ୍ଲିସିଟି ଅଫିସର, ଜିଲା ଇ-ଗଭରେନ୍ସ ଅଧିକାରୀ ଓ ବରିଷ୍ଠ ଖବରଦାତା ଉମାଶଙ୍କର କର ସଦସ୍ୟ ଥିବା ବେଳେ ଆବାହକ ଦାୟିତ୍ୱରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବିର ସିଂହ ରହିଛନ୍ତି। ମିଡିଆ ସେଲ ପ୍ରକୋଷ୍ଠରେ ଟିଭି, କମ୍ପ୍ୟୁଟର ଓ ସମସ୍ତ ଛାପା ଖବର କାଗଜ ରହିବ। ସେହିପରି ବିଭିନ୍ନ ପ୍ରାର୍ଥୀଙ୍କ ସମ୍ପର୍କରେ ପ୍ରିଣ୍ଟ ମିଡିଆ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଖବରଗୁଡିକ ଏହି ମନିଟରିଂ ସେଲ୍ ଯାଞ୍ଚ କରିବ। ଯାଞ୍ଚ ସମୟରେ ଯଦି ଜଣାପଡେ କୌଣସି ପ୍ରାର୍ଥୀ ସମ୍ପର୍କରେ ଲୋକମାନେ ପ୍ରଭାବିତ ହେଲା ଭଳି ଖବର ପ୍ରକାଶ ପାଇଥିବ ତେବେ ତାହାକୁ ପେଡ୍ ନ୍ୟୁଜ୍ ବୋଲି ଧରାଯିବ। କମିଟି ଉକ୍ତ ନ୍ୟୁଜକୁ ଅନୁଧ୍ୟାନ କରିବା ପରେ ସମ୍ପୃକ୍ତ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚରେ ଉକ୍ତ ନ୍ୟୁଜ୍‌କୁ ଅନ୍ତର୍ଭୁକ୍ତ କରାଯିବ। ପ୍ରତେକ ରାଜନୈତିକ ଦଳ ଓ ତାହାର ପ୍ରାର୍ଥୀମାନେ କୌଣସି ବିଦ୍ୟୁତ୍ ଗଣମାଧ୍ୟମ କିମ୍ବା ସୋସିଆଲ ମିଡିଆରେ ରାଜନୈତିକ ସମ୍ପର୍କୟ ବିଜ୍ଞାପନ ଦେବା ପୂର୍ବରୁ ଏହି ଏମସି ଏମସି କମିଟି ନିକଟରେ ଆବେଦନ କରିବେ। ଉକ୍ତ ଆବବେଦନକୁ ଜିଲାପାଳ ଯାଞ୍ଚ କରିବା ପରେ ପ୍ରମାଣପତ୍ର ନେଇ ବିଜ୍ଞାପନ ପ୍ରକାଶିତ କରିପାରିବେ ବୋଲି ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସିଂହ ପ୍ରକାଶ କରିଛନ୍ତି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF: MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କସିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

DANCE CLASS
Ollywood Choreographer
Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ପ୍ରଥମ ଦିନରେ ଗୋଟିଏ ବି ନାମାଙ୍କନପତ୍ର ପଡିଲାନି

ଧର୍ମଗଡ,୧୮।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡରେ ଦୁଇଗୋଟି ନିର୍ବାଚନ ମଣ୍ଡଳୀ ପାଇଁ ଧର୍ମଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ସୋମବାର ପ୍ରଥମ ଦିନରେ ନାମାଙ୍କନ ଦାଖଲ କରିବାକୁ କେହି ଆସି ନ ଥିବା ଉପଜିଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ସୋମବାର ସୁଦ୍ଧା କେବଳ ବିଜେଡି ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଅନ୍ୟପକ୍ଷେ କଂଗ୍ରେସ ଓ ଭାଜପା ନିଜର ପ୍ରାର୍ଥୀ ତାଲିକା ଚୁଡାନ୍ତ କରିପାରିନାହାନ୍ତି ।



### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପଲମ,୧୮।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ଲାଖପଦର ଗୁଡିପଟା ଗ୍ରାମରେ ଗତ ୧୬ ତାରିଖରୁ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ନାମଯଜ୍ଞରେ ୯ଟି ସଂକିର୍ତ୍ତନ୍ୟ ଦଳ ଯୋଗଦାନ କରିଥିଲେ । ଯଜ୍ଞ କର୍ତ୍ତା ଭାବେ ବିଜୟ ଭୋଇ ଓ କଳ୍ପନା ଭୋଇ ପୂଜାର୍ଚ୍ଚନା କରିଥିବା ବେଳେ ସପ୍ତରଷି ଭାବେ ବିଷ୍ଣୁ ମାଝି, ପଦ୍ମଲୋଚନ ପୋଡ, ଶ୍ରୀଧର ପୋଡ, ଭିମସେନ ମାଝି, କଳାକାର ମାଝି, ସୀମାଞ୍ଚଳ ପୋଡ ରହି ପୂଜା କାର୍ଯ୍ୟ ପରିଚାଳିତ କରିଥିଲେ । ପୂଜକ ଭାବେ ବିଷ୍ଣୁ ପଣ୍ଡା ରହିଥିବା ବେଳେ ଜପକ ଭାବେ ଧୃରେନ୍ଦ୍ର ରଥ ଓ ଭୋଗ ପାଚକ ଭାବେ ମଧୁସୁଦନ ପାଢୀ ରହି ଭଗବାନ ଶ୍ରୀ ବାସୁଦେବଙ୍କ ପୂଜା କାର୍ଯ୍ୟ କରିଥିଲେ । ଯଜ୍ଞ କମିଟି ସଭାପତି ବୈଦ୍ୟନାଥ କରୁଆଁ ଓ ସମ୍ପାଦକ ଅଜିତ କରୁଆଁ ନାମଯଜ୍ଞର ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଏହି ଯଜ୍ଞ କାର୍ଯ୍ୟ ଗ୍ରାମବାସୀଙ୍କ ମିଳିତ ଉଦ୍ୟମ ତଥା ସହଯୋଗରେ ପାଳନ କରାଯାଇଥିଲା। ପ୍ରତ୍ୟେକ ସଂକିର୍ତ୍ତନ୍ୟ ଦଳ ଗାୟକଙ୍କୁ ଗ୍ରାମବାସୀଙ୍କ ତରଫରୁ ଉପଢୌକନ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା

### ବାଲି ଚୋରା ଚାଲାଣ, ୨ ଟ୍ରାକ୍ଟର ଜବତ

କୋଲାବିରା,୧୮।୩(ଡି.ଏନ.ଏ.)
କୋଲାବିରା ତହସିଲ ପରମାଣପୁର ପଞ୍ଚାୟତ ଅନ୍ତର୍ଗତ ତେଲେନ ନଦୀ ପୁଡାମାଲ ବାଲିଶଯ୍ୟାରୁ ବାଲି ଚୋରା ଚାଲାଣ ବେଳେ ଧରା ପଡିଛି। କୋଲାବିରା ତହସିଲଦାର ସଞ୍ଜୀବ କୁମାର ପଟେଲ ଚଢାଉ ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ପରେ ଏହାକୁ ପୋଲିସ ଜିମା ଦିଆ ଯାଇଛି।

# ବେଆଇନ ଭାବେ ଚାଲିଛି ଇଟାଭାଟି

## ▪ ବଢୁଛି ବାୟୁ ପ୍ରଦୂଷଣ, ତାତି: କାର୍ଯ୍ୟାନୁଷ୍ଠାନ ଶୂନ

ଭବାନୀପାଟଣା,୧୮।୩(ଡି.ଏନ.ଏ.)



ଭବାନୀପାଟଣା ସହରର ଆଖପାଖ ଅଞ୍ଚଳରେ ଖରାଦିନରେ ଆଶାତୀତ ଭାବେ କେତେକ ଲାଭଖୋର ଇଟା ବ୍ୟବସାୟୀମାନଙ୍କ ଯୋଗୁ ବାୟୁ ପ୍ରଦୂଷଣ ସହିତ ତାତି ମାତ୍ରାଧିକ ପରିମାଣରେ ବଢିବାରେ ଲାଗିଛି। ସଗଡା ପଞ୍ଚାୟତ ମୁର୍ଲିଜୋର, ଚାଞ୍ଚେର, ଦୁଆରସୁନୀ ପଞ୍ଚାୟତର ବିଭିନ୍ନ ପାହାଡ ତଳି ଅଞ୍ଚଳ, ରିଶିଗାଁ, ପାଟତୋଳା, ଗଣ୍ଡବାନ୍ଧୋପଲା, କନ୍ଦବାନ୍ଧୋପଲା, ସିଙ୍ଘଂଝରଣ, କାମଠଣା, ଦାଦପୁର, ଦେପୁର ଆଦି ଅଞ୍ଚଳରେ ବେଆଇନ ଭାବେ ଇଟା ବେପାରୀମାନେ ଶ୍ରମିକମାନଙ୍କୁ ଲଗାଇ ଇଟା ତିଆରି କରୁଛନ୍ତି । ବିଭିନ୍ନ ଜଙ୍ଗଲରୁ ବ୍ୟାପକ ଭାବରେ କାଠ କାଟି ଇଟାଭାଟି ଜଳାଉଛନ୍ତି। ଏହାରି ଫଳରେ ବିଭିନ୍ନ ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ଗରମ ଧୂଆଁରେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ପିଚୁରାସ୍ତା କଡରେ ବେଆଇନ ଭାବେ ଏହି ଇଟାଭାଟି ଗଢି ଉଠିଥିବା ବେଳେ ସେହି ବାଟ ଦେଇ ତହସିଲଦାର, ଆରଆଇ, ବନ ବିଭାଗ କର୍ମଚାରୀମାନେ ଯାତାୟାତ କରୁଥିଲେ ମଧ ସମ୍ପୃକ୍ତ ଇଟାଭାଟି ମାଲିକମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସାଧାରଣ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କଞ୍ଚାଇଟାକୁ ପୋଡିବା ଲାଗି କାଠ ଦରକାର ପଡୁଥିବାବେଳେ ଗାଁ ଗହଳିରେ ଥିବା ବଡ ବଡ ଗଛମାନଙ୍କୁ କାଟି ଇଟାଭାଟି ଜାଳିବାରେ ବ୍ୟବହାର କରାଯାଉଛି। ଫଳରେ ଗଛ ସଂଖ୍ୟା କମିବାରେ ଲାଗିଛି। ଇଟାଭାଟିରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷଣ କରିବା ସହ ଏଥିରେ ସ୍ଥାନୀୟ ଲୋକେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ରାଜସ୍ୱ ବିଭାଗ ଓ ବିଭିନ୍ନ ବିଭାଗ କିଛି କର୍ମଚାରୀ ଲାଭଖୋର ମନୋବୃତ୍ତି ରଖି ଉକ୍ତ ଇଟା ବ୍ୟବସାୟୀଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ରାଜ୍ୟସରକାରଙ୍କ ଅଜସ୍ର ରାଜସ୍ୱ ହାନୀ ଘଟୁଥିବା ସର୍ବସାଧାରଣରେ ଅଭିଯୋଗ ହେଉଛି। ଇଟା ମାଫିଆ ଓ ରାଜସ୍ୱ କର୍ମଚାରୀମାନଙ୍କ ମଧରେ ମଧୁଚନ୍ଦ୍ରିକା ଯୋଗୁ ଭବାନୀପାଟଣା ବ୍ଲକ ଅଞ୍ଚଳରେ ଇଟାଭାଟି ବର୍ତ୍ତମାନ କୁଟୀର ଶିଳ୍ପରେ ପରିଣତ ହୋଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ସଦର ରେଞ୍ଜର ପ୍ରଶନ୍ନ କୁମାର ମିଶ୍ରଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଯୋରସୋର ଚଢାଉ ଯାରି ରହିଛି। କାଆଁ ଭାଆଁ କିଛି ଲୋକ ନିଜ ଜମିରେ ଥିବା ଗଛକାଟି ଇଟା ପୋଡୁଛନ୍ତି ବୋଲି ପ୍ରକାଶ କରିଛନ୍ତି।

# ଜୁନାଗଡ ବ୍ଲକ: ନିର୍ବାଚନ ଆଚରଣ ବିଧି ଲାଗୁ ପରେ ବି ଖୋଲିନି ହୋର୍ଡିଂ

ଜୁନାଗଡ,୧୮।୩(ଡି.ଏନ.ଏ.)

୨୦୧୯ ନିର୍ବାଚନ ତାରିଖ ଘୋଷଣା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ମତେ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ରାଜନୈତିକ ଦଳର ସରକାରୀ ପ୍ରଚାରପତ୍ର ଓ ହୋର୍ଡିଂକୁ ବାହାର କରି ଦିଆଯାଇ ଥିବାବେଳେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜୁନାଗଡ ବ୍ଲକର କିଛି ସ୍ଥାନରେ ଏବେ ବି ସରକାରୀ ହୋର୍ଡିଂ ଲାଗିଥିବା ଦେଖିବାକୁ ମିଳିଛି। ଯାହାକି ସ୍ଥାନୀୟ ପ୍ରଶାସନର ଅବହେଳାର ଏକ ନମୁନା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଜୁନାଗଡ ବ୍ଲକ ଜାରିଙ୍ଗ ଛକ ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥ କଡର ଏକ କୋଠାର କାନ୍ଥରେ ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ଏକ ହୋର୍ଡିଂ ଲାଗିଛି। ସେହିପରି କେନ୍ଦୁପାଟିଠାରେ ଥିବା ଏକ ଘରର କାନ୍ଥରେ ମଧ ସେହି ସମାନ ହୋର୍ଡିଂ ଲାଗିଛି। ନିର୍ବାଚନ ଘୋଷଣା ହେବାର ୮ଦିନ ପରେ ମଧ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ହୋର୍ଡିଂଗୁଡିକୁ ଖୋଲା ନ ଯିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ତୁରନ୍ତ ଉକ୍ତ ହୋର୍ଡିଂଗୁଡିକୁ ଖୋଲାଯିବ ବୋଲି କହିଥିଲେ।



ଜାରିଙ୍ଗ ଛକ ନିକଟରେ ଏକ ଘରର କାନ୍ଥ ଠାରେ ଲାଗିଥିବା ରାଜ୍ୟ ସରକାରଙ୍କ ହୋର୍ଡିଂ ।



ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ବିଜେଡିର ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ

କଳମପୁର,୧୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କଳମପୁର ବ୍ଲକ ଦେପୁର ମଣ୍ଡିରେ ବିଜୁ ଯୁବ ଛାତ୍ର ଜନତା ଦଳର ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଅବିନାଶ ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାକୃତିକ ଖଣିଜ ସମ୍ପଦରେ ଭରପୁର ଓଡିଶା ଦେଶର ଏକ ପ୍ରମୁଖ ଭୂମିକା ନିର୍ବାହ କରି ଆସୁଥିଲେ ମଧ୍ୟ ରାଜନୈତିକ ଆକ୍ରୋଶ ମନୋଭାବ ରଖି କେନ୍ଦ୍ର ସରକର ଓଡିଶା ପ୍ରତି ଅବହେଳା ପ୍ରଦର୍ଶନ କରୁଛି। ଗତ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ବିଜୁ ଯୁବ ଜନତା ଦଳ ପର୍ଯ୍ୟବେକ୍ଷକ ମହମ୍ମଦ ସାହିଦ, ବିଜୁ ଛାତ୍ର ଜନତା ଦଳ ପର୍ଯ୍ୟବେକ୍ଷକ ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡି ନେତା ଗଣେଶ ପଣ୍ଡା, ଯୁବ ନେତା ପରମାନନ୍ଦ ଠାକୁର, ଚନ୍ଦନ ସାହୁ ଏବଂ ବ୍ଲକ ବିଜୁ ନାରୀ ସଭାନେତ୍ରୀ ବନଜା ବାସିନୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଆମ ଅଧିକାରକୁ ସାବ୍ୟସ୍ତ କରିବାକୁ ପଡିବ କେନ୍ଦ୍ର ସରକାରଙ୍କୁ ହକ୍ ମାଗିବାକୁ ପଡିବ ବୋଲି କହିଥିଲେ । ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା, ନିଯୁକ୍ତି ପଦାନ, ମହାନଦୀ ପ୍ରସଙ୍ଗ, ଜାତୀୟ ରାଜପଥ, ଟେଲିକମ, ରେଳବାଇ, ବ୍ୟାଙ୍କସେବା, କୋଇଲା, ଶଶ୍ୟଗୁଡିକର ସର୍ବନିମ୍ନ ସହାୟକ ମୂଲ୍ୟ, ଅନୁସୂଚିତ ଜାତି, ଜନଜାତି କ୍ଷେତ୍ରରେ ଅବହେଳା କରୁଥିବା ଦର୍ଶାଇଥିଲେ। ପ୍ରତି ପଞ୍ଚାୟତକୁ ଯାଇ ଆମେ ସାଧାରଣ ଜନତାଙ୍କୁ ଏ ସମ୍ପର୍କରେ ଅବଗତ କରିବୁ ବୋଲି କହିଥିଲେ । ଚନ୍ଦ୍ରହାସ୍ୟ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡି କ୍ଷତ୍ରୀୟ ପାଇକ ସମାଜ ଭବାନୀପାଟଣା ଉପମଣ୍ଡଳ ବୈଠକ

ଭବାନୀପାଟଣା,୧୮।୩(ଡି.ଏନ.ଏ.)

ଭବାନୀପାଟଣା ତାରିଣି ମନ୍ଦିରପଡାସ୍ଥିତ ଭୈରବ ନାଏକ (ଉପକୁଳପତି)ଙ୍କ ବାସଭବନରେ କଳାହାଣ୍ଡି କ୍ଷତ୍ରୀୟ ପାଇକ ସମାଜ ଭବାନୀପାଟଣା ଉପମଣ୍ଡଳର ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ପୂର୍ବତନ କୁଳପତି ଭବାନୀଶଙ୍କର ବାଣୁଆଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ହେମନ୍ତ କୁମାର ରାୟଙ୍କୁ ସର୍ବସମ୍ମତିକ୍ରମେ ଭବାନୀପାଟଣା ଉପମଣ୍ଡଳର ସମ୍ପାଦକ ଭାବେ ମନୋନୀତ କରାଯିବା ସହ ୭ ଜଣିଆ ଉପଦେଷ୍ଟା କମିଟି ମଧ ଗଠନ କରାଯାଇଛି। ଉକ୍ତ ବୈଠକରେ କ୍ଷତ୍ରୀୟ ପାଇକ ଝିଅ ଓ ପୁଅମାନେ କିପରି ଉଚ୍ଚଶିକ୍ଷିତ ହୋଇ ପାରିବେ ସେଥିପ୍ରତି ଦୃଷ୍ଟି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଉପ କୁଳପତି ଭୈରବ ନାୟକ, କୁଳସୋଦର ସନ୍ତୋଷ କୁମାର ନାୟକ, ମଣ୍ଡଳ ସଦସ୍ୟ ତରଣିସେନ ପାତ୍ର, ଉପକୁଳ ସୋଦର କନ୍ଦର୍ପ ପାତ୍ର, ସହସମ୍ପାଦକ ନକୁଳ ଧଙ୍ଗଡାମାଝି, ପେନସୁର ଉପମଣ୍ଡଳର ସମ୍ପାଦକ ଗଗନ କେଶରୀ ନାଏକ, ଭୁବନେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଗଡ ଉପଖଣ୍ଡସ୍ତରୀୟ ଅନୁସୂଚିତ ଜାତି ବିକାଶ ପରିଷଦ ସମାବେଶ

ଜୁନାଗଡ,୧୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ସଂସ୍କୃତି ଭବନଠାରେ ଧର୍ମଗଡ ଉପଖଣ୍ଡସ୍ତରୀୟ ଅନୁସୂଚିତ ଜାତି ବିକାଶ ପରିଷଦର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଧନଞ୍ଜୟ ଦୀପଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଜିଲା ସଭାପତି ସୁଗ୍ରୀବ ଦୀପ, ସମ୍ମାନିତ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ସଭାପତି ରାମ କୁମାର ସେନାପତି, ଜୁନାଗଡ ବ୍ଲକ ଉପସଭାପତି ଜନ୍ମେଜୟ କୁମାର, ହରିହର ଦୁର୍ଗା, ଚିତ୍ତ ରଞ୍ଜନ ନିଆଲ, ଗଗନେଶ୍ୱର ଠାକୁର, ପ୍ରେମଲାଲ ବାଗ ପ୍ରମୁଖ ଯୋଗଦେଇଥିଲେ। ଅନୁସୂଚିତ ଜାତି ଲୋକମାନଙ୍କୁ ସରକାର, ପ୍ରଶାସନ ଓ ରାଜନେତାମାନେ ସବୁବେଳେ ଅବହେଳା କରୁଛନ୍ତି। ତେଣୁ ଜାତିର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ତଥା ଶିକ୍ଷାର ବିକାଶ ହୋଇପାରୁନାହିଁ। ଆଜି ମଧ ଲୋକେ ସରକାରଙ୍କ ବିକାଶର ଆଲୋକ ଦେଖିପାରୁନାହାନ୍ତି। କେବଳ ନିର୍ବାଚନ ସମୟରେ ନେତାମାନେ ଭୋଟ ହାତାଇବା ପାଇଁ ଆସି ମିଠା କଥା କହି ଚାଲିଯାଇଥାନ୍ତି। ନିର୍ବାଚନ ସରିବା ପରେ ନେତାମାନଙ୍କ ପାଦ ମଧ ପଡେନାହିଁ। ଫଳରେ ଲୋକେ ଆଜିବି ଅବହେଳିତ ଅବସ୍ଥାରେ ରହୁଛନ୍ତି। ବର୍ତ୍ତମାନ ନିର୍ବାଚନ ସମୟ ଆସିଥିବାବେଳେ ମାଳ ମାଳ ନେତା ଭୋଟ ହାତାଇବା ପାଇଁ ଆସୁଛନ୍ତି। ଧର୍ମଗଡ ଉପଖଣ୍ଡରେ ପ୍ରାୟ ୧ ଲକ୍ଷ ୬୨ ହଜାର ଅନୁସୂଚିତ ଜାତି ଭୋଟର ଅଛନ୍ତି। ଅନୁସୂଚିତ ଜାତିର ବିକାଶ ପାଇଁ ଯେଉଁ ରାଜନୈତିକ ଦଳ କାମ କରିବା ପାଇଁ ପ୍ରତିଶ୍ରୁତି ଦେବେ, ସେହି ରାଜନୈତିକ ଦଳକୁ ସମସ୍ତେ ଭୋଟ ଦେବା ସହିତ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଯଦି ଏହାକୁ ଅଣଦେଖା କରାଯାଏ ତାହା ହେଲେ ଅସହଯୋଗ କରିବା ସହ ଭୋଟ ମଧ ବର୍ଜନ କରିବେ ବୋଲି ସମାବେଶରେ ମତ ପ୍ରକାଶ ପାଇଥିଲା।



ଜୁନାଗଡ ସଂସ୍କୃତି ଭବନଠାରେ ଆୟୋଜିତ ସମାବେଶରେ ମଞ୍ଚାସୀନ ଅତିଥି ।

# ସାଧାରଣ ନିର୍ବାଚନ : ନାମାଙ୍କନ ପତ୍ର ଦାଖଲ ଆରମ୍ଭ

ଭବାନୀପାଟଣା,୧୮।୩(ଡି.ଏନ.ଏ.)

ସାଧାରଣ ନିର୍ବାଚନ ପାଇଁ କଳାହାଣ୍ଡି ଜିଲାରେ ଏପ୍ରିଲ ୧୧ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାରଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। କଳାହାଣ୍ଡି ଜିଲାପାଳଙ୍କଠାରେ ଏମ୍‌ପି ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ। ସେହିଭଳି ୮୦ – ଭବାନୀପାଟଣା ଓ ୮୧ – ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭବାନୀପାଟଣା ଉପଜିଲାପାଳଙ୍କଠାରେ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଥିବା ବେଳେ ୭୭– ଲାଞ୍ଜିଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅତିରିକ୍ତ ଜିଲାପାଳଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରାଯିବ। ସେପରି ଧର୍ମଗଡ ଉପଜିଲାପାଳଙ୍କଠାରେ ୭୮– ଜୁନାଗଡ ଓ ୭୯–ଧର୍ମଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ହେବ। ଏହି ପରିପ୍ରେକ୍ଷୀରେ ସବୁଠାରେ ଗୋଟିଏ ସେକସନ ଲେଖାଏଁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପଟେ ପ୍ରଥମ କରି ଜିଲା ପ୍ରଶାସନ ତରଫରୁ କଳାହାଣ୍ଡି ସରକାରୀ ଇଂଜିନିୟରିଂ କଲେଜଠାରେ ଜିଲାର ୫ଟି ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ଭିଭିପାଟ ଷ୍ଟ୍ରଙ୍ଗରୁମ ଖୋଲାଯାଇଛି। ସେଠାରୁହିଁ ଲାଞ୍ଜିଗଡ, ନର୍ଲା, ଭବାନୀପାଟଣା, ଜୁନାଗଡ ଓ ଧର୍ମଗଡ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ଇଭିଏମ୍ ଓ ଭିଭିପାଟ୍ ମେଶିନ୍ ସହିତ ନିର୍ବାଚନ ସଂକ୍ରାନ୍ତିୟ ଅନ୍ୟାନ୍ୟ କାଗଜପତ୍ର ପୋଲିଂ ଅଫିସର ଓ ପ୍ରିଜାଇଡିଂ ଅଫିସରମାନଙ୍କୁ ପ୍ରଦାନ କରାଯିବ ଓ ନିର୍ବାଚନ ସରିଲେ ଏହି କଳାହାଣ୍ଡି ସରକାରୀ ଇଞ୍ଜିନିୟରିଙ୍ଗ କଲେଜରେ ନିୟମିତ ହୋଇଥିବା ଷ୍ଟ୍ରଙ୍ଗ ରୁମରେ ଇଭିଏମ୍ ଓ ଭିଭିପାଟ୍ ମେଶିନ୍ ଆଦି କଡା ସୁରକ୍ଷା ଭିତରେ ନିର୍ବାଚନ ଗଣନ୍ତି ପର୍ଯ୍ୟନ୍ତ ରଖାଯିବ। ଏହି ଇଞ୍ଜିନିୟରିଙ୍ଗ କଲେଜ ପରିସର ଓ ଇଭିଏମ୍ ଓ ଭିଭିପାଟ ମେଶିନ୍ ରଖାଯାଇଥିବା ଷ୍ଟ୍ରଙ୍ଗରୁମରେ ସିସିଟିଭି ସହିତ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିକ କାର୍ଯ୍ୟ ଚାଲିଛି ବୋଲି ଅତିରିକ୍ତ ଜିଲାପାଳ ତଥା ଜିଲା ସହକାରୀ ନିର୍ବାଚନ ଅଧିକାରୀ ଶରତଚନ୍ଦ୍ର ଶ୍ରୀଚନ୍ଦନ ପ୍ରକାଶ କରିଛନ୍ତି। ନାମାଙ୍କନ ଦାଖଲ ବେଳେ ପ୍ରାର୍ଥୀମାନେ ୫ଟି ଗାଡିରୁ ଅଧିକ ବ୍ୟବହାର କରିପାରିବେ ନାହିଁ। ପାନକାର୍ଡ ବାଧ୍ୟତାମୂଳକ କରାଯାଇଥିବା ବେଳେ ଫର୍ମ ୨୬ ଦାଖଲ ଜରୁରି ବୋଲି କୁହାଯାଇଛି ।

# ହୋଲି ପାଇଁ ଖୋଲିଲା ଦୋକାନ, ଜମୁଛି ଗ୍ରାହକଙ୍କ ଭିଡ଼

ଭବାନୀପାଟଣା,୧୮।୩(ଡି.ଏନ.ଏ.)

ଆଗକୁ ରଙ୍ଗରପର୍ବ ହୋଲି । ଏଥିପାଇଁ ସମସ୍ତଙ୍କ ମନରେ ଅସୁମାରୀ ଆନନ୍ଦ । ଭାଇଚାରାର ସମ୍ପର୍କକୁ ଅତୁଟ ରଖେ ଏହି ପର୍ବ । ଏଥିପାଇଁ ସମସ୍ତେ ନିଜ ସ୍ତରରେ ଚଳାଇଛନ୍ତି ଉଦ୍ୟମ । କିଏ ରଙ୍ଗ କିଣିବାରେ ବ୍ୟସ୍ତ ରହିଛି ତ ଆଉ କିଏ ପିଠା ମିଠାରେ ଆପାୟିତ ହେବାକୁ ଯୋଜନା ପ୍ରସ୍ତୁତ କରୁଛି । ତେବେ ହୋଲି ପର୍ବର ଅବ୍ୟବହିତ ପୂର୍ବରୁ ସହରବାସୀଙ୍କ ମନରେ ଆନନ୍ଦ ଭରିଯାଇଛି । ହୋଲିପର୍ବକୁ ସମସ୍ତେ ଧୂମ୍‌ଧାମରେ ପାଳିବା ପାଇଁ ପ୍ରସ୍ତୁତ ହୋଇଛନ୍ତି । ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇ ସାରିଛି । ଭାଇଚାର ସମ୍ପର୍କକୁ ଅତୁଟ ଓ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏହି ପର୍ବକୁ ସମସ୍ତେ ପାଳିବାକୁ ଅଣ୍ଟା ଭିଡିଛନ୍ତି । ସହରବାସୀ ଏବେ ଠାରୁ ନିଜ ମନ ପସନ୍ଦର ଫଗୁ ଓ ରଙ୍ଗକୁ ସଂଗ୍ରହ କରିବାରେ ଲାଗି ପଡିଛନ୍ତି । ଆହୁରି ମଧ ମହିଳାମାନେ ନିଜର ବନ୍ଧୁଙ୍କୁ ଆପାୟିତ କରିବା ପାଇଁ ଦୋକାନୀକୁ ଅର୍ଡର ଦେଇ ସାରିଲେଣି। ଭବାନୀପାଟଣା ସହର ବିଭିନ୍ନ ସ୍ଥାନରେ ଏବେ ରଙ୍ଗ ଦୋକାନ ଖୋଲାଯାଇଛି । ଏହି ସବୁ ସ୍ଥାନଗୁଡିକରେ ସହରବାସୀ ଭିଡ ଜମାଇ ରଙ୍ଗ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି । ଏଥର ରଙ୍ଗ ବଜାରରେ ରଙ୍ଗର ଦର ଚଢା ହୋଇଥିବା ବେଳେ ଏହାକୁ ଭ୍ରୁକ୍ଷେପ ନ କରି ଗ୍ରାହକମାନେ କିଣୁଛନ୍ତି । ଏ ସଂକ୍ରାନ୍ତରେ ଗ୍ରାହକ ପବିତ୍ର ଜେନା କହିବା ଅନୁଯାୟୀ ବର୍ଷକୁ ଏହି ପର୍ବ ଥରେ ଆସିଥାଏ । ତେବେ ଏହି ଦିନଟି ଅତିକ୍ରାନ୍ତ କରିବା ପରେ ଆଉ ଫେରେ ନାହିଁ । ତେଣୁ ଆନନ୍ଦ ଉଲ୍ଲାସରେ ରଙ୍ଗ ପର୍ବକୁ ପାଳିବା ପାଇଁ ଯୋଜନା କରିଛନ୍ତି । କିଏ ରଙ୍ଗ ଖେଳି ସାରି ଭୋଜି ଭାତର ଆସର ଜମାଇବତ ଆଉ କିଏ ନାଚଗୀତରେ ମସଗୁଲ ରହିବ । ଏଥିପାଇଁ ସମସ୍ତେ ସବୁ ପ୍ରକାରର ଉଦ୍ୟମକୁ ଶେଷ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି । ସେହିପରି କଲେଜ ଛାତ୍ରୀଛାତ୍ରମାନେ ଏବେ ଠାରୁ ରଙ୍ଗ ଖେଳିବା ଆରମ୍ଭ କରିଦେଲେଣି । ସହରର ସରକାରୀ କଲେଜ ଛକ, ପୁରୁଣା ଚେକ୍ ଗେଟ୍ ଛକ, ମାଣିକେଶ୍ୱରୀ ହାଇ ସ୍କୁଲ ଛକ,ଷ୍ଟେଟରୁ ଛକ, ଘୋଡାଘାଟ ଛକଠାରୁ ଆରମ୍ଭ କରି ସହରର ସମସ୍ତ ଗଳି କନ୍ଦିରେ ଏହି ରଙ୍ଗର ପସରା ଦୋକାନ ଖୋଲିଛି। ଚକାଡୋଲା କ୍ଲବ ଭଳି କେତେକ ଯୁବକ ସଂଘ ଏକାଠି ହୋଇ ରଙ୍ଗର ପର୍ବ ମନାଇବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । ଶାନ୍ତିଶୃଙ୍ଖଳାର ସହିତ ଏହି ପର୍ବ ଯେପରି ଶେଷ ହେବ ସେଥିପାଇଁ ସମସ୍ତ ଛକ ଜାଗାରେ ପୋଲିସ ମୁତୟନ କରାଯାଇଥିବା ଓ ପିସିଆର୍ ଭ୍ୟାନ ନିୟମିତ ପାଟ୍ରୋଲିଂ କରିବ ବୋଲି ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ପ୍ରକାଶ କରିଛନ୍ତି ।


ଭବାନୀପାଟଣା ରାସ୍ତା କଡ଼ରେ ହୋଲି ପାଇଁ ରଙ୍ଗ ଦୋକାନ ଖୋଲାଯାଇଛି।

# ଲୋକ ସଂସ୍କୃତି ଓ ବିଶ୍ୱାସର ପ୍ରତୀକ 'ହୋଲିପୁଡ଼ା'

ଭବାନୀପାଟଣା,୧୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ପାଳିତ ବିଭିନ୍ନ ପର୍ବ ପର୍ବାଣୀ ମଧୁରୟ ରଙ୍ଗର ପର୍ବ ହୋଲିର ଅବ୍ୟବହିତ ପୂର୍ବରୁ ପାଳିତ ହୋଇଥିବା 'ହୋଲିପୁଡା' ପର୍ବ ନିଆରା ଓ ଅନନ୍ୟ । ଜିଲାର ଭବାନୀପାଟଣା ସହର ସମେତ ଗ୍ରାମାଞ୍ଚଳରେ ଏହି ହୋଲିପୁଡା ପର୍ବ ଭିନ୍ନ ଭିନ୍ନ ରୀତିନୀତିରେ ନିଆରା ଢଙ୍ଗରେ ଏହି ପର୍ବକୁ ପାଳନ କରିଥାନ୍ତି । ଫଗୁଣ ମାସର ଶ୍ରେଷ୍ଠ ପର୍ବ ଦୋଳ ଓ ରଙ୍ଗର ପର୍ବ ହୋଲି ଅବସରରେ ଫାଲଗୁନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏହି ହୋଲିପୁଡା ପର୍ବ ପାଳନ କରାଯାଏ । ପୌରାଣିକ ମତାନୁଯାୟୀ ରାକ୍ଷସ ରାଜା ହିରଣ୍ୟକଶ୍ୟପୁର ଭଉଣୀ ହୋଲିକା ରାକ୍ଷସୀଙ୍କୁ ଏହି ଦିନ ନିଆଁରେ ପୋଡି ମରାଯାଇଥିବାରୁ ଏହି ଦିନଟିରେ 'ହୋଲିପୁଡା' ବା ହୋଲିପୁଡା ଭଳି ଏକ ପର୍ବ ପାଳନ କରାଯାଇଆସୁଛି ବୋଲି ବୟସ୍କ ଏବଂ ବିଦ୍ୱାନମାନ ମତପୋଷଣ କରନ୍ତି। ଅନ୍ୟପକ୍ଷରେ ଏହି ପର୍ବକୁ ଅସତ୍ୟ ଓ ହିଂସାର ପ୍ରକୃତିକୁ ପୋଡି ଦେବାର ଏକ ପ୍ରତିକାତ୍ମକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପର୍ବ ପାଳନରେ ବିଶେଷ କରି ଗ୍ରାମରୁ ଯୁବକମାନେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଉତ୍ସବର ୭ ଦିନ ପୂର୍ବରୁ ଗାଁର କିଛି ଦୂରରେ ଉତ୍ତର ପୂର୍ବ ଦିଗ ବା ଆଗ୍ନେୟ କୋଣରେ 'ହୁଇଲିପୁଡା' ନିମନ୍ତେ ଏକ ହୁଏଲ ଗଦା ସ୍ଥାପନ କରାଯାଇଥାଏ । କେତେକ ଗାଁରେ ଦ୍ୱାଦଶୀଠାରୁ ହୁଇଲିପୁଡା ପାଇଁ ଗାଁ ପରିକ୍ରମା କରି କାଠ ସଂଗ୍ରହ କରାଯାଉଥିବା ବେଳେ ଆଉ କେତେକ ଗାଁରେ ଚତୁର୍ଦ୍ଦଶୀ ଦିନ ହିଁ ଜାଳ ସଂଗ୍ରହ ହୋଇଥାଏ । ଏହି ଅବସରରେ ଗାଁର ଯୁବକମାନଙ୍କ ନେତୃତ୍ୱରେ ଛୋଟ, ବଡ ପିଲାମାନେ ଘର ଘର ବୁଲି କାଠ, ବାଉଁଶ, ନଡା, ବାଉଁଶ ତିଆରି ଭଙ୍ଗା କୁଲା, ଚୁଡା, ତାଟି ଆଦି ସଂଗ୍ରହ କରି ହୁଏଲ ଗଦାରେ ଜମା କରିଥାନ୍ତି । ଏହି ସମୟରେ ଯୁବକମାନେ ମନଖୋଲି ଯୌବନର ସଙ୍ଗୀତ ଗାଇ ଗାଁ ପରିକ୍ରମା କରିଥାନ୍ତି । ହେଲେ ଆଜିକାଲି ସବୁକିଛି ବଦଳିଗଲାଣି । ଯୁବକମାନଙ୍କ ସ୍ଥାନକୁ ଗାଁର ଛୋଟଛୋଟ ପିଲାମାନେ ଅକ୍ତିଆର କରିଦେଲେଣି । ଗ୍ରାମ ଯୁବକ ଓ ଛୋଟପିଲାମାନେ ଗ୍ରାମ ପରିକ୍ରମା କରିବା ବେଳେ ସାଧାରଣତଃ ମହିଳାମାନେ ଘର ଭିତରେ ହିଁ ରହିଥାନ୍ତି । ମହିଳାମାନଙ୍କ ଯୋଗଦାନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥାଏ । ଫାଲଗୁନ ପୂର୍ଣ୍ଣୀମାର ଚତୁର୍ଦ୍ଦଶୀ ଦିନ ପଶ୍ଚିମ ଦିଗରେ ସୂର୍ଯ୍ୟଦେବତା ଅସ୍ତମିତ ନ ହେଉଣୁ କୁଶପୁତ୍ତଳିକା ଏବଂ ଗାଁ ଝାଙ୍କର (ପୂଜକ)ଙ୍କ ଘରୁ ବାହାରିଥାଏ 'ହୁଇଲିପୁଡା'ର ଶୋଭାଯାତ୍ରା । ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ସମବେତ ଲୋକ ନାନା ଗୀତ ଗାଇ ଗ୍ରାମ ପରିକ୍ରମା କରିବା ପରେ ଗାଁ ମୁଣ୍ଡ ହୁଇଲଗଦା ନିକଟରେ ପହଞ୍ଚିଥାନ୍ତି । ଏହି ସମୟ ହୁଇଲିପୁଡାର ଶେଷ ପର୍ଯ୍ୟାୟ ହୋଇଥିବା ହେତୁ ଗ୍ରାମରୁ ନେଇ ଆସିଥିବା ନଡାର କୁଶ ପୁତ୍ତଳିକାଗୁଡିକୁ ହୁଇଲଗଦା ଉପରୁ ନିକ୍ଷେପ କରି ଗୀତର ହୁଇଲକୁଦା ଆରମ୍ଭ ହେବା ପରେ ଗ୍ରାମ ଝାଙ୍କର ଏହି ହୁଇଲଗଦାରେ ଅଗ୍ନି ସଂଯୋଗ କରିଥାନ୍ତି । ହୁ ହୁ ହୋଇ ଏହି ହୁଇଲଗଦା ଜଳିଯିବା ପରେ ଝାଙ୍କର ଅଗ୍ନି ଦେବତାଙ୍କୁ ଶାନ୍ତି କରି ହୁଇଲଗଦାର ପାଉଁଶକୁ ସଭିଙ୍କୁ ପ୍ରଦାନ କରିଥାନ୍ତି। ହୁଇଲପୋଡା ବା ହୋଲିପୁଡା ପର୍ବର ପରିସମାପ୍ତି ପରେ ଗ୍ରାମବାସୀ ପରିବାରର ଅନ୍ୟମାନଙ୍କ ଏପରିକି ନିଜ ଗୃହପାଳିତ ପଶୁମାନଙ୍କ ନିମନ୍ତେ ମଧ୍ୟ ଏହି ପାଉଁଶ ନେଇ ଘରକୁ ଫେରିଥାନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୯ ମାର୍ଚ୍ଚ, ୨୦୧୯



ଅନ୍ୟକୁ ଘୃଣା କରିବା ଅର୍ଥ, ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ି ଦେବା ସଙ୍ଗେ ସମାନ।
- ଇମରସନ



## ସଂକ୍ଷେପରେ

### ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା

**ଗୁଡଭେଲା,୧୮।୩(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ଗୁଡଭେଲା, ସଇଁତଲା ଓ ଟିଟିଲାଗଡ ବ୍ଲକର ବିଭିନ୍ନ ଗ୍ରାମରେ ଗତ ଏକ ସପ୍ତାହ ଧରି ଚାଲିଥିବା ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା ସୋମବାର ଶେଷ ହୋଇଛି। ଅନ୍ତିମ କାର୍ଯ୍ୟକ୍ରମ ଗୁଡଭେଲା ବ୍ଲକ ଅନ୍ତର୍ଗତ ସରଗଡାରେ ଆୟୋଜିତ ହୋଇଥିଲା। ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଏହି ଯାତ୍ରା ଚାଲିଥିବା ବେଳେ ଉପରୋକ୍ତ ତିନି ବ୍ଲକର ପ୍ରାୟ ୫୦ଟି ଗ୍ରାମରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶେଷଦିନରେ ଗୁଡଭେଲା ବ୍ଲକର କୁରେଭନା, ମାଧିଆପାଲି, ଲିଖିରିଆ, ବଡଙ୍ଗୋମୁଣ୍ଡା ଆଦି ଗ୍ରାମରେ ସଙ୍କଳ୍ପ ରଥ ବୁଲିବା ସହ ଦଳୀୟ ନେତୃବୃନ୍ଦ ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। କେନ୍ଦ୍ରର ମୋଦି ସରକାର ଓଡିଶାର ବିକାଶ ପାଇଁ ହଜାରହଜାର କୋଟି ଟଙ୍କାର ଅନୁଦାନ ଦେଇଥିଲେ ମଧ ରାଜ୍ୟର ବିଜେଡି ସରକାର ଏହା ଖର୍ଚ୍ଚ କରି ନ ପାରିବା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ବିସ୍ତାରକ ଅର୍ଜୁନ ଭାଟୀ, ମଣ୍ଡଳ ସଭାପତି ଖଗେଶ୍ୱର ରଣା, ପ୍ରକାଶ ଚନ୍ଦନ, ଅମରେଶ କେଡ଼ିଆ, ତରୁଣ ମାଝୀଙ୍କ ସହ ବହୁ ଭାଜପା କର୍ମୀ ଏହି ଯାତ୍ରାରେ ଏଥିରେ ସାମିଲ ହୋଇଥିଲେ।

### ସରୋଜ ମେହେର ପାଏଲେ ଟିକଟ:ପାଟଣାଗଡ଼ ବିଜେଡିରେ ଖୁସିର ଲହର

**ପାଟଣାଗଡ, ୧୮।୩ (ଡି.ଏନ.ଏ.):** ପାଟଣାଗଡ଼ ନିରବାଚନ ମଣ୍ଡଳୀର ଲାଗି ଆଏବାର ଏପ୍ରିଲ ୧୮ ତାରିଖ ଭୋଟ ହେବା। ବିଜୁ ଜନ୍‌ତା ଦଲ୍ ତରଫରୁ ପାଟଣାଗଡ଼ ଲାଗି ସରୋଜ ମେହେର ପ୍ରାର୍ଥୀ ହେବେ ବଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଘୋଷନା କରିଛନ୍। ଦଲ ତରଫୁ ସରୋଜ ମେହେରକଁର ନାଁ ଘୋଷନା ହେଲା ଉତାରୁ ପାଟଣାଗଡ଼ ବିଜେଡିର କରମକରତାକର ଭିତରେ ଗୁଟେ ନୂତନ୍ ଯୋଶ୍ ଆର ଖୁସିର ଲହର ଦେଖିବାକେ ମିଲିଛେ। ମୁଖ୍ୟମନ୍ତ୍ରୀ ସୋମବାର ୨ଟା ୪୫ ମିନିଟରେ ପାଟଣାଗଡ଼ରୁ ସରୋଜ ମେହେର ବିଜେଡି ବିଧାୟକ ପ୍ରାର୍ଥୀ ହେବେ ବଲି ଘୋଷନା କରିଥିଲେ। ଘୋଷନା ହେବାର ପରେ ପରେ ନ କରମୀମାନେ ପାଟଣାଗଡ଼ ବିଜେଡି ଅଫିସ ଆଘେ ଫଟ୍‌କରା ଫୁଟେଇ ମିଠା ବାଁଟବାର ଆରମ୍ କରିଦେଇଥିଲେ। ଗଲା ମାସେରୁ ଅଧିକା ହେବା ପାଟଣାଗଡ଼ ନିରବାଚନ ମଣ୍ଡଲୀରୁ କିଏ ବିଜେଡି ଟିକଟ ପାଏବା ସେ ବାବ୍‌ଦେ ବଡ଼ଭାରି ଚରଚା ହେଉଥିଲା। ଇ ଚରଚାରେ ପୂର୍ଣ୍ଣଚ୍ଛେଦ ପକେଇ ସରୋଜ ମେହେର ବିଜେଡି ଟିକଟ ହାତାବାରେ ସଫଲ ହେଇଛନ୍। ସରୋଜ ମେହେର ବିଜେଡି ଟିକଟ ପାଏବାର ଜାନି ଗାଁଗଁଲିରୁ ଶହ ଶହ ଲୋକ ଆସି ପାଟଣାଗଡ଼ ବିଜେଡି ଅଫିସରେ ପୁହୁଁଚିଥିଲେ। ପାଟଣାଗଡ଼ ଗଲା ୨୫ ବଛର ହେଲା ବିଜେପି ଦଖଲରେ ରହିଛେ, ହେଲେ ଇଥର ବିଜେଡି ବିଧାୟକ କରମୁଁ ବଲି କରମୀମାନେ ତାକର ଦମ୍ ଦେଖେଇଛନ୍। ହେଲେ ଦୁଇ ଜାତୀୟ ଦଲ ବିଜେପି ଆର କଂଗ୍ରେସ ପ୍ରାର୍ଥୀମାନକର ନାଁ ଘୋଷନା ନୁହେ କରନ୍। ଇ ଦୁଇ ଦଲ ନିଜର ନିଜର ପ୍ରାର୍ଥୀ ଦେଲେ ଜନାପଡ଼ବା ଯେ ଲଢ଼େଇଟା ଦୁଇମୁଖି ହେବା ତିନ୍‌ମୁଖି ହେବା।

ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା ପରେ

# ଜିଲା ରାଜନୀତିରେ ଉଷ୍ମତା

**ବଲାଙ୍ଗୀର ଅଫିସ,୧୮।୩**

- ବଲାଙ୍ଗୀର, ଲୋଇସିଂହା ଆସନ ଉପରେ ସମସ୍ତଙ୍କ ନଜର
- ଆୟୁବ୍ ଖାଁ କହିଲେ ଲୋକଙ୍କ ସହ ବିଚାର ପରେ ନିଷ୍ପତ୍ତି ନେବି

୨୦୧୯ ସାଧାରଣ ନିର୍ବାଚନ ସକାଶେ ବିଜେଡି ପ୍ରଥମ ରାଜନୈତିକ ଦଳ ଭାବେ ପ୍ରଥମ ପର୍ଯ୍ୟାୟରେ ସୋମବାର ଦଳୀୟ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିଛି । ଏହି ତାଲିକାରେ ବଲାଙ୍ଗୀର ଜିଲାର ଲୋକ ସଭା ସହ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୭ଟିରୁ ୫ଟି ବିଧାନସଭା ଆସନର ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ଲୋକ ସଭା ସକାଶେ ପୁଣି ଥରେ କଳିକେଶ ନାରାୟଣ ସିଂଦେଓଙ୍କ ନାମ ଘୋଷଣା କରାଯାଇଛି । ଏହା ସହିତ ଜିଲାର ୫ରୁ ୩ଟି ବିଧାନସଭା ଆସନ ଟିଟିଲାଗଡ, ପାଟଣାଗଡ ଓ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଟିଟିଲାଗଡରେ ବିଧାୟିକା ଟୁକୁନୀ ସାହୁଙ୍କୁ ଦଳ ପୁଣି ଥରେ ଟିକେଟ ଦେଇଛି। ତେବେ ପାଟଣାଗଡ ଆସନରେ ନୂଆ ଚେହେରା ସରୋଜ ମେହେର ଓ କଣ୍ଟାବାଞ୍ଜିରେ ଅଜୟ ଦାସଙ୍କୁ ଦଳ ଟିକେଟ ଦେଇଛି । ପାଟଣାଗଡରେ ଯୁବନେତା ସରୋଜଙ୍କୁ ଟିକେଟ ଦିଆଯିବା ପରେ ସେ ଭାଜପା ନେତା ତଥା ବିଧାୟକ କନକବର୍ଦ୍ଧନ ସିଂଦେଓଙ୍କୁ କଡା ଟକ୍କର ଦେବେ ବୋଲି ବିଜେଡି କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି । ତେବେ କଣ୍ଟାବାଞ୍ଜି ଆସନରେ ବିଧାୟକ ଆୟୁବ୍ ଖାନ୍‌ଙ୍କ ବଦଳରେ ଆମ୍ ଆଦ୍‌ମୀ ପାର୍ଟିରୁ ବିଜେଡିକୁ ଆସିଥିବା ନେତା ଅଜୟ ଦାସଙ୍କୁ ଦଳୀୟ ଟିକେଟ ଦିଆଯାଇଥିବାରୁ ବିଜେଡି କର୍ମୀ ବିଶେଷକରି ଆୟୁବ୍ ଖାନ୍‌ଙ୍କ ସମର୍ଥକମାନେ ଅଡୁଆରେ ପଡିଛନ୍ତି । ଏନେଇ ବିଧାୟକ ଖାଁଙ୍କ ପ୍ରତିକ୍ରିୟା ଲୋଡା ଯିବାରୁ ମଙ୍ଗଳବାର ଅପରାହ୍ଣରେ ସେ ତାଙ୍କର ସମର୍ଥକଙ୍କ ବୈଠକ ରଖିଛନ୍ତି । ଏହି ବୈଠକରେ ବର୍ତ୍ତମାନର ସ୍ଥିତିକୁ ନେଇ ବିଚାରବିମର୍ଶ କରିବା ପରେ ତାଙ୍କ ସମର୍ଥକ ଯାହା କହିବେ ସେନେଇ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି । ଦଳୀୟ ଟିକେଟ ନ ମିଳିବାରୁ ସେ ବିଜେଡି ଛାଡି ଅନ୍ୟ କୌଣସି ଦଳକୁ ଯିବେ କି ବୋଲି ପ୍ରଶ୍ନ କରାଯିବାରୁ ତାଙ୍କ ସମର୍ଥକମାନେ ଯାହା ଉଚିତ୍ ବିଚାର କରିବେ ସେ ସେଭଳି ପଦକ୍ଷେପ ନେବେ ବୋଲି ଆୟୁବ କହିଛନ୍ତି । ଏଭଳି ପ୍ରତିକ୍ରିୟାରୁ କଣ୍ଟାବାଞ୍ଜି ଆସନରେ ବିଜେଡି ଅଡୁଆରେ ପଡିପାରେ ବୋଲି ଚର୍ଚ୍ଚା ଆରମ୍ଭ ହେଲାଣି । ଆୟୁବ୍ ଖାଁ ଦଳୀୟ ଟିକେଟ ପାଇଥିବା ଅଜୟଙ୍କୁ ସମର୍ଥନ ନକଲେ ଏହି ଆସନରେ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଫାଇଦା ନେବେ ବୋଲି ଚର୍ଚ୍ଚା ଆରମ୍ଭ ହେଲାଣି । ଟିକେଟ ଘୋଷଣା ପରେ ଅଜୟଙ୍କ ସମର୍ଥକ ମହଲରେ ଖୁସି ପ୍ରକାଶ ପାଇଥିବାବେଳେ ଆୟୁବ୍ ଖାନ୍‌ଙ୍କ ସମର୍ଥକ ମହଲରେ ନିରାଶା ଖେଳିଯାଇଛି।

ବଲାଙ୍ଗୀର ଜିଲାର ୫ଟି ବିଧାନସଭା ଆସନରୁ ୩ଟି ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲେ ମଧ ବଲାଙ୍ଗୀର ଓ ଲୋଇସିଂହା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ । ତେବେ କେଉଁ କାରଣରୁ ଏହି ଦୁଇ ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ ତାହା ସ୍ପଷ୍ଟ ହୋଇନାହିଁ । ବଲାଙ୍ଗୀର ଆସନରେ ଆଶାୟୀ ପ୍ରାର୍ଥୀ ଭାବେ ଅର୍କେଶ ସିଂଦେଓ, ସାମାଜିକ କର୍ମୀ ଲଳିତ କୁମାର ନାୟକ ଓ ନାରୀନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ଟିକେଟ ଦାବିଦାର କୁହାଯାଉଛି । ତେବେ ଯୁବନେତା ଅର୍କେଶ ଟିକଟ ପାଇବେ ବୋଲି ତାଙ୍କ ସମର୍ଥକମାନେ ସବୁଠୁ ବେଶୀ ଆଶାୟୀ ଅଛନ୍ତି । ମାତ୍ର ଲୋକ ସଭା ଆସନରେ ତାଙ୍କ ବଡଭାଇ କଳିକେଶ ନାରାୟଣ ସିଂଦେଓଙ୍କ ନାମ ଘୋଷଣା କରାଯାଇଥିବାରୁ ଗୋଟି ପରିବାରୁ ଗୋଟିଏ ଟିକେଟ ନୀତି ଅବଲମ୍ବନ ହେଲେ ଅର୍କେଶ ଅଡୁଆରେ ପଡିପାରନ୍ତି ଓ ଅନ୍ୟ ଆଶାୟୀ ଟିକେଟ ପାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ବଲାଙ୍ଗୀରରେ କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କୁ ଟକ୍କର ଦେବାକୁ ବିଜେଡି ଦଳ କାହାକୁ ପ୍ରାର୍ଥୀ କରିବ ତାହା ପ୍ରମୁଖ ଆଲୋଚନାର ବିଷୟ ହୋଇଛି । ଅନ୍ୟପକ୍ଷେ ଲୋଇସିଂହାରେ ବିଧାୟକ ଯୋଗେନ୍ଦ୍ର ବେହେରାଙ୍କ ପୁଅ ନିହାର ବେହେରା, ନାରୀନେତ୍ରୀ ରଞ୍ଜୁ ରାଇମନ୍ ଟିକେଟ ଆଶାୟୀ ତାଲିକାରେ ଅଛନ୍ତି । ତେବେ ଅନ୍ୟ ଏକ ଅସନ୍ତୋଷ ଗୋଷ୍ଠୀ ଏହି ନିର୍ବାଚନ ମଣ୍ଡଳୀ ବାହାରର କୌଣସି ପ୍ରାର୍ଥୀଙ୍କୁ ଟକେଟ ଦିଆ ନ ଯାଉ ବୋଲି ଦାବି କରିଆସୁଛନ୍ତି । ଏଭଳି ପରିସ୍ଥିତିରେ ଦଳ କାହାକୁ ଟିକେଟ ଦେବ ତାହ ବଡ ପ୍ରଶ୍ନ ଭାବେ ଉଭା ହୋଇଛି।

### ଚୌରାଅଶୀ ଠାକୁରାଣୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା

**ବଙ୍ଗୋମୁଣ୍ଡା, ୧୮।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ସଦର ମହକୁମାର ମା' ଚାରି ଚୌରାଅଶି ଠାକୁରାଣୀ ଦେବୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ପ୍ରଥମ ଦିନରେ କଳସ ଯାତ୍ରା, ଅଧିବାସ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଯଜ୍ଞାରମ୍ଭ, ବିଗ୍ରହ ମହାସ୍ନାନ ଓ ପୂଜାର୍ଚ୍ଚନା ପରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ସମାପନ ହୋଇଥିଲା । କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଶାରଳା ବିନ୍ଧାଣି ଓ ଶ୍ରୀଚନ ବିନ୍ଧାଣି ଦାୟିତ୍ୱ ତୁଲାଇଥିବା ବେଳେ ନିଳାଞ୍ଚଳ ଥନାପତି ପୂଜକ ଥିଲେ। ସନ୍ତୋଷ ସା, ଚମାର ସା, ମିସନ ସା, ଭିକାରି ପୁଟେଲ, ପ୍ରମୋଦ ବେହେରା, ମିଥୁନ ସା, ଫକିର ପୁଟେଲ, ନରେଶ ସା, ଲୁକେସ ସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

> **ଆଜି କ'ଣ କେଉଁଠି**
> ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ନାତୁଣୀଙ୍କୁ କମେଣ୍ଟ, ଅଜାଙ୍କୁ ମାଡ଼ ଘଟଣା

## ଭୟରେ ସ୍କୁଲ ଯାଉନାହାନ୍ତି ଛାତ୍ରୀ

**ବଲାଙ୍ଗୀର ଅଫିସ, ୧୮।୩**

ପୁଇଁତଲା ଥାନା ଅନ୍ତର୍ଗତ ଅଙ୍କରିଆପଦର ଗ୍ରାମର ଜଣେ ନାବାଳିକା ଛାତ୍ରୀଙ୍କୁ ସେହି ଗ୍ରାମର ଜଣେ ଯୁବକ କମେଣ୍ଟ କରିବାରୁ ତାଙ୍କ ଅଜା ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ ଯୁବକଙ୍କ ପରିବାରର କେତେକ ସଦସ୍ୟ ଛାତ୍ରୀଙ୍କ ଅଜାଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଆହତ ଅଜାଙ୍କୁ ସନ୍ଥ ଭୀମଭୋଇ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣା ପରେ ଭୟଭୀତ ନାବାଳିକା ଛାତ୍ରୀ ଜଣକ ଆଉ ସ୍କୁଲ ଯାଉନାହାନ୍ତି। ଘଟଣା ସମ୍ପର୍କରେ ପୁଇଁତଲା ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ଛାତ୍ରୀଙ୍କ ପରିବାର ଲୋକେ ଭୟଭୀତ ହୋଇପଡିଛନ୍ତି । ଏହି ଘଟଣାକୁ ନେଇ ସୋମବାର ଛାତ୍ରୀଙ୍କ ପରିବାର ଲୋକେ ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)ର ଦୃଷ୍ଟି ଆକର୍ଷଣ କରିଥିଲେ । ଅଭିଯୋଗ ପାଇବା ପରେ ସିଡବ୍ଲ୍ୟୁସି ମହିଳା ସଦସ୍ୟା ସୁନୀତା ତ୍ରିପାଠୀ ଘଟଣାରେ ହସ୍ତକ୍ଷେପ କରିଛନ୍ତି। ସୋମବାର ସିଡବ୍ଲ୍ୟୁସି ସଦସ୍ୟା ତ୍ରିପାଠୀଙ୍କୁ ଭେଟି ପୀଡିତା ନାବାଳିକା ଛାତ୍ରୀ ଜଣକ ଘଟଣା ସମ୍ପର୍କରେ କହିଥିଲେ। ଦୀର୍ଘଦିନରୁ ସ୍କୁଲ ଗଲାବେଳେ ଯୁବକ ଜଣକ ଅଶ୍ଲୀଳ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରି ହଇରାଣ କରୁଥିବା କହିଥିଲେ। ଏଥିରେ ଅତିଷ୍ଠ ହୋଇ ତାଙ୍କ ଅଜା ସମ୍ପୃକ୍ତ ଯୁବକଙ୍କୁ ତାଗିଦ୍ କରିବାରୁ ଅଭିଯୁକ୍ତ ଓ ତାଙ୍କ ପରିବାରର କିଛି ସଦସ୍ୟ ମିଳିତ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣା ସମ୍ପର୍କରେ ଅଭିଯୋଗ ସତ୍ତ୍ୱେ ପୁଇଁତଲା ଥାନା ପୋଲିସ କାହାରିକୁ ଗିରଫ କରିନାହିଁ। ଓଲଟା ଅଭଯୋଗକାରୀଙ୍କୁ ନାନା ପ୍ରଶ୍ନ କରୁଛି । ନାବାଳିକା ଛାତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ମାମଲା ହୋଇଥିଲେ ମଧ ପୋଲିସ ଘଟଣାକୁ ଭିନ୍ନ ରୂପ ଦେବାକୁ ଚେଷ୍ଟା କରି ଅଭିଯୁକ୍ତଙ୍କୁ ଅନକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଭୟଭୀତ ଛାତ୍ରୀ ଗତ ୫ ତାରିଖଠାରୁ ଆଉ ସ୍କୁଲକୁପଢ଼ିବାକୁ ଯାଉନାହାନ୍ତି । ଅଜାଙ୍କୁ ଆକ୍ରମଣ ହେବା ଦିନଠାରୁ ତାଙ୍କୁ ଘରେ ମଧ ଭୟ ଲାଗୁଥିବା ଜଣାଇଛନ୍ତି । ସୋମବାର ସିଡବ୍ଲ୍ୟୁସି ମହିଳା ସଦସ୍ୟା ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ ପରେ ସେ ଥାନାକୁ ଯାଇ ମାମଲା ସମ୍ପର୍କରେ ବୁଝିଥିେ। ଦୁର୍ବ୍ୟବହାର, କମେଣ୍ଟ ଘଟଣାରୁ ଛାତ୍ରୀ ସ୍କୁଲ ଯିବାକୁ ଭୟ କରୁଥିବା ଭଳି ସମ୍ବେଦନଶୀଳ ମାମଲାକୁ ପୋଲିସ କାହିଁକି ହାଲୁକା ଭାବେ ନେଇଛି ବୋଲି ପ୍ରଶ୍ନ କରିଥିଲେ। ଏହାବାଦ୍ ଛାତ୍ରୀ ଜଣକ ନାବାଳିକା ହୋଇଥିବାରୁ କାହିଁକି ପୋକ୍‌ସୋ ଦଫା ଲାଗୁ ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ। ସିଡବ୍ଲ୍ୟୁସି ହସ୍ତକ୍ଷେପ ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇଥିବା କହି ତଦନ୍ତକୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିବା ସିଡବ୍ଲ୍ୟୁସି ମହିଳା ସଦସ୍ୟା ତ୍ରିପାଠୀ ଜଣାଇଛନ୍ତି । ଅନ୍ୟପକ୍ଷେ ଘଟଣା ପରେ ଅଭିଯୁକ୍ତମାନେ ଖୋଲା ବୁଲୁଥିବାରୁ ପୀଡିତ ଛାତ୍ରୀଙ୍କ ପରିବାର ଲୋକେ ଭୟଭୀତ ହୋଇପଡିଥିବା ଛାତ୍ରୀଙ୍କ ପିତା ଜଣାଇଛନ୍ତି।

**ସିଡବ୍ଲ୍ୟୁସି କଲା ହସ୍ତକ୍ଷେପ**

### ପୃଥ୍ୱୀରାଜ ହାଇସ୍କୁଲ ଏଟିଏଲ୍ ବିଜ୍ଞାନାଗାର ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୧୮।୩**

ଭାରତ ସରକାରଙ୍କ ନୀତି ଆୟୋଗ ଆନୁକୂଲ୍ୟରେ ଅଟଳ ଇନୋଭେସନ୍ ମିଶନ୍ ତରଫରୁ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲଠାରେ ଅଟଳ ଟିଙ୍କରିଙ୍ଗ୍ ବିଜ୍ଞାନଗାର ଉଦ୍‌ଘାଟିତ ହୋଇଛି। ବିଜ୍ଞାନ ଶିକ୍ଷାକୁ ବାସ୍ତବଧର୍ମୀ କରିବା ଲକ୍ଷ୍ୟ ନେଇ ଏହି ଲ୍ୟାବରେ ଛାତ୍ରମାନେ ନିଜେ ବିଭିନ୍ନ ଉପକରଣ ତିଆରି କରିବାର କୌଶଳ ଶିଖି ପାରିବେ। ସୋମବାର ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବଲାଙ୍ଗୀର ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଯୋଗଦେଇ ବିଜ୍ଞାନଗାରକୁ ଛାତ୍ରମାନଙ୍କୁ ଉତ୍ସର୍ଗ କରି ଲ୍ୟାବ୍‌ଟି ଗୁଣାତ୍ମକ ବିଜ୍ଞାନ ଶିକ୍ଷା ପାଇଁ ସହାୟକ ହେବ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ଏବଂ ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ନନ୍ଦ ଉପସ୍ଥିତ ରହି ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଏଟିଏଲ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ରାମଗୋପାଳ ଖମାରୀ ଶର୍ମା ସଭାର ଉଦ୍ଦେଶ୍ୟ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବିକାଶ ରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଭୁବନେଶ୍ୱରରୁ ଆସିଥିବା ମାର୍ଗଦର୍ଶକ ସାହିଲ ଧୀର ଏବଂ ମାନସ ଯୋଶୀ ରୋବର୍ଟ ଏବଂ ଡ୍ରୋନ ଶୋ ପ୍ରଦର୍ଶନ କରିଥିଲେ । ଏହି ସଭାରେ ଏଟିଏଲ କମିଟି ସଭ୍ୟ, ମେଣ୍ଟର, ପୁରାତନ ଛାତ୍ର ଏବଂ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବିଜ୍ଞାନ ଶିକ୍ଷକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ରାମ ଗୋପାଳ ଖମାରୀ ଶର୍ମା ଧନ୍ୟବାଦ ଦେଇଥିଲେ।



ବଲାଙ୍ଗୀରରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ ।

## ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୧୮।୩**

ବଲାଙ୍ଗୀର ବିଜୁ ଯୁବ ଏବଂ ଛାତ୍ର ଜନତା ଦଳ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ହକ୍ ମାଗୁଛି ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ବିଜେଡି ଯୁବ ସଭାପତି ଲୋଟସ ଷଡଙ୍ଗୀ ଏବଂ ଛାତ୍ର ବିଜେଡି ଜିଲା ସଭାପତି ଗୁଞ୍ଜା ଖାନ୍‌ଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ସନ୍ତୋଷିନୀ ବେହେରା, ଉପାଧକ୍ଷା ଲିପିଶ୍ରୀ ସାଏ, ଆଡଭୋକେଟ ଅଶୋକ ମହାନ୍ତି, ଜୟରାମ ମିଶ୍ର, କାଉନ୍‌ସିଲର ନରହରି ରାଉତ, ସରିତା ଦାଶ, ଉପେନ୍ ଦୀପ୍, ଅଶ୍ୱିନୀ ପୁଟେଲ, ନୂତନ ସେହ୍ନିଆ, ଗୀତାଞ୍ଜଳି ବରାଡ, ମମତା ଜେନା, ସୁଜାତା ଦାଶ, ମୁନା ଖାଁ, ରାଜେନ୍ଦ୍ର ହୋତା, ନିହାର ରଞ୍ଜନ ସ୍ୱାଇଁ, କୈଳାସ ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ଜିଲା ଯୁବ ବିଜେଡି ଉପସଭାପତି ସାଗର ସଙ୍ଗମ ଶତପଥୀ, ସାଧାରଣ ସମ୍ପାଦକ ମନୀଷ ମିଶ୍ର, ସାଧାରଣ ସମ୍ପାଦକ ସନ୍ତୋଷ ଦନ୍ତା, ଧ୍ରୁବ ବନ୍‌ଛୋର, ନୀଳିମା ପୁଟେଲ, ରାଜୁ ବାଗ, ନାରାୟଣ ସେଠ୍, ସନ୍ତୋଷ ପଧାନ, ନଗର ସଭାପତି ଦୀପକ ପଣ୍ଡା, ଉପସଭାପତି ପ୍ରମୋଦ ବହିଦାର, ତେଜରାଜ ଚୌଧୁରୀ, ସୁଦାମ ବିଶି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଭାଜପା ନେତୃତ୍ୱାଧିନ କେନ୍ଦ୍ର ସରକାର କିଭଳି ଓଡିଶା ପ୍ରତି ଚରମ ଅବହେଳା ପ୍ରଦର୍ଶନ କରିଆସିଛି ତାହା ଉପରେ ବକ୍ତାମାନେ କହିଥିଲେ । ପ୍ରତିବର୍ଷ କେନ୍ଦ୍ର ସରକାର ଓଡିଶାରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିଲେ ସୁଦ୍ଧା ରାଜନୈତିକ ଅଭିସନ୍ଧି ରଖି ଅବହେଳା କରାଯାଇଥିବା ଅଭିଯୋଗ କରିଥିଲେ । ଗତ ୫ବର୍ଷ ମଧରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରାଯାଇପାରିଲା ନାହିଁ । କ୍ଷମତାକୁ ଆସିଲେ ବାର୍ଷିକ ୨କୋଟି ନିଯୁକ୍ତି ଦେବା କଥା କହିଥିବା ଭାଜପା ସରକାର ପ୍ରତିଶ୍ରୁତି ଭୁଲି ଲୋକଙ୍କୁ ଖାଲି ପ୍ରତାରଣା କରିଥିବା ବକ୍ତାମାନେ କହିଥିଲେ। ବିମୁଦ୍ରୀକରଣ ଲାଗୁ କରି ଦେଶର ଅର୍ଥନୀତିକୁ ଧରାଶାୟୀ କରିଥିବା ଭାଜପା ବିରୋଧରେ ଜନମତ ପ୍ରବଳ ହେଉଥିବାବେଳେ ଏବେ ସଚେତନ ଓଡିଶାବାସୀ ସେମାନଙ୍କର ହକ୍ ମାଗୁଛନ୍ତି ବୋଲି ବକ୍ତାମାନେ କହିଥିଲେ।

## ପୋଲିସ ଡିଜି, ଗୃହ ସଚିବଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୧୮।୩**

କର୍ତ୍ତବ୍ୟରତ ଗଣମାଧମ ପ୍ରତିନିଧି ଓ କ୍ୟାମେରାମ୍ୟାନ୍‌ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କ ଗିରଫଦାରିରେ ପୋଲିସ ଅବହେଳାକୁ ନେଇ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ନେଇ ସଂଘ ପକ୍ଷରୁ ପୋଲିସ ଡିଜି ଓ ଗୃହ ସଚିବଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରର ନକଲ ପୋଲିସ ଡିଆଇଜି, ବଲାଙ୍ଗୀର ଏସ୍‌ପି ଓ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦୁଇ ଅଭିଯୁକ୍ତଙ୍କ ସମ୍ପର୍କୀୟ ପୋଲିସ ବିଭାଗରେ କାର୍ଯ୍ୟରତ ଥିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଶିଥିଳ ହେଉଥିବା ଦର୍ଶାଯାଇ ତୁରନ୍ତ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି ।

ଦରଖଁଡ଼ିଆ ହେଇ ପଡ଼ିଛେ ଇନ୍ଦିରା ଆବାସ

## ଭତାର ଲାଗି ଆବେଦନ କରି ବୁରୁଧ୍ ନିରାଶ

**ଲୋଇସିଂହା,୧୮।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡ଼ା ଗାଁର ବୁଡୁ ପଧାନ(୬୫)। ବଏସ ତାକର ୬୦ ଟପିଥିଲେ ବି ବୁଢ଼ାବୁଢ଼ି ଭତା ପାଏବାରୁ ବଁଚିତ ହେଇ ରହିଛନ୍। ଏନ୍‌ତା କି ସେ ବୁଢ଼ାବୁଢ଼ି ଭତା ପାଏବାର ଲାଗି ପଁଚେତ୍‌ରେ ଅନେକ ଥର ଆବେଦନ କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍।

ସୂଚନା ଅନସାରେ ଲୋଇସିଂହା ବ୍ଲକ ବୁର୍ଡ଼ା ପଁଚେତ ସଦର ଗାଁ ତଲିପଡ଼ାର ବୁରୁଧି ବୁଡୁ ପଧାନ। ଗାଁରେ ସେ ମ୍ୟାନେଜର ନାଁରେ ଜନାଶୁନା। ମାଏକିନା ବାସନ୍ତୀ ଆର ୨ ପୁଓକୁ ନେଇ ତାକର ସୁଖର ସଁସାର। ଜମିବାଡ଼ି ବଲି କିଛି ନାଇଁ, ମୂଲୁ ସୁଖିବାସୀ ଆଏ। କୁଲି ମଜୁରି କରି କୁଟୁମ ପୁଷୁଥିଲେ। ହେଲେ ଏହେଦେ ସେ ଅଧାରର ହେବାର ଲାଗି କାମବୁତା କରି ନାଇଁପାରବାର।



ବୁରୁଧି ବୁଡୁ ପଧାନ।

କେତେଟା ଛେଲ୍ ପୁଷି ତାକର ଦେଖାରେଖା କରୁଛନ୍। ମାଏକିନା ବାସନ୍ତୀ ପରହର କାମବୁତା କରି କୁଟୁମ ପୁଷୁଛନ୍। ଏନ୍‌ତାଥି ବୁଡୁ ଗଲା ୫ ବଛର ହେଲା ପଁଚେତ୍‌ରେ କାଗଜପତର ସହିତ ଭତାର ଲାଗି ଆବେଦନ କରିଆସୁଛନ୍। ହେଲେ ସେ ଆବେଦନ କଲେ କେହି ତାକର କାଗଜପତର ନାଇଁ ରଖୁଥିବାର ଅଭିଯୋଗ କରିଛନ୍। ତାକରନୁ ବଏସ୍‌ରେ ସାନ୍ ଥିବାର ଲୋକ୍ ଭତା ପାଉଥିଲାବେଲେ ବୁଡୁ ଯୋଜନାର ସୁଫଲ ପାଏବାରୁ ବଁଚିତ ଥିବାର ମନ୍‌ଦୁଖ କରି କହିଥିଲେ। ଇତାର ବାହାରେ ୨୦୧୫-୧୬ ଆରଥିକ୍ ବଛରରେ ବାସନ୍ତୀକୁଁ ମିଲିଥିବାର ଇନ୍ଦିରା ଆବାସ ଘର ଦରଖଁଡ଼ିଆ ହେଇ ପଡ଼ିରହିଛେ। ଏନ୍‌ତାଥି କୁଟୁମବସିଆ ଭଂଗାଘରେ ରହୁଛନ୍। ଇନ୍ଦିରା ଆବାସର ବାକି କିସତି ଟଁକା ରହିଯାଇଥିବାର ଲାଗି ଘରଟା ବି ଦରଖଁଡ଼ିଆ ହେଇ ପଡ଼ିଛେ ବଲି ବୁଡୁ କହିଥିଲେ। ଇ ଘଟନା ଉପରେ ବ୍ଲକ ପରଶାସନ ଆର ପଁଚେତ୍ କତୁରପକ୍ଷ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଗାଁର କ୍ଷୀରୋଦ୍ର ସାହୁ ଆର ଉନିଆମାନେ ଦାବି କରିଛନ୍।

ଗଣମାଧମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣା

## ସାମାଜିକ ସଙ୍ଗଠନର ପ୍ରତିବାଦ ସଭା

**ବଲାଙ୍ଗୀର ଅଫିସ,୧୮।୩**

ବଲାଙ୍ଗୀରର କର୍ତ୍ତବ୍ୟରତ ଗଣମାଧମ ପ୍ରତିନିଧି ଓ କ୍ୟାମେରାମ୍ୟାନ୍‌ଙ୍କୁ ଗତ ୧୪ତାରିଖ ବିଷ୍ଣୁମୁଣ୍ଡାଠାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ଚନ୍ଦ୍ରଭାନୁ ମୋଲାଣା ଓ କ୍ୟାମେରାମ୍ୟାନ୍ ଅମରଜିତ୍ ବେହେରା ଆହତ ହୋଇଥିଲେ। ପୋଲିସ ଏହି ଘଟଣାରେ ମନୋଜ ନାଏକଙ୍କୁ ଗିରଫ କରିଥିଲା । ତେବେ ଅନ୍ୟ ଦୁଇ ଅଭିଯୁକ୍ତ ସୁନୀଲ ପଟେଲ ଓ ସୁରଜ ପଟେଲଙ୍କୁ ଏଯାଏ ଗିରଫ କରାଯାଇନାହିଁ । ଏହାର ପ୍ରତିବାଦରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସ୍ୱେଚ୍ଛାସେବୀ ସଙ୍ଗଠନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ସଭାପତି ସୋମନାଥ ମିଶ୍ରଙ୍କ ଆବାହକତ୍ୱ ତଥା ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାକୁ ନାଗରିକ କମିଟି ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ପରିଚାଳନା କରିଥିଲେ । ପ୍ରତିବାଦ ସଭାରେ ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର, ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପଚନ୍ଦ୍ର ରଥ, ଆଡଭୋକେଟ ରତନ ମହାରଣା, ଆରଟିଆଇ କର୍ମୀ ହେମନ୍ତ କୁମାର ପଣ୍ଡା, ସିଟିଜେନ୍ ଫୋରମ୍ ସଭାପତି ନାରାୟଣ ପାଢ଼ୀ, ସମ୍ପାଦକ ପ୍ରଭାକର ମିଶ୍ର, ମନୋରଞ୍ଜନ ମିଶ୍ର ଧାରଣାରେ ବସିଥିଲେ। ଅନ୍ୟମାନଙ୍କ ମଧରେ ଉତ୍କଳ କନ୍ଧ ସମାଜର କାଳିନ୍ଦ୍ରୀ ମାଝି, କୋସଳ ରାଜ୍ୟ ସମନ୍ୱୟ ସମିତିର ମନୋରଞ୍ଜନ ସାହୁ, ଗୋପଭୂଷଣ ନାଥ, ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ, କୋଷାଧକ୍ଷ ମାନଭଞ୍ଜନ ବେରିହା, ଆକ୍ସନ କମିଟିର ବିନୋଦ କାଲସାଏ, ରିଲୁ ରଥ, ଗୋବିନ୍ଦ ଶତପଥି, ଗୋପାଳ ଆଚାର୍ଯ୍ୟ, ଅପ୍ରମିତ ପରିଚ୍ଛା, ଯାଦବ ସମାଜର ବାଦଲ ମହାକୁର, ନେତାଜୀ ସଂଗ୍ରାମୀ ପରିଷଦର ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବୃନ୍ଦାବନ ବରାଳ, ମାହେଶ୍ୱରୀ ସଙ୍ଗଠନର ଅଙ୍କୁଶ ପାଣ୍ଡିଆ, ଭିଲେଜର୍ସ ଇଣ୍ଡିଆ ପାର୍ଟିର ଡ. ବିପିନ କୁଶଲିଆ, ପର୍ଶୁରାମ ନାଏକ ପ୍ରମୁଖ ଧାରଣାରେ ବସି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ । ପରେ ବିଭିନ୍ନ ସଙ୍ଗଠନ ପ୍ରତିନିଧି ଟାଉନ୍ ଥାନାକୁ ଯାଇ ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ଟାଉନ ଥାନା ଅଧିକାରୀ ତୋଫାନ୍ ବାଗଙ୍କୁ ଭେଟି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଓ ୩୦୭ ଦଫା ରୁଜୁ କରିବାକୁ ଦାବି କରିଥିଲେ । ଏହା ନ ହେଲେ ବଲାଙ୍ଗୀର ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଫେରାର ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି ଓ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ଏଥି ସହିତ ୩୦୭ ଦଫା ଯୋଡାଯିବ ବୋଲି ଏସ୍‌ଡିପିଓ ବାରିକ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**ଶୀଘ୍ର ଗିରଫ ନ କଲେ ବନ୍ଦ ଡାକରା ଦିଆଯିବ**



ବିଭିନ୍ନ ସଙ୍ଗଠନ ପ୍ରତିନିଧିମାନେ ଏସଡିପିଓ ଶ୍ରୀମନ୍ତ ବାରିକଙ୍କ ସହ ଆଲୋଚନା କରୁଛନ୍ତି ।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୧୯ ମାର୍ଚ୍ଚ, ୨୦୧୯



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବ୍ଲକସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ

ହେମଗିର,୧୮।୩(ଡି.ଏନ୍.ଏ.)

ହେମଗିର ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ ସୋମବାର ଆଙ୍କେଲବିରା ପଞ୍ଚାୟତର ଡିଲିଆ (ଡୁମେରମାଲ)ରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଛତିଶଗଡ଼ ଯୁବ କଂଗ୍ରେସ ସଭାପତି ସଞ୍ଜୀବ କୁମାର ଚୌବେ, ସମ୍ମାନିତ ଅତିଥି ଭାବେ ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନାନୀ, ଜିଲା ଉପସଭାପତି କାଶୀନାଥ ରାଉତ, ମୁନୁ ସରାଫ, ରବିରତ୍ନ ପଟେଲ, ଭୁଲକି ସେଟ ପ୍ରମୁଖ ଯୋଗଦେଇଥିଲେ। ୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଲୋକ ସଭା ଓ ସଦର ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଯିବା ନେଇ ଆଲୋଚନା କରାଯାଇଥିଲା। ଅଶୋକ ପଣ୍ଡା ଓ ଅତିଥି ପଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ ସଭାପତିତ୍ୱ କରିଥିଲେ।

■ ଟିକେଟ ପାଇଲେ ସାରଦା, ସୁବ୍ରତ

# ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି

ରାଉରକେଲା ଅଫିସ,୧୮।୩

ପ୍ରତୀକ୍ଷାର ଅନ୍ତ ଘଟିଛି। ଆଶା ଆଶଙ୍କାରେ ସନ୍ତୁଳି ହେଉଥିବା କର୍ମୀ ଆଶ୍ୱସ୍ତ ହୋଇଛନ୍ତି। ସୁନ୍ଦରଗଡ଼ ଜିଲାର ୩ ପ୍ରମୁଖ ବିଜେଡି ନେତା ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ, ଆର୍‌ଡିଏ ଅଧ୍ୟକ୍ଷ ସାରଦା ନାୟକ ଓ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଏଥର ମଧ୍ୟ ଟିକେଟ ହାତେଇବାରେ ସକ୍ଷମ ହୋଇଛନ୍ତି। ବିରୋଧୀଙ୍କ ମୁହଁ ଚୁପ୍ ହୋଇଥିବା ବେଳେ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସାରଦା ଓ ସୁବ୍ରତ ଟିକେଟ ପାଇବା ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱର ପରିସମାପ୍ତି ଘଟିଛି। ଭୌଗୋଳିକ ଦୃଷ୍ଟିକୋଣରୁ ରାଉରକେଲା ଓ ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ମଧ୍ୟରେ ବିଭିନ୍ନ କାରଣରୁ ନିବିଡ଼ତା ରହିଛି। ଏଣୁ ଦୁଇ ନେତାଙ୍କ ଟିକେଟ ନେଇ ସ୍ୱାଭାବିକ ଉତ୍ସୁକତା ଲାଗି ରହିଥିଲା। ଗତ ନିର୍ବାଚନରେ ସୁବ୍ରତ ବିଜୟୀ ହୋଇଥିବା ବେଳେ ସାରଦା ଭଜପା ପ୍ରାର୍ଥୀ ଦିଲୀପ ରାୟଙ୍କଠାରୁ ପରାସ୍ତ ହୋଇଥିଲେ। ପରେ ତାଙ୍କୁ ଆର୍‌ଡିଏ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯିବା ସହ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି କରାଯାଇଥିଲା। ଏହା ପୂର୍ବରୁ ନାୟକ ଦୁଇଥର ବିଧାୟକ ଓ ମନ୍ତ୍ରୀ ଭାବେ ନିଜ ଦକ୍ଷତାର ପରିଚୟ ଦେଇ ସାରିଛନ୍ତି। ସେହିଭଳି ଅନୁସୂଚିତ ବର୍ଗର ପ୍ରାର୍ଥୀ ଭାବେ ସୁବ୍ରତ ତରାଇ ଦୁଇଥର ବିଧାୟକ ହୋଇ ମନ୍ତ୍ରୀପଦର ସ୍ୱାଦ ଚାଖି ସାରିଛନ୍ତି। ଦୁଇ ନେତାଙ୍କ ସ୍ଥିତି ମଜବୁତ ଥିବା ବେଳେ ଗତ କିଛିଦିନ ପୂର୍ବେ ବିରୋଧୀଙ୍କ ବୟନବାଜି ପରିସ୍ଥିତିକୁ ଜଟିଳ କରିଥିଲା। ସାରଦାଙ୍କ ଡେର କାଟିବାକୁ ଗୋଟିଏ ଗୋଷ୍ଠୀ ଲାଗି ପଡ଼ିଥିବା ବେଳେ ସୁବ୍ରତଙ୍କ ଟିକେଟ ଛଡ଼ାଇ ନେବାକୁ ଅନ୍ୟ ଏକ ଗୋଷ୍ଠୀ ଖୋଲାଖୋଲି ବିଦ୍ରୋହ ଘୋଷଣା କରିଥିଲେ। ଆବଶ୍ୟକ ସ୍ଥଳେ ସ୍ୱାଧୀନ ପ୍ରାର୍ଥୀ ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଥିଲା। ସେହିଭଳି ବନ୍ଧୁମିଳନ ଆଳରେ ସାରଦାଙ୍କ ନିକଟତମ କୁହାଯାଉଥିବା କେତେଜଣ ଯୁବକ ପରୋକ୍ଷରେ ତାଙ୍କ ଉପରେ ବିଷୋଦ୍‌ଗାର କରିଥିଲେ। ଏମିତି ଛକାପଞ୍ଝା ଭିତରେ ସାରଦା ଓ ସୁବ୍ରତ ଟିକେଟ ହାତେଇବା ବିରୋଧୀଙ୍କୁ ନିରାଶ କରିଛି। ନୂଆ ମୁହଁ ଆଶା ବି ମଉଳି ଯାଇଛି। ଏବେ ଅସନ୍ତୁଷ୍ଟ ଚୁପ୍ ବସୁଛନ୍ତି ନା ବିଦ୍ରୋହ କରୁଛନ୍ତି ତାହାକୁ ଅପେକ୍ଷା। ବିରୋଧୀଙ୍କୁ ମନାଇ ଦୁଇ ନେତା ନିଜ ବିଜୟ ପଥ ସୁଗମ କରିପାରୁଛନ୍ତି ନା ନାହିଁ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। ଏମିତି ଅବସ୍ଥାରେ ଏଥର ନିର୍ବାଚନ ଦୃଶ୍ୟପଟ ରୋଚକ ରହିବ ବୋଲି ଅନୁମାନ କରାଯାଉଛି। ଏଣେ ଟିକେଟରୁ ବଞ୍ଚିତ ଆଶାୟୀ କେଉଁ ଭୂମିକା ଗ୍ରହଣ କରିବେ ତାହା ମଧ୍ୟ ବଡ଼ ପ୍ରଶ୍ନବାଚୀ ପାଲଟିଛି। ତେବେ ଉଭୟ ନେତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବାଜା ବାଣରେ କାର୍ଯ୍ୟାଳୟ କମ୍ପୁଛି। ପରସ୍ପରକୁ ମିଠା ଖୁଆଇ ଅଭିନନ୍ଦନ ଜଣାଇ ଅନୁଗତ ଖୁସି ମନାଇବାରେ ମାତିଛନ୍ତି। ଅପେକ୍ଷା କେବଳ ଦୁଇ ନେତାଙ୍କ ରାଉରକେଲା ଫେରିବା ବାଟକୁ। ପରେ ରାଜନୈତିକ ଉଷ୍ମତା ବଢ଼ିବ ବୋଲି ଆକଳନ କରାଯାଉଛି।



ସୁବ୍ରତ ତରାଇ।



ସାରଦା ନାୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ଦୁଇ ପତ୍ରରୁ ବାସେ,**
**ବିଛୁଆତି ଦୁଇପତ୍ରରୁ କୁଣ୍ଡାଇ ହୁଏ।**

ସାଧାରଣତଃ ଭବିଷ୍ୟତରେ କିଏ ଭଲ ମଣିଷ ହେବ କି ମନ୍ଦ ହେବ ତାହା ପିଲାଦିନର କେତେକ ଘଟଣାରୁ ସ୍ପଷ୍ଟ ରୂପେ ଜଣାପଡ଼ିଯାଇଥାଏ। ହାବଭାବ ତଥା ଚାଲିଚଳଣରୁ ତା'ର ସ୍ୱଭାବ ବିଷୟରେ ସମ୍ୟକ ଧାରଣା ସୃଷ୍ଟି ହୋଇଥାଏ। ଯାହାର ଯେପରି ଗୁଣ ତାହା ମୂଳରୁ ବା ପ୍ରଥମରୁ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲି ଘର ଗୋରୁ,**
**ଘଣା ଓଟରାରୁ ଲଦନ ଗୁରୁ।**

ତେଲି ଘରେ ରହୁଥିବା ବଳଦ ତେଲ ଘଣା ପେଲିଥାଏ। ଯଦି ତେଲ ପେଡ଼ିବାର କାର୍ଯ୍ୟ ନ ଥାଏ ତା'ହେଲେ ଶଗଡ଼ ବୁହା ଭଳି ଅନ୍ୟ କାର୍ଯ୍ୟରେ ଲାଗିଥାଏ ବା ଯଚାଯାଇଥାଏ। ତେଲିଘର ଗୋରୁ ପରି ଅନ୍ୟ ତୃତୀୟ ବିକଳ୍ପ ପନ୍ଥା ନ ଥିବା ଅସହାୟ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ଛେଣ୍ଡରେ ଭାଜପାର ପଥପ୍ରାନ୍ତ ସଭା

# ମନ ଭୁଲାଣିଆ ଯୋଜନା ବିଜୟପଥରେ ବାଧକ ହେବନି



ପାନପୋଷ ଭାଜପା ମଣ୍ଡଳ ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ଯାତ୍ରା ଅବସରରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ରାଉରକେଲା ଅଫିସ,୧୮।୩

ଦୀର୍ଘ ୪ପାଳି ଧରି ଶାସନ କ୍ଷମତାରେ ଥିବା ବିଜେଡି ଓଡ଼ିଶାର ସାମାଗ୍ରିକ ବିକାଶ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନାହିଁ। ରାଜକୋଷ ଖାଲି କରି ନିଜ ସ୍ଥିତି ରକ୍ଷା କରିବାକୁ ସାଧାରଣ ଜନତାଙ୍କୁ ପ୍ରତାରିତ କରି ଚାଲିଛି। କୃଷି ଓ କୃଷକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନା କ୍ଷେତ୍ରରେ ଯେଉଁ ବିକାଶ କଥା କୁହାଯାଉଛି ତାହା ଅବାସ୍ତବ ବୋଲି କହିଛି ଭାଜପା। ଛେଣ୍ଡ କଲୋନୀଠାରେ ଆୟୋଜିତ ବିଜୟ ସଙ୍କଳ୍ପ ଯାତ୍ରାରେ ଯୋଗଦେଇ ଦଳର ବରିଷ୍ଠ ନେତା ଏହି ମତ ପ୍ରକାଶ କରିଛନ୍ତି। ମନ ଭୁଲାଣିଆ ଯୋଜନା ଭାଜପାର ବିଜୟପଥରେ ବାଧକ ହେବନି। ଆଜିର ଇଣ୍ଟରନେଟ ଯୁଗରେ ସତ କ'ଣ ଲୋକେ ଜାଣୁଛନ୍ତି। ସୁବିଧାବାଦୀଙ୍କ ହାତରେ କେବେ ଶାସନ କ୍ଷମତା ଛଡ଼ାଯିବା ଉଚିତ ନୁହେଁ। ଏହା ଦ୍ୱାରା ରାଜ୍ୟର ଭବିଷ୍ୟତ ଅସୁରକ୍ଷିତ ହୋଇପଡ଼ିବ। ବିକାଶ ପରିବର୍ତ୍ତେ ବିନାଶର ମୁହଁ ଦେଖିବେ ଉତ୍ତର ପିଢ଼ି। ଏଣୁ ସମୟ ଓ ସୁଯୋଗର ସଦ୍‌ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ ଭାଜପା ନେତା। ଏହି ଅବସରରେ ଛେଣ୍ଡ ମଣ୍ଡଳ ଅନ୍ତର୍ଗତ ପାନପୋଷ ଛକ, ମା' ମନ୍ଦିର ଛକ, ମାର୍କେଟ ଛକ, ଆର୍‌ଡିଏ ମାର୍କେଟ ଛକ, ବିଏସ୍‌ଏନ୍‌ଏଲ୍ ଛକ, ଭିଏସ୍‌ଏସ୍ ମାର୍କେଟ ଆଦି ଅଞ୍ଚଳରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ମଣ୍ଡଳ ସଭାପତି ଭବାନୀ କବିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା କିଶନ ସାହୁ, ନିହାର ରାୟ, ମୁଖପାତ୍ର ଭଗବାନ ରାଉତ, ନୃସିଂହ ଜେନା, ପ୍ରବାଳ ବାରିକ, ସଞ୍ଜୀବ ମାଇତି, ଗୌରବ ସିଂ ଓ ସର୍ଦ୍ଦାର ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ରାଉରକେଲା ପ୍ରଭାରୀ ତପନ ସ୍ୱାଇଁ ଶୁଭାରମ୍ଭ କରିଥିବା ବେଳେ ଦଳର ଅନ୍ୟତମ ମୁଖପାତ୍ର ଗଙ୍ଗାଧର ଦାସ, ରଘୁ ବଳ, ବିନ୍ଦର ସିଂ, ରୋଶନ ସାହୁ, ପ୍ରବୀଣ ଜୟପୁରିଆ, ପ୍ରଦୀପ ମଣ୍ଡଳ, ପ୍ରଦୀପ ଶର୍ମା ଓ ସୂର୍ଯ୍ୟ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ପରିବର୍ତ୍ତନ ସଙ୍କଳ୍ପ ଯାତ୍ରା

ରାଉରକେଲା ଅଫିସ,୧୮।୩

ଜିଲା ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସଙ୍କ ନେତୃତ୍ୱରେ ମଙ୍ଗଳବାର ପରିବର୍ତ୍ତନ ସଙ୍କଳ୍ପ ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ଯୁବ କଂଗ୍ରେସ କମିଟି ଓ ସୁନ୍ଦରଗଡ଼ ଜିଲା ଛାତ୍ର କଂଗ୍ରେସ ସଂଗଠନ ସାମିଲ ହୋଇଥିଲା। ସଙ୍କଳ୍ପ ଯାତ୍ରାରେ ସାମିଲ ନେତା ସେକ୍ଟର-୨ ମାର୍କେଟ, ଆମ୍ବାଗାନ ଛକ, ସେକ୍ଟର-୧୬, ୧୮ ଓ ୧୪ ସମେତ ଗଜପତି ମାର୍କେଟରେ ଆୟୋଜିତ ପଥପ୍ରାନ୍ତ ସଭାରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଦେଶରେ ପରିବର୍ତ୍ତନ ହାୱା ବହୁଥିବା ବେଳେ ଓଡ଼ିଶା ତଥା ରାଉରକେଲାବାସୀ ଏନେଇ ନିଶ୍ଚିତ ମନ ସ୍ଥିର କରିବେ ବୋଲି ଯୁବଛାତ୍ର ନେତା ଆଶା ବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଛନ୍ତି। ତେଣୁ ସେମାନଙ୍କୁ ଗାଦିଚ୍ୟୁତ କରିବାକୁ ଆହ୍ୱାନ ଦେଇଥିଲେ ଉପସ୍ଥିତ ଯୁବ ନେତା। ବେକାରୀ ସମସ୍ୟାରେ ଘାଣ୍ଟି ହେଉଥିବା ଯୁବପିଢ଼ି ଏଥର ନିଶ୍ଚିତ ଭାବେ ରାହୁଲ ଗାନ୍ଧୀଙ୍କ ପରିବର୍ତ୍ତନ ଡାକରାରେ ସାମିଲ ହେବେ। ଶ୍ରମିକ, କୃଷକ ଓ ମହିଳାଙ୍କୁ ପ୍ରତାରିତ କରିଥିବା ମୋଦି ଓ ନବୀନଙ୍କୁ ଏଥର ଉଚିତ ଜବାବ ଦେବେ ବୋଲି ଏଥିରେ କୁହାଯାଇଥିଲା। ସଭାପତି ଦାସ ନିଜ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଥିଲେ, ବାହାର ରାଜ୍ୟରୁ ଶ୍ରମିକ ଆସି ରାଉରଲୋରେ କାମ ପାଉଥିବା ବେଳେ ସ୍ଥାନୀୟ ଯୁବତୀ ଯୁବକଙ୍କୁ କାମ ମିଳୁନି। ଏନେଇ କ୍ଷମତାସୀନ ନେତାଙ୍କ ଗୋଟି କାମ କରୁଛି ବୋଲି ଅଭିଯୋଗ କରାଯାଇଥିଲା। ଦାଦନ ଖଟିବାକୁ ଜିଲା ବାହାରକୁ ଚାଲି ଯାଉଛନ୍ତି ଯୁବତୀ ଯୁବକ। କୃଷକ ଆତ୍ମହତ୍ୟା କରୁଛନ୍ତି। ଅଭାବୀ ବିକ୍ରିର ଶିକାର ହୋଇ ସର୍ବସ୍ୱ ହାରୁଛି ଚାଷୀ। ମହିଳାଙ୍କ ସୁରକ୍ଷା ନେଇ ସରକାରଙ୍କ ଚିନ୍ତା ନାହିଁ। ସ୍କୁଲ କଲେଜରେ ପାଠ ପଢ଼ାଇବାକୁ ଶିକ୍ଷକ, କର୍ମଚାରୀ ଅଭାବ ଲାଗି ରହିଛି। ପରିବର୍ତ୍ତନ ହିଁ ଏକମାତ୍ର ବିକଳ୍ପ ବୋଲି ଏଥିରେ ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ରାଜ୍ୟ ଛାତ୍ର କଂଗ୍ରେସ ସଂଯୋଜକ ଶିବୁ ଦୀପ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସବିର ହୁସେନ, ଶ୍ରମିକ ନେତା ଗୋପାଳ ଦାସ, ନିହାର ଦାସ, ଯୁବ କଂଗ୍ରେସ ନେତା ପ୍ରସନ୍ନ ବଲିଆରସିଂ, ମଧୁସୂଦନ ଭୂଇନା, ଛାତ୍ରନେତା ସଦାବ ଅହମ୍ମଦ, ଜିଲା ପଛୁଆ ବର୍ଗ ନେତା କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସେକ୍ଟର-୨ଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ପରିବର୍ତ୍ତନ ସଙ୍କଳ୍ପ ଯାତ୍ରା ଅବସରରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।



ଗୋପବନ୍ଧୁ ପାଠାଗାର ଓ ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ସଚେତନତା ଶିବିରରେ ଉପସ୍ଥିତ ଅତିଥି।

# ସ୍ୱାସ୍ଥ୍ୟ ସଚେତନତା ଶିବିର

ରାଉରକେଲା ଅଫିସ,୧୮।୩

ଅଗ୍ରଣୀ ସାମାଜିକ ସଂଗଠନ ଉତ୍କଳ ସ୍ନେହୀ ମହିଳା ସମିତି ଓ ଗୋପବନ୍ଧୁ ପାଠାଗାର ମିଳିତ ସହଯୋଗରେ ସୋମବାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଆଲୋଚକ ଭାବେ ଡା. ଦେବଜିତ କର ଯୋଗଦେଇ ଋତୁ ଆନୁସାରେ ହେଉଥିବା ଚର୍ମ ରୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର ଚିକିତ୍ସା, ଉପଶମ ଓ ସତର୍କତା ନେଇ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡା. କରଙ୍କୁ ପଚାରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ସେ ରୋଗୀଙ୍କ ସନ୍ଦେହ ଦୂର କରିଥିଲେ। ଏଥିରେ ଡା. ସ୍ମିତା ରାୟ ଓ ପ୍ରଫୁଲ୍ଲ ମହାପାତ୍ର ସହଯୋଗ କରିଥିଲେ। ପାଠାଗାର ଉପସଭାପତି ଗଜେନ୍ଦ୍ର ବାରିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ସୁବାସ ମହାପାତ୍ର ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ବିଭୂତି ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉତ୍କଳ ସ୍ନେହୀ ମହିଳା ସମିତି ସଭାନେତ୍ରୀ ସବିତାରାଣୀ ସାହୁ ନିଜ ସଂଗଠନ ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଡା. ଗୋକୁଳାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ପାଠାଗାର କୋଷାଧ୍ୟକ୍ଷ ଲକ୍ଷ୍ମଣନାଥ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ହାପି ମୁମେଣ୍ଟସ ପାଳିବ ଦୋଳ ଉତ୍ସବ, ଉତ୍କଳ ଦିବସ

ରାଉରକେଲା ଅଫିସ,୧୮।୩

ଅଗ୍ରଣୀ ସାମାଜିକ ସଂଗଠନ ହାପି ମୁମେଣ୍ଟସ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ପବିତ୍ର ଦୋଳ ଉତ୍ସବ ଓ ଉତ୍କଳ ଦିବସ ପାଳନ ନେଇ ଏଥିରେ ଆଲୋଚନା କରାଯାଇଛି। ଉତ୍କଳୀୟ ସଂସ୍କୃତିର ମହାନ ପର୍ବ ଦୋଳ ତଥା ହୋଲି ଉତ୍ସବର ବିଶେଷ ମହତ୍ତ୍ୱ ରହିଛି। ଏହାକୁ କିଭଳି ଶାନ୍ତିଶୃଙ୍ଖଳା ଓ ବିଧିବିଧାନରେ ପାଳନ କରାଯିବ ସେ ନେଇ ଅନୁଷ୍ଠାନର ଅଧ୍ୟକ୍ଷା ରାଜେନ୍ଦ୍ର ପଣ୍ଡା ସୂଚନା ଦେଇଥିଲେ। ସେକ୍ଟର-୫ ଆଦର୍ଶ ପାଠାଗାର ସାହିତ୍ୟ ଭବନଠାରେ ଉତ୍କଳ ଦିବସ ପାଳନ କରିବାକୁ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେ ଦିନ ସକାଳ ୮ଟାରେ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଉପଦେଷ୍ଟା କୁଞ୍ଜବିହାରୀ ରାଉତ, ସ୍ମିତା ମିଶ୍ର, ଲୀନା ବିଶ୍ୱାଳ, ଅଶୋକ ରାଉତ, ଶିଶିର ମହାନ୍ତି ଓ ପ୍ରଦୀପ ଗୁରୁୱାରା ପ୍ରମୁଖ ଉପସ୍ଥିତ ଥିଲେ।



ହାପି ମୁମେଣ୍ଟସ ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କସିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639



ବଡ଼ ମାଛ ଧରିବାକୁ ହେଲେ ବନ୍ଶି ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବ। - ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଡାକ୍ତରୀ ଛାତ୍ର ନିଖୋଜ



ଟିପିଲିମା,୧୮।୩ (ଡି.ଏନ.ଏ.)
ଭୀମସାରର ଜଣେ ଚତୁର୍ଥ ବର୍ଷର ଛାତ୍ର ରବିବାରଠାରୁ ନିଖୋଜ ଅଛନ୍ତି। ସେ ହେଲେ ଦେବବ୍ରତ ନାଥ। ତାଙ୍କ ଘର ରାଉରକେଲାରେ। ଏ ନେଇ ମେଡିକାଲ କଲେଜ ପକ୍ଷରୁ ବୁର୍ଲା ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ତାଙ୍କ ବାପା ଗୌରକିଶୋର ନାଥ ମଧ ଏହି ଖବର ପାଇବା ପରେ ଏଠାରେ ପହଞ୍ଚି ଅନ୍ୟ ଏକ ଅଭିଯୋଗ କରିଛନ୍ତି। ଉଭୟ ଅଭିଯୋଗକୁ ଆଧାର କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ପୋଲିସଠାରୁ ମିଳିଥିବା ତଥ୍ୟ ଅନୁସାରେ ନିଖୋଜ ଛାତ୍ର ଦେବବ୍ରତ ଯୁଜି ହଷ୍ଟେଲରେ ରହୁଥିଲେ । ସେ ରବିବାର ସକାଳୁ ହଷ୍ଟେଲରୁ କୁଆଡେ ବାହାରିଥିଲେ। ରାତି ପର୍ଯ୍ୟନ୍ତ ଫେରି ନ ଥିଲେ।

### ବିଜେଡି ପ୍ରାର୍ଥୀ ତାଲିକା ଘୋଷିତ: ସୁନ୍ଦରଗଡ଼ରୁ ଯୋଗେଶଙ୍କୁ ଟିକେଟ

# ଭାଜପାରୁ ଲଢ଼ିପାରନ୍ତି କୁସୁମ

ସୁନ୍ଦରଗଡ଼,୧୮।୩(ଡି.ଏନ୍.ଏ.)

ଆସନ୍ତା ଏପ୍ରିଲ ୧୮ ତାରିଖରେ ସୁନ୍ଦରଗଡ଼ ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଆସନଗୁଡ଼ିକ ମଧ୍ୟରୁ କେବଳ ବୀରମିତ୍ରପୁର ବିଧାନସଭା ଆସନକୁ ଛାଡ଼ି ଅନ୍ୟ ସମସ୍ତ ଆସନ ପାଇଁ ବିଜେଡି ସୋମବାର ଏହାର ପ୍ରାର୍ଥୀ ଘୋଷଣା କରିଛି। ଚଳିତଥର ବିଜେଡି ଲୋକ ସଭା ଆସନର ୩୩ ପ୍ରତିଶତ ସ୍ଥାନରେ ମହିଳାଙ୍କୁ ପ୍ରାର୍ଥୀ କରିବ ବୋଲି ଘୋଷଣା କରିଛି। ତଦନୁଯାୟୀ ସୁନ୍ଦରଗଡ଼ ଲୋକ ସଭା ଆସନରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବିଶ୍ୱାଳଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ନିକଟରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଥିବା ଯୋଗେଶ ସିଂଙ୍କୁ ଦଳ ସୁନ୍ଦରଗଡ଼ ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ଯୋଗେଶଙ୍କୁ ଟିକେଟ ମିଳିବା ଘୋଷଣା ପରେ ସ୍ଥାନୀୟ ବିଜେଡି କର୍ମୀ ଓ ଯୋଗେଶଙ୍କ ସମର୍ଥକଙ୍କ ମହଲରେ ଉତ୍ସାହ ପ୍ରକାଶ ପାଇଛି। ଏ ନେଇ ଯୋଗେଶ ଦଳ ସୁପ୍ରିମୋଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେପଟେ ଏହି ଆସନ ପାଇଁ ଦଳର ଅନ୍ୟତମ ଟିକେଟ ଦାବିଦାର ତଥା ୨୦୧୪ରେ ବିଜେଡି ଟିକେଟରେ ଲଢ଼ି ଯୋଗେଶଙ୍କଠାରୁ ପରାଜିତ ହୋଇଥିବା କୁସୁମ ଟେଟେ ନିରାଶ ହୋଇଛନ୍ତି। ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ପଦରୁ ରବିବାର କୁସୁମ ଇସ୍ତଫା ଦେବା ଓ ସୋମବାର ତାଙ୍କୁ ଟିକେଟ ନ ମିଳିବା ପରେ ତାଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ସେ ନେଇ ଉତ୍ସୁକତା ଲାଗି ରହିଛି। କୁସୁମଙ୍କୁ ଟିକେଟ ନ ମିଳିବା ନେଇ ତାଙ୍କୁ ସମର୍ଥନ କରୁଥିବା ବିଜେଡି କର୍ମୀଙ୍କ ମଧ୍ୟରେ ନିରାଶାଭାବ ସୃଷ୍ଟି ହୋଇଛି। ସୁନ୍ଦରଗଡ଼ବାସୀଙ୍କ ଉନ୍ନତି ପାଇଁ ଯେକୌଣସି ଦଳରୁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ବୋଲି କୁସୁମ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅପରପକ୍ଷେ ସୋମବାର ସନ୍ଧ୍ୟାରେ ବହୁ ସମର୍ଥକଙ୍କ ସହ କୁସୁମ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିବା ସୂଚନା ମିଳିଛି। ମଙ୍ଗଳବାର ସେ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଥିବା ବିଶେଷ ସୂତ୍ରରୁ ଜଣାଯାଇଛି। ସେ ଭାଜପାରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତଳସରା ବିଧାନସଭା ଆସନରେ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଡ. ପ୍ରଫୁଲ୍ଲ ମାଝିଙ୍କଠାରୁ ଖୁବ୍ କମ୍ ଭୋଟ ବ୍ୟବଧାନରେ ହାରିଥିବା ଆଡ୍‌ଭୋକେଟ ବିନୟ ଟପ୍ପୋଙ୍କ ବଦଳରେ ବିଜେଡି ଷ୍ଟିଫେନ ସୋରେନ୍‌ଙ୍କୁ ପ୍ରାର୍ଥୀ କରିଛି। ସେହିପରି ବଣାଇଁରୁ ପୂର୍ବତନ ଜିଲା ପରିଷଦ ସଭାପତି ରଣଜିତ୍ କିଷାନଙ୍କୁ ଟିକେଟ ମିଳିଛି। ରାଜଗାଙ୍ଗପୁର ବିଧାନସଭା ଆସନରୁ ମଙ୍ଗଳା କିଷାନ, ରାଉରକେଲାରୁ ସାରଦା ନାୟକ ଓ ରଘୁନାଥପାଲିରୁ ସୁବ୍ରତ ତରାଇଙ୍କୁ ଦଳ ପ୍ରାର୍ଥୀ କରିଛି। ବୀରମିତ୍ରପୁର ପାଇଁ ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ।

### ଟ୍ରକ୍ ଧକ୍କାରେ ଭାଙ୍ଗିଲା ଘର, ପ୍ରତୀକ୍ଷାଳୟ



ଟ୍ରକ୍ ଧକ୍କାରେ ଘର ଭାଙ୍ଗି ନଷ୍ଟ ହୋଇଛି।

ଲହୁଣୀପଡ଼ା,୧୮।୩(ଡି.ଏନ୍.ଏ.)

ରବିବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଧକ୍କାରେ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟଗାଁଠାରେ ଘର ଓ ଯାତ୍ରୀ ପ୍ରତୀକ୍ଷାଳୟ ଭାଙ୍ଗି ନଷ୍ଟ ହୋଇଛି। ତେବେ ଉକ୍ତ ଘରେ ଥିବା ଗୋଟିଏ ପରିବାରର ସଦସ୍ୟମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରାତି ପ୍ରାୟ ୧୨ଟାରେ ରାଉରକେଲାରୁ ସିମେଣ୍ଟ ବୋଝେଇ କରି କେନ୍ଦୁଝର ଅଭିମୁଖେ ଯାଉଥିବା ଓଡି୦୯-ଏମ୍୩୪୦୮ ନମ୍ବର ଟ୍ରକ୍ ଭାରସାମ୍ୟ ହରାଇ ଖୁଣ୍ଟଗାଁ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା କୃଷ୍ଣଚନ୍ଦ୍ର ବସନ୍ତରାୟଙ୍କ ରୋଷେଇ ଘରକୁ ଧକ୍କା ଦେବା ପରେ ନିକଟରେ ଥିବା ଯାତ୍ରୀ ପ୍ରତିକ୍ଷାଳୟକୁ ମଧ ଧକ୍କା ଦେଇଥିଲା। ଫଳରେ ଦୁଇଟି ଯାକ ଘର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ସମୟରେ କୃଷ୍ଣଚନ୍ଦ୍ରଙ୍କ ପରିବାର ଲୋକେ ଘରେ ଶୋଇଥିଲେ ମଧ କେହି ଆହତ ହୋଇନାହାନ୍ତି। ଏ ନେଇ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଟ୍ରକ୍ ଜବତ କରିବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ

## ସ୍ଥାନୀୟ ଆଶାୟୀଙ୍କୁ ପ୍ରାର୍ଥୀ କରିବାକୁ ଦାବି

କୁଆଁରମୁଣ୍ଡା,୧୮।୩(ଡି.ଏନ୍.ଏ.)

ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ୧ମ ଓ ୨ୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ସୋମବାର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏଥିରେ ୯ ଲୋକ ସଭା ଓ ୫୪ ବିଧାନସଭା କ୍ଷେତ୍ର ପାଇଁ ଦଳ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବିଶ୍ୱାଳଙ୍କୁ ବିଜେଡି ସୁନ୍ଦରଗଡ଼ ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଏହି ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ଆସନ ମଧ୍ୟରୁ ୬ଟିରେ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ଝାଡ଼ଖଣ୍ଡ ସୀମାବର୍ତ୍ତୀ ବୀରମିତ୍ରପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ। ଏହି ନିର୍ବାଚନ ମଣ୍ଡଳୀରେ ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ସ୍ଥାନୀୟ ନେତାମାନେ ବିଜେଡି ସଂଗଠନକୁ ସୁଦୃଢ଼ କରିଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳକୁ ମଜଭୁତ ସ୍ଥିତିକୁ ଆଣିବାରେ ସେମାନେ ସକ୍ଷମ ହୋଇଛନ୍ତି। କୁଆଁରମୁଣ୍ଡା, ନୂଆଗାଁ ପଞ୍ଚାୟତ ସମିତି ସମେତ ବୀରମିତ୍ରପୁର ପୌରପାଳିକା ଏବେ ବି ବିଜେଡି ଦଖଲରେ ରହିଛି। ଏଠାରୁ ବିଧାୟକ ଭାବେ ଅଣବିଜେଡି ପ୍ରାର୍ଥୀ ଜର୍ଜ ତିର୍କୀ ୪ଥର ବିଜୟୀ ହୋଇଥିଲେ ମଧ ପଞ୍ଚାୟତ ନିର୍ବାଚନରେ ତାଙ୍କ ସମର୍ଥିତ ପ୍ରାର୍ଥୀମାନେ ଏତେଟା ସଫଳତା ପାଇନାହାନ୍ତି। ବିଜେଡିର ସଫଳତା ପଛରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ସାଙ୍ଗକୁ ସ୍ଥାନୀୟ ନେତାମାନଙ୍କର ଅକ୍ଲାନ୍ତ ପରିଶ୍ରମ ରହିଥିବା କୁହାଯାଉଛି। ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ତଥା ଡୁମେରଯୋର ସମିତିସଭ୍ୟ ରାଜେନ୍ଦ୍ର କୁଜୁର ବିଭିନ୍ନ ୱାର୍ଡ ବୁଲି ବୁଥସ୍ତରୀୟ କମିଟି, କର୍ମୀ ସମ୍ମିଳନୀ ଇତ୍ୟାଦି ଆୟୋଜନ କରି ଦଳ ପ୍ରତି ଲୋକଙ୍କୁ ଆକୃଷ୍ଟ କରିଚାଲିଛନ୍ତି। ସେ ଚଳିତ ନିର୍ବାଚନରେ ଏଠାରୁ ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ସେହିପରି ପୂର୍ବତନ ବୀରମିତ୍ରପୁରର ବିଧାୟକ ନିହାର ସୁରିନ, ନୂଆଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ମକଲୁ ଏକ୍କା, ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କାଙ୍କ ସମେତ କୁଆଁରମୁଣ୍ଡାର ଜମିଦାର ସଞ୍ଜୀବ ପ୍ରତାପ ସିଂଦେଓ ମଧ ପ୍ରାର୍ଥୀ ଦୌଡ଼ରେ ରହିଛନ୍ତି। ତେବେ ଏଠାରେ ଦଳ ଜଣେ ବରିଷ୍ଠ ନେତାଙ୍କୁ ପ୍ରାର୍ଥୀ କରିବା ପାଇଁ ଯୋଜନା କରୁଥିବା ଭିତିରି ସୂତ୍ରରୁ ଜଣାପଡ଼ିଛି। ସମ୍ପୃକ୍ତ ନେତାଜଣକ ଏହି ବିଧାନସଭା ନିର୍ବାଚନମଣ୍ଡଳୀ ବାସିନ୍ଦା ହୋଇ ନ ଥିବା ବେଳେ ତାଙ୍କର ଏଠାରେ ସେତେଟା ପ୍ରଭାବ ନ ଥିବା ଶୁଣାଯାଉଛି। ଏଠାରୁ ସେ ପ୍ରାର୍ଥୀ ହେଲେ ବିଜେଡିକୁ ସେତେଟା ସଫଳତା ମିଳି ନ ପାରେ ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମତ। ତେଣୁ ସ୍ଥାନୀୟ ଆଶାୟୀଙ୍କ ମଧ୍ୟରୁ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଦଳ ପ୍ରାର୍ଥୀ କରିବାକୁ କର୍ମୀମାନେ ଦାବି କରିଛନ୍ତି। ଏଥିପ୍ରତି ଦଳ ସୁପ୍ରିମୋ ଗୁରୁତ୍ୱର ସହ ବିଚାର କରିବାକୁ ଦାବି ହୋଇଛି।

### ରାଜଗାଙ୍ଗପୁର ମହୋତ୍ସବ ଝରଝରା ଉଦ୍‌ଯାପିତ

## ନାଗପୁରୀ ନାଚଗୀତରେ ଝୁମିଲେ ଦର୍ଶକ

ରାଜଗାଙ୍ଗପୁର,୧୮।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରଠାରେ ଚାରିଦିନ ଧରି ଚାଲିଥିବା ଝରଝରା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ କାଂଶବାହାଲ ଏଲ୍ ଆଣ୍ଡ ଟି କମ୍ପାନୀର ଅଧିକାରୀ ଡ. ରାଜନ ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଗତ ୧୧ ବର୍ଷ ଧରି ଚାଲିଥିବା ଝରଝରା ମହୋତ୍ସବ ସହରବାସୀଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଥିବା କହିଥିଲେ। ଝରଝରା ପାଇଁ ରାଜଗାଙ୍ଗପୁର ସହର ଏକ ସ୍ୱତନ୍ତ୍ର ପରିଚୟ ପାଇଥିବା ସେ ପ୍ରକାଶ କରିଥିଲେ। ଡାଲମିଆ ସିମେଣ୍ଟ ଲିମିଟେଡ୍‌ର ଇଡି ସରୋଜ କୁମାର ରାଉତ ଓ ପୂର୍ବତନ ରାଜଗାଙ୍ଗପୁର ନଗରପାଳ ଶୁଶ୍ରୀତା ପାଇକରାୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ବିୟୋଗରେ ନୀରବ



ମହୋତ୍ସବ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ପ୍ରାର୍ଥନା କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ରାଞ୍ଚିର ଠଠ ନାଗପୁରୀ ନାଚଗୀତରେ ଦର୍ଶକ ଝୁମିଥିଲେ। ଶେଷ ଦିନ ହୋଇଥିବାରୁ ବହୁ ସଂଖ୍ୟାରେ ଦର୍ଶକ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ମହୋତ୍ସବସ୍ଥଳରେ ଲାଗିଥିବା ବିଭିନ୍ନ ଷ୍ଟଲରେ ଗ୍ରାହକଙ୍କ ଭିଡ଼ ଜମିଥିଲା। ଦର୍ଶକମାନେ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟର ମଜା ନେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରାଜଗାଙ୍ଗପୁର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ବୁଢ଼ାବାହାଲରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ



ନାମ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

ବାଲିଶଙ୍କରା,୧୮।୩(ଡି.ଏନ୍.ଏ.)

ବାଲିଶଙ୍କରା ବ୍ଲକ ବୁଢ଼ାବାହାଲ ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମହିଳାମାନେ ଜଳାଶୟରୁ ୧୦୮ କଳସରେ ପବିତ୍ର ଜଳ ଆଣି ସ୍ଥାପନ କରିଥିଲେ। ପ୍ରମୋଦ ଆପଟ ଓ ତାଙ୍କ ସ୍ତ୍ରୀ ଦୀପ୍ତିମୟୀ ଆପଟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କେଶବ ସା ଓ ତୁଳାନନ୍ଦ ପଣ୍ଡା ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ରବିଚନ୍ଦ୍ର ପଟେଲ, ବନମାଳୀ ବାରସତିଆ, କୃଷ୍ଣଚନ୍ଦ୍ର ବାରସତିଆ, ବିଷ୍ଣୁ ବାରସତିଆ, ପରମେଶ୍ୱର ମହାକୁଡ଼, ସିଦ୍ଧେଶ୍ୱର ରାଉତ, କିଶୋର ରାଉତ, ଘନଶ୍ୟାମ ରାଉତ, ଡମ୍ବରୁଧର ରାଉତ, ଯୁଗେଶ୍ୱର ରାଉତ ପ୍ରମୁଖ ସହଯୋଗ କରିଥିଲେ। ନାମ ସଂକୀର୍ତ୍ତନ ପରେ ନଗର ପରିଭ୍ରମଣ କରି ଦଧିଭାଣ୍ଡ ଭଞ୍ଜନ କରାଯିବା ସହ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା।

## ନୂତନ ରେଳ ଷ୍ଟେଶନ ପାଇଁ ଅଞ୍ଚଳବାସୀଙ୍କ ଦାବି

ହେମଗିର,୧୮।୩(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ଓ ଝାରସୁଗୁଡା ଜିଲାର ସୀମାନ୍ତରେ ଅବସ୍ଥିତ ବନ୍ଦବାହାଲଠାରେ ଏକ ରେଳ ଷ୍ଟେଶନ ପାଇଁ ଉଭୟ ଜିଲାର ଗ୍ରାମବାସୀଙ୍କ ଠାରୁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ଝାରସୁଗୁଡା ଜିଲାର ବେଲପାହାଡ ରେଳ ଷ୍ଟେଶନଠାରୁ ହେମଗିର ରୋଡ ରେଳ ଷ୍ଟେଶନ ଦୂରତା ପ୍ରାୟ ୧୪ କି.ମି ରହିଛି । ଏହାର ମଧ୍ୟବର୍ତ୍ତୀ ସ୍ଥାନଟି ହେଉଛି ବନ୍ଦବାହାଲ ଗ୍ରାମ । ପ୍ରାୟ ୬୦ବର୍ଷ ପୂର୍ବେ ସେଠାରେ ରେଳ ବିଭାଗ ପକ୍ଷରୁ ଏକ ଷ୍ଟେଶନର ଶୁଭାରମ୍ଭ ମଧ କରାଯାଇଥିଲା । ସେ ସମୟର ଘଞ୍ଚ ଜଙ୍ଗଲ ଓ ଗମନାଗମନର ସୁବିଧା ନ ଥିବାରୁ ତାକୁ କିଛି ଦିନ ପରେ ବନ୍ଦ ହୋଇଯାଇଥିଲା । ତାପରେ ସେ ଅଞ୍ଚଳର ଗ୍ରାମବାସୀଙ୍କୁ ନେଇ ବନ୍ଦବାହାଲ ରେଳୱେ ଷ୍ଟେଶନ ୱାର୍କିଂ କମିଟି ଗତ ୧୯୯୫ ମସିହା ଜୁଲାଇ ୯ ତାରିଖରେ ଗଠନ କରି ପୁଣି ରେଳଷ୍ଟେଶନ ପାଇଁ ଦାବି ଜୋର ଧରିଥିଲା । ଏନେଇ ତତ୍କାଳୀନ କେନ୍ଦ୍ର ରେଳ ବିଭାଗର ମନ୍ତ୍ରୀ ସି.କେ ଜାଫର ସରିଫଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତା'ପରଠୁ ବାରମ୍ବାର ଜିଲାପାଳ, ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ମଧ ଦାବିପତ୍ର ପ୍ରଦାନ ସହ ରେଳରୋକୋ ମଧ କରାଯାଇଥିଲା। ଗତ ୨୦୧୯ ଫେବୃୟାରୀ ୧୮ ତାରିଖରେ ପ୍ରଧାନମନ୍ତ୍ରୀ ତଥା ରେଳୱେ ଅଧିକାରୀଙ୍କୁ ଦାବିପତ୍ର ଦେବା ପରେ ସ୍ଥାନୀୟ ବ୍ରଜରାଜନଗର ରେଳ ବିଭାଗର ମୁଖ୍ୟ ବାଣିଜ୍ୟକ ନିରୀକ୍ଷକ ଏ ସମ୍ପର୍କରେ ଆଲୋଚନା ମଧ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ଗତ ୧୭ ତାରିଖରେ ମୋହନପୁର ବଜାର ପ୍ରାଙ୍ଗଣରେ ଉଭୟ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ପ୍ରାୟ ୫ଟି ପଞ୍ଚାୟତର ଲୋକ ବୈଠକ କରିଥିଲେ। ଏହି ରେଳ ଷ୍ଟେସନ ହେଲେ କନିକା, ସାନଘୁମୁଡା, କନକତୁର ଓ ଝାରସୁଗୁଡା ଜିଲାର ପିପିଲିମାଲ, ବଞ୍ଜାରୀ, ଗଉରମାଲ ପଞ୍ଚାୟତର ପ୍ରାୟ ୩୫ ଗ୍ରାମର ୫୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେବେ । ତେଣୁ ଏହାକୁ ଆହୁରି ଜୋରଦାର କରିବା ପାଇଁ କମିଟି ପକ୍ଷରୁ ପ୍ରସ୍ତାବ ନିଆଯାଇଥିଲା । ବୈଠକରେ କମିଟିର ସଭାପତି ବିଜୟ ସିଂ, ସମ୍ପାଦକ ଅଡା, କୋଷାଧ୍ୟକ୍ଷ ରାମଦାସ କୋଡା, ପୂର୍ବତନ ସରପଞ୍ଚ ମଙ୍ଗଳ ଡିଗି, ହିରାଧର ଭୋଇ, ବେସରା କୋଡା, ବିଜୟ ପର୍ଡିଆ, କୁମର ସିଂ ପୂର୍ତ୍ତି, ପବିତ୍ର ଖଡିଆ, ଗୌରାଙ୍ଗ କିସାନ, ବିଶ୍ୱାମିତ୍ର ବେନିଆ, ସାହେବ ବାଗ ତଥା ବହୁ ଗ୍ରାମର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ରଶି ଲଗାଇ ଛାତ୍ରୀଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୧୮।୩

ସେକ୍ଟର-୬ ତାରାତାରିଣୀ ବସ୍ତି ଅଞ୍ଚଳରେ ରହୁଥିବା ଜଣେ ୧୦ମ ଶ୍ରେଣୀ ଛାତ୍ରୀ ସୋମବାର ସକାଳେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାଁ ଦୀପିକା ଗୋଚ୍ଛାୟତ (୧୬)। ସେ ସ୍ଥାନୀୟ ହାଇସ୍କୁଲରେ ପାଠ ପଢୁଥିଲେ। ଏ ନେଇ ସେକ୍ଟର-୭ ପୋଲିସ ତଦନ୍ତ ଜାରି ରଖିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ।

## ସ୍କୁଟିରୁ ପଡ଼ି ଯୁବକଙ୍କ ଗୋଡ଼ ଭାଙ୍ଗିଲା

**ଟିପିଲିମା, ୧୮।୩ (ଡି.ଏନ.ଏ.):** ସମ୍ବଲପୁର ଜିଲା ଧନକଉଡା ବ୍ଲକ କର୍ଡୋଲା ପଞ୍ଚାୟତ ଟିପିଲିମା-ଗୋଶାଳା ପିଡକୁଡି ରାସ୍ତାର ଚାରପାଲି ଛକରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ ମଣ୍ଡପ ନିର୍ମାଣ ଚାଲିଛି। ଏଥିପାଇଁ ରାସ୍ତା ଉପରେ ବାଲି ଗଦା ହୋଇଛି । ସେହି ଜାଗାରେ ଦୁର୍ଘଟଣା ଆଶଙ୍କା ଥିବାରୁ ରାସ୍ତା ଉପରୁ ବାଲି ହଟାଇବାକୁ ସଂପୃକ୍ତ ଠିକାଦାରଙ୍କୁ ଅନେକ ଲୋକ ଅନୁରୋଧ କରୁଛନ୍ତି। ହେଲେ ସଂପୃକ୍ତ ଠିକାଦାର ବେପରୁଆ ମନୋଭାବ ପୋଷଣ କରି ଏଥିପ୍ରତି ଧ୍ୟାନ ଦେଉ ନାହାନ୍ତି। ଏଥି ଯୋଗୁ ସୋମବାର ଟିପିଲିମାର ମହମ୍ମଦ ସଲିମ (୪୫) ନାମକ ଜଣେ ବ୍ୟକ୍ତି ଦୁର୍ଘଣାର ଶିକାର ହୋଇଛନ୍ତି। ସେ ପଞ୍ଚାୟତ ଅଫିସରୁ କଣ୍ଟ୍ରୋଲ ସାମଗ୍ରୀ ଧରି ସ୍କୁଟିରେ ଫେରୁଥିଲେ। ହେଲେ ବାଲିରେ ଭାରସାମ୍ୟ ହରାଇ ଗାଡି ସହ ତଳେ ପଡି ଯାଇଥିଲେ। ଫଳରେ ତାଙ୍କ ଗୋଡ ଭାଙ୍ଗି ଯାଇଛି।

## କୁଡୁମାଲି ଝୁମର ସାଂସ୍କୃତିକ କାର୍ଯ୍ୟକ୍ରମ

ବିଶ୍ରା,୧୮।୩(ଡି.ଏନ୍.ଏ.)

ବିଶ୍ରା ବ୍ଲକ ଅନ୍ତର୍ଗତ ଧାତୁକିଡିହି ଗ୍ରାମରେ ରବିବାର ମହିପାଣି ବନବାସୀ ମହିଳା ସମିତି ଆନୁକୂଲ୍ୟରେ କୁଡୁମାଲି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନାଗ୍ରା ପିଢ଼ି କୁଡୁମୀ ସମାଜ ଉପସଭାପତି ସୀତାରାମ ମାହାତ ମୁଖ୍ୟଅତିଥି ଓ କୋଷାଧ୍ୟକ୍ଷ ଭୂବନ ମାହତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜର ପାରମ୍ପାରିକ ରୀତିନୀତି ବିଷୟରେ ଆଲୋଚନା କରିଥିଲେ। ଜିରେଇକେଲା, ଧାତୁକିଡିହି, ମହିପାଣି, ତୁଳସୀକାଡ଼ି, ଝାରବେଡ଼ା, ତୁମେର୍ତ୍ତା ଗ୍ରାମର କୁଡୁମୀ ସମାଜର ଝୁମର ଦଳ ନିଜ ନିଜ ବାଦ୍ୟଯନ୍ତ୍ର ସହିତ ନୃତ୍ୟ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହେମନ୍ତି ମାହାତ, ଲଗମଲତା ମାହାତ, ଭାନୁମତି ମାହାତ, ହେମନ୍ତଜି ମାହାତ, ମୀନା ମାହାତ, ସୁମିତ୍ରା ମାହାତ, ନିଶାମଣି ମାହାତ, ଶକୁନ୍ତଳା ମାହାତ, ପାନପତି ମାହାତ, ଶର୍ମିଷ୍ଠା ମାହାତ, ଲୁକମଣି ମାହାତ, ପୁର୍ଣ୍ଣିମା ମାହାତ, ପଦ୍ମା ମାହାତ, ଯଶମନ୍ତୀ ମାହାତ, ପଦମା ମାହାତ ପ୍ରମୁଖ ସହଯୋଗ କରିଥିଲେ।



ସମାଜର ମହିଳା ପୁରୁଷମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ବିଜେଡି ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ

# ଭାଜପା, କଂଗ୍ରେସର ବିଳମ୍ବ

ପଙ୍କଜ ସାହୁ
ରାଜଗାଙ୍ଗପୁର,୧୮।୩

୨୦୧୯ ନିର୍ବାଚନ ତାରିଖ ଘୋଷଣା ହୋଇସାରିଥିବା ବେଳେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ବାତାବରଣ ସରଗରମ ହୋଇଛି। ଏହି ଆସନ ପାଇଁ ବିଜେଡି ସୋମବାର ସ୍ଥାନୀୟ ବିଧାୟକ ମଙ୍ଗଳା କିଷାନଙ୍କ ନାମ ଘୋଷଣା କରିଛି। କଂଗ୍ରେସ ଓ ଭାଜପାର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇପାରୁ ନାହିଁ। ଏକାଧିକ ଆଶାୟୀ ଟିକେଟ ଲବି କରୁଥିବାରୁ ପ୍ରାର୍ଥୀ ଚୂଡ଼ାନ୍ତ ହେବାରେ ବିଳମ୍ବ ହେଉଥିବା କୁହାଯାଉଛି। ରାଜଗାଙ୍ଗପୁର ବିଧାନସଭା ଆସନରେ ପୂର୍ବରୁ କୁତ୍ରା, ବଡ଼ଗାଁ ଓ ରାଜଗାଙ୍ଗପୁର ବ୍ଲକ ରହିଥିଲା। ହେଲେ ୨୦୦୯ରେ ନିର୍ବାଚନ ମଣ୍ଡଳୀ ପୁନଃ ସୀମା ନିର୍ଦ୍ଧାରଣ କରାଯାଇ ରାଜଗାଙ୍ଗପୁର ବିଧାନସଭା ଆସନରୁ ବଡ଼ଗାଁ ବ୍ଲକକୁ ବାଦ୍ ଦେଇ ତଳସରା ଆସନରେ ଯୋଡ଼ି ଦିଆଯାଇଥିଲା। ଲାଠିକଟା ବ୍ଲକକୁ ରାଜଗାଙ୍ଗପୁର ବିଧାନସଭା ଆସନରେ ସାମିଲ କରାଯାଇଥିଲା। ବଡ଼ଗାଁ ବ୍ଲକ ଏହି ଆସନରୁ କଟିଯିବା ପରେ ଏଠିକାର ରାଜନୈତିକ ସମୀକରଣ ବଦଳିଥିଲା। ପ୍ରଥମକରି ଲାଠିକଟା ବ୍ଲକ ମିଶିଥିବାରୁ ସମସ୍ତ ରାଜନୈତିକ ଦଳ ପାଇଁ ଚିନ୍ତା ବଢ଼ିଯାଇଥିଲା। ୨୦୧୪ ନିର୍ବାଚନରେ ବିଜେଡିର ମଙ୍ଗଳା କିଷାନ ଖୁବ୍ କମ୍ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ଗ୍ରେଗୋରୀ ମିଞ୍ଜ କିଷାନଙ୍କଠାରୁ ପରାଜିତ ହୋଇଥିଲେ। ଏହି ଆସନରେ ମୁଖ୍ୟତଃ କଂଗ୍ରେସ ଓ ବିଜେଡି ମଧ୍ୟରେ ଲଢ଼େଇ ହୋଇଥାଏ। ହେଲେ ୨୦୧୯ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଭାଜପା ମଧ ଏଠାରେ ଶକ୍ତିଶାଳୀ ହୋଇଥିବା କୁହାଯାଉଛି। ଏଣୁ ଏଥର ତ୍ରିମୁଖୀ ଲଢ଼େଇ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏହାଛଡ଼ା ଏହି ନିର୍ବାଚନ ମଣ୍ଡଳୀରେ ବହୁଜନ ସମାଜ ପାର୍ଟି, ଜେଏମ୍ଏମ୍, ଆମ୍ ଆଦ୍‌ମୀ ପାର୍ଟି ଭଳି ଅନେକ ରାଜନୈତିକ ଦଳ ପ୍ରାର୍ଥୀ ଦେବାକୁ ପ୍ରସ୍ତୁତ ହେଉଥିବାରୁ ଏହା ପ୍ରମୁଖ ଦଳଗୁଡ଼ିକର ଚିନ୍ତା ବଢ଼ାଇ ଦେଇଛି। ନିର୍ବାଚନ ପାଖେଇ ଆସୁଥିବା ବେଳେ କଂଗ୍ରେସ, ଭାଜପାରେ ବହୁ ଆଶାୟୀ ଟିକେଟ ପାଇଁ ଉଦ୍ୟମ କରୁଛନ୍ତି। ତେଣୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣାରେ ବିଳମ୍ବ ହେଉଛି। ଜିଲାର ଟାଣୁଆ ଆଦିବାସୀ ନେତା ଜର୍ଜ ତିର୍କୀ କଂଗ୍ରେସରେ ଯୋଗଦେବା ପରେ ସମ୍ପୃକ୍ତ ଦଳରେ ଉତ୍ସାହ ବଢ଼ିଯାଇଛି। ବହୁ ନେତା ଏହି ଆସନରୁ ଲଢ଼ିବା ପାଇଁ ଲବି କରୁଥିବାବେଳେ ପୂର୍ବତନ ବିଧାୟକ ଗ୍ରେଗୋରୀ ମିଞ୍ଜ ଓ କଂଗ୍ରେସ ନେତା ଖ୍ରୀଷ୍ଟଫର ଏକ୍କାଙ୍କ ପୁଅ ଡ. ରାଜନ ଏକ୍କାଙ୍କ ନାମ ଆଗରେ ରହିଛି। ଏହି ବିଧାନସଭା ଅଞ୍ଚଳରେ ଭାଜପାର ପ୍ରଭାବ ବୃଦ୍ଧି ପାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱାରେ ଭାଜପା ପ୍ରାର୍ଥୀ ବଡ଼ ଟକ୍କର ଦେବେ ବୋଲି ଚର୍ଚ୍ଚା ହେଉଛି। ତେଣୁ ଏହି ଦଳରୁ ପ୍ରାର୍ଥୀ ହେବା ପାଇଁ ବହୁ ଆଶାୟୀ ରହିଛନ୍ତି। ତେବେ ଲାଇଙ୍ଗ ସରପଞ୍ଚ ନରସିଂହ ମିଞ୍ଜ ଓ ୨୦୧୪ରେ ପ୍ରାର୍ଥୀ ହୋଇଥିବା ଉପେନ୍ଦ୍ର ପ୍ରଧାନଙ୍କ ନାମ ଆଗରେ ଥିବା ଜଣାପଡ଼ିଛି।



ବଡ଼ ମାଛ ଧରିବାକୁ ହେଲେ ବନ୍‌ଶି ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବ। - **ଶ୍ରୀ ରାମକୃଷ୍ଣ ପରମହଂସ**



## ସଂକ୍ଷେପରେ

### ଆଦିବାସୀ ନେତା ମହେନ୍ଦ୍ର ନାଏକଙ୍କୁ ଆକ୍ରମଣର ନିନ୍ଦା

**କୋଲାବିରା,୧୮।୩ (ଡି.ଏନ.ଏ.)**
ଆଦିବାସୀ ନେତା ମହେନ୍ଦ୍ର ନାଏକଙ୍କୁ ଆକ୍ରମଣ ଘଟଣାକୁ କୋଲାବିରା କରୁଣାକର ସ୍ମୃତି ଟ୍ରଷ୍ଟ ପକ୍ଷରୁ ନିନ୍ଦା କରାଯାଇଛି। କୋଲବିରାସ୍ଥିତ ଟ୍ରଷ୍ଟର ଅସ୍ଥାୟୀ କାର୍ଯ୍ୟାଳୟଠାରେ ଆହୁତ ବୈଠକରେ ଟ୍ରଷ୍ଟର ସଭାପତି ତଥା କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ସଭାପତିତ୍ୱ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ହେଉ କିମ୍ବା ଅନ୍ୟ କେଉଁ ମନ୍ଦ ଉଦ୍ଦେଶ୍ୟ ରଖି ମହେନ୍ଦ୍ରଙ୍କୁ ଆକ୍ରମଣ କରାଯିବା ନିନ୍ଦନୀୟ । ଏପରି ଘୃଣ୍ୟ କାର୍ଯ୍ୟ ପାଇଁ କରୁଣାକର ସ୍ମୃତି ଟ୍ରଷ୍ଟ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରି ସାରିଛି, ମାତ୍ର ଆକ୍ରମଣର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇପାରିନାହିଁ। ତେବେ ମହେନ୍ଦ୍ର ନାଏକ କଂଗ୍ରେସରୁ ପ୍ରତିନିଧିତ୍ୱ କରିବା ନେଇ ଏକପ୍ରକାର ଚୂଡ଼ାନ୍ତ ହୋଇସାରିଥିବା ବେଳେ ଏହି ଆକ୍ରମଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। କାରଣ ଆକ୍ରମଣ ସମୟରେ ଆକ୍ରମଣକାରୀ ନେତାଗିରି କରୁଥିବା ବିଷୟରେ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ବୀରେନ୍ଦ୍ର ମହାପାତ୍ର, ସୁଶୀଳ କୁମାର ଦାସ୍, ରୁଦ୍ରପ୍ରତାପ ସିଂହ, ପ୍ରଫୁଲ୍ଲ କାଲୋ, ମନୋଜ ଧୁରୁଆ, ଫକୀର ସାହୁ, ଗୋବିନ୍ଦ ଚନ୍ଦ୍ର ଭୋଇ, ଗୋବିନ୍ଦ ଧୁରୁଆ, ନରେନ୍ଦ୍ର ଭୋଇ, କୋକିଳା ସିଂହ, ଚିତ୍ରସେନ ସମର୍ଥା, ପ୍ରଦ୍ୟୁମ୍ନ ପୁରୋହିତ, ଶଙ୍କର ମରାଇ, ମନୋଜ କୁମୁରା, ସୌଦାଗର ମାଝି, ଲିଙ୍ଗରାଜ ନାଏକ, ରାଜେଶ ନେଟୀ, ରଞ୍ଜନ ନାଏକ, ମନ୍ମଥ ନାରାୟଣ ସିଂହ, ଶିବ ମରାଇ, ସୁରେନ୍ଦ୍ର ଟଣକାର ପ୍ରମୁଖ ଉପସ୍ଥିତ ରହି ଘଟଣାର ନିନ୍ଦା କରିଥିଲେ।

### ଚିଖିଲିରେ ଗଛକଟାକୁ କେନ୍ଦ୍ରକରି ବିବାଦ

**ଲଖନପୁର,୧୮।୩(ଡି.ଏନ୍.ଏ.)**
ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ ଚିଖିଲି ଗ୍ରାମରେ ଗଛକଟାକୁ କେନ୍ଦ୍ରକରି ବିବାଦ ଦେଖା ଦେଇଛି । ଏ ନେଇ ଗ୍ରାମର ଗଛ ମାଲିକ ଜୟରାମ ମାଝି ନିକଟସ୍ଥ କଣ୍ଡେଇକେଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ଏକ ମାମଲା (ନଂ.୩୯/୧୯) ରୁଜୁ କରି ତଦନ୍ତ ଚଳାଇଛି। ଫାଣ୍ଡି ଅଧିକାରୀ ଋଷଭ ପଣ୍ଡା ଗଛ କଟାଯାଇଥିବା ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ପୋଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାମିଲ ଅଛନ୍ତି। ପୋଲିସ ନିକଟରେ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଗ୍ରାମର ଜୟରାମ ମାଝି ତାଙ୍କ ଜମିରେ କଦଳୀ, ଲେମ୍ବୁ, ସଜନା, ନିମ୍ବ, ଗମ୍ଭାରୀ ଆଦି ବିଭିନ୍ନ ପ୍ରକାର ଗଛ ଲଗାଇଥିଲେ । ଏ ସବୁକୁ ଗତ ଶୁକ୍ରବାର ଜଣେ ଜନପ୍ରତିନିଧିଙ୍କ ସ୍ୱାମୀ ଓ ଦିଅର ଗ୍ରାମର କେତେକ ଲୋକଙ୍କୁ ଲଗାଇ ରାତିରେ କାଟି ଦେଇଛନ୍ତି। ଏ ନେଇ ଜୟରାମ କହିବାରୁ ସମ୍ପୃକ୍ତ ଦି ଭାଇ ଧମକ ଚମକ ଦେଇ ଗାଳିଗୁଲଜ କରିଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି।

### କୁଆପଥର ମାଡ଼

**କୋଲାବିରା,୧୮।୩ (ଡି.ଏନ.ଏ.)**
କୋଲାବିରା ଅଞ୍ଚଳରେ ସୋମବାର ଭୋରରେ ପ୍ରବଳ ବେଗରେ ପବନ ବହିବା ସହ ଘଡଘଡି ଓ ବର୍ଷା ହୋଇଥିଲା। କିଛି ସମୟ ପାଇଁ କୁଆପଥର ମଧ ବୃଷ୍ଟି ହୋଇଯାଇଛି। ପବନ ଯୋଗୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା। ଘର ଛପର ଉଡି ଯାଇଥିଲା। ଆମ୍ବ, ଲିଚୁ ସମେତ ପନିପରିବା ଫସଲ ବ୍ୟାପକ ନଷ୍ଟ ହୋଇଛି।

## ଝୁଲି ରହିଲା ବ୍ରଜରାଜନଗର ଆସନ

# ନବ ସମର୍ଥକ ଉତ୍ସାହିତ, ବିଜେଡି ଶିବିରରେ ନିରାଶା

**ଝାରସୁଗୁଡା ଅଫିସ,୧୮।୩**

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସୋମବାର ୨୦୧୯ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ୯ଟି ସଂସଦୀୟ କ୍ଷେତ୍ର ଅଧୀନ ୬୩ ବିଧାନସଭା ଆସନ ମଧ୍ୟରୁ ୫୪ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ବରଗଡ ସଂସଦୀୟ କ୍ଷେତ୍ର ଅଧୀନରେ ରହିଛି ଝାରସୁଗୁଡା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ। ସୋମବାର ଝାରସୁଗୁଡା ବିଧାନସଭା ଆସନ ପାଇଁ ନବ କିଶୋର ଦାସଙ୍କୁ ବିଜେଡି ପ୍ରାର୍ଥୀ ଭାବେ ନାମ ଘୋଷଣା କରିଥିବା ବେଳେ ବ୍ରଜରାଜନଗର ଆସନ ପାଇଁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା ନ କରି ଝୁଲାଇ ରଖାଯାଇଛି। ଯାହାକୁ ନେଇ ବିଜେଡି କର୍ମୀ ମହଲରେ ଏକ ପ୍ରକାର ନିରାଶା ଛାଇ ଯାଇଛି।

ନବଙ୍କ ବିଜେଡିରେ ଯୋଗଦେବା ପରେ ଝାରସୁଗୁଡା ଆସନରୁ ସେ ପ୍ରାର୍ଥୀ ହେବା ନେଇ ପୂର୍ବାନୁମାନ ହେଉଥିଲା। ଏହି ପୂର୍ବାନୁମାନ ଅନୁସାରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣାରେ ନବଙ୍କ ନାମ ସ୍ଥାନ ପାଇଛି। ଝାରସୁଗୁଡାରୁ ନବ ପ୍ରାର୍ଥୀ ହେବା ନେଇ ପ୍ରଚାର ହେବା ପରେ କିଶୋର ମହାନ୍ତି ବ୍ରଜରାଜନଗର ମୁହାଁ ହୋଇଥିଲେ। କିଶୋର ବ୍ରଜରାଜନଗରରୁ ପ୍ରାର୍ଥୀ ହୁଅନ୍ତୁ ବୋଲି କହି ତାଙ୍କ ସମର୍ଥକ ବିଭିନ୍ନ ସ୍ତରରେ ପ୍ରଚାର ଚଳାଇଥିଲେ। ଅନ୍ୟପକ୍ଷରେ ୨୦୧୪ ନିର୍ବାଚନରେ ଏଠାରୁ ବିଜେଡି ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ଅନୁପ ସାଏ ମଧ୍ୟ ଏହି ଆଶନ ପାଇଁ ଆଶାୟୀ ଥିଲେ। ଏହିପରି ଭାବେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ କିଶୋର ଏବଂ ଅନୁପଙ୍କ ସମର୍ଥକମାନେ ସମାନ୍ତରାଳ ପ୍ରଚାର ଆରମ୍ଭ କରିଥିଲେ। ହେଲେ ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡା ପାଇଁ ପ୍ରାର୍ଥୀ ଘୋଷଣା କରି ଜିଲାର ଅନ୍ୟତମ ନିର୍ବାଚନମଣ୍ଡଳୀ ଭାବେ ପରିଚିତ ବ୍ରଜରାଜନଗର ନିର୍ବାଚନମଣ୍ଡଳୀକୁ ଝୁଲାଇ ରଖିଛନ୍ତି ବିଜେଡି ସୁପ୍ରିମୋ। ବ୍ରଜରାଜନଗର ବିଜେଡି ଆସନ ପାଇଁ ଆଶାୟୀ ଥିବା କିଶୋର ମହାନ୍ତି କିମ୍ବା ଅନୁପ ସାଏ କାହାରି ନାମ ଘୋଷଣା କରିନାହାନ୍ତି। ବିଜେଡି ମୁଖିଆ ବ୍ରଜରାଜନଗର ପାଇଁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା ନ କରି ଏହି ଦୁଇ ନେତାଙ୍କ ସମର୍ଥକଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଛନ୍ତି। ଝାରସୁଗୁଡା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନବ କିଶୋର ଦାସଙ୍କ ନାମ ଘୋଷଣା ପରେ ତାଙ୍କ ସମର୍ଥକମାନେ ଖୁସି ମନାଇଥିଲେ। ହେଲେ ଏହି ଖୁସି ଉତ୍ସବରେ କେବଳ ନବଙ୍କ ସମର୍ଥକ ହିଁ ସାମିଲ ହୋଇଥିଲେ। ନବ କଂଗ୍ରେସ ଛାଡି ଦୁଇମାସ ହେବ ବିଜେଡିରେ ଯୋଗ ଦେଇ ସାରିଛନ୍ତି। ସେ ବିଜେଡିରେ ମିଶିବା ପରେ ଦଳିୟ କର୍ମୀଙ୍କ ସହ ସମନ୍ୱୟ ପାଇଁ ବହୁ ବୈଠକ କରି ସାରିଲେଣି। ତଥାପି ନବଙ୍କ ସହ ବିଜେଡି କର୍ମୀଙ୍କ ମନ ମିଶୁ ନ ଥିବା ଚର୍ଚ୍ଚା ହେଉଛି। ନବଙ୍କୁ ଟିକଟ ମିଳିବା ପରେ ଦଳୀୟ ମହଲରେ ସେତେଟା ଉତ୍ସାହ ନ ଥିବାରୁ ଏହି ଚର୍ଚ୍ଚା ହେଉଛି। ଏ ବାବଦରେ ଜିଲା ସଭାପତି କିଶୋର ମହାନ୍ତି ଏବଂ ନବ କିଶୋର ଦାସଙ୍କୁ ଯୋଗାଯୋଗ କରିଥିଲେ ମଧ ମତାମତ ମିଳିନାହିଁ। ଅନ୍ୟପକ୍ଷରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ତାପସ ରାୟ ଚୌଧୁରୀ କହିଲେ, ଏକାସଙ୍ଗେ ଦୁଇଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ଆଶା କରାଯାଉଥିଲା। ହେଲେ ଗୋଟିଏ ଘୋଷଣା କରି ଅନ୍ୟଟି ଝୁଲାଇ ରଖିବା ଦ୍ୱାରା କର୍ମୀମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଏକାସଙ୍ଗେ ଦୁଇଟି ଆସନ ପାଇଁ ନାମ ଘୋଷଣା ହୋଇଥିଲେ ଉତ୍ସାହ ଦ୍ୱିଗୁଣିତ ହୋଇଥାନ୍ତା ବୋଲି ସେ କହିଛନ୍ତି।



ଝାରସୁଗୁଡା ଆସନ ପାଇଁ ନାମ ଘୋଷଣା ପରେ ଉତ୍ସାହିତ ନବଙ୍କ ସମର୍ଥକ ଏକାଠି।

### ଅନନ୍ୟା ହୋଇପାରନ୍ତି ବ୍ରଜରାଜନଗର ବିଜେଡି ପ୍ରାର୍ଥୀ

ଝାରସୁଗୁଡା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ନୂଆଁ ସମୀକରଣ ସାମ୍ନାକୁଆସିବ। ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ବିଜେଡି ନେତା କିଶୋର ମହାନ୍ତି ଓ ଅନୁପ ସାଏଙ୍କ ନାଁରେ ଝୁଲି ରହିଥିବା ବେଳେ ଏଠାରେ ତୃତୀୟ ପ୍ରାର୍ଥୀ ଆବିର୍ଭାବ ହେବା ରାଜନୈତିକେ ଚର୍ଚ୍ଚା ହେଉଛି। ସେହି ପ୍ରାର୍ଥୀ ଜଣକ ହେଲେ ବରିଷ୍ଠ କଂଗ୍ରେସ ନେତା କିଶୋର ପଟେଲଙ୍କ ପୁତ୍ରବଧୂ ଅନନ୍ୟା ନାଏକ। ବ୍ରଜରାଜନଗରରୁ ଅନନ୍ୟା ବିଜେଡି ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଲାଣି। କିଶୋର ଓ ଅନୁପଙ୍କ ପ୍ରାର୍ଥୀତ୍ୱକୁ ଦଳ ଝୁଲାଇ ରଖିବା ଯୋଗୁ ଏହି ଚର୍ଚ୍ଚା ହେଉଛି। ଏହାସହ ପୂର୍ବରୁ ଅନନ୍ୟା ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବ୍ରଜରାଜନଗରରୁ ପ୍ରାର୍ଥୀ ହେବାକୁ ଇଚ୍ଛା ପ୍ରକାଶ କରିଥିବା କୁହାଯାଉଛି। ତେବେ ଅନନ୍ୟାଙ୍କ ବ୍ରଜରାଜନର ପ୍ରାର୍ଥୀତ୍ୱ ଚର୍ଚ୍ଚା କିଶୋର ପଟେଲଙ୍କ ଭାଜପା ଯିବା ଚର୍ଚ୍ଚାକୁ ଜନ୍ମ ଦେଇଛି।

## ଯାଞ୍ଚବେଳେ କାରରୁ ୩ ଲକ୍ଷ ଟଙ୍କା ଜବତ, ୨ ଅଟକ

**ଜମନକିରା,୧୮।୩ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଜପୁର ଛକରେ ସୋମବାର ଅପରାହ୍ନ ସାଢ଼େ ୧୨ଟାରେ ଜମନକିରା ପୋଲିସର ସ୍ୱତନ୍ତ୍ର ସ୍କାଡ଼ ଏକ କାରରୁ ୩ ଲକ୍ଷ ୧୩ ହଜାର ଟଙ୍କା ଜବତ କରିଛି। ଗାଡିରେ ଥିବା ୨ ଜଣ ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି। ପୋଲିସର ସୂଚନା ଅନୁସାରେ, ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ ଆଚରଣ ବିଧି ଲାଗୁ ହେଲାପରେ ଯାଞ୍ଚ ପାଇଁ ସ୍ୱତନ୍ତ୍ର ସ୍କାଡ଼ ଗଠନ କରଯାଇଛି। ସୋମବାର ଜମନକିରା ପୋଲିସର ଏକ ସ୍କାଡ଼ ଭୋଜପୁରରେ ଗାଡିମୋଟର ଯାଞ୍ଚ କରୁଥିଲା। ଏତିକିବେଳେ ସମ୍ବଲପୁର ପଟୁ ଏକ କାର୍ (ଓଡ଼ି ୧୫ଏଫ୍ ୬୫୦୧) କୁଚିଣ୍ଡା ଅଭିମୁଖେ ଯାଉଥିଲା। ପୋଲିସ ଅଟକାଇ ଯାଞ୍ଚ କରିବାରୁ ଗାଡିରୁ ୩ ଲକ୍ଷ ୧୩ ହଜାର ଟଙ୍କା ମିଳିଥିଲା। ତେବେ ଗାଡି ଧରା ପଡ଼ିଥିବା ସ୍ଥାନଟି କୁଚିଣ୍ଡା ଥାନା ଅଧୀନରେ ଯାଉଥିବା ଯୋଗୁ କୁଚିଣ୍ଡା ପୋଲିସକୁ ହସ୍ତାନ୍ତର କରାଯାଇଛି। ଗାଡ଼ିରେ ଗରିଆବାହାଲ ଗାଁର ରାହୁଲ ପଟେଲ (୨୭) ଓ ତାଙ୍କ ବାପା ନରେନ୍ଦ୍ର ପଟେଲ (୬୦) ବସିଥିବା ପୋଲିସ କହିଛି। ସ୍ୱତନ୍ତ୍ର ସ୍କାଡ଼ରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ରମେଶ ପଟେଲ, ଏଏସ୍‌ଆଇ ସୁଧୀର କୁମାର ମହାକୁଲ ଓ ତିନି ଜଣ କନଷ୍ଟେବଳ ସାମିଲ ଥିଲେ।



ଗାଡ଼ିମୋଟର ଯାଞ୍ଚ ସମୟରେ ଜବତ ହୋଇଥିବା ଟଙ୍କା ସହ ସ୍କାଡ।

### ଆଞ୍ଚଳିକ ଝରିଆ ଗୌଡ ସମାଜର ସାଧାରଣ ବୈଠକ

**କୋଲାବିରା,୧୮।୩(ଡି.ଏନ.ଏ.)**

କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହାର ଭୋଗରାପାଲି ରାଧାକୃଷ୍ଣ ମଣ୍ଡପଠାରେ କୋଲାବିରା, ଲଇକେରା ଓ କିର୍ମିରା ଅଞ୍ଚଳର କର୍ମକର୍ତ୍ତାଙ୍କୁ ନେଇ ଏକ ସାଧାରଣ ବୈଠକ ଝରିଆ ଗୌଡ ସମାଜ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋଲାବିରା ବ୍ଲକ ଝରିଆ ସମାଜର ସଭାପତି ତ୍ରିନାଥ ଡିଲା ସଭାପତିତ୍ୱ କରିଥିବା ବେଳେ ଲଇକେରା ବ୍ଲକ ଯାଦବ ସଭାପତି ଲୋକେନ୍ଦ୍ର ରାଉତ, କିର୍ମିରା ବ୍ଲକ ଯାଦବ ସମାଜ ସଭାପତି ତେଜରାମ ଭଇଁଷାଲ ପ୍ରମୁଖଙ୍କ ସମେତ ଲଇକେରା, କୋଲାବିରା ଏବଂ କିର୍ମିରା ବ୍ଲକର ପ୍ରତିନିଧିମଣ୍ଡଳ ଯୋଗ ଦେଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ତେଜରାମ ଭଇଁଷାଲଙ୍କୁ ଆଞ୍ଚଳିକ ଝରିଆ ମହାସଭାର ସଭାପତି ଭାବରେ ମନୋନୀତ କରାଯାଇଥିଲା। ଆଞ୍ଚଳିକ ସ୍ତରରେ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ସାମଗ୍ରୀକ କାର୍ଯ୍ୟପନ୍ଥା ସୂଚାରୁ ରୂପେ ସମ୍ପାଦନ ପାଇଁ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶେଷରେ ସମ୍ପାଦକ ଲକ୍ଷ୍ମୀଧର ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣ ନିର୍ବାଚନ

# ଝାରସୁଗୁଡାରେ ପହଞ୍ଚିଲେ ଖର୍ଚ୍ଚ ପର୍ଯ୍ୟବେକ୍ଷକ



ଝାରସୁଗୁଡ଼ାରେ ସୋମବାର ଅନୁଷ୍ଠିତ ଜିଲାସ୍ତରୀୟ ନିର୍ବାଚନ ପରିଚାଳନା ବୈଠକରେ ଉପସ୍ଥିତ ଅଧିକାରୀ।

**ଝାରସୁଗୁଡା ଅଫିସ,୧୮।୩**

ଶୃଙ୍ଖଳିତ ଓ ଅବାଧ ନିର୍ବାଚନ ପରିଚାଳନାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହାର ତଦାରଖ ପାଇଁ ସୋମବାର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଝାରସୁଗୁଡାରେ ପହଞ୍ଚିଛନ୍ତି। ଏମ୍. ଭେଙ୍କଟରାଓ ଝାରସୁଗୁଡା ଜିଲା ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ସେ ସୋମବାର ଝାରସୁଗୁଡାରେ ପହଞ୍ଚିଛନ୍ତି। ସେହିପରି ଅବାଧ ନିର୍ବାଚନ ପରିଚାଳନା ପାଇଁ ଜିଲା ମୁଖ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ କରାଯାଇଥିବା ସୋମବାର ବୈଠକରେ ଝାରସୁଗୁଡା ଜିଲା ନିର୍ବାଚନ ଅଧିକାରୀ କହିଛନ୍ତି। ଏହି କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରିବା ପାଇଁ ଶୁଳ୍କବିହୀନ ନମ୍ବର-୧୮୦୦୩୪୫୬୭୨୧ ଜାରି କରାଯାଇଛି। ନିର୍ବାଚନ ସଂକ୍ରାନ୍ତୀୟ ସମସ୍ୟା ଏବଂ ଅବାଧ କାରବାର ବିଷୟରେ ଉପରୋକ୍ତ ଶୁଳ୍କବିହୀନ ନମ୍ବରରେ ସୂଚନା ପ୍ରଦାନ କରିବାକୁ ଜିଲାପାଳ ବିଭୂତି ଭୂଷଣ ଦାସ ଲୋକଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଆନ୍ତଃରାଜ୍ୟ ଏବଂ ଆନ୍ତଃଜିଲା ସୀମା ଉପରେ ଫ୍ଲାଇଂସ୍କାର୍ଡ ନଜର ରଖିବେ। ନିର୍ବାଚନ ସମୟରେ ଫ୍ଲାଇଂସ୍କାର୍ଡ ଏହି ସୀମାଦେଇ ଅସ୍ତ୍ରଶସ୍ତ୍ର ଚାଲାଣ, ମାଦକ ଦ୍ରବ୍ୟ ଚାଲାଣ, ଟଙ୍କା ଚାଲାଣକୁ ରୋକିବେ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଆବଶ୍ୟକ ସ୍ଥଳେ ସୀମାନ୍ତ ଜିଲା ଓ ରାଜ୍ୟର ଅଧିକାରୀଙ୍କ ସହ ସମନ୍ୱୟ ବୈଠକ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସୋମବାର ଅନୁଷ୍ଠିତ ବୈଠକରେ ଜ୍ଞାନରଞ୍ଜନ ଭଞ୍ଜଦେଓ, ପିଡି ସତ୍ୟ ନାରାୟଣ ଦାଶ, ଉପଜିଲାପାଳ ଶିବ ଟପ୍ପୋ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଦୋକାନ ଭିତରକୁ ପଶିଗଲା ଧାନ ବୋଝେଇ ଟ୍ରକ୍

# ୨ ବାଇକ୍ ଚୂରମାର, ଭାଙ୍ଗିଲା ଦୋକାନ

**ରେଢାଖୋଲ୧୮।୩(ଡି.ଏନ.ଏ.)**

ରେଢାଖୋଲ ସହର ମଧ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ଡାକ୍ତରଖାନା ଛକରେ ସୋମବାର ମଧ୍ୟାହ୍ନ ୧ଟା ବେଳେ ଏକ ଟ୍ରକ୍ ଗୋଟିଏ ଦୋକାନ ଭିତରକୁ ପଶିଯାଇଥିଲା। ଫଳରେ ଦୋକାନର ସମ୍ମୁଖ ଭାଗ ଭାଙ୍ଗି ଯାଇଛି। ଦୋକାନ ସମ୍ମୁଖରେ ଥିବା ଓଡି୧୫ ଡି-ଇ-୯୦୨୫ ନମ୍ବର ବିଶିଷ୍ଟ ଏକ ବାଇକ୍ ଓ ଅନ୍ୟ ଏକ ନମ୍ବର ବିହୀନ ନୂଆ ବାଇକ ଚୁରମାର ହୋଇଯାଇଛି। ପାଲିସ ପହଞ୍ଚି ନିଶାସକ୍ତ ଅବସ୍ଥାରେ ଥିବା ଟ୍ରକ୍ ଡ୍ରାଇଭରଙ୍କୁ ଗାଡି ଭିତରୁ ବାହାର କରି ଥାନାକୁ ନେଇଥିଲା। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଟ୍ରକ୍‌ର ଡ୍ରାଇଭର ସଞ୍ଜୁ ସୁକଦେବ ଉପରୱାଟଙ୍କୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ସୂଚନାମତେ, ଭଦ୍ରକରୁ ଧାନ ବୋଝେଇ କରି ସମ୍ବଲପୁର ଯାଉଥିବା ଏହି ଟ୍ରକ୍ (ଏମଏଚ୩୦-ବିଡି ୪୪୨୨)ର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିଲେ। ଆଖି ପଡିଯିବାରୁ ଡାକ୍ତରଖାନା ଛକରେ ଥିବା ଜେ. ଫେଶନ ଦୋକାନ ଭିତରକୁ ଗାଡି ପଶି ଯାଇଥିଲା।

## ୪ କୁଇଣ୍ଟାଲ ମହୁଲପୋଚ, ଦେଶୀ ରନ୍ଧାମଦ ଜବତ

**କୋଲାବିରା,୧୮।୩ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କୋଲାବିରା ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେଶୀରନ୍ଧା ମଦ ପ୍ରସ୍ତୁତ କରାଯାଇ ବ୍ୟବସାୟ କରାଯାଉଛି। ଲୋକେ ଏହାକୁ ଆୟର ପନ୍ଥା ଭାବେ ଗ୍ରହଣ କରି ନେଉଛନ୍ତି। ନିର୍ବାଚନ ସମୟ ଆସିଯାଇଥିବାରୁ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଚଢାଉ ଜାରି ରହିଛି। ଏହିକ୍ରମରେ ରଜାମାଲ ଏବଂ ସାହାଜବାହାଲ ଗ୍ରାମ ନିକଟରେ ଦେଶୀ ମଦ ରନ୍ଧିବାକୁ ପ୍ରସ୍ତୁତ କରାଯାଉଥିବା ବେଳେ ପୋଲିସ ଚଢାଉ କରିଛି। ୪ କୁଇଣ୍ଟାଲ ମହୁଲ ପୋଚ ସହ ୧୫ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି।



## ବାଲି ଚୋରା ଚାଲାଣ ଅଭିଯୋଗରେ ୨ ଟ୍ରାକ୍ଟର ଜବତ

**କୋଲାବିରା,୧୮।୩(ଡି.ଏନ.ଏ.)**

କୋଲାବିରା ତହସିଲ ପରମାଣପୁର ପଞ୍ଚାୟତ ଅନ୍ତର୍ଗତ ତେଲେନ ନଦୀ ପୁଡାମାଲ ବାଲିଶଯ୍ୟାରୁ ବାଲି ଚୋରା ଚାଲାଣ ବେଳେ ଧରା ପଡିଛି। କୋଲାବିରା ତହସିଲଦାର ସଞ୍ଜୀବ କୁମାର ପଟେଲ ଚଢାଉ ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ପରେ ଏହାକୁ ପୋଲିସ ଜିମା ଦିଆ ଯାଇଛି।

## ବାଘ ଚମଡ଼ା ଜବତ ଘଟଣା

# ୬ ଅଭିଯୁକ୍ତଙ୍କୁ ୩ ଦିନ ରିମାଣ୍ଡରେ ନେଲା ଏସ୍‌ଟିଏଫ୍

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ସମ୍ବଲପୁର ଜିଲା କୁଚିଣ୍ଡାରୁ ୪ କଲରାପତରିଆ ବାଘ ଚମଡ଼ା ଜବତ ଘଟଣାରେ ଗିରଫ ୭ ଅଭିଯୁକ୍ତଙ୍କ ମଧ୍ୟରୁ ୬ଜଣଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ୩ଦିନ ରିମାଣ୍ଡରେ ନେଇଛି। କିନ୍ତୁ ଏବେ ବି ଘଟଣାର ମୁଖ୍ୟ ଅଭିଯୁକ୍ତ ଧରାପଡ଼ିନାହାନ୍ତି। କିଏ କେଉଁ ଜାଗାରେ ଶିକାର କରିଛନ୍ତି, ତାହା ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିପାରିନାହିଁ। ଯେଉଁମାନେ ଗିରଫ ହୋଇଛନ୍ତି, ସେମାନେ ବେପାରୀ। ଅନ୍ୟପକ୍ଷରେ ଓଡ଼ିଶାରେ ବାଘ ଚମଡ଼ା ବ୍ୟବହାର କରାଯାଉ ନ ଥିବା ଏବଂ ବାହାରେ ଏଥିରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ଚାହିଦା ହେତୁ ଏହାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚାଲାଣ ପାଇଁ ଯୋଜନା କରାଯାଇଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର୍ କହିଛନ୍ତି, ଏହି ର୍‍ୟାକେଟ୍‌ର ସବୁ ଦିଗ ଉପରେ ଖୋଳତାଡ଼ କରାଯାଉଛି। କେବଳ ଶିକାରୀଙ୍କୁ ଧରିବା ନୁହେଁ, ବନ୍ଧୁକ ମଧ କେଉଁଠୁ ଆସିଥିଲା, ତାହା ତଦନ୍ତ କରାଯିବ। ଏହି ଘଟଣା ସହ ଆନ୍ତଃରାଜ୍ୟ କିମ୍ବା ଆନ୍ତର୍ଜାତିକ ର୍‍ୟାକେଟର ଲିଙ୍କ୍ ରହିଛି କି ନାହିଁ, ତାହା ତଦନ୍ତ ପରିସରଭୁକ୍ତ ହେବ।

ମିଳିଥିବା ସୂଚନାନୁଯାୟୀ, ଜବତ ବାଘ ଚମଡ଼ାଗୁଡ଼ିକ ଭିନ୍ନ ଭିନ୍ନ ସ୍ଥାନରୁ ଅଣାଯାଇଛି। ବାମରା ବନ୍ୟପ୍ରାଣୀ ବନଖଣ୍ଡର କୁଚିଣ୍ଡା ଓ ଜମନକିରା ବନାଞ୍ଚଳ ଏବଂ ଝାରସୁଗୁଡ଼ା ବନଖଣ୍ଡର ଦୁଇଟି ଅଞ୍ଚଳରୁ ଏହାକୁ ସଂଗ୍ରହ କରାଯାଇଛି। ଏହା ଦର୍ଶାଉଛି ଯେ, ବାଘ ଶିକାର ପାଇଁ ଗୋଟିଏରୁ ଅଧିକ ବନ୍ଧୁକ ବ୍ୟବହାର କରାଯାଇଛି। ଜଙ୍ଗଲ ଭିତରେ କିପରି ଶିକାରୀମାନେ ବନ୍ଧୁକ ଧରି ବାଘ ମାରିପାରୁଛନ୍ତି ଏବଂ ବନ ବିଭାଗ ଜାଣିପାରୁନାହିଁ, ତାହା ବିଭାଗର କାର୍ଯ୍ୟକଳାପ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବେଆଇନ ଭାବେ ବନ୍ଧୁକ ବ୍ୟବହାର କିପରି ହେଉଛି, ସେଥିପ୍ରତି ବନ ବିଭାଗ କୌଣସି ଗୁରୁତ୍ୱ ଦେଉନି। ଗତବର୍ଷ ଶିମିଳିପାଳରେ ବେଆଇନ ବନ୍ଧୁକଚାଳନା ପ୍ରଶିକ୍ଷଣ ଖବର ପ୍ରକାଶିତ ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ହେଲେ ବନ୍ଧୁକ ଲାଇସେନ୍ସ ରଦ୍ଦ କରିବା ତ ଦୂରର କଥା, କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ, ୧୯୭୨ର ଧାରା ୩୪ ଅନୁଯାୟୀ ସଂରକ୍ଷିତ ଅଞ୍ଚଳର ୧୦କିମି ପର୍ଯ୍ୟନ୍ତ ଯାହା ପାଖରେ ଆଗରୁ ବନ୍ଧୁକ ଲାଇସେନ୍ସ ଅଛି, ସେମାନେ ଆଉଥରେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ନିକଟରେ ପଞ୍ଜୀକରଣ କରିବେ। ଏଥିସହ ନୂଆ ଲାଇସେନ୍ସ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ବିନା ଅନୁମତିରେ କାହାରିକୁ ଦେବା ଉପରେ ମଧ କଡ଼ା କଟକଣା ରହିଛି। ଏହି ଧାରାକୁ ବ୍ୟବହାର କରି ବନ ବିଭାଗ ବନ୍ଧୁକଧାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଏହାଛଡ଼ା ଆର୍ମସ ଆକ୍ଟ ୧୯୬୧ ପ୍ରୟୋଗ ପାଇଁ ପୋଲିସର ସହଯୋଗ ନେଲେ ହିଁ ଚୋରା ବନ୍ଧୁକ ବ୍ୟବହାର ରୋକାଯାଇପାରିବ ବୋଲି ଶୁଭେନ୍ଦୁ କହିଛନ୍ତି।

**ଏବେ ବି ଧରାପଡ଼ିନାହାନ୍ତି ମୁଖ୍ୟ ଅଭିଯୁକ୍ତ**